# ଭୂଗୋଳ ଓ ଅର୍ଥନୀତି

## ନବମ ଶ୍ରେଣୀ


ମାଧ୍ୟମିକ ଶିକ୍ଷା ପରିଷଦ

ଓଡ଼ିଶା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ନବମଶ୍ରେଣୀ ନିମନ୍ତେ ଅନୁମୋଦିତ ଓ ପ୍ରକାଶିତ

© ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

Based upon Survey of India map with the permission of the Surveyor General of India.

Government of India Copyright 1990

The territorial waters of India extend into the sea to a distance of twelve nautical miles measured from the appropriate base line.

The boundary of Meghalaya shown on this map is as interpreted from the North-Eastern Areas (Reorganisation) Act 1971, but has yet to be verified.

"Responsibility for the correctness of internal details shown on the maps rests with the publishers."

**ଲେଖକମଣ୍ଡଳୀ :**

ଡକ୍ଟର ବିଜୟ କୁମାର ମିଶ୍ର (ସମୀକ୍ଷକ)
ଶ୍ରୀ ପ୍ରଭାକର ପ୍ରଧାନ
ଡକ୍ଟର ଅଞ୍ଜଳି ତ୍ରିପାଠୀ
ଡକ୍ଟର ଧ୍ରୁବଚରଣ ପରିଡ଼ା
ଡକ୍ଟର ମିହିର ପ୍ରସାଦ ମିଶ୍ର
ଶ୍ରୀମତୀ ସୌଭାଗ୍ୟ ମଞ୍ଜରୀ ମହାପାତ୍ର (ସଂଯୋଜନା)
ଶ୍ରୀ ପ୍ରଦୀପ୍ତ କୁମାର ମହାରଣା (ମାନଚିତ୍ର ଅଙ୍କନ)

**ପ୍ରଥମ ସଂସ୍କରଣ : ୨୦୧୩**
**୨୦୧୯**

ଆର୍ଟପୁଲ୍ : ବାଣୀ ପ୍ରେସ୍, କଟକ

ମୁଦ୍ରଣ :

ମୂଲ୍ୟ :

# ମୁଖବନ୍ଧ

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସେ ପରିବେଶରୁ ହିଁ ସମସ୍ତ ବସ୍ତୁ ସଂଗ୍ରହ କରି ଜୀବନଧାରଣର ଆବଶ୍ୟକତା ପୂରଣ କରିଥାଏ । ପାରିପାର୍ଶ୍ୱିକ ଅବସ୍ଥା ଯଥା - ଭୂପ୍ରକୃତି, ଜଳବାୟୁ, ପ୍ରାକୃତିକ ସମ୍ବଳର ଉପଲବ୍‌ଧି ତଥା ସମ୍ବଳର ସଂରକ୍ଷଣ ଓ ସୁବିନିଯୋଗ, ଅର୍ଥନୈତିକ ଅବସ୍ଥା ଓ ତତ୍‌ସମ୍ପର୍କିତ ସମସ୍ୟା ସମ୍ବନ୍ଧରେ ଜ୍ଞାନ ଆହରଣ କରି ଶିକ୍ଷାର୍ଥୀମାନଙ୍କୁ ସଚେତନ ନାଗରିକ ଭାବେ ଗଢ଼ିତୋଳିବା ହେଉଛି ଭୂଗୋଳ ଓ ଅର୍ଥନୀତି ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ।

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ପ୍ରସ୍ତୁତ ପାଠ୍ୟଖସଡ଼ା ଅନୁଶୀଳନରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ନବମ ଶ୍ରେଣୀ ନିମନ୍ତେ "ଭୂଗୋଳ ଓ ଅର୍ଥନୀତି" ପୁସ୍ତକଟିକୁ ରଚନା କରାଯାଇଛି । ଆଶା ଓ ବିଶ୍ୱାସ ନବମ ଶ୍ରେଣୀ ନିମନ୍ତେ ଉଦ୍ଦିଷ୍ଟ ଏହି "ଭୂଗୋଳ ଓ ଅର୍ଥନୀତି" ପାଠ୍ୟପୁସ୍ତକ ଉପର୍ଯ୍ୟୁକ୍ତ ଲକ୍ଷ୍ୟ ପୂରଣ ଦିଗରେ ସହାୟକ ହେବ । ପାଠ୍ୟ ବିଷୟଗୁଡ଼ିକୁ ହୃଦୟଗ୍ରାହୀ କରିବା ପାଇଁ ଅନେକ ମାନଚିତ୍ର, ଚିତ୍ର ଓ ସାରଣୀର ସାହାଯ୍ୟ ନିଆଯାଇଛି ଓ ପ୍ରତ୍ୟେକ ବିଷୟରେ ଆବଶ୍ୟକସ୍ଥଳେ 'ତୁମେ ଜାଣିଛ କି ?' 'ଜାଣିବା କଥା', 'ତୁମ ପାଇଁ କାମ' ଆଦି ସନ୍ନିବେଶିତ ହୋଇଛି । ତେଣୁ ବହିଟି ବିଦ୍ୟାର୍ଥୀ, ଶିକ୍ଷକ ଓ ଅଭିଭାବକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ ।

ତ୍ରୁଟିରହିତ ସମ୍ପାଦନା ପାଇଁ ଅଦମ୍ୟ ଉଦ୍ୟମ କରାଯାଇଥିଲେ ମଧ ଭାଷାଗତ, ତଥ୍ୟଗତ ଓ ଅଭିବ୍ୟକ୍ତି ସୂଚକ ତ୍ରୁଟି ବିଚ୍ୟୁତି ଥିଲେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଲେ ତାହା ସଂଶୋଧିତ ହେବ ଓ ପରିଷଦ କୃତଜ୍ଞ ରହିବ । ପୁସ୍ତକଟିର ପ୍ରଣୟନରେ ଓ ମାନଚିତ୍ର ଅଙ୍କନରେ ସମ୍ପୃକ୍ତ ସମସ୍ତ ସଦସ୍ୟଙ୍କୁ ପରିଷଦ ତରଫରୁ ଧନ୍ୟବାଦ ।

**ସଭାପତି**

ମାଧ୍ୟମିକ ଶିକ୍ଷା ପରିଷଦ

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ :
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା :
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ
ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ୱାରା
ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)
## ୫୧(କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ :-**

୧ । ସମ୍ବିଧାନକୁ ମାନି ଚଳିବା ଓ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

୨ । ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

୩ । ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

୪ । ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

୫ । ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନୀସୂଚକ ବ୍ୟବହାର ପରିତ୍ୟାଗ କରିବା;

୬ । ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

୭ । ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

୮ । ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

୯ । ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

୧୦ । ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହାଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

୧୧ । ମାତା ବା ପିତା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇଦେବା ।

# ସୂଚୀପତ୍ର

## (ଭୂଗୋଳ)


| ଅଧ୍ୟାୟ/ପାଠ | ବିଷୟ | ବିଷୟାଂଶ | ପୃଷ୍ଠା |
|---|---|---|---|
| **ପ୍ରଥମ ଅଧ୍ୟାୟ** | ଭାରତ | | |
| ପ୍ରଥମ ପାଠ | ଆକାର ଓ ଅବସ୍ଥିତି | ଆକାର, ଅବସ୍ଥିତି, କ୍ଷେତ୍ରଫଳ, ପ୍ରଶାସନିକ ବିଭାଗ | 1-8 |
| ଦ୍ୱିତୀୟ ପାଠ | ପ୍ରାକୃତିକ ବିଭାଗ | ଭୌତିକ ଲକ୍ଷଣ, ପ୍ରାକୃତିକ/ଭୌତିକ ବିଭାଗ, ଓଡ଼ିଶାର ଅବସ୍ଥିତି, ଭୂପ୍ରକୃତି ଓ ପ୍ରଶାସନିକ ବିଭାଗ | 9-22 |
| ତୃତୀୟ ପାଠ | ବିପତ୍ତି ଓ ବିପର୍ଯ୍ୟୟ | ଭୂମିକମ୍ପ, ଆଗ୍ନେୟଉଦ୍‌ଗୀରଣ, ସୁନାମି, ବିପର୍ଯ୍ୟୟ ପରିଚାଳନା | 23-28 |
| **ଦ୍ୱିତୀୟ ଅଧ୍ୟାୟ** | ଭାରତର ନଦୀ | ନଦୀବିନ୍ୟାସ, ନଦୀଦ୍ୱାରା ସୃଷ୍ଟ କେତେକ ଭୂମିରୂପ, ଭାରତର ମୁଖ୍ୟନଦୀ, ଓଡ଼ିଶାର ନଦୀ ଓ ହ୍ରଦ | 29-40 |
| **ତୃତୀୟ ଅଧ୍ୟାୟ** | ଜଳବାୟୁ | ଭାରତୀୟ ଜଳବାୟୁର ନିୟାମକ, ମୌସୁମୀବାୟୁ, ମୌସୁମୀ ବାୟୁର ଆଗମନ ଓ ପ୍ରତ୍ୟାଗମନ, ବୃଷ୍ଟିପାତ ଅଞ୍ଚଳ, ଓଡ଼ିଶାର ଜଳବାୟୁ ଓ ବୃଷ୍ଟିପାତ, ବନ୍ୟା, ବାତ୍ୟା, ମରୁଡ଼ି ଓ ବିପର୍ଯ୍ୟୟ ପରିଚାଳନା | 41-64 |
| **ଚତୁର୍ଥ ଅଧ୍ୟାୟ** | ଭାରତର ପ୍ରାକୃତିକ ଉଦ୍ଭିଦ ଓ ବନ୍ୟପ୍ରାଣୀ | | |
| ପ୍ରଥମ ପାଠ | ପ୍ରାକୃତିକ ଉଦ୍ଭିଦ | ଭାରତ ଓ ଓଡ଼ିଶାର ପ୍ରାକୃତିକ ଉଦ୍ଭିଦ, ପ୍ରାକୃତିକ ଉଦ୍ଭିଦର ଉପକାରିତା | 65-74 |
| ଦ୍ୱିତୀୟ ପାଠ | ବନ୍ୟପ୍ରାଣୀ | ଭାରତ ଓ ଓଡ଼ିଶାର ବନ୍ୟପ୍ରାଣୀ ଓ ବନ୍ୟପ୍ରାଣୀ ସଂରକ୍ଷଣ | 75-83 |
| **ପଞ୍ଚମ ଅଧ୍ୟାୟ** | ଜନସଂଖ୍ୟା | ଜନଗଣନା, ଜନସଂଖ୍ୟାର ଆକାର ଓ ବିତରଣ, ଜନସଂଖ୍ୟା ହ୍ରାସବୃଦ୍ଧି, ପୁରୁଷ - ନାରୀ ଅନୁପାତ, ଆୟୁଗଠନ, ବୃତ୍ତିଗତ ଗଠନ, ସାକ୍ଷରତା, କୈଶୋର ଜନସଂଖ୍ୟା, ଜାତୀୟ ଜନସଂଖ୍ୟା ନୀତି | 84-97 |

# ଅର୍ଥନୀତି


| ଅଧ୍ୟାୟ/ପାଠ | ବିଷୟ | ବିଷୟାଂଶ | ପୃଷ୍ଠା |
|---|---|---|---|
| **ପ୍ରଥମ ଅଧ୍ୟାୟ** | | | |
| ପ୍ରଥମ ପାଠ | ଆର୍ଥନୀତିକ ବିକାଶ | ଆର୍ଥନୀତିକ ବିକାଶ, ମାନବ ବିକାଶ ସୂଚକ, ଅର୍ଥବ୍ୟବସ୍ଥାର ବିଭିନ୍ନ କ୍ଷେତ୍ର ଓ ପ୍ରକାରଭେଦ, ବିକଶିତ ଓ ବିକାଶଶୀଳ ଦେଶ, ଭାରତୀୟ ଅର୍ଥ ବ୍ୟବସ୍ଥାର ରୂପରେଖ | 98-107 |
| ଦ୍ୱିତୀୟ ପାଠ | ମୁଦ୍ରା ଓ ଋଣ | ମୁଦ୍ରା, ଋଣର ନିୟମାବଳୀ, ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ସଂସ୍ଥା | 108-114 |
| **ଦ୍ୱିତୀୟ ଅଧ୍ୟାୟ** | ଧାରଣୀୟ ବିକାଶ | ଧାରଣୀୟ ବିକାଶ, ଧାରଣୀୟ ବିକାଶର ଉପାଦାନ, ଲକ୍ଷ୍ୟ ଓ ନିୟମାବଳୀ | 115-118 |

# ପ୍ରଥମ ଅଧ୍ୟାୟ

# ଭାରତ

## (ଆକାର ଓ ଅବସ୍ଥିତି)

ପୃଥିବୀର ଅନେକ ପ୍ରାଚୀନ ସଭ୍ୟତା ମଧ୍ୟରୁ ଆମ ଭାରତୀୟ ସଭ୍ୟତା ଅନ୍ୟତମ । ଏହା ପୃଥିବୀର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ସ୍ୱାଧୀନତା ପ୍ରାପ୍ତିଠାରୁ ବିଗତ ଛଅ ଦଶନ୍ଧି ମଧ୍ୟରେ ଭାରତ କୃଷି, ଶିକ୍ଷା, ଯୋଗାଯୋଗ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ଅଭୂତପୂର୍ବ ସାଫଲ୍ୟ ଲାଭ କରିଛି । ଦେଶ ଆର୍ଥିକ ବିକାଶପଥରେ ଆଗେଇ ଚାଲିଛି । ୧୨୧ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଆମଦେଶର ସ୍ଥାନ ବିଶ୍ୱରେ ଦ୍ୱିତୀୟ । ଆମ ଦେଶ ନାନାବିଧ ପ୍ରାକୃତିକ ବୈଚିତ୍ର୍ୟରେ ପରିପୂର୍ଣ୍ଣ କାରଣ ଏହାର ଜଳବାୟୁ ଓ ଜନବସତି ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ । ଦେଶରେ ସୁଉଚ୍ଚ ପର୍ବତଶ୍ରେଣୀ, ମାଳଭୂମି, ଘନଅରଣ୍ୟ, ଅସଂଖ୍ୟ ନଦନଦୀ, ଉର୍ବର ସମତଳ ଭୂମି, ମରୁଭୂମି ଓ ବିବିଧ ପ୍ରକାରର ଜୀବଜନ୍ତୁ ଦେଖାଯାନ୍ତି । ଏହା ବ୍ୟତୀତ ବିଭିନ୍ନ ଭାଷାଭାଷୀ ଓ ଧର୍ମାବଲମ୍ବୀ ଲୋକ ବାସ କରନ୍ତି । ସେମାନଙ୍କର ଖାଦ୍ୟପେୟ, ବେଶପୋଷାକ ଓ ବୃତ୍ତିରେ ମଧ୍ୟ ବିଭିନ୍ନତା ଦେଖିବାକୁ ମିଳେ । ଏଭଳି ବିଷମତା ଥାଇ ମଧ୍ୟ ଭାରତ ଏକ ସୁସଂଗଠିତ ଭୂଖଣ୍ଡ ଯାହାର ଏକ ଭୌଗୋଳିକ ସ୍ୱାତନ୍ତ୍ର୍ୟ ଅଛି । ତେଣୁ ଭାରତକୁ ଏକ ଉପମହାଦେଶର ଆଖ୍ୟା ଦିଆଯାଇଛି । "ବିଭିନ୍ନତା ମଧ୍ୟରେ ଏକତା" ମଧ୍ୟ ଭାରତର ଅନ୍ୟତମ ବୈଶିଷ୍ଟ୍ୟ ।




ମାନଚିତ୍ର 1.1

ଭାରତ ଏକ ବିଶାଳ ଦେଶ । ମୂଳଭୂଖଣ୍ଡ ଓ ଦୁଇଟି ଦ୍ୱୀପପୁଞ୍ଜକୁ ନେଇ ଭାରତ ଗଠିତ । ଏହି ଦୁଇଟି ଦ୍ୱୀପପୁଞ୍ଜ ହେଲା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସ୍ଥିତ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଓ ଦକ୍ଷିଣ-ପଶ୍ଚିମ ଦିଗରେ ଆରବ ସାଗରରେ ଅବସ୍ଥିତ ଲାକ୍ଷାଦ୍ୱୀପ । ଏହି ଦୁଇଟି ଦ୍ୱୀପପୁଞ୍ଜର ବିସ୍ତାର ଆଟଲାସ୍ ଦେଖି ବାହାର କର ।

## ଅବସ୍ଥିତି :

ଭାରତ ଉତ୍ତରଗୋଲାର୍ଦ୍ଧରେ ଏସିଆ ମହାଦେଶର ଦକ୍ଷିଣାଂଶରେ ଅବସ୍ଥିତ । ଏହାର ମୂଳ ଭୂଖଣ୍ଡ ୮°୪' ଉ. ଏବଂ ୩୭°୬' ଉ. ସମାକ୍ଷରେଖା ମଧ୍ୟରେ ଓ ୬୮°୭' ପୂର୍ବ ଓ ୯୭°୨୫' ପୂ. ଦ୍ରାଘିମା ମଧ୍ୟରେ ରହିଅଛି । କର୍କଟକ୍ରାନ୍ତି (୨୩°୩୦' ଉ.) ଏହାର ମଧ୍ୟଭାଗରେ କଳ୍ପନା କରାଯାଇଛି ଓ ଭାରତକୁ ପ୍ରାୟ ଦୁଇ ସମାନ ଭାଗରେ ବିଭକ୍ତ କରୁଅଛି । ଫଳତଃ ଭାରତ ସଂପୂର୍ଣ୍ଣ ରୂପେ ଉତ୍ତରଗୋଲାର୍ଦ୍ଧର ଉପକ୍ରାନ୍ତୀୟ ଓ କ୍ରାନ୍ତୀୟ ମଣ୍ଡଳରେ ରହିଅଛି ।

**ତୁମେ ଜାଣିଛ କି ?**

***୧୮୬୯ ମସିହାରେ ସୁଏଜ କେନାଲ୍ ଖୋଲିବାପରେ ଭାରତ ଓ ଇଉରୋପ ମଧ୍ୟରେ ଦୂରତ୍ୱ 7000 km. ହ୍ରାସ ପାଇଛି ।***

***ଭାରତ ଉତ୍ତର-ପଶ୍ଚିମ ଦିଗରେ ସ୍ଥଳପଥ ଦ୍ୱାରା ପ୍ରାଚୀନ 'ରେଶମ ମାର୍ଗ' (Silk Rout) ସହ ସଂଯୁକ୍ତ ହୋଇଥିଲା ।***

## ଆକାର :

ଭାରତର କ୍ଷେତ୍ରଫଳ ୩.୨୮ ନିୟୁତ ବର୍ଗ କି.ମି. । ଅର୍ଥାତ୍ ପୃଥିବୀର ସମୁଦାୟ ଭୌଗୋଳିକ କ୍ଷେତ୍ରଫଳର ମାତ୍ର ୨.୪ ପ୍ରତିଶତ । ଏହାର ସ୍ଥଳଭାଗର ସୀମାରେଖା ପ୍ରାୟ ୧୫,୨୦୦ କି.ମି. ଥିବାବେଳେ ମୂଳଭୂଖଣ୍ଡ ସହ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଓ ଲାକ୍ଷାଦ୍ୱୀପପୁଞ୍ଜକୁ ମିଶାଇ ଉପକୂଳରେଖାର ଦୈର୍ଘ୍ୟ ୭,୫୦୦ କି.ମି.ରୁ ଅଧିକ ।

ବଡ଼ରୁ ସାନକ୍ରମରେ ପୃଥିବୀର ସାତଟି ଦେଶଗୁଡ଼ିକ ହେଲା- ରୁଷିଆ, କାନାଡ଼ା, ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍, ବ୍ରାଜିଲ୍, ଅଷ୍ଟ୍ରେଲିଆ ଓ ଭାରତ । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଭାରତ ପୃଥିବୀର ସପ୍ତମ ବୃହତ୍ତମ ଦେଶ ।

ରୁଷିଆ- ୧୭.୭, କାନାଡ଼ା-୯.୯୭, ଯୁକ୍ତରାଷ୍ଟ୍ର ଆମେରିକା- ୯.୮୦, ଚୀନ୍- ୯.୫୯, ବ୍ରାଜିଲ୍- ୮.୫୪, ଅଷ୍ଟ୍ରେଲିଆ- ୭.୬୮ ଓ ଭାରତ- ୩.୨୮ (କ୍ଷେତ୍ରଫଳ ବର୍ଗ ନିୟୁତ କି.ମି.ରେ)

ଭାରତର ଦକ୍ଷିଣତମ ସ୍ଥାନର ନାମ ଇନ୍ଦିରା ପଏଣ୍ଟ । ଏହା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଦ୍ୱୀପରେ ଅବସ୍ଥିତ ।

**ତୁମେ ଜାଣିଛ କି ?**

***ଭାରତର ଦକ୍ଷିଣତମ ସ୍ଥାନ 'ଇନ୍ଦିରାପଏଣ୍ଟ' ୨୦୦୪ ମସିହାରେ ଆସିଥିବା ସୁନାମି ଦ୍ୱାରା ସଂପୂର୍ଣ୍ଣ ଭାବରେ ସମୁଦ୍ରଗର୍ଭରେ ଲୀନ ହୋଇଯାଇଥିଲା ।***

***ମୂଳଭୂଖଣ୍ଡର ଦକ୍ଷିଣତମ ସ୍ଥାନ କନ୍ୟାକୁମାରୀ ତାମିଲନାଡୁ ରାଜ୍ୟରେ ଅବସ୍ଥିତ । ସେହିଭଳି ଉତ୍ତରତମ ସ୍ଥାନ କାରାକୋରମ ପର୍ବତଶ୍ରେଣୀରେ, ପୂର୍ବତମ ସ୍ଥାନ ଅରୁଣାଚଳ ପ୍ରଦେଶରେ ଏବଂ ସବୁଠାରୁ ପଶ୍ଚିମରେ ଥିବା ସ୍ଥାନ କଚ୍ଛରେ ଅବସ୍ଥିତ ।***




ଚିତ୍ର : 1




ମାନଚିତ୍ର : 1:2

## ଭାରତ ଏବଂ ପୃଥିବୀ :

ଭାରତବର୍ଷ ପୂର୍ବ ଏସିଆ ଏବଂ ପଶ୍ଚିମ ଏସିଆର ପ୍ରାୟ ମଧ୍ୟଭାଗରେ ଅବସ୍ଥିତ । (1:1 ମାନଚିତ୍ରକୁ ଦେଖ) । ଫଳତଃ ଭାରତର ଅବସ୍ଥିତି ଏସିଆ ମହାଦେଶର ଦକ୍ଷିଣାଂଶରେ ଆନ୍ତର୍ଜାତୀୟ ଜଳପଥର ଏକ ସୁବିଧାଜନକ ସ୍ଥିତିରେ ରହିଅଛି । ଦେଶର ଦକ୍ଷିଣଭାଗ କ୍ରମଶଃ ଅଣଓସାରିଆ ହୋଇ ସମୁଦ୍ରଆଡ଼କୁ ଲମ୍ବିଯାଇଛି ଓ ଏହାକୁ ସମୁଦ୍ର ତିନିଦିଗରୁ ଘେରି ରହିଥିବାରୁ ଭାରତ ଏକ ବୃହତ୍ ଉପଦ୍ୱୀପରେ ପରିଣତ ହୋଇଛି । ଏହାଫଳରେ ଭାରତ ମହାସାଗରର ଉତ୍ତରାଂଶ ଦୁଇଟି ବିସ୍ତିର୍ଣ୍ଣ ଜଳରାଶି ଯଥା : ବଙ୍ଗୋପସାଗର

> ***ତୁମେ ଜାଣିଛ କି ?***
> ***ଯେଉଁ ସଂକୀର୍ଣ୍ଣ ଭୂଖଣ୍ଡଟି ଚା'ର ଚିନିଦିଗରେ ଜଳରାଶି ଦ୍ୱାରା ବେଷ୍ଟିତ ହୋଇ ରହିଥାଏ, ତାକୁ ଉପଦ୍ୱୀପ କୁହାଯାଏ ।***

ଓ ଆରବ ସାଗରରେ ବିଭାଜିତ ହୋଇଅଛି । ଉତ୍ତର ଦିଗରେ ଭାରତକୁ ସୁଉଚ୍ଚ ହିମାଳୟ ପର୍ବତମାଳା ଏସିଆର ଅନ୍ୟାନ୍ୟ ଦେଶଗୁଡ଼ିକଠାରୁ ଅଲଗା ରଖିଅଛି । ଏହି କାରଣରୁ ପଶ୍ଚିମ ଉପକୂଳରୁ ପଶ୍ଚିମ ଇଉରୋପ ଏବଂ ପୂର୍ବ ଉପକୂଳରୁ ପୂର୍ବ ଏସିଆ ଦେଶଗୁଡ଼ିକ ସହ ଜଳପଥରେ ସଂପର୍କ ସ୍ଥାପନ ହୋଇପାରିଛି । ଭାରତ ମହାସାଗର ଉପକୂଳସ୍ଥ ଅନ୍ୟ କୌଣସି ଦେଶର ଉପକୂଳ ରେଖା ଭାରତର ଉପକୂଳ ଭଳି ଏତେ ଦୈର୍ଘ୍ୟ ନୁହେଁ । ତେଣୁ ଭାରତ ମହାସାଗରର ନାମକରଣ ଆମଦେଶର ନାମାନୁସାରେ ହେବା ଯଥାର୍ଥ ହୋଇଅଛି ।

ପୃଥିବୀର ଅନେକ ଦେଶ ସହିତ ଭାରତର ସଂପର୍କ ଯୁଗଯୁଗ ଧରି ରହିଆସିଛି । ସ୍ଥଳପଥର ସଂପର୍କ ଜଳପଥଦ୍ୱାରା ସ୍ଥାପିତ ସଂପର୍କର ବହୁପୂର୍ବରୁ ହୋଇଥିଲା । ଉତ୍ତରସ୍ଥ ପାର୍ବତ୍ୟାଞ୍ଚଳରେ ଥିବା ଅନେକ ଗିରିପଥ ପ୍ରାଚୀନ ପରିବ୍ରାଜକମାନଙ୍କୁ ପଦଯାତ୍ରାରେ ଯିବାଆସିବାପାଇଁ ସୁଯୋଗ ଦେଇଥିଲା । ମାତ୍ର ଜଳପଥ ପ୍ରଥମାବସ୍ଥାରେ ଏଥିରେ ଅନ୍ତରାୟ ଥିଲା ।

ଏହିସବୁ ଗମନାଗମନ ପଥ ବାଣିଜ୍ୟ କାରବାର ଓ ଭାବର ଆଦାନ ପ୍ରଦାନ ସହିତ ସାଂସ୍କୃତିକ କ୍ଷେତ୍ରରେ ପ୍ରାଚୀନ କାଳରୁ ମୁଖ୍ୟଭୂମିକା ଗ୍ରହଣ କରି ଆସିଅଛି । ଫଳତଃ ରାମାୟଣ ଓ ଉପନିଷଦର ତତ୍ତ୍ୱ, ପଞ୍ଚତନ୍ତ୍ରର ଗଳ୍ପ, ଭାରତୀୟ ସଂଖ୍ୟା ଓ ଦଶମିକ ବ୍ୟବସ୍ଥା ବହୁଦୂର ଦେଶରେ ପହଞ୍ଚି ପାରିଲା । ଭାରତୀୟ ମସଲା, ମସଲିନ୍ ଏବଂ ଅନ୍ୟାନ୍ୟ ପଣ୍ୟଦ୍ରବ୍ୟର ବ୍ୟବସାୟ ଅନ୍ୟଦେଶରେ ହୋଇପାରିଲା । ପ୍ରାଚୀନ କାଳରୁ ଆରବ ଓ ଇଉରୋପୀୟ ବଣିକମାନେ ଭାରତରେ ବାଣିଜ୍ୟ କାରବାର ପାଇଁ ଆସି ବସବାସ କରିଛନ୍ତି ଏବଂ ଆଜିମଧ୍ୟ ଗମ୍ବୁଜ ଓ ମିନାର ଭଳି ଭାସ୍କର୍ଯ୍ୟ ଭାରତର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ । ପ୍ରଦତ୍ତ ମାନଚିତ୍ରକୁ ଲକ୍ଷ୍ୟକର ଏବଂ ଦେଖ ଯେ, ଭାରତର ପୂର୍ବ-ପଶ୍ଚିମ ଓ ଉତ୍ତର-ଦକ୍ଷିଣ ବିସ୍ତାର ପ୍ରାୟ ସମାନ (୩୦°) । ଏହି ଦୂରତ୍ୱକୁ କି.ମି.ରେ ପ୍ରକାଶ କଲେ ଏହା ସମାନ ହୁଏ ନାହିଁ । ଦେଶର ପୂର୍ବ-ପଶ୍ଚିମ ବିସ୍ତାର ପ୍ରାୟ ୩୦୦୦ କି.ମି. ହେଲାବେଳେ ଉତ୍ତର-ଦକ୍ଷିଣ ବିସ୍ତାର ପ୍ରାୟ ୩୨୦୦ କି.ମି. । ଏପରି ବ୍ୟବଧାନ କାହିଁକି ?

ଭୂଗୋଳକକୁ ଲକ୍ଷ୍ୟକଲେ ଜାଣିପାରିବ ଯେ ଦ୍ରାଘିମାରେଖାଗୁଡ଼ିକ ଅକ୍ଷାଂଶରେଖାଗୁଡ଼ିକ ଭଳି ସମାନାନ୍ତର ନୁହଁନ୍ତି । ସମସ୍ତ ଦ୍ରାଘିମାରେଖା ମେରୁଠାରେ ମିଳିତ ହୁଅନ୍ତି ଏବଂ ବିଷୁବରେଖାଠାରୁ ମେରୁଆଡ଼କୁ ଦ୍ରାଘିମାରେଖା ଗୁଡ଼ିକ ମଧ୍ୟରେ ବ୍ୟବଧାନ କ୍ରମଶଃ ହ୍ରାସପାଇ ମେରୁଠାରେ ଶୂନ୍ୟ ହୋଇଯାଏ ।

ଭାରତର ୩୦° ପୂର୍ବ-ପଶ୍ଚିମ ଦ୍ରାଘିମାରେଖୀୟ ବିସ୍ତାର ଯୋଗୁ ପୂର୍ବସ୍ଥ ଓ ପଶ୍ଚିମସ୍ଥ ସୀମାରେ ଥିବା ଦୁଇଟି ସ୍ଥାନ ମଧ୍ୟରେ ସ୍ଥାନୀୟ ସମୟର ବ୍ୟବଧାନ ୨ ଘଣ୍ଟା । ଏଇଥିପାଇଁ ଅରୁଣାଚଳ ପ୍ରଦେଶର ପୂର୍ବତମ ସ୍ଥାନରେ ସୂର୍ଯ୍ୟୋଦୟ ବା ସୂର୍ଯ୍ୟାସ୍ତ ହେବାର ଦୁଇଘଣ୍ଟାପରେ ଦ୍ୱାରକାରେ ଯଥାକ୍ରମେ ସୂର୍ଯ୍ୟୋଦୟ ବା ସୂର୍ଯ୍ୟାସ୍ତ ହୋଇଥାଏ । ଏପରି କାହିଁକି ହୋଇଥାଏ ? ଏହି ପରିପ୍ରେକ୍ଷୀରେ ଭାରତର ପୂର୍ବତମ ରାଜ୍ୟ ଅରୁଣାଚଳ ପ୍ରଦେଶର ନାମକରଣ ତୁମ ମତରେ ଯଥାର୍ଥ ହୋଇନାହିଁକି ? ଦେଶର ବିଭିନ୍ନ ସ୍ଥାନରେ ସମୟ ସଂକ୍ରାନ୍ତୀୟ ଭିନ୍ନତାକୁ ଦୂର କରିବାପାଇଁ ମିର୍ଜାପୁର (ଉତ୍ତରପ୍ରଦେଶ) ଉପରଦେଇ କଳ୍ପନା କରାଯାଇଥିବା ୮୨°୩୦' ପୂ. ଦ୍ରାଘିମାରେଖାକୁ ଭାରତର ପ୍ରମାଣ ମଧ୍ୟାହ୍ନରେଖା (ମଧ୍ୟନ୍ଦିନ ରେଖା) ହିସାବରେ ମାନି ନିଆଯାଇଛି । ଏହାର ଉପରିସ୍ଥ ସ୍ଥାନୀୟ ସମୟକୁ **'ଭାରତୀୟ ପ୍ରମାଣ ସମୟ'** (Indian Standard Time) ବୋଲି ଧରାଯାଉଛି । ଦକ୍ଷିଣରୁ ଉତ୍ତର ଆଡ଼କୁ ଗଲେ ଅକ୍ଷାଂଶୀୟ ବିସ୍ତାର ଦିନ ଓ ରାତିମଧ୍ୟରେ ଅବଧିକୁ ପ୍ରଭାବିତ କରେ ।

**ଚିନ୍ତାକର**

- *୮୨°୩୦' ପୂର୍ବ ଦ୍ରାଘିମାରେଖାକୁ ଭାରତର ପ୍ରଧାନ ମଧ୍ୟାହ୍ନରେଖା ହିସାବରେ ବାଛିବାର କାରଣ କ'ଣ ?*
- *କନ୍ୟାକୁମାରୀଠାରେ ଦିନ ଓ ରାତିର ଅବଧିରେ ତାରତମ୍ୟ ପ୍ରାୟ ଅନୁଭବ ନହେଉଥିବା ବେଳେ କାଶ୍ମୀରରେ କାହିଁକି ଜଣାପଡ଼େ ?*

## ଆମର ପଡ଼ୋଶୀ ଦେଶ :

ସାମରିକ ଦୃଷ୍ଟିକୋଣରୁ ଭାରତ ଦକ୍ଷିଣ ଏସିଆର ଏକ ମହତ୍ତ୍ୱପୂର୍ଣ୍ଣ ଦେଶ । ଭାରତର ସ୍ଥଳ ସୀମାରେଖା ଉତ୍ତର-ପଶ୍ଚିମରେ ପାକିସ୍ତାନ ସହିତ, ଉତ୍ତରରେ ଚୀନ୍, ନେପାଳ ଓ ଭୁଟାନ୍, ପୂର୍ବରେ ବାଂଲାଦେଶ ଏବଂ ମିଆଁମାର ସହିତ ଲାଗିଅଛି । ଦକ୍ଷିଣରେ ଥିବା ଆମର ପଡ଼ୋଶୀ ଦେଶ ଶ୍ରୀଲଙ୍କା ଓ ମାଳଦ୍ୱୀପ ଦୁଇଟି ଦ୍ୱୀପରାଷ୍ଟ୍ର । ଶ୍ରୀଲଙ୍କା ଭାରତର ମୂଳ ଭୂଖଣ୍ଡରୁ ଏକ ସଂକୀର୍ଣ୍ଣ ଜଳରାଶି ପକ୍ ପ୍ରଣାଳୀ ଦ୍ୱାରା




ମାନଚିତ୍ର : 1:3

ବିଚ୍ଛିନ୍ନ ହୋଇଅଛି । ଲାକ୍ଷାଦ୍ୱୀପର ଦକ୍ଷିଣକୁ ମାଳଦ୍ୱୀପ ଅବସ୍ଥିତ । ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଅନତିଦୂରରେ ଦକ୍ଷିଣ-ପୂର୍ବ ଏସିଆର ଇଣ୍ଡୋନେସିଆ, ମାଲୟେସିଆ ଏବଂ ଥାଇଲାଣ୍ଡ ଆମର ପଡ଼ୋଶୀଦେଶ ।

ବିଶ୍ୱର ସର୍ବବୃହତ ଗଣତାନ୍ତ୍ରୀକ ରାଷ୍ଟ୍ର ଭାରତ **୨୯** ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଗଠିତ । ମୁଖ୍ୟତଃ ଭାଷା ଭିତ୍ତିରେ ରାଜ୍ୟଗୁଡ଼ିକ ଗଠନ କରାଯାଇଛି ଓ ପ୍ରଶାସନିକ ସୁବିଧା ପାଇଁ ରାଜ୍ୟଗୁଡ଼ିକ ଜିଲ୍ଲା ଓ ଜିଲ୍ଲାଗୁଡ଼ିକୁ ଅନେକ ଛୋଟ ଛୋଟ ବିଭାଗରେ ବିଭକ୍ତ କରାଯାଇଛି ।

**ନିମ୍ନରେ ଭାରତର ରାଜ୍ୟ କେନ୍ଦ୍ରଶାସିତ ଅଞ୍ଚଳ ଓ ସେମାନଙ୍କର ରାଜଧାନୀର ନାମ ଦିଆଯାଇଛି ।**

| | ରାଜ୍ୟ | ରାଜଧାନୀ |
|---|---|---|
| ୧. | ଆନ୍ଧ୍ରପ୍ରଦେଶ | ହାଇଦ୍ରାବାଦ |
| ୨. | ଅରୁଣାଚଳ ପ୍ରଦେଶ | ଇଟାନଗର |
| ୩. | ଆସାମ | ଦିସ୍‌ପୁର |
| ୪. | ବିହାର | ପାଟନା |
| ୫. | ଛତିଶଗଡ଼ | ରାୟପୁର |
| ୬. | ଗୋଆ | ପାଣାଜି |
| ୭. | ଗୁଜରାଟ | ଗାନ୍ଧୀନଗର |
| ୮. | ହରିୟାଣା | ଚଣ୍ଡିଗଡ଼ |
| ୯. | ହିମାଚଳ ପ୍ରଦେଶ | ସିମଳା |
| ୧୦. | ଜାମ୍ମୁ ଓ କାଶ୍ମୀର | ଶ୍ରୀନଗର |
| ୧୧. | ଝାଡ଼ଖଣ୍ଡ | ରାଞ୍ଚି |
| ୧୨. | କର୍ଣ୍ଣାଟକ | ବେଙ୍ଗାଲୁରୁ |
| ୧୩. | କେରଳ | ଥିରୁଅନନ୍ତପୁରମ୍ |
| ୧୪. | ମଧ୍ୟପ୍ରଦେଶ | ଭୋପାଳ |
| ୧୫. | ମହାରାଷ୍ଟ୍ର | ମୁମ୍ବାଇ |
| ୧୬. | ମେଘାଳୟ | ଶିଲଂ |
| ୧୭. | ମଣିପୁର | ଇମ୍ଫାଲ୍ |
| ୧୮. | ମିଜୋରାମ | ଆଇଜଲ |
| ୧୯. | ନାଗାଲାଣ୍ଡ | କୋହିମା |
| ୨୦. | ଓଡ଼ିଶା | ଭୁବନେଶ୍ୱର |
| ୨୧. | ପଞ୍ଜାବ | ଚଣ୍ଡିଗଡ଼ |
| ୨୨. | ରାଜସ୍ଥାନ | ଜୟପୁର |
| ୨୩. | ସିକିମ୍ | ଗ୍ୟାଙ୍ଗଟକ୍ |
| ୨୪. | ତାମିଲନାଡୁ | ଚେନ୍ନାଇ |
| ୨୫. | ତ୍ରିପୁରା | ଅଗରତାଲା |
| ୨୬. | ଉତ୍ତରାଖଣ୍ଡ | ଡେରାଡୁନ୍ |
| ୨୭. | ଉତ୍ତରପ୍ରଦେଶ | ଲକ୍ଷ୍ନୌ |
| ୨୮. | ପଶ୍ଚିମବଙ୍ଗ | କୋଲକାତା |
| ୨୯. | ତେଲେଙ୍ଗାନା | ହାଇଦ୍ରାବାଦ |

**କେନ୍ଦ୍ରଶାସିତ ଅଞ୍ଚଳ ରାଜଧାନୀ**

| | | |
|---|---|---|
| ୧. | ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ | ପୋର୍ଟବ୍ଲେୟାର |
| ୨. | ଚଣ୍ଡିଗଡ଼ | ଚଣ୍ଡିଗଡ଼ |
| ୩. | ଦାଦ୍ରା ଓ ନଗର ହାବେଲି | ସିଲ୍‌ଭାସା |
| ୪. | ଡାମନ ଓ ଡିଉ | ଡାମନ |
| ୫. | ଦିଲ୍ଲୀ | ଦିଲ୍ଲୀ |
| ୬. | ଲାକ୍ଷାଦ୍ୱୀପ | କାଭାର୍ତ୍ତୀ |
| ୭. | ପୁଡୁଚେରୀ | ପୁଡୁଚେରୀ |

***ତୁମ ପାଇଁ କାମ :***

- ମାନଚିତ୍ର ଦେଖି ଭାରତର ପୂର୍ବ ଉପକୂଳ ଓ ପଶ୍ଚିମ ଉପକୂଳରେ କେତୋଟି ଲେଖାଏଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଛି ତା'ର ସଂଖ୍ୟା ନିର୍ଣ୍ଣୟ କର ।
- କ୍ଷେତ୍ରଫଳ ଦୃଷ୍ଟିରୁ କେଉଁଟି ଭାରତର ସବୁଠାରୁ ବଡ଼ ଓ କେଉଁଟି ସବୁଠାରୁ ସାନ ରାଜ୍ୟ ?
- କେଉଁ ରାଜ୍ୟଗୁଡ଼ିକ ଆନ୍ତର୍ଜାତୀୟ ସୀମାରେଖାକୁ ସ୍ପର୍ଶ କରୁନାହାଁନ୍ତି କିମ୍ବା ଉପକୂଳବର୍ତ୍ତୀ ରାଜ୍ୟ ନୁହଁନ୍ତି ?
- ନିମ୍ନଲିଖିତ ଦେଶଗୁଡ଼ିକର ସୀମାରେଖା ସହିତ ଯେଉଁ ରାଜ୍ୟଗୁଡ଼ିକର ସୀମାରେଖା ସ୍ପର୍ଶ କରୁଅଛି ସେଗୁଡ଼ିକୁ ଚାରିଭାଗରେ ବିଭକ୍ତ କରି ଲେଖ ।

(କ) ପାକିସ୍ତାନ (ଖ) ଚୀନ୍ (ଗ) ମିଆଁମାର (ଘ) ବାଂଲାଦେଶ ।

**କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ବୃହତ୍ତମ ଏବଂ ଲାକ୍ଷାଦ୍ୱୀପ କ୍ଷୁଦ୍ରତମ ।**

**ରାଜସ୍ଥାନ କ୍ଷେତ୍ରଫଳ ଦୃଷ୍ଟିରୁ ବୃହତ୍ତମ ଏବଂ ଗୋଆ କ୍ଷୁଦ୍ରତମ ରାଜ୍ୟ ।**

# ପ୍ରଶ୍ନାବଳୀ

୧. **ପ୍ରତ୍ୟେକ ପ୍ରଶ୍ନପାଇଁ ଦିଆଯାଇଥିବା ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍‌ଟିକୁ ବାଛି ଲେଖ ।**

(i) କର୍କଟକ୍ରାନ୍ତି ନିମ୍ନୋକ୍ତ କେଉଁ ରାଜ୍ୟ ଉପର ଦେଇ ଯାଇନାହିଁ ?

(କ) ଛତିଶଗଡ଼ (ଖ) ଆସାମ (ଗ) ରାଜସ୍ଥାନ (ଘ) ପଶ୍ଚିମବଙ୍ଗ

(ii) ଭାରତର ପଶ୍ଚିମତମ ଦ୍ରାଘିମାରେଖା କେଉଁଟି ?

(କ) ୯୭°୨୫' ପୂ. (ଖ) ୭୭°୬' ପୂ. (ଗ) ୬୮°୭' ପୂ. (ଘ) ୮୨°୩୦' ପୂ.

(iii) ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଏବଂ ସିକିମ୍ ରାଜ୍ୟଗୁଡ଼ିକର ସୀମାରେଖା କେଉଁ ଦେଶ ସହିତ ଲାଗିରହିଛି ?

(କ) ଚୀନ (ଖ) ଭୁଟାନ (ଗ) ନେପାଳ (ଘ) ମିଆଁମାର

(iv) ଆସନ୍ତା ଗ୍ରୀଷ୍ମାବକାଶରେ ତୁମେ ଯଦି କାଭାର୍ତ୍ତୀ ଯିବାକୁ ଚାହଁ ତେବେ ନିମ୍ନୋକ୍ତ ମଧ୍ୟରୁ କେଉଁ କେନ୍ଦ୍ରଶାସିତ ଅଞ୍ଚଳକୁ ଯିବ ?

(କ) ପୁଡୁଚେରୀ (ଖ) ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ (ଗ) ଲାକ୍ଷାଦ୍ୱୀପ (ଘ) ଡାମନ ଏବଂ ଡିଉ

(v) ମୋର ଜଣେ ବିଦେଶୀ ସାଙ୍ଗ ଯାହାର ଦେଶ ଆମ ଦେଶର ସୀମାକୁ ସ୍ପର୍ଶ କରୁନାହିଁ । ନିମ୍ନୋକ୍ତ ମଧ୍ୟରୁ ଦେଶଟିକୁ ବାଛ ।

(କ) ଭୁଟାନ (ଖ) ବାଂଲାଦେଶ (ଗ) ତାଜାକିସ୍ତାନ (ଘ) ନେପାଳ

୨. **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।**

(i) ଆରବ ସାଗରରେ ଥିବା କେନ୍ଦ୍ରଶାସିତ ଅଞ୍ଚଳର ନାମ କ'ଣ ?

(ii) ଭାରତର ଦକ୍ଷିଣ-ପୂର୍ବ ଦିଗରେ କେଉଁ ଦ୍ୱୀପପୁଞ୍ଜଟି ଅବସ୍ଥିତ ?

(iii) ଦକ୍ଷିଣ ଦିଗରେ ଥିବା କେଉଁ ଦୁଇଟି ଦ୍ୱୀପ ରାଷ୍ଟ୍ର ଆମର ପଡ଼ୋଶୀ ଦେଶ ଅଟନ୍ତି ?

(iv) କ୍ଷେତ୍ରଫଳ ଦୃଷ୍ଟିରୁ ଭାରତଠାରୁ ବଡ଼ ଦେଶଗୁଡ଼ିକର ନାମ କ'ଣ କ'ଣ ?

(v) ଭାରତର ପୂର୍ବ ଉପକୂଳରୁ କେଉଁ ଦେଶଗୁଡ଼ିକ ସହିତ ପୂର୍ବକାଳରେ ସମୁଦ୍ରପଥରେ ସଂପର୍କ ଥିଲା ?

୩. ଭାରତରେ ପୂର୍ବ ଓ ପଶ୍ଚିମ ଭାଗରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ମଧ୍ୟରେ ଯଥାକ୍ରମେ ୨ ଘଣ୍ଟା ବ୍ୟବଧାନ ଥାଏ ମାତ୍ର ଘଣ୍ଟାରେ ସମାନ ଥାଏ । ଏହା କିପରି ସମ୍ଭବ ହୁଏ ?

୪. ମାନଚିତ୍ର କାର୍ଯ୍ୟ : ମାନଚିତ୍ର ଦେଖି ଚିହ୍ନଟ କର ।

(i) ଆରବ ସାଗରରେ ଓ ବଙ୍ଗୋପସାଗରରେ ଅବସ୍ଥିତ ଭାରତୀୟ ଦ୍ୱୀପପୁଞ୍ଜଗୁଡ଼ିକୁ ଚିହ୍ନଟ କର ।

(ii) ଭାରତ ଉପମହାଦେଶରେ ଥିବା ଦେଶ ସମୂହ ।

(iii) ଯେଉଁ ରାଜ୍ୟଗୁଡ଼ିକ ମଧ୍ୟଦେଇ କର୍କଟକ୍ରାନ୍ତି ଯାଇଅଛି ।

(iv) ମୂଳଭୂଖଣ୍ଡର ଦକ୍ଷିଣତମ ସ୍ଥାନର ଅକ୍ଷାଂଶ ।

(v) ଭାରତଠାରୁ ଶ୍ରୀଲଙ୍କାକୁ ପୃଥକ୍ କରୁଥିବା ସଂକୀର୍ଣ୍ଣ ଜଳରାଶି ।

(vi) କେନ୍ଦ୍ରଶାସିତ ଅଞ୍ଚଳ ସମୂହ ।

୫. (ପ୍ରୋଜେକ୍ଟ) ତୁମ ପାଇଁ କାମ :

(i) ତୁମ ରାଜ୍ୟର ଅକ୍ଷାଂଶୀୟ ଓ ଦ୍ରାଘିମାରେଖୀୟ ବିସ୍ତାର ଅଙ୍କନ କର ।

(ii) 'ସିଲ୍‌କମାର୍ଗ' ସମ୍ବନ୍ଧରେ ତଥ୍ୟ ସଂଗ୍ରହ କର । ତା'ସହିତ ଏହି ଉଚ୍ଚ ପାର୍ବତ୍ୟାଞ୍ଚଳରେ ଗମନାଗମନ ସୁବିଧା ପାଇଁ ହେଉଥିବା ବିକାଶ ସମ୍ବନ୍ଧରେ ଜାଣ ।

•••

# ଦ୍ୱିତୀୟ ପାଠ

# ପ୍ରାକୃତିକ ବିଭାଗ

## ଭୌତିକ ଲକ୍ଷଣ :

ଭାରତର ବିଭିନ୍ନ ଭାଗରେ ଭିନ୍ନଭିନ୍ନ ପ୍ରକାରର ଭୂ-ରୂପ ଦେଖାଯାଏ ଯଥା : ପର୍ବତ, ମାଳଭୂମି, ସମତଳ ଭୂମି, ମରୁଭୂମି ଏବଂ ଦ୍ୱୀପପୁଞ୍ଜ ଆଦି । ଏ ସମସ୍ତ ଭୂମିରୂପ କେବଳ ଅବକ୍ଷୟ ଓ ଅବକ୍ଷେପଣ ପ୍ରକ୍ରିୟା ଦ୍ୱାରା ସମ୍ଭବ ହୋଇନାହିଁ । କେତେକ ଭୂ-ରୂପ ଭୂ-ଅଭ୍ୟନ୍ତରରେ ଆଲୋଡ଼ନ ହେବାଦ୍ୱାରା ସୃଷ୍ଟି ହୋଇଛନ୍ତି । ଭାରତୀୟ ଉପ-ମହାଦେଶର ବର୍ତ୍ତମାନ ଭୂରୂପ କିଭଳି ଆଜିର ଅବସ୍ଥାକୁ ଆସିଛି ସେ ସମ୍ବନ୍ଧରେ ଜାଣିବାକୁ ହେଲେ ଭୂତ୍ୱକର ଶିଳା ଓ ଏହାର ସୃଷ୍ଟି ଏବଂ ସଂରଚନା ବିଷୟରେ ଅଧ୍ୟୟନ କରିବାକୁ ହେବ । ଏ ବିଷୟରେ ଅଧ୍ୟୟନ କରୁଥିବା ବିଜ୍ଞାନକୁ ଭୂ-ବିଜ୍ଞାନ (Geology) କୁହାଯାଏ ଏବଂ ଏଥିରେ ସଂପୃକ୍ତ ବୈଜ୍ଞାନିକମାନଙ୍କୁ ଭୂ-ବିଜ୍ଞାନୀ (Geologist) କୁହାଯାଏ ।

ଭୂ-ବିଜ୍ଞାନୀମାନଙ୍କ ମତରେ ପ୍ରାୟ ୩୦୦ ନିୟୁତ ବର୍ଷ ପୂର୍ବେ ଆଜିର ସାତଟି ମହାଦେଶ ପରସ୍ପର ସହ ସଂଲଗ୍ନ ଥିଲେ ଏବଂ ସେହି ବିଶାଳ ମହାଦେଶର ନାମଥିଲା **ପାଞ୍ଜିଆ** । ଏହାର ଉତ୍ତରାଂଶକୁ **ଲରେସିଆ** (Laurasia) ବା ଆଙ୍ଗାରାଲାଣ୍ଡ ଏବଂ ଦକ୍ଷିଣଭାଗକୁ ଗଣ୍ଡୱାନାଲ୍ୟାଣ୍ଡ କୁହାଯାଉଥିଲା । ଉତ୍ତର ଆମେରିକା, ଗ୍ରୀନ୍‌ଲ୍ୟାଣ୍ଡ, ଇଉରୋପ ଏବଂ ହିମାଳୟ ପର୍ବତର ଉତ୍ତରସ୍ଥ ଏସିଆର ଅଧିକାଂଶ ଭାଗକୁ ନେଇ ଆଙ୍ଗାରାଲାଣ୍ଡ ଗଠିତ ହୋଇଥିଲା । ଦକ୍ଷିଣ ଆମେରିକା, ଆଫ୍ରିକା, ମାଲାଗାସୀ, ଆରବ ଏବଂ ଉପଦ୍ୱୀପୀୟ ଭାରତ, ଅଷ୍ଟ୍ରେଲିଆ ଓ ଆଣ୍ଟାର୍କଟିକା ଗଣ୍ଡୱାନାଲ୍ୟାଣ୍ଡର ଅନ୍ତର୍ଭୁକ୍ତ ଥିଲେ । ପରବର୍ତ୍ତୀ ସମୟରେ ପାଞ୍ଜିଆ ଖଣ୍ଡବିଖଣ୍ଡ ହେଲା ଓ ବିଖଣ୍ଡିତ ଭାଗଗୁଡ଼ିକ ପରସ୍ପରଠାରୁ ଅଲଗା ହୋଇଯିବାରୁ ଆଜିର ମହାଦେଶ ଓ ମହାସାଗର ଗୁଡ଼ିକ ସୃଷ୍ଟି ହୋଇଅଛି । ଏହାକୁ ମହାଦେଶୀୟ ସଂଚଳନବାଦ (continental drift theory) କୁହାଯାଏ ।

ଭୂବିଜ୍ଞାନୀମାନଙ୍କ ମତାନୁସାରେ ଆଜି ଯେଉଁଠି ସୁଉଚ୍ଚ ହିମାଳୟ ପର୍ବତ ଓ ଉତ୍ତରଭାରତର ବିସ୍ତୃତ ସମତଳଭୂମି ଅଛି ସେଠାରେ ଏକଦା ଟେଥିସ୍ (Tethys) ନାମକ ଏକ ଅଗଭୀର ସମୁଦ୍ର ଥିଲା । ଏହି ସମୁଦ୍ରର ଉତ୍ତରରେ ସେ ସମୟର ଆଙ୍ଗାରାଲାଣ୍ଡ ଓ ଦକ୍ଷିଣରେ ଗଣ୍ଡୱାନା ନାମକ ଭୂଖଣ୍ଡ ଥିଲା । ପରବର୍ତ୍ତୀ କାଳରେ ଗଣ୍ଡୱାନାଲାଣ୍ଡ ଧିରେ ଧିରେ ଉତ୍ତର ଆଡ଼କୁ ଗତିକରିବାରୁ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ଓ ଏହା ଭାରତ ମହାସାଗରର ରୂପ ନେଲା । ଏହି ଦକ୍ଷିଣ ଉପଦ୍ୱୀପ କ୍ରମଶଃ ଉତ୍ତର ଆଡ଼କୁ ଗତି କରିବାରୁ ଟେଥିସ୍ ସାଗରରେ ସଞ୍ଚିତ ପଟୁମାଟି ସଙ୍କୁଚିତ ହୋଇ ସେଥିରେ ଭାଙ୍ଗ ସୃଷ୍ଟି ହେବାରୁ ଆଜିର ହିମାଳୟ ପର୍ବତମାଳା ସୃଷ୍ଟି ହେଲା । ତେଣୁ ହିମାଳୟ ପର୍ବତମାଳାକୁ ତରୁଣ ଭଙ୍ଗିଳ ପର୍ବତମାଳା କୁହାଯାଏ । ଏହି ପ୍ରକ୍ରିୟା ଲକ୍ଷଲକ୍ଷ ବର୍ଷଧରି ଚାଲିବାରୁ ଓ ଏବେବି ଅବ୍ୟାହତ ଥିବାରୁ ହିମାଳୟ ପର୍ବତଶ୍ରେଣୀ ଅଧିକରୁ ଅଧିକ ଉଚ୍ଚ ହେଉଅଛି ।

**ପ୍ଲେଟ୍ ଟେକ୍‌ଟୋନିକ୍‌ସ (Plate Tectonics) :** ମହାଦେଶୀୟ ସଂଚଳନବାଦ ମହାଦେଶୀୟ ଭୂଖଣ୍ଡଗୁଡ଼ିକର ମନ୍ଥର ଗତି ଯୋଗୁଁ ହିଁ ସମ୍ଭବ ହୋଇଛି । ମାତ୍ର ଏତେ ବିଶାଳ ଭୂଖଣ୍ଡ ଗୁଡ଼ିକର ସଞ୍ଚଳନ ପାଇଁ ଆବଶ୍ୟକ ବଳ ଆସିଲା କେଉଁଠୁ ? ସେ ସମୟରେ ଏହାର କୌଣସି ଯୁକ୍ତିଯୁକ୍ତ ଉତ୍ତର ନଥିଲା । ତେଣୁ ବହୁବର୍ଷଧରି ମହାଦେଶୀୟ ସଞ୍ଚଳନବାଦକୁ ମାନ୍ୟତା ମିଳିନଥିଲା । ମାତ୍ର ପ୍ଲେଟ ଟେକ୍‌ଟୋନିକସ୍ (Plate tectonics) ବା ପ୍ଲେଟ୍ ସଞ୍ଚଳନ ଦ୍ୱାରା ଏହା ସମ୍ଭବ ହୋଇଛି ବୋଲି ବୈଜ୍ଞାନିକମାନଙ୍କର ହୃଦବୋଧ ହୋଇଛି ।

ପ୍ଲେଟ୍ ସଂଚଳନ ମତବାଦ ଅନୁସାରେ ଭୂତ୍ୱକ୍ ସାତଟି ବୃହତ୍ ଓ ୨୦ଟି କ୍ଷୁଦ୍ର ପ୍ଲେଟରେ ବିଭାଜିତ ହୋଇଅଛି । ଏହି ସାତଟି ବୃହତ୍ ପ୍ଲେଟଗୁଡ଼ିକ ହେଲା :

**(କ) ୟୁରେସିଆ ପ୍ଲେଟ୍ (ଖ) ଭାରତ-ଅଷ୍ଟ୍ରେଲିଆ ପ୍ଲେଟ୍ (ଗ) ଉତ୍ତର ଆମେରିକା ପ୍ଲେଟ୍ (ଘ) ଦକ୍ଷିଣ ଆମେରିକା ପ୍ଲେଟ୍ (ଙ) ପ୍ରଶାନ୍ତ ମହାସାଗରୀୟ ପ୍ଲେଟ୍ (ଚ) ଆଫ୍ରିକୀୟ ପ୍ଲେଟ୍ (ଛ) ଆଣ୍ଟାର୍କଟିକା ପ୍ଲେଟ୍ ।**

ପୃଥିବୀର ଅଭ୍ୟନ୍ତରରେ ଥିବା ତାପ ଏହି ପ୍ଲେଟଗୁଡ଼ିକର ଗତିପାଇଁ ଦାୟୀ । ଭୂଅଭ୍ୟନ୍ତରରେ ଆଣବିକ ଅବକ୍ଷୟ (Radioactive decay) ଦ୍ୱାରା ସୃଷ୍ଟି ହେଉଥିବା ତାପ ବାହାରକୁ ଆସିପାରେ ନାହିଁ କାରଣ ଶିଳାଗୁଡ଼ିକ ତାପ କୁପରିବାହୀ । ତେଣୁ ଏହି ତାପ ଶିଳାକୁ ତରଳାଇ ଦିଏ ଏବଂ ପରିଚଳନ ପ୍ରକ୍ରିୟା ସୃଷ୍ଟିକରେ । ଏହି ପ୍ରକ୍ରିୟା ଶିଳାକୁ ଗତି ପ୍ରଦାନ କରେ । ଏହି ଗତି ଦୁଇପ୍ରକାର- ଗୋଟିଏ




ମାନଚିତ୍ର : 1:4

**ପରସ୍ପର ମୁଖୀ** (convergent) ଓ ଅନ୍ୟଟି **ବିପରୀତ ମୁଖୀ** (Divergent) ପରସ୍ପର ମୁଖୀ ଗତିଯୋଗୁ ଦୁଇଟି ପ୍ଲେଟ୍ ଭିନ୍ନଦିଗରୁ ପରସ୍ପରର ନିକଟବର୍ତ୍ତୀ ହୁଅନ୍ତି । ଫଳରେ ଦୁହିଁଙ୍କ ମଧ୍ୟରେ ଧକ୍କା କିମ୍ବା ଗୋଟିଏ ଅନ୍ୟ ଉପରେ କିମ୍ବା ତଳେ ଚାଲିଯାଏ । ମାତ୍ର ବିପରୀତମୁଖୀ ଗତିଯୋଗୁ ପ୍ଲେଟଗୁଡ଼ିକ ପରସ୍ପରଠାରୁ ଦୂରେଇ ଯାଆନ୍ତି ଓ ବିପରୀତ ଦିଗରେ ଗତି କରନ୍ତି । ଏହି ଦୁଇପ୍ରକାର ଗତି ପ୍ରାୟ ଏକ ସମୟରେ ହିଁ ହେଉଥାଏ । ପ୍ଲେଟଗୁଡ଼ିକ ପରସ୍ପରକୁ ସ୍ପର୍ଶ ନକରି ଦୂରେଇ ଯାଇପାରନ୍ତି । ଦୁଇଟି ପ୍ଲେଟ୍ ମଧ୍ୟରେ ଧକ୍କା ହେଲେ ସେମାନଙ୍କ ମଧ୍ୟରେ ଥିବା ଭୂଭାଗରେ ଭାଙ୍ଗ ସୃଷ୍ଟି ହୁଏ । ମାତ୍ର ବିପରୀତ ମୁଖୀ ହେଲେ ଫାଟ (fault) ସୃଷ୍ଟି ହୁଏ । ଏହି ଭାଙ୍ଗ ଓ ଫାଟ ପୃଥିବୀ ପୃଷ୍ଠରେ ଅଧିକାଂଶ ଭୂରୂପ ସୃଷ୍ଟି କରିଥାଏ । ଭାରତର ଭୂ-ରୂପ ମଧ୍ୟ ଏହିଭଳି ଭୂଅଭ୍ୟନ୍ତରରେ ଆଲୋଡ଼ନ ଫଳରେ ଏବଂ ଭୂପୃଷ୍ଠସ୍ଥ କ୍ଷୟକାରୀ ଶକ୍ତିଗୁଡ଼ିକ ଦ୍ୱାରା ସୃଷ୍ଟି ହୋଇଅଛି ।




ଚିତ୍ର : 2 ପ୍ଲେଟ୍ ଚଳନ

## ପ୍ରାକୃତିକ ବିଭାଗ/ଭୌତିକ ବିଭାଗ
## (Physiographic Units) :

ଭୌତିକ ବିଭାଗଗୁଡ଼ିକ ଶିଳାର ଗଠନ ଦ୍ୱାରା ପ୍ରଭାବିତ ହେଲେ ମଧ୍ୟ ଏହାକୁ ଆଧାରକରି ବିଭାଜନ କରାଯାଇନଥାଏ । ଏହା ସାଧାରଣତଃ ଭୂ-ପୃଷ୍ଠର ଉଚ୍ଚାବଚ (Relief), ଢାଲୁ (Slope) ଓ ଅନ୍ୟାନ୍ୟ ଭୂମିରୂପ (Landform) ଅନୁସାରେ ହୋଇଥାଏ । ପ୍ରତ୍ୟେକ ଭୌତିକ ବିଭାଗର ଭୂ-ତାତ୍ତ୍ୱିକ ପ୍ରକୃତି (Geological Structure) ସମାନ କିମ୍ବା ଭିନ୍ନଭିନ୍ନ ହୋଇଥାଏ । ଭାରତର ଭୂ-ପ୍ରକୃତିରେ ଅନେକ ଭିନ୍ନତା ଦେଖାଯାଏ । ଦେଶର ବିଭିନ୍ନ ଅଞ୍ଚଳରେ ସୁଉଚ୍ଚ ପର୍ବତମାଳା, ଗଭୀର ଉପତ୍ୟକା, ବିସ୍ତୃତ ସମତଳଭୂମି, ପ୍ରଶସ୍ତ ମାଳଭୂମି, ଘନଅରଣ୍ୟ ଏବଂ ଅସଂଖ୍ୟ ଦ୍ୱୀପ ଦେଖିବାକୁ ମିଳେ ।

ଭୂମିରୂପ, ଢାଲୁ ଏବଂ ଉଚ୍ଚତା ଭିତ୍ତିରେ ଭାରତକୁ ମୁଖ୍ୟତଃ ଛଅଗୋଟି ଭୌତିକ ବିଭାଗରେ ବିଭାଜନ କରାଯାଇଥାଏ । ଯଥା : **(କ) ଉତ୍ତରସ୍ଥ ପର୍ବତମାଳା (ଖ) ଉତ୍ତରସ୍ଥ ବିଶାଳ ସମତଳ ଭୂମି (ଗ) ଉପଦ୍ୱୀପୀୟ ମାଳଭୂମି (ଘ) ଭାରତୀୟ ବିଶାଳ ମରୁଭୂମି ଅଞ୍ଚଳ (ଙ) ଉପକୂଳବର୍ତ୍ତୀ ସମତଳ ଭୂମି । (ଚ) ଦ୍ୱୀପପୁଞ୍ଜ ।**

**(କ) ଉତ୍ତରସ୍ଥ ପର୍ବତମାଳା-** ଭାରତର ଭୌତିକ ମାନଚିତ୍ରକୁ ଲକ୍ଷ୍ୟକର (1.6) । ତୁମେ ଦେଖିବାକୁ ପାଇବ ଯେ, ଅନେକଗୁଡ଼ିଏ ପର୍ବତଶ୍ରେଣୀ ଆମଦେଶର ଉତ୍ତର ସୀମାରେ ଲମ୍ବିରହିଛି । ଏହା ପଶ୍ଚିମରେ ପାମିର ମାଳଭୂମିଠାରୁ ପୂର୍ବଦିଗରେ ଭାରତ ଓ ମିଆଁମାର ସୀମା ପର୍ଯ୍ୟନ୍ତ ପ୍ରାୟ ଅବିଚ୍ଛିନ୍ନ ଭାବେ ବିସ୍ତାରଲାଭ କରିଛି ।

ଏହାର ଆକାର ଏକ ଚାପ ସଦୃଶ ଏବଂ ଦୈର୍ଘ୍ୟ ପ୍ରାୟ ୩୬୦୦କି.ମି. । ଉକ୍ତ ପର୍ବତମାଳାର ପ୍ରସ୍ଥ ସ୍ଥଳ ବିଶେଷରେ (ଅରୁଣାଚଳ ପ୍ରଦେଶରେ) ୧୫୦ କି.ମି.ରୁ ୪୦୦ କି.ମି. (କାଶ୍ମୀରରେ) ହୋଇଥାଏ । ପାମିର ମାଳଭୂମିଠାରୁ କାଶ୍ମୀର ଅନ୍ତର୍ଗତ ସିନ୍ଧୁନଦୀପର୍ଯ୍ୟନ୍ତ ଲମ୍ବିଥିବା ପର୍ବତମାଳାକୁ କାରାକୋରମ ପର୍ବତଶ୍ରେଣୀ ଓ ସିନ୍ଧୁନଦୀ ଏବଂ ବ୍ରହ୍ମପୁତ୍ର ନଦୀ ମଧ୍ୟରେ ଲମ୍ବିଥିବା ପର୍ବତମାଳାକୁ ହିମାଳୟ ପର୍ବତଶ୍ରେଣୀ କୁହାଯାଏ । ହିମାଳୟର ଅର୍ଥ ହିମ + ଆଳୟ । ହିମ କହିଲେ ବରଫ ଓ ଆଳୟ ଘରକୁ ବୁଝାଏ । ତେଣୁ ହିମାଳୟର ଅର୍ଥ 'ବରଫର ଘର' ।

କାରାକୋରମ ପର୍ବତଶ୍ରେଣୀରେ ପୃଥିବୀର ସୁଦୀର୍ଘ ହିମବାହଗୁଡ଼ିକ ମଧ୍ୟରୁ କେତେକ ପ୍ରବାହିତ ହେଉଛନ୍ତି । *ବାଲଟୋରା* ଏବଂ *ସିଆଚିନ୍* ଏଥିମଧ୍ୟରୁ ଦୁଇଟି ହିମବାହ । ସିଆଚିନ୍ ହିମବାହର ଦୈର୍ଘ୍ୟ ପ୍ରାୟ ୭୫ କି.ମି. । ପୃଥିବୀର ଦ୍ୱିତୀୟ ସର୍ବୋଚ୍ଚ ଶୃଙ୍ଗ $K_2$ (ଗଡ଼ଉଇନ୍ ଅଷ୍ଟିନ୍) । ଏହା କାରାକୋରମ୍ ପର୍ବତଶ୍ରେଣୀରେ ଅବସ୍ଥିତ ।

> ***ତୁମେ ଜାଣିଛ କି ?***
>
> ***ଗତିଶୀଳ ବରଫ ରାଶିକୁ ହିମବାହ କୁହାଯାଏ ।***

ହିମାଳୟ ପର୍ବତଶ୍ରେଣୀକୁ ତରୁଣ ଭଙ୍ଗିଳ ପର୍ବତଶ୍ରେଣୀ କୁହାଯାଏ କାରଣ ଏହି ପର୍ବତଶ୍ରେଣୀର ଗଠନ ଭୂ-ତାତ୍ତ୍ୱିକ ଦୃଷ୍ଟିରୁ ୨୦ରୁ-୩୦ ନିୟୁତ ବର୍ଷ ପୂର୍ବେ ହୋଇଅଛି । ତୁମେ ଏ ବିଷୟରେ ପୂର୍ବରୁ ପଢ଼ିଛ । ଏହାର ଗଠନ ପ୍ରକ୍ରିୟା ମୁଖ୍ୟତଃ ତିନୋଟି ପର୍ଯ୍ୟାୟରେ ସଂଘଠିତ ହୋଇଥିଲା । ତେଣୁ ହିମାଳୟ ପର୍ବତରେ ଦକ୍ଷିଣରୁ ଉତ୍ତରକୁ ସମାନ୍ତର ଭାବରେ ତିନିଗୋଟି ପର୍ବତଶ୍ରେଣୀ ଦେଖିବାକୁ ମିଳେ । ପର୍ବତଶ୍ରେଣୀଗୁଡ଼ିକର ଉଚ୍ଚତା ଦକ୍ଷିଣରୁ ଉତ୍ତରକୁ କ୍ରମଶଃ ବୃଦ୍ଧି ପାଇଛି ।

ଏଥିମଧ୍ୟରୁ ସବୁଠାରୁ ଦକ୍ଷିଣରେ ଥିବା ପର୍ବତଶ୍ରେଣୀକୁ **ସିୱାଲିକ** ବା **ବାହ୍ୟ ହିମାଳୟ** କୁହାଯାଏ । ଏହାର ଉଚ୍ଚତା ମଧ୍ୟ ସବୁଠାରୁ କମ୍ । ସମୁଦ୍ର ପତ୍ତନରୁ ସିୱାଲିକର ହାରାହାରି ଉଚ୍ଚତା ୧୦୦୦ରୁ ୧୨୦୦ ମିଟର ମଧ୍ୟରେ । ସିୱାଲିକ୍ ଗୋଡ଼ିମାଟି, କର୍ଦ୍ଦମ ଓ ପରସ୍ପର ସହିତ ବାନ୍ଧିହୋଇନଥିବା ଶିଳାଭଳି ପଦାର୍ଥରେ ଗଠିତ । ଏହା ନିରବଚ୍ଛିନ୍ନ ନୁହେଁ । ପୂର୍ବଦିଗରେ ଏହା ଅନ୍ୟାନ୍ୟ ପର୍ବତଶ୍ରେଣୀ ସହିତ ମିଳିତ ହୋଇଛି । ଏହାର ପ୍ରସ୍ଥ ୧୦-୫୦ କି.ମି. । ଏଥିରେ ଅନେକ ସଂକୀର୍ଣ୍ଣ ଉପତ୍ୟକା ମଧ୍ୟ ଦେଖିବାକୁ ମିଳେ । ସେଗୁଡ଼ିକୁ ଡୁନ୍ (Doon) କୁହାଯାଏ । ଡେରାଡୁନ୍ ଏହିଭଳି ଏକ ଉପତ୍ୟକାରେ ଅବସ୍ଥିତ । କୋଟଲିଡୁନ୍, ପାଟ୍‌ଲିଡୁନ୍ ଆଦି ଅନ୍ୟ ଦୁଇଟି ସ୍ଥାନ ମଧ୍ୟ ଏହାର ଅନ୍ତର୍ଗତ ।

ସିୱାଲିକ୍‌ର ଠିକ୍ ଉତ୍ତରକୁ ଅବସ୍ଥିତ ପର୍ବତଶ୍ରେଣୀର ନାମ **ମଧ୍ୟ ହିମାଳୟ** ବା **ହିମାଚଳ ।** ଏହାର ହାରାହାରି

ଉଚ୍ଚତା ସମୁଦ୍ରପତ୍ତନରୁ ୪୦୦୦-୪୫୦୦ ମିଟର ଏବଂ ପ୍ରସ୍ଥ ପ୍ରାୟ ୮୦ କି.ମି. । ହିମାଚଳର ଢାଲୁରେ ଅରଣ୍ୟ ଓ ଅନେକ ଚାରଣଭୂମି ଅବସ୍ଥିତ । ଝରଣା, ଜଳପ୍ରପାତ ଓ ଅସଂଖ୍ୟ ଛୋଟଛୋଟ ନଦୀ ଏହାର ସଂକୀର୍ଣ୍ଣ ଉପତ୍ୟକାରେ ପ୍ରବାହିତ ହୋଇ ଅତ୍ୟନ୍ତ ସୁନ୍ଦର ଓ ମନୋରମ ଦୃଶ୍ୟ ସୃଷ୍ଟି କରିଛନ୍ତି । ହିମାଚଳର ଶୀତଳ ଜଳବାୟୁ ଓ ମନମୁଗ୍ଧକର ପ୍ରାକୃତିକ ଦୃଶ୍ୟାବଳୀ ଯୋଗୁ ଏହା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରେ । କାଶ୍ମୀର ଉପତ୍ୟକା, କାଙ୍ଗ୍ରା ଓ କୁଲୁ ଉପତ୍ୟକା ହିମାଚଳର ଅଂଶବିଶେଷ । ଡେଲହାଉସୀ, ଧର୍ମଶାଳା, ସିମଳା, ମଶୌରୀ, ନୈନିତାଲ ଓ ଦାର୍ଜିଲିଂ ଆଦି ପାର୍ବତୀୟ ସହର ଏହାର ଅନ୍ତର୍ଗତ । ଭାରତର ଭୌତିକ ମାନଚିତ୍ରରୁ ସେଗୁଡ଼ିକ କେଉଁ ରାଜ୍ୟଗୁଡ଼ିକରେ ଅବସ୍ଥିତ ବାହାର କର । ପିରପାଞ୍ଜାଲ, ଧଉଳାଧର ଏବଂ ମହାଭାରତ ପର୍ବତଶ୍ରେଣୀ ହିମାଚଳର ମୁଖ୍ୟ ପର୍ବତଶ୍ରେଣୀ ।

ହିମାଚଳର ଉତ୍ତରକୁ **ହିମାଦ୍ରୀ** ଅବସ୍ଥିତ । ହିମାଦ୍ରୀ ହିମାଳୟର ସର୍ବୋଚ୍ଚ ପର୍ବତଶ୍ରେଣୀ । ଏହାକୁ ସର୍ବୋଚ୍ଚ ହିମାଳୟ ମଧ୍ୟ କୁହାଯାଏ । ହିମାଦ୍ରୀର ହାରାହାରି ଉଚ୍ଚତା ୬୦୦୦ମିଟରରୁ ଅଧିକ । ପୃଥିବୀର ଅନେକ ଅତ୍ୟୁଚ୍ଚ ପର୍ବତ ଶୃଙ୍ଗ ହିମାଦ୍ରୀରେ ଅବସ୍ଥିତ । ତନ୍ମଧ୍ୟରୁ କେତେକ ୮୦୦୦ ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ଅଟନ୍ତି । ନେପାଳ ଅନ୍ତର୍ଗତ ହିମାଳୟରେ ଅବସ୍ଥିତ ଏଭରେଷ୍ଟ ଶୃଙ୍ଗ (୮୮୪୮ ମିଟର) ପୃଥିବୀର ସର୍ବୋଚ୍ଚ ଶୃଙ୍ଗ । ସିକିମ୍‌ରେ ଅବସ୍ଥିତ କାଞ୍ଚନଜଙ୍ଘା (୮୫୯୮ ମିଟର) ହିମାଳୟ ପର୍ବତଶ୍ରେଣୀରେ ଅବସ୍ଥିତ ଭାରତର ସର୍ବୋଚ୍ଚ ପର୍ବତଶୃଙ୍ଗ । ନଙ୍ଗାପର୍ବତ (୮୨୯୬ ମିଟର), ଅନ୍ନପୂର୍ଣ୍ଣା (୮୦୭୮ମିଟର), ନନ୍ଦାଦେବୀ (୭୮୧୭ ମିଟର) ଏହି ପର୍ବତଶ୍ରେଣୀରେ ଅବସ୍ଥିତ । ଅଧିକାଂଶ ଶୃଙ୍ଗ ବର୍ଷସାରା ବରଫାବୃତ୍ତ ରହନ୍ତି ।

ହିମାଳୟର ଉତ୍ତର-ଦକ୍ଷିଣ ବିସ୍ତୃତି ଅନୁସାରେ ବିଭାଜନ ବ୍ୟତୀତ ବିଭିନ୍ନ ଅଞ୍ଚଳରେ ଏହାର ଅବସ୍ଥିତିକୁ




ମାନଚିତ୍ର : 1:5

ନେଇ ପଶ୍ଚିମରୁ ପୂର୍ବକୁ ମଧ୍ୟ ବିଭକ୍ତ କରାଯାଇଥାଏ । ଏହି ବିଭାଜନଗୁଡ଼ିକ ଦୁଇଟି ଲେଖାଏଁ ନଦୀ ଉପତ୍ୟକା ଦ୍ୱାରା ସୀମାବଦ୍ଧ । ଉଦାହରଣ ସ୍ୱରୂପ ସିନ୍ଧୁନଦୀ ଓ ସତଲେଜ୍ ନଦୀ ମଧ୍ୟବର୍ତ୍ତୀ ହିମାଳୟକୁ ପରମ୍ପରା ଅନୁସାରେ **ପଞ୍ଜାବ ହିମାଳୟ** କୁହାଯାଉଥିଲେ ମଧ୍ୟ ପଶ୍ଚିମରୁ ପୂର୍ବକୁ ତାହାକୁ **କାଶ୍ମୀର ହିମାଳୟ** ଓ **ହିମାଚଳ ହିମାଳୟ** କୁହାଯାଏ । ସତଲେଜ୍ ଓ କାଳୀ ନଦୀ ମଧ୍ୟରେ ଥିବା ହିମାଳୟର ଅଂଶକୁ **କୁମାୟୁନ ହିମାଳୟ**, କାଳୀ ଓ ତିସ୍ତା ନଦୀ ମଧ୍ୟସ୍ଥ ଭାଗକୁ




ମାନଚିତ୍ର : 1:6

**ନେପାଳ ହିମାଳୟ** ଓ ତିସ୍ତା ଏବଂ ଦିହାଙ୍ଗ୍ ନଦୀ ମଧ୍ୟବର୍ତ୍ତୀ ହିମାଳୟକୁ **ଆସାମ ହିମାଳୟ** ବୋଲି କୁହାଯାଏ । ଏଗୁଡ଼ିକ ହିମାଳୟର ଆଞ୍ଚଳିକ ନାମରୁ କେତୋଟି ।

ବ୍ରହ୍ମପୁତ୍ର ନଦୀ ହିମାଳୟର ପୂର୍ବ ସୀମା ନିର୍ଦ୍ଧାରଣ କରେ । ଦିହାଙ୍ଗ୍ ନଦୀ ଖାତ ପରେ ପରେ ହିମାଳୟ ହଠାତ୍ ଦକ୍ଷିଣକୁ ବାଙ୍କିଯାଇଛି ଏବଂ ଭାରତର ପୂର୍ବସୀମା ନିର୍ଦ୍ଧାରଣ କରୁଅଛି । ଏହାକୁ **ପୂର୍ବାଚଳ** କୁହାଯାଏ । ପାତକୋଇବମ୍, ନାଗାପର୍ବତ, ମଧ୍ୟବର୍ତ୍ତୀ ଗାରୋ, ଖାସି ଓ ଜୟନ୍ତିଆ ତଥା ଦକ୍ଷିଣରେ **ମିଜୋ** ଏବଂ **ଲୁସାଇ** ପର୍ବତଗୁଡ଼ିକ ପୂର୍ବାଚଳର ଅନ୍ତର୍ଗତ ।

ଉତ୍ତରସ୍ଥ ପର୍ବତ ଶ୍ରେଣୀଗୁଡ଼ିକ ଖୁବ୍ ଉଚ୍ଚ ହେଲେ ମଧ୍ୟ ଏଗୁଡ଼ିକ ମନୁଷ୍ୟପାଇଁ ଅଲଙ୍ଘନୀୟ ନୁହେଁ । ଏହି ପର୍ବତଶ୍ରେଣୀର ମଧ୍ୟେ ମଧ୍ୟେ ଏପରି ନୀଚ ଜାଗା ଅଛି ଯାହା ମଧ୍ୟଦେଇ ପର୍ବତ ପାରିହେବା ସମ୍ଭବ ହୋଇଥାଏ । ଏଗୁଡ଼ିକ ପ୍ରାକୃତିକ ମାର୍ଗର କାମ କରିଥାନ୍ତି । ଏଗୁଡ଼ିକୁ **ଗିରିପଥ** କୁହାଯାଏ । ଏଭଳି ଗିରିପଥଗୁଡ଼ିକ ମଧ୍ୟରେ କାରାକୋରମ ଗିରିପଥ (କାରାକୋଭ ପର୍ବତଶ୍ରେଣୀ, ଜାମ୍ମୁ ଓ କାଶ୍ମୀର), ଯୋଜିଲା ଗିରିପଥ (ଜାମ୍ମୁ ଓ କାଶ୍ମୀର ହିମାଳୟ) ସିପ୍‌କିଲା (ହିମାଚଳ ପ୍ରଦେଶ), ନାଥୁଲା (ହିମାଦ୍ରୀ, ସିକିମ୍) ବୋମଡିଲା (ହିମାଦ୍ରୀ, ଅରୁଣାଚଳ ପ୍ରଦେଶ) ଇତ୍ୟାଦି ଆମଦେଶର ପ୍ରଧାନ ପ୍ରଧାନ ଗିରିପଥ ।

**(ଖ) ଉତ୍ତରସ୍ଥ ବିଶାଳ ସମତଳଭୂମି :** ଉତ୍ତରସ୍ଥ ସମତଳଭୂମି ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀତ୍ରୟ ଦ୍ୱାରା ଗଠିତ । ହିମାଳୟ ପର୍ବତମାଳାର ଦକ୍ଷିଣକୁ ପଶ୍ଚିମରେ ସତଲେଜ୍ ନଦୀଠାରୁ ପୂର୍ବରେ ବ୍ରହ୍ମପୁତ୍ର ନଦୀ ପର୍ଯ୍ୟନ୍ତ ଏକ ବିଶାଳ ସମତଳ ଭୂମି ରହିଛି । ଏହାର ଦୈର୍ଘ୍ୟ ପ୍ରାୟ ୨୫୦୦ କି.ମି. । ନିୟୁତ ନିୟୁତ ବର୍ଷଧରି ସିନ୍ଧୁ, ଗଙ୍ଗା, ବ୍ରହ୍ମପୁତ୍ର ଓ ଏଗୁଡ଼ିକର ଉପନଦୀମାନଙ୍କଦ୍ୱାରା ଆନୀତ ପଟୁମାଟି ଦ୍ୱାରା ଏହି ଉର୍ବର ମୃତ୍ତିକା ବିଶିଷ୍ଟ ସମତଳଭୂମି ଗଠିତ ହୋଇଅଛି । ଏହି ଜନାକୀର୍ଣ୍ଣ ସମତଳଭୂମିର କ୍ଷେତ୍ରଫଳ ପ୍ରାୟ ୭ ଲକ୍ଷ ବର୍ଗ କି.ମି. ଓ ପ୍ରସ୍ଥ ପ୍ରାୟ ୨୪୦ କି.ମି.ରୁ ୩୨୦ କି.ମି. । ଉର୍ବର ମୃତ୍ତିକା, ଜଳସେଚନର ସୁବିଧା, ଅନୁକୂଳ ଜଳବାୟୁ ଯୋଗୁ ଏହି ସମତଳ ଭୂମି ଭାରତର ଏକ ମୁଖ୍ୟ କୃଷି ଉତ୍ପାଦନ ଅଞ୍ଚଳ ଅଟେ । ଏହା ପୃଥିବୀର ବଡ଼ ବଡ଼ ସମତଳ ଭୂମି ମଧ୍ୟରୁ ଅନ୍ୟତମ । ଉତ୍ତରସ୍ଥ ବିଶାଳ ସମତଳଭୂମି ପଶ୍ଚିମରୁ ପୂର୍ବକୁ ତିନିଭାଗରେ ବିଭକ୍ତ । ସେଗୁଡ଼ିକ ହେଲା- **ପଞ୍ଜାବ ସମତଳ ଭୂମି, ଗାଙ୍ଗେୟ ସମତଳଭୂମି ଏବଂ ବ୍ରହ୍ମପୁତ୍ର ସମତଳ ଭୂମି** ।

**ପଞ୍ଜାବ ସମତଳ ଭୂମି :**

ଏହା ମୁଖ୍ୟତଃ ପାକିସ୍ତାନରେ ପ୍ରବାହିତ ସିନ୍ଧୁନଦୀ ଅବବାହିକାର ଏକ ଅଂଶ ଅଟେ । ଏହାର ଅଧିକାଂଶ ଭାଗ ପାକିସ୍ତାନର ଅଂଶବିଶେଷ । ଭାରତରେ ଏହି ସମତଳଭୂମି ପଞ୍ଜାବ ଓ ହରିୟାଣା ରାଜ୍ୟରେ ରହିଅଛି । ସିନ୍ଧୁନଦୀର ଉପନଦୀ ମୁଖ୍ୟତଃ ଝେଲମ୍, ଚେନାବ୍, ରାବି, ବେୟାସ ଓ ସତଲେଜ୍ ନଦୀଦ୍ୱାରା ଏହା ଗଠିତ ହୋଇଅଛି । ସମତଳ ଭୂମିର ଏହି ଅଂଶରେ ଅଧିକ **'ଦୋଆବ୍'** ଦେଖାଯାଏ ।

**ତୁମେ ଜାଣିଛ କି ?**

***ଯେଉଁ ସମସ୍ତ ଅଞ୍ଚଳର ବୃଷ୍ଟିଜଳ ମୁଖ୍ୟନଦୀ ଓ ଏହାର ଉପନଦୀ ଗୁଡ଼ିକରେ ପ୍ରବାହିତ ହୋଇଥାଏ ତାହାକୁ ନଦୀର ଅବବାହିକା କୁହାଯାଏ ।***

**ତୁମେ ଜାଣିଛ କି ?**

***ଦୋଆବ୍ ଦୁଇଟି ଶବ୍ଦର ସମିଶ୍ରଣ । 'ଦୋ' ର ଅର୍ଥ ଦୁଇ ଏବଂ ଆବ୍‌ର ଅର୍ଥ 'ଜଳ' । ତେଣୁ ଦୁଇଟି ନଦୀ ମଧ୍ୟସ୍ଥ ସମତଳ ଅଞ୍ଚଳକୁ 'ଦୋଆବ୍' କୁହାଯାଏ । ସେହିଭଳି 'ପଞ୍ଜ'ର ଅର୍ଥ ପାଞ୍ଚ ଏବଂ 'ଆବ' ର ଅର୍ଥ ଜଳ । ତେଣୁ ପଞ୍ଜାବକୁ ପଞ୍ଚ ନଦୀର ଦେଶ ବା ଭୂଖଣ୍ଡ କୁହାଯାଏ ।***

**ଗାଙ୍ଗେୟ ସମତଳଭୂମି :** ଗାଙ୍ଗେୟ ସମତଳଭୂମି ଘାଗର ଏବଂ ତିସ୍ତା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ସୀମିତ । ଉତ୍ତର ଭାରତର ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡର କିଛିଅଂଶ ଦେଇ ପୂର୍ବରେ ପଶ୍ଚିମବଙ୍ଗ ରାଜ୍ୟରେ ବିସ୍ତୃତିଲାଭ କରିଛି । **ବ୍ରହ୍ମପୁତ୍ର ସମତଳଭୂମି** ମୁଖ୍ୟତଃ ଆସାମ ରାଜ୍ୟରେ ଅବସ୍ଥିତ ।

ଉତ୍ତର ଭାରତ ସମତଳ ଭୂମିକୁ ସାଧାରଣତଃ ଉଚ୍ଚାବଚ୍ଚ ବିହୀନ ଏକ ସମପ୍ରାୟ ଭୂମି (Flat) ବୋଲି ବର୍ଣ୍ଣନା କରାଯାଇଥାଏ । ମାତ୍ର ଏହା ସଂପୂର୍ଣ୍ଣଭାବେ ଠିକ୍ ନୁହେଁ । ହିମାଳୟ ପର୍ବତଶ୍ରେଣୀରୁ ନିମ୍ନକୁ ଗଡିକଲାବେଳେ ସିୱାଲିକ ସହ ସମାନ୍ତରାଳ ଭାବରେ ୮-୧୬ କି.ମି. ପ୍ରସ୍ଥ ବିଶିଷ୍ଟ ଏକ ସଂକୀର୍ଣ୍ଣ ଅଞ୍ଚଳରେ ଉପଲଖଣ୍ଡମାନ ଜମାକରେ । ଏହାକୁ **ଭାବର** କୁହାଯାଏ । ଛୋଟ ଛୋଟ ନଦୀନାଳ ଭାବରରେ ଭୂମିଗତ ହୋଇଯାଆନ୍ତି । ଏହାର ଦକ୍ଷିଣକୁ ଯେଉଁଠି ଭୂମିଗତ ଜଳପ୍ରବାହ ପୁନର୍ବାର ଭୂପୃଷ୍ଠ ଉପରେ ପରିଲକ୍ଷିତ ହୁଅନ୍ତି, ଏପରି ଏକ ସନ୍ତସନ୍ତିଆ ଅଞ୍ଚଳକୁ **'ତରାଇ'** କୁହାଯାଏ । ଏହା ଅନେକ ବନ୍ୟପ୍ରାଣୀ ବାସ କରୁଥିବା ଏକ ଘଞ୍ଚ ଅରଣ୍ୟପୂର୍ଣ୍ଣ ଅଞ୍ଚଳଥିଲା । ମାତ୍ର ଭାରତ ବିଭାଜନ ପରେ ପାକିସ୍ତାନରୁ ଆସିଥିବା ଶରାଣାର୍ଥୀମାନଙ୍କର ଥଇଥାନ ପାଇଁ ଏହି ଅରଣ୍ୟକୁ ସଫାକରି ଚାଷୋପଯୋଗୀ ଜମି ସୃଷ୍ଟି କରାଯାଇଥିଲା । ଦୁଧୁଆ ଜାତୀୟ ଉଦ୍ୟାନ ଏହି ଅଞ୍ଚଳରେ ଅବସ୍ଥିତ ।

ଏହି ବିଶାଳ ସମତଳ ଭୂମିର ଅଧିକାଂଶ ଅଞ୍ଚଳ ପୁରାତନ ପଟୁମାଟି ଦ୍ୱାରା ଗଠିତ । ସେଗୁଡ଼ିକ ବନ୍ୟାପ୍ଲାବନ ଅଞ୍ଚଳର ଉର୍ଦ୍ଧ୍ୱରେ ପାହାଚ ସଦୃଶ ଭୂମିରୂପ ସୃଷ୍ଟି କରିଥାଏ । ଏହିଅଂଶକୁ **'ଭାଙ୍ଗର'** କୁହାଯାଏ । ଗାଙ୍ଗେୟ ସମତଳର କେତେକ ସ୍ଥାନରେ ନଦୀଶଯ୍ୟାଠାରୁ ଅଳ୍ପଦୂରରେ ଚୂନଗୋଡ଼ି ମିଶା ମୃତ୍ତିକା ଦେଖାଯାଏ ଯାହାକୁ **'କଙ୍କର'** କୁହାଯାଏ । ବନ୍ୟାପ୍ଲାବିତ ଅଞ୍ଚଳର ନୂତନ ପଟୁମୃତ୍ତିକାକୁ **'ଖଦର'** କୁହାଯାଏ ।

ଏଭଳି ନୂତନ ପଟୁମୃତ୍ତିକା ସଞ୍ଚୟ ହେଉଥିବାରୁ ମୃତ୍ତିକା ଅତ୍ୟନ୍ତ ଉର୍ବର ଓ ସଘନକୃଷି ପାଇଁ ଉପଯୋଗୀ ହୋଇଥାଏ ।

**ତୁମେ ଜାଣିଛ କି ?**

***କୌଣସି ଏକ ଜମିରେ ରାସାୟନିକସାର, କୀଟନାଶକ ଔଷଧ ଓ ଅଧିକ ଅମଳକ୍ଷମ ବିହନ ବ୍ୟବହାର କରି ଚାଷଜମିକୁ ପଡ଼ିଆ ନରଖି ବର୍ଷକରେ ଏକାଧିକ ବାର କୃଷି କରିବାକୁ ସଘନକୃଷି କୁହାଯାଏ ।***

**(ଗ) ଉପଦ୍ୱୀପୀୟ ମାଳଭୂମି :** ଉତ୍ତରସ୍ଥ ବିଶାଳ ସମତଳ ଭୂମିର ଦକ୍ଷିଣକୁ ଅବସ୍ଥିତ ଉପଦ୍ୱୀପୀୟ ମାଳଭୂମି ସ୍ଫଟିକଯୁକ୍ତ ପୁରାତନ ଆଗ୍ନେୟ ଓ ରୂପାନ୍ତରିତ ଶିଳା ଦ୍ୱାରା ଗଠିତ । ଏହି ମାଳଭୂମି ଗଣ୍ଡୱାନାଲ୍ୟାଣ୍ଡର ବିଭାଜନ ଓ ଭୂଚଳନ ଯୋଗୁ ସୃଷ୍ଟି ହୋଇଥିବାରୁ ଏହା ଏକ ଅତିପୁରାତନ ଭୂଖଣ୍ଡର ଅଂଶବିଶେଷ । ଏହି ମାଳଭୂମିରେ ପ୍ରଶସ୍ତ ଅଗଭୀର ଉପତ୍ୟକା ଏବଂ କ୍ଷୟପ୍ରାପ୍ତ ଅଚ୍ଚୋଚ୍ଚ ପାହାଡ଼ମାନ ଦେଖାଯାଏ । ଉପଦ୍ୱୀପୀୟ ମାଳଭୂମିକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ **କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳ** (Central highlands) ଓ ଅନ୍ୟଟି **ଦାକ୍ଷିଣାତ୍ୟ ମାଳଭୂମି** (Deccan Plateau) । ନର୍ମଦାନଦୀ ଏହି ଦୁଇଭାଗର ସୀମା ନିର୍ଦ୍ଧାରଣ କରୁଛି । ଏହାର ଉତ୍ତରକୁ କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳ ଓ ଦକ୍ଷିଣରେ ଦାକ୍ଷିଣାତ୍ୟ ମାଳଭୂମି ଅବସ୍ଥିତ । ମାଲୱା ମାଳଭୂମି କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳର ଅଂଶବିଶେଷ ଓ ଏହା ପଶ୍ଚିମରେ ଅବସ୍ଥିତ । ମାଲୱା ମାଳଭୂମି ତ୍ରିଭୂଜାକାର । ଏହାର ଉତ୍ତର-ପଶ୍ଚିମରେ ଆରାବଳୀ ପର୍ବତଶ୍ରେଣୀ, ଦକ୍ଷିଣରେ ବିନ୍ଧ୍ୟପର୍ବତ ଅବସ୍ଥିତ । ମାତ୍ର ଉତ୍ତରକୁ ଏହା କ୍ରମଶଃ ଢାଲୁ ହୋଇ ଗାଙ୍ଗେୟ ସମତଳ ଭୂମି ସହିତ ମିଶିଯାଇଛି । କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳ ପଶ୍ଚିମରେ ଅଧିକ ଚଉଡ଼ା ଏବଂ ପୂର୍ବରେ କମ୍ ଚଉଡା ଅଟେ । ଏହା ପଶ୍ଚିମରୁ ପୂର୍ବକୁ ଢାଲୁ ଅଟେ । ଏହି ମାଳଭୂମିର ପୂର୍ବପଟ ବିସ୍ତୃତିକୁ ଉତ୍ତରପ୍ରଦେଶର ଦକ୍ଷିଣଭାଗରେ ବୁନ୍ଦେଲଖଣ୍ଡ ଓ ବଘେଲଖଣ୍ଡ ମାଳଭୂମି କୁହାଯାଏ । ଦକ୍ଷିଣ ଝାଡ଼ଖଣ୍ଡରେ ଏହି ମାଳଭୂମିକୁ ଛୋଟନାଗପୁର ମାଳଭୂମି କୁହାଯାଏ ।

**ତୁମପାଇଁ କାମ :**

***ଛୋଟନାଗପୁର ମାଳଭୂମି ଓ ମାଲୱା ମାଳଭୂମିର ଜଳ କେଉଁ କେଉଁ ନଦୀ ଦେଇ ପ୍ରବାହିତ ହୋଇଥାଏ, ଲେଖ ।***

**ଦାକ୍ଷିଣାତ୍ୟ ମାଳଭୂମି :** ଦାକ୍ଷିଣାତ୍ୟ ମାଳଭୂମିର ଆକାର ତ୍ରିଭୂଜପରି । ସାତପୁରା ପର୍ବତଶ୍ରେଣୀ ଏହାର ପ୍ରଶସ୍ତ ଉତ୍ତରସୀମା ନିର୍ଦ୍ଧାରଣ କରୁଥିବାବେଳେ ପଶ୍ଚିମଘାଟ ପର୍ବତମାଳା ଓ ପୂର୍ବଘାଟ ପର୍ବତମାଳା ଯଥାକ୍ରମେ ପଶ୍ଚିମ ଓ ପୂର୍ବସୀମା ନିର୍ଦ୍ଧାରଣ କରିଥାଆନ୍ତି । ଦାକ୍ଷିଣାତ୍ୟ ମାଳଭୂମି

ପଶ୍ଚିମରୁ ପୂର୍ବକୁ କ୍ରମଶଃ ଢାଲୁ । ଅମରକଣ୍ଟକ ଓ ମହୀଶୂର ମାଳଭୂମି ଦାକ୍ଷିଣାତ୍ୟ ମାଳଭୂମିର ଅଂଶ ବିଶେଷ । ଦାକ୍ଷିଣାତ୍ୟ ମାଳଭୂମିର ଏକ ବର୍ଦ୍ଧିତ ଅଂଶ ଉତ୍ତର-ପୂର୍ବ ଭାରତରେ ଦୃଷ୍ଟିଗୋଚର ହୁଏ । ମେଘାଳୟ, କର୍ବିଆଙ୍ଗ୍‌ଲଙ୍ଗ୍ ମାଳଭୂମି ଏହି ବର୍ଦ୍ଧିତ ଅଂଶର ଅଂଶବିଶେଷ । ଏହି ମାଳଭୂମି ଦୁଇଟି ଏକ ଫାଟ ଦ୍ୱାରା ଛୋଟନାଗପୁର ମାଳଭୂମିଠାରୁ ପୃଥକ୍ ହୋଇଛନ୍ତି । ମଧ୍ୟଭାଗଟି ଉତ୍ତରଭାରତର ନଦୀଦ୍ୱାରା ଆନୀତ ପଟୁମାଟି ଦ୍ୱାରା ପୋତି ହୋଇଯାଇଛି ।

ଦାକ୍ଷିଣାତ୍ୟ ମାଳଭୂମିର ଉତ୍ତର ପଶ୍ଚିମଭାଗ ଲାଭା ଉଦ୍‌ଗୀରଣ ଦ୍ୱାରା ଗଠିତ । ତେଣୁ ଏହାର ଶିଳା ଆଗ୍ନେୟ ଶିଳା । ଦୀର୍ଘଦିନଧରି ଏହି ଶିଳା ଚୂର୍ଣ୍ଣ ବିଚୂର୍ଣ୍ଣ ଓ ପରିବର୍ତ୍ତିତ ହୋଇ କୃଷ୍ଣ ମୃତ୍ତିକା ସୃଷ୍ଟି ହୋଇଛି । ଶହ ଶହ ମିଟର ବହଳର ଏହି ମୃତ୍ତିକା ଅଞ୍ଚଳକୁ **'ଡେକାନଟ୍ରାପ୍'** କୁହାଯାଏ । ଏହି ମୃତ୍ତିକାଞ୍ଚଳ ମହାରାଷ୍ଟ୍ରକୁ ସଂପୂର୍ଣ୍ଣରୂପେ ଆଚ୍ଛାଦିତ କରିଥିବା ବେଳେ ଗୁଜରାଟ, ମଧ୍ୟପ୍ରଦେଶ ଓ କର୍ଣ୍ଣାଟକର କିଛିଅଂଶରେ ମଧ୍ୟ ବିସ୍ତାର ଲାଭ କରିଛି ।

## ପଶ୍ଚିମଘାଟ ପର୍ବତମାଳା

ପଶ୍ଚିମଘାଟ ପର୍ବତମାଳା ପଶ୍ଚିମ ଉପକୂଳ ସହ ସମାନ୍ତରାଳ ଭାବରେ ରହିଅଛି । ପଶ୍ଚିମଘାଟର ହାରାହାରି ଉଚ୍ଚତା ଉତ୍ତରରୁ ଦକ୍ଷିଣ ଆଡ଼କୁ କ୍ରମଶଃ ବୃଦ୍ଧି ପାଇଥାଏ । ଏହି ପର୍ବତମାଳା ନିରବଚ୍ଛିନ୍ନ ଏବଂ କେତୋଟି ଗିରିପଥ ଦେଇ ଏହାକୁ ଅତିକ୍ରମ କରାଯାଇପାରେ ।

**ତୁମପାଇଁ କାମ :**

***ମାନଚିତ୍ରରୁ ଏହି ପର୍ବତରେ ଥିବା ତିନିଗୋଟି ଗିରିପଥର ନାମ ଏବଂ ସେଗୁଡ଼ିକ କେଉଁ କେଉଁ ରାଜ୍ୟରେ ଅବସ୍ଥିତ ବାହାର କର ।***

ପଶ୍ଚିମଘାଟ ପୂର୍ବଘାଟଠାରୁ ଉଚ୍ଚତାରେ ଅଧିକ । ଏହାର ଉଚ୍ଚତା ୯୦୦ ମିଟରରୁ ୧୬୦୦ ମିଟର ମଧ୍ୟରେ ହୋଇଥାଏ । ପଶ୍ଚିମଘାଟ ପର୍ବତମାଳାରେ ଅବସ୍ଥିତ ପର୍ବତଗୁଡ଼ିକ ମଧ୍ୟରେ ସହ୍ୟାଦ୍ରୀ, ନୀଳଗିରି, ଆନାମଲାଇ ଏବଂ କାଡାମମ୍ ଆଦି ମୁଖ୍ୟ । କେରଳ ରାଜ୍ୟର ଆନାମଲାଇ ପର୍ବତଶ୍ରେଣୀରେ ଅବସ୍ଥିତ ଆନ୍ନାଇମୁଡ଼ି (୨୬୯୫ମି) ଏହାର ସର୍ବୋଚ୍ଚ ଶୃଙ୍ଗ । ନୀଳଗିରି ପର୍ବତର ଦୋଦାବେଟ୍ଟା ଶୃଙ୍ଗ (୨୬୩୭ମି.) ଏହାର ଦ୍ୱିତୀୟ ଉଚ୍ଚତମ ଶୃଙ୍ଗ ଅଟେ । ନୀଳଗିରି ପର୍ବତମାଳାରେ ଅବସ୍ଥିତ ଉଦଗମଣ୍ଡଳମ୍ ବା ଉଟି ଦକ୍ଷିଣଭାରତର ପ୍ରଧାନ ପାର୍ବତୀୟ ସହର, ଶୈଳନିବାସ ଓ ଏକ ମୁଖ୍ୟ ପର୍ଯ୍ୟଟନ କେନ୍ଦ୍ର ଅଟେ । ତାମିଲନାଡୁର କୋଡ଼ାଇକେନାଲ, ମହାରାଷ୍ଟ୍ରର ମହାବଳେଶ୍ୱର ଏବଂ ମଧ୍ୟପ୍ରଦେଶର ପଞ୍ଚମାରୀ ମଧ୍ୟ ଦାକ୍ଷିଣାତ୍ୟ ମାଳଭୂମିର ଅନ୍ୟ ତିନୋଟି ଶୈଳନିବାସ ଅଟନ୍ତି ।

## ପୂର୍ବଘାଟ ପର୍ବତମାଳା :

ପୂର୍ବଘାଟ ପର୍ବତମାଳା ନିରବଚ୍ଛିନ୍ନ ନୁହେଁ ଏବଂ ପଶ୍ଚିମଘାଟ ତୁଳନାରେ କମ୍ ଉଚ୍ଚତା ବିଶିଷ୍ଟ ଅଟେ । ଏହାର ହାରାହାରି ଉଚ୍ଚତା ମାତ୍ର ୬୦୦ ମିଟର । ବଙ୍ଗୋପସାଗରରେ ପଡ଼ିଥିବା ନଦୀମାନଙ୍କ ଦ୍ୱାରା ଏହା ବିଖଣ୍ଡିତ ହୋଇଅଛି । ପୂର୍ବଘାଟ ପର୍ବତମାଳା ପୂର୍ବରେ ମହାନଦୀ ଉପତ୍ୟକାଠାରୁ ଦକ୍ଷିଣରେ ନୀଳଗିରି ପର୍ବତମାଳା ପର୍ଯ୍ୟନ୍ତ ପ୍ରାୟ ୧୧୦୦ କି.ମି. ବିସ୍ତୃତ । ଓଡ଼ିଶାର ଦେଓମାଳୀ (୧୬୭୦ମିଟର) ପୂର୍ବଘାଟ ପର୍ବତମାଳାର ଉଚ୍ଚତମ ଶୃଙ୍ଗ ।

ଆରାବଳୀ ପର୍ବତଶ୍ରେଣୀ ଉପଦ୍ୱୀପୀୟ ମାଳଭୂମିର ପଶ୍ଚିମ ଓ ଉତ୍ତରପଶ୍ଚିମ ସୀମାରେ ଅବସ୍ଥିତ । ଏହି ପର୍ବତଶ୍ରେଣୀଟି ପୁରାତନ ଏବଂ କ୍ଷୟପ୍ରାପ୍ତ ହୋଇଥିବାରୁ ଅଳ୍ପ ଉଚ୍ଚତା ବିଶିଷ୍ଟ ଅଟେ । ଏହା ଗୁଜରାଟଠାରୁ ଦିଲ୍ଲୀ ପର୍ଯ୍ୟନ୍ତ (ଦକ୍ଷିଣପଶ୍ଚିମରୁ ଉତ୍ତରପୂର୍ବ) ବିସ୍ତୃତି ଲାଭ କରିଛି । ମାଉଣ୍ଟଆବୁ ଏହି ପର୍ବତଶ୍ରେଣୀରେ ଅବସ୍ଥିତ ଏକ ଶୈଳନିବାସ ଅଟେ ।

## (ଘ) ଭାରତୀୟ ବିଶାଳ ମରୁଭୂମି ଅଞ୍ଚଳ :

ଆରାବଳୀ ପର୍ବତଶ୍ରେଣୀର ପଶ୍ଚିମସୀମାକୁ ଲାଗି ରାଜସ୍ଥାନରେ ଭାରତର ବିଶାଳ ମରୁଭୂମି ଅଞ୍ଚଳ ବା ଥର ମରୁଭୂମି ଅବସ୍ଥିତ । ଏହି ମରୁଭୂମି ଏକ ସ୍ୱଳ୍ପ ଉଚ୍ଚାବଚ ବିଶିଷ୍ଟ ତରଙ୍ଗାୟିତ ବାଲୁକାପୂର୍ଣ୍ଣ ଅଞ୍ଚଳ ଓ ଏଠାରେ ଅନେକ ବାଲୁକାସ୍ତୂପ (Sand dune) ଦେଖାଯାଏ । ଏହା ସ୍ଥାନେ ସ୍ଥାନେ ପଥୁରିଆ ମଧ୍ୟ ।

ଏହି ମରୁଭୂମି ପାକିସ୍ତାନର ସିନ୍ଧୁପ୍ରଦେଶର ଅନେକ ଭିତରକୁ ବିସ୍ତୃତି ଲାଭ କରିଛି । ଏଠାରେ ବାର୍ଷିକ ହାରାହାରି ବୃଷ୍ଟିପାତ ୧୫୦ ମି.ମି.ରୁ ମଧ୍ୟ କମ୍ ହୋଇଥାଏ । ତେଣୁ ଜଳବାୟୁ ଶୁଷ୍କ ଏବଂ ଏଠାରେ କଣ୍ଟାଳିଆ ବୁଦାଜାତୀୟ ଉଦ୍ଭିଦ ଦେଖାଯାଏ । ବର୍ଷାଋତୁରେ କେତେକ ନଦୀ ବାହାରି ଜଳ ଅଭାବରୁ ବାଲୁକାପୂର୍ଣ୍ଣ ପ୍ରାନ୍ତରରେ ଲୀନ ହୋଇଯାଆନ୍ତି । ସମୁଦ୍ର ପର୍ଯ୍ୟନ୍ତ ପହଞ୍ଚି ପାରନ୍ତି ନାହିଁ ।

**ତୁମେ ଜାଣିଛ କି ?**

***ଯେଉଁ ନଦୀ ସମୁଦ୍ର ପର୍ଯ୍ୟନ୍ତ ପହଞ୍ଚି ନପାରି ମଝିରେ କୌଣସି ହ୍ରଦରେ ପଡ଼ିଥାଆନ୍ତି ବା ସ୍ଥଳଭାଗରେ ହିଁ ବିଲୀନ ହୋଇଯାଆନ୍ତି ସେପରି ନଦୀକୁ ଅନ୍ତଃସ୍ଥଳୀୟ ନଦୀ*** (Inland river) ***କୁହାଯାଏ ।***

**ତୁମେ ଜାଣିଛ କି ?**

***ବାଳଚନ୍ଦ୍ର ଆକାରର ବାଲୁକାସ୍ତୂପକୁ ବରଖାନ କୁହାଯାଏ ।***

## (ଙ) ଉପକୂଳବର୍ତ୍ତୀ ସମତଳ ଭୂମି :

ଦାକ୍ଷିଣାତ୍ୟ ମାଳଭୂମିର ପଶ୍ଚିମରେ ଆରବସାଗର ତଟରେ ଏବଂ ପୂର୍ବରେ ବଙ୍ଗୋପସାଗରର ତଟବର୍ତ୍ତୀ ଅଞ୍ଚଳରେ ଉପକୂଳବର୍ତ୍ତୀ ସମତଳଭୂମି ଦେଖାଯାଏ ।

### ପଶ୍ଚିମ ଉପକୂଳ ସମତଳ ଭୂମି :

ପଶ୍ଚିମଘାଟ ପର୍ବତମାଳାର ପଶ୍ଚିମପାର୍ଶ୍ୱରୁ ବାହାରିଥିବା ନାତିଦୀର୍ଘ ଓ ଦ୍ରୁତଗାମୀ ନଦୀଗୁଡ଼ିକ ଦ୍ୱାରା ଆନୀତ ପଟୁମାଟିର ପରିମାଣ କମ୍ ହେଉଥିବାରୁ କିଛି ସମୁଦ୍ରକୁ ବହିଯାଏ ଓ କିଛି ଉପକୂଳରେ ସଞ୍ଚିତ ହୋଇଯାଏ । ଫଳତଃ ପଶ୍ଚିମ ଉପକୂଳସ୍ଥ ସମତଳ ଭୂମି ସଂକୀର୍ଣ୍ଣ, ଅପ୍ରଶସ୍ତ ଓ ସାମାନ୍ୟ ଅସମାନ ଅଟେ । ଏହି ଉପକୂଳ ତିନିଭାଗରେ ବିଭକ୍ତ । ଉତ୍ତର ଅଂଶଟିକୁ କଙ୍କଣ (ମୁମ୍ବାଇ-ଗୋଆ) ମଧ୍ୟଭାଗକୁ କନ୍ନଡ଼ ଓ ଦକ୍ଷିଣ ଅଂଶଟିକୁ ମାଲାବାର (ମାଙ୍ଗାଲୋର-କନ୍ୟାକୁମାରୀ) ଉପକୂଳ କୁହାଯାଏ । ଉତ୍ତରରେ ଉପକୂଳବର୍ତ୍ତୀ ସମତଳ ଭୂମି ପ୍ରଶସ୍ତ ଏବଂ ଗୁଜରାଟ ଉପକୂଳ ଏହାର ଅନ୍ତର୍ଗତ । ପଶ୍ଚିମସ୍ଥ ସମତଳଭୂମି ନର୍ମଦା ଓ ତାପ୍ତି ନଦୀ ଦ୍ୱାରା ସାମାନ୍ୟ ବିଖଣ୍ଡିତ । କେରଳ ଉପକୂଳରେ ଅନେକଗୁଡ଼ିଏ ଉପହ୍ରଦ (Lagoon) ଦେଖାଯାଏ ।

**ତୁମେ ଜାଣିଛ କି ?**

***ବାଲିବନ୍ଧ ବା ଏକ ସଂକୀର୍ଣ୍ଣ ସ୍ଥଳଭାଗଦ୍ୱାରା ଅଲଗା ହୋଇ ରହିଥିବା ଏକ ଅଗଭୀର ଲୁଣିପାଣିଭରା ଜଳରାଶିକୁ ଉପହ୍ରଦ କୁହାଯାଏ । ଉଦାହରଣ ସ୍ୱରୂପ : ଚିଲିକା ଏକ ଉପହ୍ରଦ ଅଟେ ।***

### ପୂର୍ବ ଉପକୂଳ ସମତଳ ଭୂମି :

ଏହି ଉପକୂଳ ପ୍ରଶସ୍ତ ଓ ଅପେକ୍ଷାକୃତ ସମପ୍ରାୟ । ଏହାର ଉତ୍ତରାଂଶକୁ ଉତ୍ତରସରକାର (Northern Circar) ଓ ଦକ୍ଷିଣଭାଗକୁ (ଚେନ୍ନାଇର ଦକ୍ଷିଣକୁ) କରମଣ୍ଡଳ ଉପକୂଳ କୁହାଯାଏ । ଉତ୍ତରରେ ଏହା ଗଙ୍ଗା ଓ ବ୍ରହ୍ମପୁତ୍ର ସମତଳ ଭୂମି ସହ ସଂଲଗ୍ନ । ସୁବର୍ଣ୍ଣରେଖା ମୁହାଣରୁ ବିଶାଖାପାଟଣା ପର୍ଯ୍ୟନ୍ତ ଉପକୂଳକୁ ଓଡ଼ିଶା ଉପକୂଳ ଓ ବିଶାଖାପାଟଣା ଠାରୁ ଚେନ୍ନାଇ ପର୍ଯ୍ୟନ୍ତ ଉପକୂଳକୁ ଆନ୍ଧ୍ରଉପକୂଳ ମଧ୍ୟ କୁହାଯାଏ । ମହାନଦୀ, ଗୋଦାବରୀ, କୃଷ୍ଣା ଏବଂ କାବେରୀ ନଦୀ ବହିଆଣୁଥିବା ପଟୁମାଟିକୁ ଜମାକରି ବିଶାଳ ତ୍ରିକୋଣଭୂମିମାନ ସୃଷ୍ଟି କରିଛନ୍ତି ।

**ତୁମେ ଜାଣିଛ କି ?**

***ନଦୀର ମୁହାଣ ନିକଟବର୍ତ୍ତୀ ଅଞ୍ଚଳରେ ଗୋଟିଏ ତ୍ରିଭୁଜାକାର ସମତଳ ଭୂମିକୁ ତ୍ରିକୋଣଭୂମି କୁହାଯାଏ । ଏହା ନଦୀର ଧିରମନ୍ଥରଗତି ଓ ଅବକ୍ଷେପଣ ଦ୍ୱାରା ସୃଷ୍ଟି ହୋଇଥାଏ ।***

## (ଚ) ଦ୍ୱୀପପୁଞ୍ଜ :

ମାଲାବାର ଉପକୂଳର ପଶ୍ଚିମକୁ ଆରବସାଗରରେ କେତେଗୁଡ଼ିଏ ଛୋଟ ବଡ଼ ଦ୍ୱୀପପୁଞ୍ଜ ରହିଛି । ଏଗୁଡ଼ିକ ପ୍ରବାଳକୀଟମାନଙ୍କର ନଷ୍ଟାବଶେଷ ଦ୍ୱାରା ଗଠିତ । ଏ ସମସ୍ତ ଦ୍ୱୀପପୁଞ୍ଜ ଲାକ୍ଷାଦ୍ୱୀପ ନାମରେ ନାମିତ । ଏଗୁଡ଼ିକୁ ଲାକ୍ଷାଡିଭ, ମିନିକଏ ଏବଂ ଆମିନ୍‌ଡିଭ୍ କୁହାଯାଉଥିଲା । ୧୯୭୩ ମସିହାଠାରୁ ସେଗୁଡ଼ିକ ସମୂହ ଭାବରେ ଲାକ୍ଷାଦ୍ୱୀପ କୁହାଯାଉଅଛି । ଏହାର କ୍ଷେତ୍ରଫଳ ମାତ୍ର ୩୨ ବର୍ଗ କି.ମି. । କାଭାର୍ତ୍ତି ଏହାର ରାଜଧାନୀ । ଲାକ୍ଷାଦ୍ୱୀପର ଉଦ୍ଭିଦ ଓ ପ୍ରାଣୀଜଗତ ବିଭିଦତାରେ ପରିପୂର୍ଣ୍ଣ । ଏହାର ଅନେକ ଦ୍ୱୀପ ଜନମାନବଶୂନ୍ୟ । ସେହିଭଳି ଏକ ଜନବସତି

ନଥିବା ପିତଲି ଦ୍ୱୀପରେ ଏକ ପକ୍ଷୀବିହାର ସ୍ଥାପନ କରାଯାଇଛି ।

ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ବଙ୍ଗୋପସାଗରରେ ଉତ୍ତର-ଦକ୍ଷିଣ ଭାବେ ବିସ୍ତୃତ । ଏହି ଦ୍ୱୀପପୁଞ୍ଜଅନ୍ତର୍ଗତ ଦ୍ୱୀପଗୁଡ଼ିକ ଆକାରରେ ବଡ଼ ଏବଂ ଏମାନଙ୍କର ସଂଖ୍ୟା ମଧ୍ୟ ଅଧିକ । ଏହି ଦ୍ୱୀପପୁଞ୍ଜରେ ପ୍ରାୟ ୫୫୦ଟି ଦ୍ୱୀପ ଅଛି । ମାତ୍ର ସେଗୁଡ଼ିକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଏ- ଉତ୍ତରରେ ଆଣ୍ଡାମାନ ଓ ଦକ୍ଷିଣରେ ନିକୋବର । ଏସବୁ ଦ୍ୱୀପପୁଞ୍ଜଗୁଡ଼ିକ ପ୍ରକୃତ ପକ୍ଷେ ସମୁଦ୍ରରେ ନିମଜ୍ଜିତ ଆଗ୍ନେୟ ପର୍ବତ ଶିଖରଗୁଡ଼ିକର ଅଗ୍ରଭାଗ । ସାମରିକ ଦୃଷ୍ଟିକୋଣରୁ ଉକ୍ତ ଦ୍ୱୀପପୁଞ୍ଜ ଦେଶପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାର ଉଦ୍ଭିଦ ଓ ପ୍ରାଣୀଜଗତ ମଧ୍ୟ ବିଭିଦତାଭରା । ବିଷୁବବୃତ୍ତର ନିକଟବର୍ତ୍ତୀ ହୋଇଥିବାରୁ ଏଠାକାର ଜଳବାୟୁ ନିରକ୍ଷୀୟ ଏବଂ ଦ୍ୱୀପଗୁଡ଼ିକ ଘଞ୍ଚ ଅରଣ୍ୟପୂର୍ଣ୍ଣ ।

**ତୁମେ ଜାଣିଛ କି ?**

***ଭାରତର ଏକମାତ୍ର ସକ୍ରିୟ ଆଗ୍ନେୟଗିରି (ଜ୍ୱାଳାମୁଖୀ) ବ୍ୟାରେନ ଦ୍ୱୀପ (ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ)ରେ ଅବସ୍ଥିତ ।***

**ତୁମ ପାଇଁ କାମ-**

***ସକ୍ରିୟ ଜ୍ୱାଳାମୁଖୀ କାହାକୁ କୁହାଯାଏ ଜାଣ ।***

ଭାରତର ଉପରୋକ୍ତ ଭୌତିକ ବିଭାଜନରୁ ଏହା ସ୍ପଷ୍ଟ ହେଉଛି ଯେ ପ୍ରତ୍ୟେକ ଅଞ୍ଚଳ ଅନ୍ୟଠାରୁ ଭିନ୍ନ ଏବଂ ସେଗୁଡ଼ିକମଧ୍ୟରେ ସାମଞ୍ଜସ୍ୟ ମଧ୍ୟ ଅଛି । ଉପଦ୍ୱୀପୀୟ ମାଳଭୂମି ସବୁଠାରୁ ପ୍ରାଚୀନତମ ମାତ୍ର ହିମାଳୟ ପର୍ବତର ଉତ୍ପତ୍ତିରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ହିମାଳୟର ଶିଳା ସହ ମାଳଭୂମିର ଶିଳାରେ ସାମଞ୍ଜସ୍ୟ ଦେଖାଯାଏ । ହିମାଳୟ ପର୍ବତଶ୍ରେଣୀ ଏବଂ ମାଳଭୂମିରୁ ଆନୀତ ପଟୁମାଟି ଦ୍ୱାରା ଉତ୍ତରସ୍ଥ ସମତଳ ଭୂମିର ସୃଷ୍ଟି । ତେଣୁ ପ୍ରତ୍ୟେକ ବିଭାଜନ ଅନ୍ୟଟିର ପରିପୂରକ ଓ ଭାରତର ପ୍ରାକୃତିକ ସମ୍ବଳକୁ ସମୃଦ୍ଧ କରୁଛନ୍ତି । ହିମାଳୟ ପର୍ବତ ଅରଣ୍ୟ ଓ ଜଳସଂପଦରେ ପରିପୂର୍ଣ୍ଣ । ସମତଳଭୂମିଗୁଡ଼ିକ ଭାରତର ଶସ୍ୟାଗାର । ସେଠାରେ ହିଁ ପ୍ରଥମେ ମାନବ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା । ମାଳଭୂମିଗୁଡ଼ିକ ଖଣିଜସଂପଦରେ ଭରା ଯଦ୍ୱାରା ଭାରତର ଶିଳ୍ପାୟନ କ୍ଷେତ୍ରରେ ସେଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ଦ୍ୱୀପପୁଞ୍ଜଗୁଡ଼ିକ ବନ୍ଦର ନିର୍ମାଣ ଏବଂ ମତ୍ସ୍ୟଉତ୍ପାଦନ କରିବାପାଇଁ ପ୍ରକୃଷ୍ଟ ପୃଷ୍ଠଭୂମି ଯୋଗାଇଥାନ୍ତି । ତେଣୁ ଏଭଳି ଭିନ୍ନ ଭିନ୍ନ ଅଞ୍ଚଳ ଥିବାରୁ ଦେଶର ଭବିଷ୍ୟତ ଯେ ଉଜ୍ଜଳ ଓ ସମ୍ଭାବନାପୂର୍ଣ୍ଣ ଏଥିରେ ସନ୍ଦେହ ନାହିଁ ।

## ଓଡ଼ିଶା

### ଅବସ୍ଥିତି ଓ କ୍ଷେତ୍ରଫଳ :

ଓଡ଼ିଶା ଭାରତର ପୂର୍ବ ଉପକୂଳସ୍ଥ ଏକ ରାଜ୍ୟ । ଏହି ରାଜ୍ୟ ୧୭°୪୯' ରୁ ୨୨°୩୪' ଉତ୍ତର ସମାକ୍ଷରେଖା ମଧ୍ୟରେ ଓ ୮୧°୨୩' ରୁ ୮୭°୨୯' ପୂର୍ବ ଦ୍ରାଘିମାରେଖା ମଧ୍ୟରେ ଅବସ୍ଥିତ । ପୂର୍ବରେ ବଙ୍ଗୋପସାଗର, ଉତ୍ତରପୂର୍ବରେ ପଶ୍ଚିମବଙ୍ଗ, ଉତ୍ତରରେ ଝାଡ଼ଖଣ୍ଡ, ପଶ୍ଚିମରେ ଛତିଶଗଡ଼ ଏବଂ ଦକ୍ଷିଣରେ ଆନ୍ଧ୍ରପ୍ରଦେଶ ଏହାର ସୀମାନିର୍ଦ୍ଧାରଣ କରୁଛନ୍ତି । ଏହାର କ୍ଷେତ୍ରଫଳ ୧୫୫୭୦୭ ବର୍ଗ କି.ମି. ।

### ପ୍ରଶାସନିକ ବିଭାଗ :

ଓଡ଼ିଶାକୁ ୩୦ଟି ଜିଲ୍ଲାରେ ବିଭକ୍ତ କରାଯାଇଛି । ଜିଲ୍ଲାଗୁଡ଼ିକୁ ୫୮ଟି ସବ୍‌ଡିଭିଜନରେ ଏବଂ ପ୍ରତ୍ୟେକ ସବଡିଭିଜନକୁ ୧୭୧ଟି ତହସିଲରେ ଏବଂ ଏହି ତହସିଲଗୁଡ଼ିକୁ ୩୧୪ଟି ବ୍ଲକ ଓ ପ୍ରତ୍ୟେକ ବ୍ଲକକୁ ୬୨୩୪ଟି ଗ୍ରାମପଞ୍ଚାୟତରେ ବିଭକ୍ତ କରାଯାଇଛି । ଭୁବନେଶ୍ୱର ଓଡ଼ିଶାର ରାଜଧାନୀ । ସମସ୍ତ ପ୍ରଶାସନିକ ମୁଖ୍ୟ କାର୍ଯ୍ୟାଳୟ ସେଠାରେ ଅବସ୍ଥିତ । ନିମ୍ନରେ ଆମ ରାଜ୍ୟର ଜିଲ୍ଲା ଓ ସେଗୁଡ଼ିକର ସଦର ମହକୁମାର ଏକ ତାଲିକା ଦିଆଗଲା ।

**ତୁମପାଇଁ କାମ :**

***ମାନଚିତ୍ର ଦେଖି ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ଏବଂ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।***

| | ଜିଲ୍ଲା | ସଦରମହକୁମା |
|---|---|---|
| ୧. | ଅନୁଗୁଳ | ଅନୁଗୁଳ |
| ୨. | କଳାହାଣ୍ଡି | ଭବାନୀପାଟଣା |
| ୩. | କନ୍ଧମାଳ | ଫୁଲବାଣୀ |
| ୪. | କଟକ | କଟକ |
| ୫. | କେନ୍ଦୁଝର | କେନ୍ଦୁଝର |
| ୬. | କେନ୍ଦ୍ରାପଡ଼ା | କେନ୍ଦ୍ରାପଡ଼ା |
| ୭. | କୋରାପୁଟ | କୋରାପୁଟ |
| ୮. | ଖୋର୍ଦ୍ଧା | ଖୋର୍ଦ୍ଧା |
| ୯. | ଗଜପତି | ପାରଳାଖେମୁଣ୍ଡି |
| ୧୦. | ଗଞ୍ଜାମ | **ଛତ୍ରପୁର** |
| ୧୧. | ଜଗତସିଂହପୁର | ଜଗତସିଂହପୁର |
| ୧୨. | ଝାରସୁଗୁଡ଼ା | ଝାରସୁଗୁଡ଼ା |
| ୧୩. | ଢେଙ୍କାନାଳ | ଢେଙ୍କାନାଳ |
| ୧୪. | ଦେବଗଡ଼ | ଦେବଗଡ଼ |
| ୧୫. | ନବରଙ୍ଗପୁର | ନବରଙ୍ଗପୁର |
| ୧୬. | ନୟାଗଡ଼ | ନୟାଗଡ଼ |
| ୧୭. | ନୂଆପଡ଼ା | ନୂଆପଡ଼ା |
| ୧୮. | ପୁରୀ | ପୁରୀ |
| ୧୯. | ବାଲେଶ୍ୱର | ବାଲେଶ୍ୱର |
| ୨୦. | ବୌଦ୍ଧ | ବୌଦ୍ଧ |
| ୨୧. | ବଲାଙ୍ଗିର | ବଲାଙ୍ଗିର |
| ୨୨. | ବରଗଡ଼ | ବରଗଡ଼ |
| ୨୩. | ଭଦ୍ରକ | ଭଦ୍ରକ |
| ୨୪. | ମାଲକାନଗିରି | ମାଲକାନଗିରି |
| ୨୫. | ମୟୂରଭଞ୍ଜ | ବାରିପଦା |
| ୨୬. | ଯାଜପୁର | ଯାଜପୁର |
| ୨୭. | ରାୟଗଡ଼ା | ରାୟଗଡ଼ା |
| ୨୮. | ସମ୍ବଲପୁର | ସମ୍ବଲପୁର |
| ୨୯. | ସୁବର୍ଣ୍ଣପୁର | ସୁବର୍ଣ୍ଣପୁର |
| ୩୦. | ସୁନ୍ଦରଗଡ଼ | ସୁନ୍ଦରଗଡ଼ |

## ଭୂପ୍ରକୃତି :

ଭୂପ୍ରକୃତି ଅନୁସାରେ ଓଡ଼ିଶାକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଏ । ଯଥା : (୧) ମଧ୍ୟ ପାର୍ବତ୍ୟଅଞ୍ଚଳ, (୨) ପଶ୍ଚିମସ୍ଥ ମାଳଅଞ୍ଚଳ, (୩) ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ ।

**(୧) ମଧ୍ୟପାର୍ବତ୍ୟଅଞ୍ଚଳ :** ଓଡ଼ିଶାର ମଧ୍ୟଭାଗରେ ଉତ୍ତର-ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପର୍ବତଶ୍ରେଣୀଠାରୁ ଦକ୍ଷିଣପଶ୍ଚିମରେ ମାଲକାନଗିରି ଜିଲ୍ଲା ପର୍ଯ୍ୟନ୍ତ ବିସ୍ତୃତ । ଅନେକ ଗୁଡ଼ିଏ ପର୍ବତମାଳାର ସମଷ୍ଟିରୁ ଏହି ଅଞ୍ଚଳ ଗଠିତ । ଏହା ପୂର୍ବଘାଟ ପର୍ବତମାଳାର ଏକ ଅଂଶବିଶେଷ । ବ୍ରାହ୍ମଣୀ ଓ ମହାନଦୀ ଦ୍ୱାରା ବିଖଣ୍ଡିତ ହୋଇଥିବାରୁ ଏହା ଅବିଚ୍ଛିନ୍ନ ନୁହେଁ । ଏହାର ହାରାହାରି ଉଚ୍ଚତା ପ୍ରାୟ ୯୦୦ ମିଟର । ଓଡ଼ିଶାର (ପୂର୍ବଘାଟର) ଉଚ୍ଚତମ ଶୃଙ୍ଗ କୋରାପୁଟ ଜିଲ୍ଲାର ଦେଓମାଳୀ (୧୬୭୦ମି.) ଏହି ଅଞ୍ଚଳରେ ଅବସ୍ଥିତ । ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ବୌଦ୍ଧ, ନୟାଗଡ଼, କଟକ, କଳାହାଣ୍ଡି, କୋରାପୁଟ ଓ ମାଲକାନାଗିରି ଆଦି ଜିଲ୍ଲା ଏହି ଅଞ୍ଚଳର ଅଂଶ ବିଶେଷ ।

**(୨) ପଶ୍ଚିମସ୍ଥ ମାଳଅଞ୍ଚଳ :** ମଧ୍ୟପାର୍ବତ୍ୟାଞ୍ଚଳର ପଶ୍ଚିମକୁ ଏହି ଅଞ୍ଚଳ ଅବସ୍ଥିତ । ଏହାର ହାରାହାରି ଉଚ୍ଚତା ସମୁଦ୍ରପତ୍ତନରୁ ୧୫୦ ମିଟରରୁ ୩୦୦ମିଟର । ଏହି ମାଳଅଞ୍ଚଳ ଉତ୍ତର-ପୂର୍ବରୁ ଦକ୍ଷିଣ ଆଡ଼କୁ କ୍ରମଶଃ ଢାଲୁ । ମହାନଦୀର ବାମ ପଟେ ସୁନ୍ଦରଗଡ଼, ଝାରସୁଗଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ଦକ୍ଷିଣ ତୀରରେ ବଲାଙ୍ଗିର, ସୁବର୍ଣ୍ଣପୁରଠାରୁ ମାଲକାନଗିରି ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ଏହି ଅଞ୍ଚଳଟି ପରିବ୍ୟାପ୍ତ । ତେଲ୍ ଇନ୍ଦ୍ରାବତୀ, ଋଷିକୁଲ୍ୟା ଓ ବଂଶଧାରା ନଦୀର ଅବବାହିକା ଏହି ଅଞ୍ଚଳରେ ଅବସ୍ଥିତ ।

**(୩) ଉପକୂଳବର୍ତ୍ତୀ ସମତଳଅଞ୍ଚଳ :** ବଙ୍ଗୋପସାଗର ଓ ପୂର୍ବଘାଟ ପର୍ବତମାଳାର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ । ଏହା ଉତ୍ତରରେ ସୁବର୍ଣ୍ଣରେଖା ନଦୀଠାରୁ ଦକ୍ଷିଣରେ ଋଷିକୁଲ୍ୟା ନଦୀ ପର୍ଯ୍ୟନ୍ତ ବିସ୍ତୃତ । ଏହି ଅଞ୍ଚଳଟି ଉତ୍ତର ଓ ଦକ୍ଷିଣଭାଗରେ ସଂକୀର୍ଣ୍ଣ ମାତ୍ର ମଧ୍ୟଭାଗରେ ପ୍ରଶସ୍ତ । ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବ୍ରାହ୍ମଣୀ,




ମାନଚିତ୍ର : 1:7

ବୈତରଣୀ, ମହାନଦୀ, ଋଷିକୁଲ୍ୟା ଆଦି ନଦୀ ଦ୍ୱାରା ଆନୀତ ପଟୁମାଟି ଦ୍ୱାରା ଏହି ସମତଳ ଅଞ୍ଚଳ ଗଠିତ । ତେଣୁ ଏହା ଉର୍ବର, ଶସ୍ୟଶ୍ୟାମଳା ଏବଂ ଜନାକୀର୍ଣ୍ଣ । ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମ ଜିଲ୍ଲାର ଅଧିକାଂଶ ଅଞ୍ଚଳ ଏହି ସମତଳ ଭୂମିର ଅନ୍ତର୍ଗତ ।

## ପ୍ରଶ୍ନାବଳୀ

**୧. ସମ୍ଭାବ୍ୟ ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍‌ଟିକୁ ବାଛ ।**

(i) ଯେଉଁ ସ୍ଥଳଭାଗର ତିନିପଟରେ ସମୁଦ୍ର ଘେରିରହିଥାଏ ତାହାକୁ କ'ଣ କୁହଯାଏ ?

(କ) ଉପକୂଳ (ଖ) ଦ୍ୱୀପ (ଗ) ଉପଦ୍ୱୀପ (ଘ) ମାଳଭୂମି

(ii) ଗୋଆ ଉପକୂଳକୁ ଲାଗି ଦକ୍ଷିଣରେ ଅବସ୍ଥିତ ସଂକୀର୍ଣ୍ଣ ଉପକୂଳକୁ କ'ଣ କୁହାଯାଏ ?

(କ) କରମଣ୍ଡଳ (ଖ) କନ୍ନଡ଼ (ଗ) ଉତ୍ତର ସରକାର (ଘ) କଙ୍କଣ

(iii) ପୂର୍ବଘାଟ ପର୍ବତମାଳାର ସର୍ବୋଚ୍ଚ ଶୃଙ୍ଗ କେଉଁଟି ?

(କ) ଆନ୍ନାଇମୁଡ଼ି (ଖ) କାଞ୍ଚନଜଙ୍ଘା (ଗ) ଖାସି (ଘ) ଦେଓମାଳୀ

(iv) ଭାରତର ପୂର୍ବ ସୀମା ନିର୍ଦ୍ଧାରଣ କରୁଥିବା ପର୍ବତଗୁଡ଼ିକୁ କ'ଣ କୁହାଯାଏ ?

(କ) ହିମାଚଳ (ଖ) ପୂର୍ବାଚଳ (ଗ) ଅରୁଣାଚଳ (ଘ) ଉତ୍ତରାଞ୍ଚଳ

(v) $K_2$ (ଗଡ଼ଉଇନ ଅଷ୍ଟିନ୍) ଶୃଙ୍ଗ କେଉଁ ପର୍ବତଶ୍ରେଣୀରେ ଅବସ୍ଥିତ ?

(କ) ହିମାଳୟ (ଖ) କାରାକୋରମ (ଗ) ବିନ୍ଧ୍ୟ (ଘ) ସାତପୁରା

୨. **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।**

(i) ଟେକ୍‌ଟୋନିକ ପ୍ଲେଟ୍ କ'ଣ ?

(ii) ବର୍ତ୍ତମାନର କେଉଁ ମହାଦେଶ ଗୁଡ଼ିକ ଗଣ୍ଡୱାନାଲ୍ୟାଣ୍ଡର ଅଂଶ ଥିଲେ ?

(iii) ସିୱାଲିକ୍ କହିଲେ କ'ଣ ବୁଝାଏ ?

(iv) ଉତ୍ତରରୁ ଦକ୍ଷିଣକୁ ହିମାଳୟର ମୁଖ୍ୟ ବିଭାଜନ ଗୁଡ଼ିକର ନାମ ଲେଖ ।

(v) ଆରାବଳୀ ଓ ବିନ୍ଧ୍ୟପର୍ବତଶ୍ରେଣୀ ମଧ୍ୟରେ କେଉଁ ମାଳଭୂମି ଅବସ୍ଥିତ ?

(vi) ଭାରତର କେଉଁ ଦ୍ୱୀପପୁଞ୍ଜ ପ୍ରବାଳକୀଟଗୁଡ଼ିକର ଅବଶିଷ୍ଟାଂଶରୁ ସୃଷ୍ଟ ?

(vii) ଭାରତର ପୁରାତନ ଓ ନବୀନ ପର୍ବତମାଳାର ଗୋଟିଏ ଲେଖାଁଏ ଉଦାହରଣ ଦିଅ ।

୩. **ପାର୍ଥକ୍ୟ ଦର୍ଶାଅ :**

(i) ବିପରୀତମୁଖୀ ଓ ପରସ୍ପରମୁଖୀ ପ୍ଲେଟ

(ii) ପୂର୍ବଘାଟ ପର୍ବତମାଳା ଓ ପଶ୍ଚିମଘାଟ ପର୍ବତମାଳା

(iii) ତ୍ରିକୋଣଭୂମି ଏବଂ ପ୍ଲାବନଭୂମି

୪. ଭାରତର ମୁଖ୍ୟ ଭୂ-ବିଭାଜନଗୁଡ଼ିକର ନାମ ଲେଖ ଏବଂ ଯେକୌଣସି ଗୋଟିଏର ବିଶେଷତ୍ୱ ଓ ଦେଶପାଇଁ ତା'ର ମହତ୍ୱ ସମ୍ବନ୍ଧରେ ଆଲୋଚନା କର ।

୫. ହିମାଳୟ କିପରି ସୃଷ୍ଟି ହେଲା ସେ ସମ୍ବନ୍ଧରେ ଆଲୋଚନା କର ।

୬. **ନିମ୍ନଲିଖିତଗୁଡ଼ିକର ସଂକ୍ଷିପ୍ତ ବର୍ଣ୍ଣନା କର ।**

(i) ଭାରତର ବିଶାଳ ମରୁଭୂମି

(ii) ଭାରତର ଦ୍ୱୀପପୁଞ୍ଜ

(iii) ପୂର୍ବାଚଳ

(iv) ଅଂଶୁପା ହ୍ରଦ

(v) ସିଓ୍ୱାଲିକ୍

(vi) ମହାଦେଶୀୟ ସଂଚଳନବାଦ

୭. ଉତ୍ତର ଭାରତ ସମତଳ ଭୂମି ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।

## ମାନଚିତ୍ର କାର୍ଯ୍ୟ :

**ଭାରତର ଏକ ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତ ଦର୍ଶାଅ ।**

(i) ପର୍ବତମାଳା- କାରାକୋରମ, ଜାସ୍କାର, ପାତକୋଇବମ୍, ଜୟନ୍ତିଆ, ବିନ୍ଧ୍ୟ ଓ ଆରାବଳୀ ପର୍ବତମାଳା, କାଡାମମ୍ ପର୍ବତଶ୍ରେଣୀ ।

(ii) ଶୃଙ୍ଗ- $K_2$, ନଙ୍ଗାପର୍ବତ, ଆନ୍ନାଇମୁଡ଼ି

(iii) ମାଳଭୂମି- ଛୋଟନାଗପୁର, ମାଲଓ୍ୱା

(iv) ଭାରତର ମରୁଭୂମି, ପଶ୍ଚିମଘାଟ, ଲାକ୍ଷାଦ୍ୱୀପ

• • •

# ତୃତୀୟ ପାଠ
# ବିପତ୍ତି ଓ ବିପର୍ଯ୍ୟୟ

## ବିପତ୍ତି (Hazard) କ'ଣ ?

କୌଣସି ମନୁଷ୍ୟକୃତ କିମ୍ବା ପ୍ରାକୃତିକ ବିପଦଶଙ୍କୁଳ ଅବସ୍ଥା ବା ଘଟଣା ଯାହାଦ୍ୱାରା ଧନଜୀବନହାନି, ଜୀବିକାର୍ଜନରେ ବାଧା, ଆହତ ହେବା ଏବଂ ପରିବେଶ ନଷ୍ଟ ହେବାର ଆଶଙ୍କା ଥାଏ, ତାହାକୁ ବିପତ୍ତି କୁହାଯାଏ । ବିପତ୍ତି ଭୂମିକମ୍ପ, ଜ୍ୱାଳାମୁଖୀ ଉଦ୍‌ଗୀରଣ, ବାତ୍ୟା, ସୁନାମିପରି ସଂପୂର୍ଣ୍ଣ ଭାବେ ପ୍ରାକୃତିକ ଘଟଣା ଏବଂ ଭୂସ୍ଖଳନ, ମରୁଡ଼ି, ବନ୍ୟା, ଅଗ୍ନିକାଣ୍ଡ, ସନ୍ତ୍ରାସବାଦ ଆଦି ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ ଘଟଣା ହୋଇପାରେ । ଉଦାହରଣ ସ୍ୱରୂପ ବନ୍ୟାର ପ୍ରକୋପ ଭୂସ୍ଖଳନଦ୍ୱାରା ତୀବ୍ର ହୋଇପାରେ । ଭୂଗର୍ଭଜଳ ଅତ୍ୟଧିକ ନିଷ୍କାସନ ଯୋଗୁଁ ମରୁଡ଼ି ପଡ଼ିପାରେ ଏବଂ ଜୁଆରିଆ ଅରଣ୍ୟ କ୍ଷୟ ଦ୍ୱାରା ବାତ୍ୟାର ପ୍ରକୋପ ବଢ଼ିପାରେ । ମାତ୍ର ମନୁଷ୍ୟକୃତ ବିପତ୍ତି ସାଧାରଣତଃ ଶିଳ୍ପ, କାରଖାନା ସହିତ ସଂପୃକ୍ତ ହୋଇଥାଏ ଏବଂ ଏହାଦ୍ୱାରା ବିସ୍ଫୋରଣ, ବିଷାକ୍ତ ପଦାର୍ଥ ନିର୍ଗମନ, ନଦୀବନ୍ଧ ଧ୍ୱଂସସାଧନ, ଯୁଦ୍ଧ ଏବଂ ବେସାମରିକ ସଂଘର୍ଷ ଆଦି ଏହି ଶ୍ରେଣୀଭୁକ୍ତ ।

ଗୋଟିଏ ଗୋଷ୍ଠୀ ଏକ ସଙ୍ଗେ ମଧ୍ୟ ଅନେକଗୁଡ଼ିଏ ବିପତ୍ତିର ସମ୍ମୁଖୀନ ହୋଇପାରେ ଯେମିତି ଭୂମିକମ୍ପ ଦ୍ୱାରା ଭୂସ୍ଖଳନ ହୋଇ ନଦୀ ପ୍ରବାହରେ ବାଧାସୃଷ୍ଟି କଲେ ସେଠାରେ ପ୍ରବଳ ବନ୍ୟା ଆସିପାରେ ।

## ବିପର୍ଯ୍ୟୟ କ'ଣ (Disaster or Calamity)

ଯେଉଁସବୁ ମନୁଷ୍ୟକୃତ ବା ପ୍ରାକୃତିକ ଘଟଣାଯୋଗୁଁ କୌଣସି ଅଞ୍ଚଳରେ ବ୍ୟାପକ ମୃତାହତ ଓ ଧନସମ୍ପତ୍ତି ହାନି ହେବା ସଙ୍ଗେ ସଙ୍ଗେ ଲୋକମାନଙ୍କର ଜୀବିକାର୍ଜନ କ୍ଷେତ୍ରରେ ବାଧାସୃଷ୍ଟି, ବାସଗୃହ ଓ ରାସ୍ତାଘାଟ ଧ୍ୱଂସ ହୋଇ ସମାଜର ପ୍ରଭୂତ କ୍ଷତି ସାଧନ ହୁଏ ତାହାକୁ ବିପର୍ଯ୍ୟୟ କୁହାଯାଏ ।

- ବିପର୍ଯ୍ୟୟ ଦ୍ୱାରା ସମାଜର ସ୍ୱାଭାବିକ ଜୀବନଯାତ୍ରା ବାଧାପ୍ରାପ୍ତ ହୁଏ ଏବଂ ଅନେକ ଲୋକ କ୍ଷତିଗ୍ରସ୍ତ ହୁଅନ୍ତି । ଏହାଦ୍ୱାରା ବ୍ୟାପକ ଧନଜୀବନ ହାନି ଘଟେ ।
- ବିପର୍ଯ୍ୟୟ ପ୍ରପୀଡ଼ିତ ଗୋଷ୍ଠୀ କ୍ଷୟକ୍ଷତିର ଭରଣାପାଇଁ ବାହ୍ୟ ସାହାଯ୍ୟ ଉପରେ ନିର୍ଭର କରିଥାନ୍ତି ।

ବିପତ୍ତି ଓ ବିପର୍ଯ୍ୟୟ ପ୍ରାୟ ସମାନ ଅର୍ଥ ପ୍ରକାଶ କରିଥାନ୍ତି । ମାତ୍ର ବିପତ୍ତି ପ୍ରଭୂତ କ୍ଷତିକାରକ ଓ ଧ୍ୱଂସକାରୀ ହେଲେ ତାହାକୁ ବିପର୍ଯ୍ୟୟ କୁହାଯାଏ । ମନୁଷ୍ୟ ଆୟତ୍ତ ବାହାରେ ପ୍ରକୃତିଦ୍ୱାରା ଏସବୁ ଘଟୁଥିବାରୁ ଏଗୁଡ଼ିକୁ ପ୍ରାକୃତିକ ବିପତ୍ତି ବା ବିପର୍ଯ୍ୟୟ କୁହାଯାଏ । ବିପତ୍ତି, ବିପଦର ଆଶଙ୍କା ସୃଷ୍ଟି କରେ ମାତ୍ର ବିପର୍ଯ୍ୟୟ ତଜ୍ଜନିତ ଧ୍ୱଂସାତ୍ମକ କାର୍ଯ୍ୟର ଫଳସ୍ୱରୂପ ଘଟିଥାଏ ।

ପ୍ରାକୃତିକ ବିପର୍ଯ୍ୟୟ ବ୍ୟତୀତ କେତେକ ମନୁଷ୍ୟକୃତ ବିପର୍ଯ୍ୟୟ ମଧ୍ୟ ଘଟିଥାଏ । କୌଣସି ବିବେକହୀନ ବ୍ୟକ୍ତି, ଉଦ୍ଧତ ଜନତା ବା ସଂଗଠନ ବା କୁଶାସକର ଅବିଚାର ଓ ଅସାବଧାନ କାର୍ଯ୍ୟଫଳରେ ଘଟୁଥିବା ଦୁର୍ଘଟଣା, ଅଗ୍ନିକାଣ୍ଡ, ଆତଙ୍କବାଦ, ଆଣବିକ ବିସ୍ଫୋରଣ, ଜୈବ ଅସ୍ତ୍ରଶସ୍ତ୍ରର ପ୍ରୟୋଗ ପରିବେଶ ପ୍ରଦୂଷଣ ଆଦି ମନୁଷ୍ୟକୃତ ବିପତ୍ତି ବା ବିପର୍ଯ୍ୟୟ ରୂପେ ବିବେଚିତ ହୁଏ ।

## ସୁଭେଦ୍ୟତା କ'ଣ ? (vulnerability)

ଦାରିଦ୍ର୍ୟ, ସୂଚନାର ଅଭାବ, ନିମ୍ନ ଜୀବନଧାରଣ ମାନ, ଅପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା, ଅପର୍ଯ୍ୟାପ୍ତ ପ୍ରାକ୍ ସାବଧାନତା ଆଦି ବିପତ୍ତିର ଉତ୍କଟତା ଗୋଷ୍ଠୀ ଉପରେ କେତେଦୂର କୁପ୍ରଭାବ ପକାଇପାରେ ତାହାକୁ ସେ ଗୋଷ୍ଠୀର ଅତି ସୁଭେଦ୍ୟତା (vulnerability) କୁହାଯାଏ ।

ସମାଜରେ ଉପରୋକ୍ତ ଅବସ୍ଥା ବିପର୍ଯ୍ୟୟର ଭୟାବହତାକୁ ବହୁଗୁଣିତ କରିଥାଏ ଏବଂ ଘଟଣାଟି ଘଟିବାର ବହୁଦିନପରେ ମଧ୍ୟ ଲୋକେ ସ୍ୱାଭାବିକ ଅବସ୍ଥାକୁ ଫେରିପାରନ୍ତି ନାହିଁ । ଜଣେ ଝାଟିମାଟି କାନ୍ଥ ଓ ନଡ଼ାଛପର ଘରେ ରହୁଥିବା ବ୍ୟକ୍ତି ବାତ୍ୟାଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହେବାର

ସମ୍ଭାବନା ଥାଏ କାରଣ ବାତ୍ୟାରେ କାନ୍ଥ ପଡ଼ିଯାଇପାରେ ଓ ଛପର ଉଡିଯାଇପାରେ ମାତ୍ର ଭୂମିକମ୍ପ ସମୟରେ ସେଭଳି ବ୍ୟକ୍ତି ଗୋଟିଏ ଇଟାକାନ୍ଥ ଓ ଛାତପଡ଼ିଥିବା ଘରେ ରହୁଥିବା ବ୍ୟକ୍ତିଠାରୁ କମ୍ କ୍ଷତିଗ୍ରସ୍ତ ହୋଇଥାଏ । କାରଣ ଇଟାଘର ଭୂକମ୍ପରୋଧକ ହୋଇନଥିଲେ କାନ୍ଥପଡ଼ି ବ୍ୟକ୍ତି ଖଣ୍ଡିଆ ଖାବରା ହୋଇପାରେ ବା ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ଅଧିକ ଥାଏ । ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ପଛୁଆବର୍ଗ ଲୋକେ ବିପର୍ଯ୍ୟୟ ଦ୍ୱାରା ଅଧିକ ପ୍ରଭାବିତ ହୋଇଥାନ୍ତି । ବନ୍ୟାପ୍ରବଣ ଅଞ୍ଚଳରେ ଲୋକେ ତଳିଆ ଅଞ୍ଚଳରେ ବାସ କରନ୍ତି । ସେମାନଙ୍କର ପକ୍କା ଘର ନଥାଏ । ନିରାପଦ ଆଶ୍ରୟସ୍ଥଳୀ, ଜାଗରୁକତା ଓ ଶିକ୍ଷା, ତାଲିମର ସୁଯୋଗ ଭଳି ସୁବିଧାରୁ ବଞ୍ଚିତ ଥାଆନ୍ତି । ସେମାନଙ୍କର ନିଜର ସମ୍ବଳ ମଧ୍ୟ ଅତି ସୀମିତ; ଯଦ୍ଦ୍ୱାରା ସେମାନେ ବିପର୍ଯ୍ୟୟର ମୁକାବିଲା କରିବାପାଇଁ ସମର୍ଥ ହୁଅନ୍ତି ନାହିଁ ।

କେତେକ ଗୋଷ୍ଠୀରେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କ ଉପରେ ଅଧିକ ପ୍ରଭାବ ପଡ଼େ । ଖାସ୍ କରି




ମାନଚିତ୍ର : 1:8

ଗର୍ଭବତୀ ଓ ସ୍ତନ୍ୟପାନକରାଉଥିବା ମହିଳା । ସେହିଭଳି ଆପାତକାଳରେ ବୃଦ୍ଧ ଏବଂ ପିଲାମାନେ ସୁଭେଦ୍ୟ ହୋଇପଡ଼ନ୍ତି; ସେମାନେ ସୁରକ୍ଷାପାଇଁ ପ୍ରକାରାନ୍ତରେ ଅନ୍ୟମାନଙ୍କ ଉପରେ ନିର୍ଭର ରହନ୍ତି । ବିକଳାଙ୍ଗମାନେ ବିପର୍ଯ୍ୟୟ ସମୟରେ ଅଧିକ ଯତ୍ନ ଆବଶ୍ୟକ କରିଥାନ୍ତି ।

ଦାରିଦ୍ର୍ୟ, ଜନସଂଖ୍ୟା ବୃଦ୍ଧି, ସହରୀକରଣ ଆଦି ପରିସ୍ଥିତି ମନୁଷ୍ୟଙ୍କୁ ବିପଦପୂର୍ଣ୍ଣ ଓ ବିପତ୍ତିପ୍ରବଣ ସ୍ଥାନରେ ବସବାସ କରିବାକୁ ବାଧ କରେ । ଅସୁରକ୍ଷିତ ଅଞ୍ଚଳରେ ଅବାଧ ବସତିସ୍ଥାପନ ଗୋଷ୍ଠୀକୁ ବିପତ୍ତି ଆଡ଼କୁ ଟାଣିନିଏ । ଆମେ ଜାଣିଛେ ଯେ, ପାର୍ବତ୍ୟାଞ୍ଚଳ, ଭୂମିକମ୍ପ ଓ ଭୂସ୍ଖଳନ ପ୍ରବଣ । ଭୂକମ୍ପ କିମ୍ବା ଭୂସ୍ଖଳନ ହେଲେ ପାହାଡ଼ର ଉପରଢାଲୁରେ ଥିବା ଗୃହଗୁଡ଼ିକ ତା'ର ତଳଢାଲୁରେ ଥିବା ଲୋକମାନଙ୍କୁ ନିଶ୍ଚୟ କ୍ଷତି ପହଞ୍ଚାଇବ ଏଥିରେ ସନ୍ଦେହ ନାହିଁ ।

ବିପତ୍ତି ଓ ସୁଭେଦ୍ୟତା ଯେକୌଣସି ଅଞ୍ଚଳରେ ବିପର୍ଯ୍ୟୟର ଆଶଙ୍କା ସୃଷ୍ଟି କରେ । ସୁଭେଦ୍ୟତା ଗୋଷ୍ଠୀର ଦୁର୍ବଳତାକୁ ପରିପ୍ରକାଶ କରୁଥିବାବେଳେ ବିପତ୍ତି, ବିପର୍ଯ୍ୟୟକୁ ତ୍ୱରାନ୍ୱିତ କରେ ।

## ଶଙ୍କା (Risk) କ'ଣ ?

ଶଙ୍କା, ବିପତ୍ତି ଓ ବିପର୍ଯ୍ୟୟ ଦ୍ୱାରା ସମ୍ଭାବିତ କ୍ଷୟକ୍ଷତିର ମାପ (ପରିମାଣ)କୁ ବୁଝାଏ । ସୁଭେଦ୍ୟତା ଓ ଅଧିକ ବିପତ୍ତି ଆଶଙ୍କାକୁ ବଢ଼ାଇଦିଏ । ଯଦି ସୁଭେଦ୍ୟତା କମ୍ ଓ ବିପତ୍ତିର ଭୟାବହତା କମ୍ ତେବେ ଶଙ୍କା ମଧ୍ୟ କମ୍ । ଗୋଷ୍ଠୀର ମୁକାବିଲା କରିବାର ଶକ୍ତି ଉପରେ ବିପତ୍ତିର ତିବ୍ରତା ନିର୍ଭର କରେ । ବିପତ୍ତି ବା ବିପର୍ଯ୍ୟୟର ଉପଯୁକ୍ତ ପରିଚାଳନା କରି ତା'ର ପ୍ରଭାବ ହ୍ରାସ କରିବା ଗୋଷ୍ଠୀର ଦକ୍ଷତା ଉପରେ ନିର୍ଭର କରେ ।

ତେଣୁ ଶଙ୍କାକୁ ନିମ୍ନୋକ୍ତ ସମୀକରଣ ଦ୍ୱାରା ବ୍ୟକ୍ତ କରାଯାଇପାରେ ।

$$\text{ଶଙ୍କା} = \frac{\text{ବିପତ୍ତି} \times \text{ସୁଭେଦ୍ୟତା}}{\text{ଗୋଷ୍ଠୀର ମୁକାବିଲା କରିବାର ଦକ୍ଷତା}}$$

**ତୁମେ ଜାଣିଛକି ?**

***ଭାରତର ସମୁଦାୟ ଭୂ-ଭାଗର ଶତକଡ଼ା ୬୦ ଭାଗରୁ ଅଧିକ ଅଞ୍ଚଳ ଭୂମିକମ୍ପ ପ୍ରବଣ । ୧୨ ଭାଗ ଅଞ୍ଚଳ ବନ୍ୟାଗ୍ରସ୍ତ, ୮ଭାଗ ଅଞ୍ଚଳ ବାତ୍ୟାପ୍ରବଣ ଏବଂ ସମୁଦାୟ ଚାଷ ହେଉଥିବା ଅଞ୍ଚଳର ଶତକଡ଼ା ୭୦ ଭାଗ ମରୁଡ଼ି ପ୍ରବଣ ।***

## ପରିଚାଳନା (Management) :

ଭୂମିକମ୍ପ, ଆଗ୍ନେୟ ଉଦ୍‌ଗୀରଣ ଓ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟ ଗୁଡ଼ିକର ସୁପରିଚାଳନା କରି ସେଗୁଡ଼ିକର ଭୟାବହତାକୁ କିପରି ପ୍ରଶମନ କରାଯାଇପାରିବ ଆସ ସେ ବିଷୟରେ ଜାଣିବା । ସଚେତନତା ସୃଷ୍ଟିକରିବା, ବିପର୍ଯ୍ୟୟ ଆସିଲେ ସେଥିରୁ ସୁରକ୍ଷା ପାଇଁ ଆବଶ୍ୟକ ପଦ୍ଧତି ଜାଣିବା, ଦକ୍ଷତା ବୃଦ୍ଧି କରିବା, ପୂର୍ବ ସତର୍କତା ଅବଲମ୍ବନ କରିବା, ବିଦ୍ଧିବଦ୍ଧ ଯୋଜନା କରିବା ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରିବା ଆଦିର ଆବଶ୍ୟକତା ରହିଛି ।

**ଭୂମିକମ୍ପ :** ଭୂମିକମ୍ପ ଏକ ଆକସ୍ମିକ ଘଟଣା । ଏହା ବର୍ଷର ଯେକୌଣସି ସମୟରେ ଦିନ ହେଉ ବା ରାତି, ପୂର୍ବସୂଚନା ନଥାଇ ହଠାତ୍ ସଂଘଟିତ ହୁଏ । ବହୁ ଗବେଷଣା ପରେ ମଧ୍ୟ ଏ ପର୍ଯ୍ୟନ୍ତ ଭୂମିକମ୍ପର ପୂର୍ବାନୁମାନ କରାଯାଇପାରିନାହିଁ ।

ପୃଥିବୀପୃଷ୍ଠ ହଠାତ୍ କିଛି ସେକେଣ୍ଡ ପାଇଁ ଥରି ଉଠିବାକୁ ଭୂମିକମ୍ପ କୁହାଯାଏ । ଭୂପୃଷ୍ଠର ଅଭ୍ୟନ୍ତରରେ ଥିବା ଶିଳାସ୍ତରଗୁଡ଼ିକରେ ଫାଟ ସୃଷ୍ଟି ହେଲେ ସେଥିରେ ଥିବା ପୁଞ୍ଜିଭୂତ ଚାପ ହଠାତ୍ ବିମୋଚିତ ହୁଏ । ଏହାଦ୍ୱାରା ଶିଳାସ୍ତର ଆଗକୁ, ପଛକୁ, ଉପରକୁ କିମ୍ବା ତଳକୁ ଗତିକରେ । ଫଳରେ ଶିଳାସ୍ତରରେ କମ୍ପନ ସୃଷ୍ଟି ହୁଏ ଓ ପୃଥିବୀ ଥରିଉଠେ । ଆଗ୍ନେୟଗିରି ଉଦ୍‌ଗୀରଣ, ଶିଳାସ୍ତରରେ ଫାଟ ଓ ପରସ୍ପର ମଧ୍ୟରେ ଘର୍ଷଣ ଏବଂ ପ୍ଲେଟ ସଂଚଳନ ଦ୍ୱାରା ଭୂମିକମ୍ପ ହୋଇଥାଏ ।

ଭାରତର ସବୁଅଞ୍ଚଳ ସମାନ ଭାବରେ ଭୂମିକମ୍ପ ପ୍ରବଣ ନୁହଁନ୍ତି । ହିମାଳୟ ପାର୍ବତ୍ୟାଞ୍ଚଳ, ଉତ୍ତରାଖଣ୍ଡ, ଅରୁଣାଚଳ ପ୍ରଦେଶ, ନାଗାଲ୍ୟାଣ୍ଡ, ତ୍ରିପୁରା, ମଣିପୁର,

ମିଜୋରାମ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଜାମ୍ମୁ ଓ କାଶ୍ମୀର, ବିହାରର ଉତ୍ତରାଞ୍ଚଳରେ ଭୂମିକମ୍ପ ହେବାର ସମ୍ଭାବନା ଅଧିକ । ଭାରତର ଦକ୍ଷିଣଭାଗ ଭୂମିକମ୍ପ ପ୍ରବଣ ନୁହେଁ ବୋଲି ଅନୁମାନ କରାଯାଉଥିଲା ମାତ୍ର ଗତ କେତେବର୍ଷ ମଧ୍ୟରେ ଏଠାରେ ମଧ୍ୟ ଭୟଙ୍କର ଭୂମିକମ୍ପ ହେବାର ଦେଖାଯାଇଛି ।

**ତୁମ ପାଇଁ କାମ-**

***ଭାରତରେ ଉପଦ୍ୱୀପୀୟ ମାଳଭୂମିରେ ନିକଟ ଅତୀତରେ ହୋଇଥିବା କେତେଗୁଡ଼ିଏ ଭୂମିକମ୍ପ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କର ।***

ଭାରତ ସରକାରଙ୍କର ସର୍ଭେ ରିପୋର୍ଟ ଅନୁସାରେ ଓଡ଼ିଶା ସେସମିକ ଜୋନ୍ ଦୁଇ ଓ ତିନି ମଧ୍ୟରେ ଆସୁଛି । ଏଠାରେ ଭୂମିକମ୍ପ ହେଲେ ସେମିତି ବଡ଼ଧରଣର କ୍ଷୟକ୍ଷତି ହେବାର ସମ୍ଭାବନା କମ୍ ।

**ତୁମେ ଜାଣିଛ କି ?**

***ରିକ୍ଟର ସ୍କେଲରେ ଯେଉଁଠାରେ ଯେତେ ତୀବ୍ରତାର (୧ରୁ ୧୦) ଭୂମିକମ୍ପ ହେବାର ସମ୍ଭାବନା ଥାଏ ତାହାକୁ ସେତିକି ସେସମିକ୍ ଜୋନ୍‌ରେ ରଖାଯାଏ । ରିକ୍ଟର ସ୍କେଲ (Richter Scale) ଦ୍ୱାରା ଭୂକମ୍ପର ତୀବ୍ରତା ମପାଯାଏ ।***

ଯେଉଁ ଅଞ୍ଚଳଗୁଡ଼ିକ ଭୂକମ୍ପ ପ୍ରବଣ ସେଠାରେ ସାଧାରଣତଃ ଭୂମିକମ୍ପ ବାରମ୍ବାର ହେବାର ଦେଖାଯାଏ । ଭୂକମ୍ପ ଜନିତ କ୍ଷୟକ୍ଷତି ହ୍ରାସ କରିବାପାଇଁ କେତେକ ସତର୍କମୂଳକ ପଦକ୍ଷେପ ନେବା ଆବଶ୍ୟକ । ସେଗୁଡ଼ିକ ହେଲା-

- ଭୂମିକମ୍ପ ହେବା ସମୟରେ କୌଣସି କୋଠାଘର ନିକଟରେ ଛିଡ଼ାହୋଇ ରହିବା ଉଚିତ ନୁହେଁ ।
- ଯଦି ଘର ଭିତରେ ଥାଆନ୍ତି, ତେବେ ଯେତେଶୀଘ୍ର ଖୋଲାସ୍ଥାନକୁ ପଳାଇଯିବାକୁ ଚେଷ୍ଟା କରିବା ଉଚିତ । ଯଦି ଏହା ସମ୍ଭବ ନହୁଏ, ତେବେ ଘର ଦୁଆର ବନ୍ଧ ଉପରେ ଛିଡ଼ା ହୋଇ ରହିବା କିମ୍ବା କୌଣସି ମଜବୁତ୍ ଟେବୁଲ, ଡେସ୍କ କିମ୍ବା ଖଟ ତଳେ ଆଶ୍ରୟ ନେବା ଶ୍ରେୟସ୍କର ।
- ଘରର ସମସ୍ତ ସୁଇଚ୍, ପାଣି ପାଇପ୍ ଏବଂ ଗ୍ୟାସ ସିଲିଣ୍ଡର ବନ୍ଦ କରିଦେବା ଉଚିତ ।

ଏତଦ୍ ବ୍ୟତୀତ ଭୂମିକମ୍ପ ପ୍ରବଣ ଅଞ୍ଚଳରେ ଭୂମିକମ୍ପ ପରେ ପରେ ଅଗ୍ନିକାଣ୍ଡ, ବନ୍ୟା ଏବଂ ଭୂସ୍ଖଳନ ଆଦିରୁ ରକ୍ଷା ପାଇବା ପାଇଁ ସୀମିତ ନିର୍ମାଣ କାର୍ଯ୍ୟ ଓ ଏଥିରେ କଟକଣା ରହିବା ଆବଶ୍ୟକ । ଗୃହ, ପୋଲ, ନଦୀବନ୍ଧ ଆଦି ଅତ୍ୟାଧୁନିକ ଭୂମିକମ୍ପରୋଧକ ପଦ୍ଧତିରେ ନିର୍ମାଣ କରିବା ଜରୁରୀ ।



ଚିତ୍ର : 3 ଭୂମିକମ୍ପର ପ୍ରଭାବ

## ଆଗ୍ନେୟ ଉଦ୍‌ଗୀରଣ :

ଭୂପୃଷ୍ଠ ଉପରିସ୍ଥ ଫାଟ କିମ୍ବା ଗର୍ତ୍ତଦେଇ ପୃଥିବୀର ଅଭ୍ୟନ୍ତରରୁ ଉତ୍ତପ୍ତ ତରଳ ଶିଳା ବା ମାଗ୍ମା ଓ କେତେକ ବିଷାକ୍ତ ଗ୍ୟାସ ଉଦ୍‌ଗୀରଣକୁ ଆଗ୍ନେୟ ଉଦ୍‌ଗୀରଣ ବା ଜ୍ୱାଳାମୁଖୀ ଉଦ୍‌ଗୀରଣ କୁହାଯାଏ । ମାଗ୍ମା ଉପରକୁ ଆସିଲେ ତାକୁ ଲାଭା କୁହାଯାଏ । ଆଗ୍ନେୟ ଉଦ୍‌ଗୀରଣ ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତ ପ୍ରତି ବିପଦ ସୃଷ୍ଟି କରିଥାଏ । ଆଗ୍ନେୟ ଉଦ୍‌ଗୀରଣ ସମୟରେ ବାୟୁମଣ୍ଡଳରେ ଧୂଆଁ, ପାଉଁଶ ଓ ବିଷାକ୍ତ ବାଷ୍ପର ଉପସ୍ଥିତି ଯୋଗୁ କେତେକ ନିମ୍ନଲିଖିତ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥାଏ ।

- ଦୃଶ୍ୟତା ହ୍ରାସ ପାଇବା ଦ୍ୱାରା ରେଳ, ସଡ଼କ ଓ ବିମାନ ପରିବହନ ବିପଦପୂର୍ଣ୍ଣ ହୋଇଥାଏ ।
- ଗାଡ଼ି ଇଞ୍ଜିନରେ ବାୟୁ ପରିସ୍ରବଣ ନହୋଇପାରି ଇଞ୍ଜିନ ବନ୍ଦ ହୋଇଯାଏ ।
- ନଦୀ ଓ କେନାଲରେ ଜଳପ୍ରବାହ ଅବରୋଧ ହେବା ଫଳରେ ବନ୍ୟା ସୃଷ୍ଟି ହୁଏ ।

- ରେଳପଥ ଓ ଜଳଯୋଗାଣ ପ୍ରଭାବିତ ହୁଏ ।
- ଶ୍ୱାସରୋଗ, ଚକ୍ଷୁପ୍ରବାହ ବୃଦ୍ଧିପାଏ ଏବଂ ଶ୍ୱାସରୋଗୀମାନଙ୍କର ଶ୍ୱାସକ୍ରୀୟାରେ ବାଧା ଉପୁଜିଥାଏ ।

**ପରିଚାଳନାଗତ ପ୍ରତିଷେଧକ ବ୍ୟବସ୍ଥା :**

- ପାଣିପାଗ ପର୍ଯ୍ୟବେକ୍ଷଣ ସହ ବିଶେଷ କରି ପବନ ବହିବାର ଦିଗ ପର୍ଯ୍ୟାଲୋଚନା କରିବା ନିହାତି ଜରୁରୀ । ତରଳଲାଭାର ଗତି ଏତେ ଦ୍ରୁତ ହୋଇଥାଏ ଯେ, ଜଣେ ବ୍ୟକ୍ତି ଦୌଡ଼ି ଦୌଡ଼ି ଏଥିରୁ ନିଜକୁ ବଞ୍ଚାଇପାରିବ ନାହିଁ ।
- ପବନ ବହୁଥିବା ଦିଗକୁ ଲୋକ ଓ ଗୃହପାଳିତ ପଶୁମାନଙ୍କୁ ସ୍ଥାନାନ୍ତର (ଅପସାରଣ) କରିବାପାଇଁ ଯୋଜନା ପ୍ରସ୍ତୁତ କରିବା ଜରୁରୀ ।
- ମୁଖା (Mask) ଏବଂ କଳାଚଷମା (goggles) ଆଦି ମହଜୁଦ୍ ଥିବା ଆବଶ୍ୟକ ।
- ଯେଉଁ ସ୍ଥାନକୁ ସ୍ଥାନାନ୍ତରଣ କରାଯାଏ ସେଠାରେ ପ୍ରଚୁର ପେୟଜଳ, ଖାଦ୍ୟ ଏବଂ ଚିକିତ୍ସା ସରଞ୍ଜାମ ମହଜୁଦ୍ କରି ରଖିବା ଆବଶ୍ୟକ । (ଅତିକମ୍‌ରେ ୭୨ଘଣ୍ଟା ପାଇଁ)



ଚିତ୍ର : 4 ଆଗ୍ନେୟଉଦ୍‌ଗୀରଣ

## ସୁନାମି (Tsunami) :

ସୁନାମି ଏକ ଜାପାନୀ ଶବ୍ଦ । ସାଗର ବା ମହାସାଗର ଶଯ୍ୟା ନିମ୍ନସ୍ଥ ଭୂଅଭ୍ୟନ୍ତରରେ ଭୂମିକମ୍ପ ହେଲେ ସୁନାମି ସଂଘଟିତ ହୁଏ । ତେଣୁ ସୁନାମି ଭୂକମ୍ପଜନିତ ସାଗର ତରଙ୍ଗ । ଭୂମିକମ୍ପଦ୍ୱାରା ସବୁଠାରୁ ଭୟଙ୍କର ସୁନାମି ସୃଷ୍ଟି ହୋଇଥାଏ । ଆଗ୍ନେୟ ଉଦ୍‌ଗୀରଣ, ଭୂସ୍ଖଳନ କିମ୍ବା ସାଗର ବକ୍ଷରେ ହଠାତ୍ କୌଣସି ଧୂମକେତୁର ଧକ୍କା ମଧ୍ୟ ସୁନାମି ସୃଷ୍ଟି କରିଥାଏ । ପ୍ରଶାନ୍ତ ମହାସାଗରରେ ଅଧିକାଂଶ ସୁନାମି ସଂଘଟିତ ହୋଇଥାଏ । ଜାପାନ୍, ହାୱାଇ ଦ୍ୱୀପପୁଞ୍ଜ ଏବଂ ଏସିଆ ଓ ଆମେରିକାର ପଶ୍ଚିମ ଉପକୂଳ ଏହାଦ୍ୱାରା ଅଧିକ ପ୍ରଭାବିତ ହୋଇଥାନ୍ତି । ଦୁଇଟି ଭୂମଣ୍ଡଳୀୟ ପ୍ଲେଟର ସଂଘାତ ଫଳରେ ଗୋଟିଏ ଅନ୍ୟଟିର ଉପରକୁ କିମ୍ବା ତଳକୁ ଗତିକଲେ ଭୂମିକମ୍ପ ହୁଏ ଏବଂ ଏହାର ଫଳସ୍ୱରୂପ ପର୍ବତ ପ୍ରମାଣର ଜଳରାଶି ଉପରକୁ ଉତ୍‌ଥିତ ହୋଇଥାଏ । ସମସ୍ତେ ଜାଣନ୍ତି ଯେ, ଯାହା ଉପରକୁ ଯାଏ ତାହା ନିଶ୍ଚୟ ତଳକୁ ଆସିଥାଏ । ଏହା ଜଳକ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ, ଜଳ ତା'ର ଉପରିଭାଗକୁ ସର୍ବଦା ସମତଳ ରଖିବାକୁ ଚେଷ୍ଟା କରେ । ତେଣୁ ଯେଉଁ ଜଳରାଶି ଉପରକୁ ଉଠିଥାଏ ତାହା ନିମ୍ନକୁ ଗତିକଲାବେଳେ ନିମ୍ନସ୍ଥ ଜଳକୁ ବାହାରକୁ ଠେଲିଦିଏ । ଫଳତଃ ମହାସାଗର ଗର୍ଭରେ ଜଳର ତରଙ୍ଗାୟିତ ସଂଚାଳନ ଆରମ୍ଭ ହୁଏ । ଏହାର ବେଗ ଘଣ୍ଟାପ୍ରତି ୮୦୦କି.ମି. ପର୍ଯ୍ୟନ୍ତ ମଧ୍ୟ ହୋଇଥାଏ । ଗଭୀର ଜଳରେ ଜଳ ତରଙ୍ଗର ଦୈର୍ଘ୍ୟ ଅଧିକ ଏବଂ ତରଙ୍ଗ ଉଚ୍ଚତା ଖୁବ୍ କମ୍ ହୁଏ । ଯେତେବେଳେ ଏହି ଜଳରାଶି ଅଗଭୀର ଜଳରାଶିରେ ପ୍ରବେଶ କରେ କିମ୍ବା ଉପକୂଳ ନିକଟରେ ପହଞ୍ଚେ ସେତେବେଳେ ତରଙ୍ଗର ଉଚ୍ଚତା ବୃଦ୍ଧିପାଏ ଏବଂ ସମୟେ ସମୟେ ପ୍ରାୟ ୧୦୦ ଫୁଟ ପର୍ଯ୍ୟନ୍ତ ହୋଇଥାଏ । ଉପକୂଳ ଲଙ୍ଘନ କରି ଯେତେବେଳେ ଏହି ସୁନାମି ଭୂଭାଗଆଡ଼କୁ ମାଡ଼ିଆସେ ସେତେବେଳେ ଏହାର ସମ୍ମୁଖରେ ପଡୁଥିବା କୋଠାବାଡ଼ି, ପୋଲ, ନଦୀବନ୍ଧ, ବିଦ୍ୟୁତ ଓ ଟେଲିଫୋନ ଖୁଣ୍ଟ, ଗାଡ଼ି, ରେଳଗାଡ଼ି, ଉଡାଜାହାଜ, ମନୁଷ୍ୟ ପଶୁ ସମସ୍ତଙ୍କୁ ଭସାଇନିଏ ବା ଭାଙ୍ଗି ଚୁରମାର କରିଦିଏ । ପ୍ରକୃତିର ଏପରି ଭୟଙ୍କର ତାଣ୍ଡବଲୀଳା ମୂହୁର୍ତ୍ତକେ ପୃଥିବୀକୁ ଶ୍ମଶାନରେ ପରିଣତ କରେ ।



ଚିତ୍ର : 5 ସୁନାମି

### କିଛି କରାଯାଇପାରିବକି ?

ଦୁର୍ଭାଗ୍ୟବଶତଃ ସୁନାମିକୁ ରୋକିବାପାଇଁ କିଛି କରାଯାଇପାରିବ ନାହିଁ । ମାତ୍ର ଅଧୁନା ଉପଲବ୍ଧ ଉନ୍ନତ ଜ୍ଞାନ କୌଶଳ ଦ୍ୱାରା ପୃଥିବୀର ପ୍ଲେଟ୍ ଗୁଡ଼ିକର ସଂଚଳନ ଭୂମିକମ୍ପର ସମୟ ଓ ସ୍ଥାନ ଏବଂ ସୁନାମିର ଗତି ଆଦି ପର୍ଯ୍ୟାଲୋଚନା (Monitor) କରାଯାଇପାରିବ । ତେଣୁ ସୁନାମି ଉପକୂଳରେ ପହଞ୍ଚିବାର ସମୟ ଗଣନା କରାଯାଇ ବିପର୍ଯ୍ୟୟ ହେବାର ସମ୍ଭାବ୍ୟ ଅଞ୍ଚଳରେ ସତର୍କ ସୂଚନା ଦିଆଯାଇପାରିବ । ଏହାଦ୍ୱାରା ପ୍ରଭାବିତ ହେବା ଅଞ୍ଚଳର ଅଧିବାସୀ, ପଶୁସଂପଦ ଆଦିକୁ ସୁରକ୍ଷିତ ଓ ନିରାପଦ ସ୍ଥାନକୁ ଅପସାରଣ କରାଯାଇ ଧନଜୀବନ ହାନି ଲାଘବ କରାଯାଇ ପାରିବ । ପ୍ରଶାନ୍ତ ମହାସାଗରରେ ସୁନାମି ବାରମ୍ବାର ଘଟୁଥିବାରୁ ଜାପାନ ଓ ହାୱାଇ ଦ୍ୱୀପପୁଞ୍ଜ ଆଦିରେ ସୁନାମି ସତର୍କ ସୂଚନା ଦେବା ଏବଂ ଅପସାରଣ ପ୍ରକ୍ରିୟାର ସୁବନ୍ଦୋବସ୍ତ ଅଛି । ୨୦୦୪ ମସିହାରେ ଘଟିଥିବା ସୁନାମି ଦ୍ୱାରା ଭାରତର ପୂର୍ବ ଉପକୂଳ ବିଶେଷକରି ତାମିଲନାଡୁର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାୟ ୧୦,୦୦୦ ଲୋକ ଓ ପ୍ରଭୂତ ଧନଜୀବନ ହାନି ଘଟିଥିଲା । ୨୦୧୧ ମସିହାରେ ମାର୍ଚ୍ଚ ୧୨ ତାରିଖରେ ଭୂମିକମ୍ପ ଓ ସୁନାମି ଦ୍ୱାରା ଜାପାନର ପୂର୍ବଉପକୂଳ ଧ୍ୱସ୍ତବିଧ୍ୱସ୍ତ ଓ ସହର ଧ୍ୱଂସ ସ୍ତୂପରେ ପରିଣତ ହୋଇଥିଲା । ଆମ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳ ସୁନାମି ଦ୍ୱାରା କ୍ଷତିଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ଅଛି ।

## ପ୍ରଶ୍ନାବଳୀ

୧. (i) ବିପତ୍ତି କାହାକୁ କୁହାଯାଏ ? କେତେଗୁଡ଼ିଏ ମନୁଷ୍ୟକୃତ ବିପତ୍ତିର ଉଦାହରଣ ଦିଅ ।

(ii) ସୁଭେଦ୍ୟତା କହିଲେ କ'ଣ କୁହାଯାଏ ? ସମାଜର କେଉଁ ବର୍ଗରଲୋକେ ସାଧାରଣତଃ ବିପର୍ଯ୍ୟୟ ପ୍ରତି ଅତି ସୁଭେଦ୍ୟ ହୋଇଥାନ୍ତି ।

(iii) ଭୂମିକମ୍ପ କ'ଣ ? ଭୂମିକମ୍ପ ସମୟରେ କି ପ୍ରକାର ସାବଧାନତା ରକ୍ଷା କରିବା ଉଚିତ ?

(iv) ସୁନାମି କ'ଣ ? ଏହା କିପରି ସଂଗଠିତ ହୋଇଥାଏ ?

୨. ବିପର୍ଯ୍ୟୟ ଓ ବିପତ୍ତି ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୩. ଆଗ୍ନେୟ ଉଦ୍‌ଗୀରଣ ସମୟରେ କିପ୍ରକାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯିବା ଜରୁରୀ ?

୪. ତୁମ ପାଇଁ କାମ :

(i) ତୁମ ଅଞ୍ଚଳରେ ସମ୍ଭାବ୍ୟ ବିପର୍ଯ୍ୟୟରେ କ'ଣ କ୍ଷତି ହେବାର ସମ୍ଭାବନା ଅଛି ଲେଖ ।

(i) ଓଡ଼ିଶାରେ ସୁଭେଦ୍ୟ ଅଞ୍ଚଳଗୁଡ଼ିକୁ ଏକ ମାନଚିତ୍ରରେ ଦର୍ଶାଅ ।

(i) ଏକ ଭୂମିକମ୍ପ ପ୍ରବଣ ଅଞ୍ଚଳରେ କେଉଁ ପ୍ରକାରର ଗୃହ ନିର୍ମାଣ ହେବ ଚିତ୍ର ସାହାଯ୍ୟରେ ଦର୍ଶାଅ ।

(i) 'ସୁନାମି' ସତର୍କତା ବ୍ୟବସ୍ଥା ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ କିପରି ଦରକାର ?

●●●

## ଦ୍ୱିତୀୟ ଅଧ୍ୟାୟ

# ଭାରତର ନଦୀ

ଭାରତର ମୁଖ୍ୟନଦୀ ମାନଚିତ୍ରକୁ ଲକ୍ଷ୍ୟ କର । ତୁମେ ଦେଖିବାକୁ ପାଇବ ଯେ, ଛୋଟ ଛୋଟ ନଦୀଗୁଡ଼ିକ ବିଭିନ୍ନ ଦିଗରୁ ବହିଆସି ମୁଖ୍ୟନଦୀ ସହ ମିଳିତ ହୋଇଛନ୍ତି । ଏହି ମୁଖ୍ୟନଦୀଟି ଶେଷରେ କୌଣସି ହ୍ରଦ କିମ୍ବା ସମୁଦ୍ରରେ ପଡ଼ିଅଛି । ଯେଉଁ ଅଞ୍ଚଳ ଗୋଟିଏ ମୁଖ୍ୟନଦୀ ଓ ତା'ର ସମସ୍ତ ଉପନଦୀଗୁଡ଼ିକୁ ଜଳ ଯୋଗାଇଥାଏ ତାହାକୁ ନଦୀର ଅବବାହିକା କୁହାଯାଏ ।

**ତୁମେ ଜାଣିଛ କି ?**

*ଯେଉଁ ନଦୀଗୁଡ଼ିକ ମୁଖ୍ୟନଦୀକୁ ଜଳଯୋଗାଇଥାନ୍ତି ସେଗୁଡ଼ିକୁ ଉପନଦୀ (Tributary river) କୁହାଯାଏ ।*

ନିରୀକ୍ଷଣ କଲେ ଜଣାଯାଏ ଯେ ପାହାଡ଼ ପର୍ବତ କିମ୍ବା କୌଣସି ଏକ ଉଚ୍ଚଭୂମି ଦୁଇଟି ଅବବାହିକା ଅଞ୍ଚଳକୁ ପୃଥକ୍ କରୁଅଛି । ଏହି ଉଚ୍ଚଭୂମିକୁ ଜଳବିଭାଜିକା (Water Divide) କୁହାଯାଏ । ପଶ୍ଚିମଘାଟ ପର୍ବତମାଳା, ହିମାଳୟ ପର୍ବତଶ୍ରେଣୀ ଗୋଟିଏ ଗୋଟିଏ ଜଳବିଭାଜିକା ।




ଚିତ୍ର:ଜଳବିଭାଜିକା

ଚିତ୍ର : 6

**ତୁମେ ଜାଣିଛ କି ?**

*ଇଜପଟ୍‌ରେ ପ୍ରବାହିତ ନୀଳନଦୀର ଅବବାହିକା ଅଞ୍ଚଳ ପୃଥିବୀର ବୃହତ୍ତମ ।*

**ତୁମପାଇଁ କାମ-**

*ଭାରତରେ କେଉଁନଦୀର ଅବବାହିକା ଅଞ୍ଚଳ ସବୁଠାରୁ ବଡ଼ ତାହା ବାହାର କରି ଲେଖ ।*

ଭାରତ ଏକ ନଦୀମାତୃକା ଦେଶ । ଏହାର ଭୌତିକ ଲକ୍ଷଣ ପ୍ରବାହିତ ନଦୀବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଅଛି । ତଦନୁଯାୟୀ ଭାରତର ନଦୀଗୁଡ଼ିକୁ ଦୁଇଭାଗରେ କରାଯାଇଛି; ଯଥା : ହିମାଳୟରୁ ବାହାରିଥିବା ନଦୀ ଓ ଉପଦ୍ୱୀପିୟ ନଦୀ ।

କେବଳ ଦୁଇଟି ଭିନ୍ନଭିନ୍ନ ଉତ୍ପତ୍ତିସ୍ଥଳ ବ୍ୟତୀତ ନଦୀଗୁଡ଼ିକ ମଧ୍ୟରେ ଅନେକ ପାର୍ଥକ୍ୟ ରହିଅଛି । ହିମାଳୟରୁ ବାହାରିଥିବା ଅଧିକାଂଶ ନଦୀ ଚିରସ୍ରୋତା ଅର୍ଥାତ୍ ବର୍ଷସାରା ନଦୀରେ ଜଳପ୍ରବାହିତ ହେଉଥାଏ । ବୃଷ୍ଟିପାତ ବ୍ୟତୀତ ଏହି ନଦୀଗୁଡ଼ିକ ସୁଉଚ୍ଚ ହିମାଳୟ ପର୍ବତ ଉପରିସ୍ଥ ବରଫ ତରଳିବା ଯୋଗୁଁ ଗ୍ରୀଷ୍ମକାଳରେ ଏହି ନଦୀଗଡ଼ିକରେ ମଧ୍ୟ ଜଳପ୍ରବାହରେ ବିଶେଷଭାବେ ହ୍ରାସ ହୁଏ ନାହିଁ । ତେଣୁ ଏଗୁଡ଼ିକ ସୁନାବ୍ୟା ।

ହିମାଳୟ ଅସାଧାରଣ ଉଚ୍ଚତା ବିଶିଷ୍ଟ ହେଲେ ମଧ୍ୟ ସଂପୂର୍ଣ୍ଣ ରୂପେ ଜଳ ବିଭାଜକ ନୁହେଁ । ମାନଚିତ୍ର ଦେଖିଲେ

ଜଣାଯିବ ଯେ, ତିନିଗୋଟି ବଡ଼ନଦୀ ହିମାଳୟର ଅପରପାର୍ଶ୍ୱ ଜଳଗ୍ରହଣ କ୍ଷେତ୍ରରୁ ଜଳସଂଗ୍ରହ କରିଥାନ୍ତି । ତେଣୁ ଏଗୁଡ଼ିକୁ ହିମାଳୟ ଅପରପାର୍ଶ୍ୱସ୍ଥ ନଦୀ କୁହାଯାଏ । (Trans Himalayan Rivers) । ହିମାଳୟ ଭଳି ଏକ ଅସାଧାରଣ ଉଚ୍ଚତା ବିଶିଷ୍ଟ ପର୍ବତ ଶ୍ରେଣୀର ଅବରୋଧକୁ ମଧ୍ୟ ଏମାନେ ଅତିକ୍ରମ କରି ପାରିଛନ୍ତି । ନଦୀଗୁଡ଼ିକ ଗଭୀର ଉପତ୍ୟକା, କେନିୟନ ଓ ନଦୀ ଖାତ ଦ୍ୱାରା ଏହାକୁ ଅତିକ୍ରମ କରିଛନ୍ତି ।

**ତୁମେ ଜାଣିଛ କି :**

- ***ଇଂରାଜୀ ଅକ୍ଷର 'I' ଆକାରର ଗଭୀର ଉପତ୍ୟକା ଯେଉଁଠି ନଦୀର ଦୁଇକୂଳ କାନ୍ଥଭଳି ଦଣ୍ଡାୟମାନ ତାହାକୁ କେନିୟନ କୁହାଯାଏ ।***
- ***ସେହିଭଳି ନଦୀ ଉପତ୍ୟକାର ଆକାର ଯଦି ଇଂରାଜୀ ଅକ୍ଷର 'V' ଭଳି ହୋଇଥାଏ ତେବେ ଏହାକୁ 'V' ଉପତ୍ୟକା ବା ନଦୀଖାତ କୁହାଯାଏ ।***

ଭୂତତ୍ତ୍ୱବିତ୍‌ମାନଙ୍କ ମତାନୁଯାୟୀ ହିମାଳୟରୁ ବାହାରିଥିବା ଏହି ନଦୀଗୁଡ଼ିକ ହିମାଳୟ ପର୍ବତଠାରୁ ମଧ୍ୟ ପୁରାତନ, ଯେତେବେଳେ ହିମାଳୟ ପର୍ବତ ଉପରକୁ ଉଠୁଥିଲା ସେତେବେଳେ ଏହି ନଦୀଗୁଡ଼ିକ ନିଜ ନିଜର ନଦୀଶଯ୍ୟା ଖନନ କରି ଚାଲିଥିଲେ । ଏଥିଯୋଗୁ ଆଜି ଏଗୁଡ଼ିକର ଗତିପଥରେ ନଦୀଖାତ, ଗଣ୍ଡ ଏବଂ ଗଭୀର ଉପତ୍ୟକା ଦେଖିବାକୁ ମିଳୁଛି ।

ହିମାଳୟରୁ ବାହାରିଥିବା ନଦୀଗୁଡ଼ିକର ଗତିପଥ ସୁଦୀର୍ଘ । ନଗ୍ନୀଭବନ ପ୍ରକ୍ରିୟା ଦ୍ୱାରା ସେମାନେ ପାର୍ବତ୍ୟଶଯ୍ୟାରୁ ବହୁଳ ପରିମାଣରେ ପଥରଖଣ୍ଡ, ବାଲିଗରଡ଼ା ଓ ପଟୁ ଇତ୍ୟାଦି ପରିବହନ କରି ଆଣନ୍ତି । ମଧ୍ୟଶଯ୍ୟାରେ ଏହି ନଦୀଗୁଡ଼ିକ ନଦୀବାଙ୍କ, ଅଶ୍ୱଖୁରାକୃତି ହ୍ରଦ, ପ୍ଲାବନଭୂମି ଆଦି ସୃଷ୍ଟି କରିଥାନ୍ତି । ଗଙ୍ଗା ବ୍ରହ୍ମପୁତ୍ର ନଦୀଦ୍ୱୟ ନିମ୍ନଶଯ୍ୟାରେ ପୃଥିବୀର ସର୍ବବୃହତ ତ୍ରିକୋଣଭୂମି ଗଠନ କରିଛନ୍ତି ।

## ନଦୀ ବିନ୍ୟାସ :

ଅବବାହିକା ଅଞ୍ଚଳର ଢାଲୁ, ଶିଳା ଏବଂ ଜଳବାୟୁ ଅନୁସାରେ ନଦୀଗୁଡ଼ିକ ବିଭିନ୍ନ ପ୍ରକାର ଢାଞ୍ଚାରେ (Pattern) ପ୍ରବାହିତ ହୋଇଥାନ୍ତି । ଏପରି ଢାଞ୍ଚାକୁ ନଦୀ ବିନ୍ୟାସ କୁହାଯାଏ । ସାଧାରଣତଃ ନଦୀବିନ୍ୟାସ ୪ ପ୍ରକାରର । (୧) ବୃକ୍ଷାକୃତି (୨) ସମାନ୍ତରାଳ (୩) ଛତ୍ରାକୃତି (୪) ଆୟତାକୃତି ।

**(୧) ବୃକ୍ଷାକୃତି ନଦୀବିନ୍ୟାସ (Dendridic Pattern) :** ଯେତେବେଳେ ନଦୀ ଓ ତା'ର ସମସ୍ତ ଉପନଦୀ ଏକ ବୃକ୍ଷଭଳି ଦେଖାଯାଆନ୍ତି ତାହାକୁ ବୃକ୍ଷାକୃତି ନଦୀବିନ୍ୟାସ କୁହାଯାଏ ।




ଚିତ୍ର : 7 ବୃକ୍ଷାକୃତି ନଦୀବିନ୍ୟାସ

**(୨) ସମାନ୍ତରାଳ ନଦୀବିନ୍ୟାସ :** ଉପନଦୀଗୁଡ଼ିକ ମୁଖ୍ୟନଦୀ ସହିତ ପ୍ରାୟ ସମାନ୍ତରାଳ ଭାବେ ମିଳିତ ହେଲେ ସମାନ୍ତରାଳ ନଦୀବିନ୍ୟାସ ସୃଷ୍ଟିହୁଏ । ଏଭଳି ନଦୀବିନ୍ୟାସ ସାଧାରଣତଃ କଠିନ ଓ ନରମ ଶିଳା ପରସ୍ପର ସହିତ ସମାନ୍ତର ଭାବରେ ଥିଲେ ସୃଷ୍ଟି ହୋଇଥାଏ ।



ଚିତ୍ର : 8 ସମାନ୍ତରାଳ ନଦୀବିନ୍ୟାସ

**(୩) ଛତ୍ରାକୃତି ନଦୀବିନ୍ୟାସ :** ନଦୀଗୁଡ଼ିକ ଗୋଟିଏ ଗମ୍ବୁଜାକାର ଉଚ୍ଚଭୂମିରୁ ସବୁଦିଗରେ ପ୍ରବାହିତ ହେଲେ ଛତ୍ରାକୃତି ନଦୀବିନ୍ୟାସ ସୃଷ୍ଟି ହୁଏ ।



ଚିତ୍ର : 9 ଛତ୍ରାକୃତି ନଦୀବିନ୍ୟାସ

**(୪) ଆୟତାକୃତି ନଦୀବିନ୍ୟାସ :** ସାଧାରଣତଃ ପଥୁରିଆ ଅଞ୍ଚଳରେ ଯେଉଁଠି ଶିଳାଗୁଡ଼ିକ ପରସ୍ପର ସହିତ ଖୁବ୍ ନିବିଡ଼ ଭାବରେ ଯୋଡ଼ିହୋଇଥାଆନ୍ତି ସେଠାରେ ଆୟତାକୃତି ନଦୀବିନ୍ୟାସ ଦେଖାଯାଏ ।



ଚିତ୍ର : 10 ଆୟତାକୃତି ନଦୀବିନ୍ୟାସ

## ନଦୀଦ୍ୱାରା ସୃଷ୍ଟ କେତେକ ଭୂମିରୂପ

ଉପଦ୍ୱୀପୀୟ ନଦୀମାନଙ୍କ ମଧ୍ୟରୁ ଅଧିକାଂଶରେ ଋତୁକାଳୀନ ପ୍ରବାହ ପରିଲକ୍ଷିତ ହୁଏ କାରଣ ଏଗୁଡ଼ିକ ବୃଷ୍ଟିପୁଷ୍ଟ । ବର୍ଷାଦିନେ ନଦୀରେ ଅଧିକ ଜଳପ୍ରବାହିତ ହୁଏ; ମାତ୍ର ଗ୍ରୀଷ୍ମଋତୁରେ ପ୍ରବାହ କ୍ଷୀଣ ହୋଇ ଶୁଷ୍କ ଧାରଟିରେ ହିଁ ସୀମିତ ରହିଯାଏ । ଫଳତଃ ଏହି ନଦୀଗୁଡ଼ିକ ବର୍ଷସାରା ସୁନାବ୍ୟା ନୁହଁନ୍ତି ।

ଉତ୍ତରଭାରତ ନଦୀଗୁଡ଼ିକ ତୁଳନାରେ ଏଗୁଡ଼ିକ କମ୍ ଦୈର୍ଘ୍ୟ ବିଶିଷ୍ଟ ଏବଂ ଏମାନଙ୍କର ଶଯ୍ୟା ମଧ୍ୟ ଅଗଭୀର । କେତେକ ଉପଦ୍ୱୀପୀୟ ନଦୀ ମଧ୍ୟ ମାଳଭୂମି ଏବଂ ଅନ୍ୟଗୁଡ଼ିକ ପଶ୍ଚିମଘାଟ ପର୍ବତମାଳାରୁ ଉତ୍ପତ୍ତିଲାଭ କରି ବଙ୍ଗୋପସାଗରରେ ପଡ଼ିଛନ୍ତି । କେବଳ ମାତ୍ର ଦୁଇଟି ନଦୀ ଆରବସାଗରରେ ପଡ଼ିଛନ୍ତି ।




ଚିତ୍ର : 11
ନଦୀ ଦ୍ୱାରା ସୃଷ୍ଟ ଭୂମିରୂପ

> **ତୁମପାଇଁ କାମ :**
>
> ***କେଉଁ ଦୁଇଟି ବଡ଼ ନଦୀ ଆରବସାଗରରେ ପଡ଼ିଛନ୍ତି ସେଗୁଡ଼ିକର ନାମ ଲେଖ ।***

### ହିମାଳୟରୁ ବାହାରିଥିବା ନଦୀ ସମୂହ :

ହିମାଳୟରୁ ବାହାରିଥିବା ନଦୀ ବା ଉତ୍ତର ଭାରତର ନଦୀଗୁଡ଼ିକ ମଧ୍ୟରେ ତିନୋଟି ନଦୀ ମୁଖ୍ୟ । ସେଗୁଡ଼ିକ ହେଲା ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର । ଏମାନେ ଖୁବ ଦୀର୍ଘ ଏବଂ ଅନେକଗୁଡ଼ିଏ ଉପନଦୀ ଏଗୁଡ଼ିକରେ ମିଶିଛନ୍ତି । ଗୋଟିଏ ମୁଖ୍ୟନଦୀ ଓ ତା'ର ସମସ୍ତ ଉପନଦୀ ମିଶି ଏକ ନଦୀ ତନ୍ତ୍ର (River System) ସୃଷ୍ଟି କରିଥାନ୍ତି ।

### ସିନ୍ଧୁନଦୀ :

ସିନ୍ଧୁନଦୀ ତିବ୍ବତରେ ଅବସ୍ଥିତ ମାନସରୋବର ହ୍ରଦରୁ ଉତ୍ପତ୍ତିଲାଭ କରିଅଛି । ଏହା ପଶ୍ଚିମଦିଗରେ ପ୍ରବାହିତ ହୋଇ ଜାମ୍ମୁ ଓ କାଶ୍ମୀର ରାଜ୍ୟର ଲଦାଖ ଜିଲ୍ଲା ଦେଇ ଭାରତରେ ପ୍ରବେଶ କରିଛି । ଏହି ଅଞ୍ଚଳରେ ସିନ୍ଧୁନଦୀ ଦ୍ୱାରା ଏକ ମନୋରମ ନଦୀଖାତ ସୃଷ୍ଟି ହୋଇଅଛି । ଅନେକଗୁଡ଼ିଏ ଉପନଦୀ ଯଥା : ଜାସ୍କାର, ନୁବ୍ରା ଏବଂ ହୁଞ୍ଜା କାଶ୍ମୀର ଅଞ୍ଚଳରେ ମିଳିତ ହୋଇଛନ୍ତି । ଝେଲମ୍,




ମାନଚିତ୍ର 2.1

ଚେନାବ୍, ରାବି, ବେୟାସ ଓ ସତ୍‌ଲେଜ୍ ପରସ୍ପର ସହ ମିଳିତ ହୋଇ ସିନ୍ଧୁନଦୀ ସହିତ ପାକିସ୍ତାନର ମିଥାନକୋଟଠାରେ ମିଶିଛନ୍ତି । ଏହାପରେ ସିନ୍ଧୁନଦୀ ଦକ୍ଷିଣଦିଗରେ ପ୍ରବାହିତ ହୋଇ କରାଚୀର ପୂର୍ବଦିଗରେ ଆରବସାଗରରେ ପଡ଼ିଅଛି । ସିନ୍ଧୁନଦୀ ସମତଳଭୂମିର ଢାଲୁ ଅତ୍ୟନ୍ତ ମନ୍ଦ । ପ୍ରାୟ ୨୯୦୦ କି.ମି. ଦୈର୍ଘ୍ୟ ବିଶିଷ୍ଟ

ସିନ୍ଧୁନଦୀ ପୃଥିବୀର ଦୀର୍ଘତମ ନଦୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ସିନ୍ଧୁନଦୀ ଅବବାହିକା କ୍ଷେତ୍ରଫଳର ଏକ ତୃତୀୟାଂଶରୁ ସାମାନ୍ୟ ଅଧିକ ଭାରତର ଜାମ୍ମୁ ଓ କାଶ୍ମୀର, ହିମାଚଳ ପ୍ରଦେଶ, ପଞ୍ଜାବ ମଧ୍ୟରେ ସୀମିତ ଥିବାବେଳେ ଅବଶିଷ୍ଟାଂଶ ପାକିସ୍ତାନର ଅନ୍ତର୍ଗତ ।

**ତୁମେ ଜାଣିଛ କି ?**

***ସିନ୍ଧୁନଦୀ ଜଳ ଚୁକ୍ତି ଅନୁସାରେ ଭାରତ ଏହାର କେବଳ ୨୦ ପ୍ରତିଶତ ଜଳ ବ୍ୟବହାର କରିପାରିବ ଏହି ଜଳ ପଞ୍ଜାବ, ହରିୟାଣା ଏବଂ ରାଜସ୍ଥାନର ଦ.ପ. ଅଞ୍ଚଳରେ ବ୍ୟବହାର ହେଉଅଛି ।***

## ଗଙ୍ଗାନଦୀ :

ଉତ୍ପତ୍ତିସ୍ଥଳରେ ଗଙ୍ଗାନଦୀର ନାମ ଭାଗିରଥୀ । ଗୋମୁଖ ନାମକ ସ୍ଥାନରେ ଗଙ୍ଗୋତ୍ରୀ ତୁଷାରସ୍ରୋତରୁ ଉତ୍ପତ୍ତିଲାଭ କରିଅଛି । ଦେବପ୍ରୟାଗଠାରେ ଅଳକାନନ୍ଦା ଏହାସହିତ ମିଳିତ ହୋଇଛି । ଏହି ଦୁଇନଦୀ ମିଳିତ ହୋଇ ଗଙ୍ଗାନଦୀ ନାମରେ ବନ୍ଧୁର ଶଯ୍ୟା ଅତିକ୍ରମ କରି ହରିଦ୍ୱାରଠାରେ ସମତଳ ଶଯ୍ୟାରେ ପ୍ରବେଶ କରିଅଛି ।

ହିମାଳୟରୁ ନିର୍ଗତ ଅନେକ ଉପନଦୀ ଗଙ୍ଗା ନଦୀ ସହ ମିଳିତ ହୋଇଛନ୍ତି । ଏହି ଉପନଦୀମାନଙ୍କ ମଧ୍ୟରୁ ଯମୁନା, ଘାଗରା, ଗଣ୍ଡକ ଏବଂ କୋଶୀ ପ୍ରଧାନ । ଯମୁନା ନଦୀ ହିମାଳୟସ୍ଥିତ ଯମୁନୋତ୍ରୀ ହିମବାହରୁ ଉତ୍ପତ୍ତିଲାଭ କରିଅଛି । ଏହା ଗଙ୍ଗାନଦୀ ସହ ପ୍ରାୟ ସମାନ୍ତରାଳ ଭାବରେ ଗତିକରି ଗଙ୍ଗାର ଦକ୍ଷିଣ ତଟରେ ଆଲ୍ଲାହାବାଦଠାରେ ମିଳିତ ହୋଇଛି । ଏହି ମିଳନ ସ୍ଥଳକୁ ସଙ୍ଗମ କୁହାଯାଏ । ଏହା ଏକ ପୁଣ୍ୟ ତୀର୍ଥସ୍ଥଳୀ । ଅନ୍ତଃସଲିଳା ସରସ୍ୱତୀ ନଦୀ ମଧ୍ୟ ଏହି ସଙ୍ଗମସ୍ଥଳୀରେ ମିଶିଥିବାରୁ ଏହାକୁ ତ୍ରିବେଣୀ ମଧ୍ୟ କହନ୍ତି । ଘାଗରା, ଗଣ୍ଡକ ଏବଂ କୋଶୀ ନେପାଳସ୍ଥିତ ହିମାଳୟରୁ ବାହାରି ଗଙ୍ଗାର ବାମକୂଳରେ ମିଶିଛନ୍ତି । ଏହି ସମସ୍ତ ନଦୀ ଉତ୍ତରସ୍ଥ ସମତଳ ଭୂମିକୁ ବନ୍ୟାପ୍ଲାବିତ କରି ଅଶେଷ ଧନଜୀବନ ନଷ୍ଟ କରିଥାନ୍ତି । ମାତ୍ର ଏହାଦ୍ୱାରା ପ୍ରତିବର୍ଷ ପଟୁମାଟି ପଡ଼ି ଜମି ଉର୍ବର ହେବାଦ୍ୱାରା ସଘନକୃଷି ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୁଏ । ହଜାର ହଜାର ବର୍ଷ ଧରି ଏହି ନଦୀଗୁଡ଼ିକ ପଟୁମାଟି ଜମାକରି ଆସୁଥିବାରୁ ଏହା ପୃଥିବୀର ଏକ ବୃହତ୍ ସମତଳ ଓ ଜନାକୀର୍ଣ୍ଣ ଅଞ୍ଚଳରେ ପରିଣତ ହୋଇଅଛି । ଭାରତୀୟ ଉପଦ୍ୱୀପରୁ ଉତ୍ପତ୍ତି ଲାଭ କରିଥିବା ଚମ୍ବଲ, ବେତଓ୍ୱା ସୋନ୍ ଆଦି ଅଳ୍ପ ଦୈର୍ଘ୍ୟବିଶିଷ୍ଟ ନଦୀ ଅପେକ୍ଷାକୃତ କମ୍ ବୃଷ୍ଟି ପାଉଥିବା ଅଞ୍ଚଳରୁ ବାହାରି ଗଙ୍ଗାନଦୀ ସହିତ ଦକ୍ଷିଣପଟେ ମିଶିଥିଲେ ମଧ୍ୟ ଅଧିକ ଜଳ ଯୋଗାଇ ନଥାନ୍ତି ।

ବାମ ଓ ଦକ୍ଷିଣତୀରରୁ ଆସି ମିଶିଥିବା ଉପନଦୀ ଗୁଡ଼ିକର ଜଳ ଯୋଗାଣ ଦ୍ୱାରା ଅଧିକ ଜଳ ଧାରଣକରି ଗଙ୍ଗାନଦୀ ପୂର୍ବଦିଗରେ ଉତ୍ତରପ୍ରଦେଶ ଓ ବିହାର ମଧ୍ୟଦେଇ ପଶ୍ଚିମବଙ୍ଗର ଫାରକ୍କା ପର୍ଯ୍ୟନ୍ତ ବହିଲା ପରେ ଏହିଠାରୁ ଦୁଇଭାଗରେ ବିଭକ୍ତ ହୋଇଅଛି । ଗୋଟିଏ ଭାଗ ଭାଗୀରଥି -ହୁଗୁଲି ନାମରେ ଦକ୍ଷିଣଦିଗରେ ବଙ୍ଗୋପସାଗର ଉପକୂଳବର୍ତ୍ତୀ ତ୍ରିକୋଣଭୂମି ଅଞ୍ଚଳରେ ପ୍ରବାହିତ ହେଉଅଛି । ମୁଖ୍ୟନଦୀ ତା'ର ଗତିପଥ ନ ବଦଳାଇ ବାଂଲାଦେଶ ମଧ୍ୟକୁ ପ୍ରବାହିତ ହେବାପରେ ଅନ୍ୟଦିଗରୁ ଆସୁଥିବା ବ୍ରହ୍ମପୁତ୍ର ନଦୀ ସହ ମିଳିତ ହୋଇ ମେଘନା ନାମରେ ବଙ୍ଗୋପସାଗରରେ ପଡ଼ିଛି । ଫାରକ୍କାଠାରୁ ଗାଙ୍ଗେୟ ତ୍ରିକୋଣଭୂମି ଆରମ୍ଭ ହୋଇଛି । ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀଦ୍ୱୟ ଦ୍ୱାରା ସୃଷ୍ଟ ପୃଥିବୀର ବୃହତ୍ତମ ତ୍ରିକୋଣଭୂମିର ନାମ ସୁନ୍ଦରବନ ଓ ଏହାର ଅଧିକଭାଗ ବାଂଲାଦେଶରେ ଅବସ୍ଥିତ ।

**ତୁମେ ଜାଣିଛ କି ?**

***ସୁନ୍ଦରବନ ତ୍ରିକୋଣଭୂମିର ନାମ ଏପରି ହେବାର କାରଣ ହେଲା ଏଠାକାର ସନ୍ତସନ୍ତିଆ ଓ ଜୁଆରିଆ ଅଞ୍ଚଳରେ ଜନ୍ମୁଥିବା ସୁନ୍ଦରୀ ବୃକ୍ଷ । ଏହା ପୃଥିବୀର ସର୍ବବୃହତ ଓ ସବୁଠାରୁ ଅଧିକ ହାରରେ ବୃଦ୍ଧି ପାଉଥିବା ତ୍ରିକୋଣଭୂମି । ଏହି ସୁନ୍ଦରବନ ମଧ୍ୟ ମହାବଳ ବାଘ (Royal Bengal Tiger)ର ବାସସ୍ଥଳୀ ।***

ଗଙ୍ଗାନଦୀର ଦୈର୍ଘ୍ୟ ପ୍ରାୟ ୨୫୦୦କି.ମି । ଏହି ନଦୀ ଭାରତରେ ପ୍ରବାହିତ ଦୀର୍ଘତମ ନଦୀ । ଗଙ୍ଗାନଦୀ କୂଳରେ ଗଢ଼ି ଉଠିଥିବା ଶିଳ୍ପଦ୍ୱାରା ଏହାର ଜଳ ପ୍ରଦୂଷିତ ହେଉଥିବାରୁ ଏହାକୁ ପରିଷ୍କାର ରଖିବା ପାଇଁ ଭାରତ ସରକାର ଉଦ୍ୟମ ଜାରି ରଖିଛନ୍ତି ।

## ବ୍ରହ୍ମପୁତ୍ର ନଦୀ :

ବ୍ରହ୍ମପୁତ୍ର ନଦୀ ତିବ୍ବତର ମାନସରୋବରହ୍ରଦର ପୂର୍ବଦିଗରେ ସିନ୍ଧୁ ଓ ସତଲେଜ ନଦୀର ଉତ୍ପତ୍ତିସ୍ଥଳଠାରୁ ଅନତିଦୂରରୁ ବାହାରିଅଛି । ଏହିନଦୀ ସିନ୍ଧୁନଦୀଠାରୁ ଦୈର୍ଘ୍ୟରେ ସାମାନ୍ୟ ବଡ଼ ମାତ୍ର ଏହାର ଅଧିକାଂଶ ଭାରତ ସୀମା ବାହାରେ ପ୍ରବାହିତ । ଏହା ପୂର୍ବଦିଗରେ ହିମାଳୟ ସହ ସମାନ୍ତରାଳ ଭାବେ ପ୍ରବାହିତ ହେଲାପରେ ନାମଚେ ବରୱା (୭୭୫୭ମି.) ଠାରେ ଇଂରାଜୀ ଅକ୍ଷର 'U' ଭଳି ଏକ ବାଙ୍କ ସୃଷ୍ଟି କରି ନଦୀଖାତ ମଧ୍ୟ ଦେଇ ଅରୁଣାଚଳ ପ୍ରଦେଶରେ ଭାରତକୁ ପ୍ରବେଶ କରିଛି । ଏଠାରେ ବ୍ରହ୍ମପୁତ୍ରର ନାମ ଦିହାଙ୍ଗ । ଦିବାଙ୍ଗ, ଲୋହିତ ଏବଂ କେନୁଲା ଆଦି ଏହାର ଉପନଦୀ । ବ୍ରହ୍ମପୁତ୍ରନଦୀ ଆସାମ ପ୍ରଦେଶରେ ପୂର୍ବରୁ ପଶ୍ଚିମକୁ ପ୍ରବାହିତ ହେଉଅଛି ।

> ତୁମେ ଜାଣିଛ କି ?
>
> *ବ୍ରହ୍ମପୁତ୍ର ତିବ୍ବତରେ ସାମ୍ପୋ ଏବଂ ବାଂଲାଦେଶରେ ଯମୁନା ନାମରେ ପରିଚିତ । ସେହିଭଳି ଗଙ୍ଗାନଦୀକୁ ବାଂଲାଦେଶରେ ପଦ୍ମା କୁହାଯାଏ ।*

ତିବ୍ବତ୍‌ରେ ବ୍ରହ୍ମପୁତ୍ର ନଦୀରେ ଖୁବ୍ କମ୍ ଜଳ ପ୍ରବାହିତ ହୁଏ କାରଣ ଏହା ଏକ ଥଣ୍ଡା ଏବଂ ଶୁଷ୍କ ଅଞ୍ଚଳ । ଭାରତରେ ବୃଷ୍ଟିବହୁଳ ଅଞ୍ଚଳରେ ପ୍ରବାହିତ ହେଉଥିବାରୁ ଏଥିରେ ଜଳର ପରିମାଣ ଅତ୍ୟଧିକ । ଫଳରେ ପଟୁମାଟି, ପଥରଖଣ୍ଡ, କଙ୍କର ଏବଂ ବାଲି ଆଦି ଅଧିକ ପରିମାଣରେ ବହିକରି ନେଇଥାଏ । ଗତି ମନ୍ଥର ହୋଇଥିବାରୁ ନଦୀ ଶଯ୍ୟାରେ ଅବକ୍ଷେପଣ ଅଧିକ ହୁଏ । ଫଳତଃ ମୁଖ୍ୟନଦୀରୁ ଅନେକ ଅଗଭୀର ଶାଖାନଦୀ (Distributary) ବାହାରିଥାନ୍ତି ଏବଂ ପରେ ସେଗୁଡ଼ିକ ଗୋଟିଏ ସହ ଅନ୍ୟଟି ମିଳିତ ହେଉଥିବାରୁ ନଦୀ ମଝିରେ ବଡ଼ ବଡ଼ ଦ୍ୱୀପ ସୃଷ୍ଟି ହୋଇଅଛି ।

> *ପୃଥିବୀର ସବୁଠାରୁ ବଡ଼ ନଦୀ ମଧ୍ୟସ୍ଥ ଦ୍ୱୀପର ନାମ ଜାଣ କି ? ଏହା ବ୍ରହ୍ମପୁତ୍ର ନଦୀ ମଝିରେ ଅବସ୍ଥିତ । ଏହାର ନାମ 'ମାଜୋଲି ଦ୍ୱୀପ' ।*

**ପ୍ରତିବର୍ଷ ବର୍ଷା ଋତୁରେ ବ୍ରହ୍ମପୁତ୍ର ନଦୀରେ ପ୍ରବଳ ବନ୍ୟା ଆସିଥାଏ । ଫଳରେ ଆସାମ ଓ ବାଂଲାଦେଶରେ ଧନଜୀବନର ପ୍ରଭୂତ କ୍ଷତି ଘଟିଥାଏ । ଅନ୍ୟାନ୍ୟ ଉତ୍ତର ଭାରତର ନଦୀ ଭଳି ଏହାର ଶଯ୍ୟାଖନନ ନହୋଇ ଅଧିକ ମାତ୍ରାରେ ଅବକ୍ଷେପଣ ହେଉଥିବାରୁ ଶଯ୍ୟା ଅଧିକରୁ ଅଧିକ ଉଚ୍ଚା ହେବାରେ ଲାଗିଛି ଓ ନଦୀ ଅନେକ ସମୟରେ ନିଜର ଗତିପଥ ମଧ୍ୟ ବଦଳାଉଛି ।**

> ତୁମ ପାଇଁ କାମ :
>
> *ବ୍ରହ୍ମପୁତ୍ର ନଦୀ କେଉଁଠାରେ ବାଂଲାଦେଶରେ ପ୍ରବେଶ କରିଛି ଜାଣିବାକୁ ଚେଷ୍ଟା କର ।*

## ଉପଦ୍ୱୀପୀୟ ନଦୀ ସମୂହ :

ପଶ୍ଚିମଘାଟ ପର୍ବତମାଳା ଉପଦ୍ୱୀପୀୟ ଭାରତର ମୁଖ୍ୟ ଜଳ ବିଭାଜକ ଅଟେ । ପଶ୍ଚିମଘାଟ ପର୍ବତମାଳା ପଶ୍ଚିମ ଉପକୂଳ ସହ ସମାନ୍ତରାଳ ଭାବରେ ଉତ୍ତର ଦକ୍ଷିଣ ଦିଗରେ ଲମ୍ବିଅଛି । ଉପଦ୍ୱୀପର ମୁଖ୍ୟନଦୀ ଗୁଡ଼ିକ ଯଥା : ମହାନଦୀ, ଗୋଦାବରୀ, କୃଷ୍ଣା ଓ କାବେରୀ ପୂର୍ବଦିଗକୁ ପ୍ରବାହିତ ହୋଇ ବଙ୍ଗୋପସାଗରରେ ପଡ଼ିଛନ୍ତି । ଏ ସମସ୍ତ ନଦୀ ସେଗୁଡ଼ିକର ମୁହାଣ ନିକଟରେ ତ୍ରିକୋଣଭୂମିମାନ ଗଠନ କରିଛନ୍ତି । ପଶ୍ଚିମଘାଟ ପର୍ବତମାଳାରୁ ପଶ୍ଚିମାଭିମୁଖୀ ଅନେକ ଛୋଟ ଛୋଟ ନଦୀ ବାହାରିଛନ୍ତି । ପଶ୍ଚିମାଭିମୁଖୀ ନର୍ମଦା ଓ ତାପ୍ତି ଦୁଇଟି ମାତ୍ର ବଡ଼ ନଦୀ । ଏଗୁଡ଼ିକର ମୁହାଣ ଜୁଆରିଆ । ଉପଦ୍ୱୀପୀୟ ନଦୀଗୁଡ଼ିକର ଅବବାହିକା ଉତ୍ତର ଭାରତୀୟ ନଦୀ ତୁଳନାରେ ଆକାରରେ ଛୋଟ ।

## ନର୍ମଦା ନଦୀ :

ନର୍ମଦାନଦୀ ମଧ୍ୟପ୍ରଦେଶର ଅମରକଣ୍ଟକ ମାଳଭୂମିରୁ ବାହାରିଛି । ଏହା ଏକ ଗ୍ରସ୍ତ ଉପତ୍ୟକା ମଧ୍ୟଦେଇ ପ୍ରବାହିତ ହେଉଅଛି । ଏହାର ଦୈର୍ଘ୍ୟ ପ୍ରାୟ ୧୩୧୨କି.ମି. ।

> ତୁମେ ଜାଣିଛ କି ?
>
> *ଶିଳାସ୍ତରରେ ଦୁଇଟି ସମାନ୍ତର ଫାଟ ସୃଷ୍ଟି ହେଲେ ଯଦି ମଧ୍ୟଭାଗଟି ଦବିଯାଏ ଏବଂ ଦୁଇ ପାର୍ଶ୍ୱର ଶିଳାସ୍ତର ସ୍ଥିର ରହେ ତେବେ ମଧ୍ୟଭାଗରେ ଯେଉଁ ନିମ୍ନଭୂମିଟି ସୃଷ୍ଟି ହୁଏ ତାହାକୁ ଗ୍ରସ୍ତ ଉପତ୍ୟକା କୁହାଯାଏ । ବିନ୍ଧ୍ୟ ଓ ସାତପୁରା ପର୍ବତଶ୍ରେଣୀର ମଧ୍ୟ ଅଂଶ ଏପରି ଏକ ଉପତ୍ୟକା ।*

ସମୁଦ୍ରକୁ ପ୍ରବାହିତ ହେଲାବେଳେ ନର୍ମଦା ନଦୀ ଗତିପଥରେ ଅନେକ ରମଣୀୟ ସ୍ଥାନ ସୃଷ୍ଟି ହୋଇଛି । ଜବଲପୁର ନିକଟସ୍ଥ ମାର୍ବଲ ଶିଳା ଅଞ୍ଚଳରେ ନର୍ମଦା ଏକ ଗଭୀର ଖାତ ସୃଷ୍ଟି କରଛି । ନର୍ମଦାନଦୀ ଖୁବ୍ ଉଚ୍ଚରୁ ତଳକୁ ପ୍ରବାହିତ ହେଲାବେଳେ ଧୂଆଁଧାରଠାରେ ଏକ ମନୋରମ ଜଳପ୍ରପାତ ସୃଷ୍ଟି କରିଛି । ନର୍ମଦାନଦୀର ଉପନଦୀଗୁଡ଼ିକର ଦୈର୍ଘ୍ୟ ଖୁବ୍ କମ୍ ଏବଂ ସେଗୁଡ଼ିକ ପ୍ରାୟ ସମକୋଣରେ ନର୍ମଦା ସହିତ ମିଳିତ ହୋଇଛନ୍ତି ।

ନର୍ମଦାନଦୀର ଅବବାହିକା ଅଞ୍ଚଳ ମହାରାଷ୍ଟ୍ର, ଗୁଜରାଟ ଏବଂ ମଧ୍ୟପ୍ରଦେଶ ରାଜ୍ୟର କେତେକାଞ୍ଚଳରେ ବିସ୍ତୃତ ।

## ତାପ୍ତିନଦୀ :

ତାପ୍ତିନଦୀ ମଧ୍ୟପ୍ରଦେଶର ବେତୁଲ ଜିଲ୍ଲାସ୍ଥିତ ସାତପୁରା ପର୍ବତଶ୍ରେଣୀରୁ ଉତ୍ପତ୍ତିଲାଭ କରିଅଛି । ଏହି ନଦୀ ମଧ୍ୟ ଏକ ଗ୍ରସ୍ତ ଉପତ୍ୟକା ମଧ୍ୟଦେଇ ନର୍ମଦାନଦୀ ସହ ସମାନ୍ତରାଳ ଭାବରେ ପ୍ରବାହିତ ହେଉଅଛି । ଦୈର୍ଘ୍ୟରେ ଏହି ନଦୀ ନର୍ମଦାଠାରୁ ଯଥେଷ୍ଟ ଛୋଟ । ପଶ୍ଚିମାଭିମୁଖୀ ନଦୀଗୁଡ଼ିକ ମଧ୍ୟରେ ସାବରମତୀ, ମାହୀ ଏବଂ ପେରିୟାର ଆଦି ପ୍ରଧାନ ।

> **ତୁମ ପାଇଁ କାମ :**
>
> ***ଉପରଲିଖିତ ନଦୀଗୁଡ଼ିକ କେଉଁ କେଉଁ ରାଜ୍ୟରେ ପ୍ରବାହିତ ହେଉଛନ୍ତି ବାହାରକର ଏବଂ ଲେଖିରଖ ।***

## ଗୋଦାବରୀ ନଦୀ :

ଉପଦ୍ୱୀପୀୟ ନଦୀମାନଙ୍କ ମଧ୍ୟରେ ଗୋଦାବରୀ ଦୀର୍ଘତମ ଏବଂ ଭାରତର ଦ୍ୱିତୀୟ ବୃହତ୍ତମ ନଦୀ । ଏହି ନଦୀ ମହାରାଷ୍ଟ୍ରର ନାସିକ ଜିଲ୍ଲାସ୍ଥିତ ପଶ୍ଚିମଘାଟ ପର୍ବତମାଳାର ପୂର୍ବପଟଢାଲୁରୁ ବାହାରିଅଛି । ଗୋଦାବରୀର ଦୈର୍ଘ୍ୟ ପ୍ରାୟ ୧୪୫୦ କି.ମି. । ଏହା ବଙ୍ଗୋପସାଗରରେ ପଡ଼ିଅଛି । ଗୋଦାବରୀ ନଦୀ ଅବବାହିକା ଉପଦ୍ୱୀପୀୟ ନଦୀ ମଧ୍ୟରେ ସବୁଠାରୁ ବଡ଼ । ଏହାର ଅବବାହିକା ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ରହିଅଛି । ପ୍ରାୟ ୫୦ ପ୍ରତିଶତ ଅବବାହିକା ଅଞ୍ଚଳ କେବଳ ମହାରାଷ୍ଟ୍ରରେ ବିସ୍ତୃତ । ଗୋଦାବରୀର ମୁଖ୍ୟ ଉପନଦୀଗୁଡ଼ିକ ହେଲା ପୂର୍ଣ୍ଣା, ୱାର୍ଦ୍ଧା, ପ୍ରାଣହିତା, ଇନ୍ଦ୍ରାବତୀ, ମନ୍‌ଜରା, ଓ୍ୟାଇଗଙ୍ଗା ଏବଂ ପେନଗଙ୍ଗା । ଏହାର ଦୈର୍ଘ୍ୟ ଓ ବିସ୍ତୃତି ଦୃଷ୍ଟିରୁ ଗୋଦାବରୀକୁ "ଦକ୍ଷିଣଗଙ୍ଗା" ବୋଲି କୁହାଯାଏ ।

## କୃଷ୍ଣାନଦୀ :

ମହାରାଷ୍ଟ୍ରର ମହାବଳେଶ୍ୱର ନିକଟସ୍ଥ ଏକ ଝରଣାରୁ ବାହାରି କୃଷ୍ଣାନଦୀ ପ୍ରାୟ ୧୩୦୦ କି.ମି. ଗତି କଲାପରେ ବଙ୍ଗୋପସାଗରରେ ପଡ଼ିଅଛି । ତୁଙ୍ଗଭଦ୍ରା, କୋୟନା, ଘଟପ୍ରଭା, ମୁଷି ଏବଂ ଭୀମା ଏହାର କେତେକ ମୁଖ୍ୟ ଉପନଦୀ । ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରେ ଏହାର ଅବବାହିକା ଅଞ୍ଚଳ ବିସ୍ତୃତ । ନାଗାର୍ଜୁନସାଗର ଡ୍ୟାମ୍ କୃଷ୍ଣାନଦୀ ଉପରେ ନିର୍ମିତ ।

## କାବେରୀ ନଦୀ :

ପଶ୍ଚିମଘାଟ ପର୍ବତମାଳାର ବ୍ରହ୍ମଗିରି ପାର୍ବତ୍ୟାଞ୍ଚଳରୁ ବାହାରି ତାମିଲନାଡୁର କୁଡ୍ଡାଲୁରଠାରେ ବଙ୍ଗୋପସାଗରରେ ପଡ଼ିଅଛି । ଏହି ନଦୀର ଦୈର୍ଘ୍ୟ ପ୍ରାୟ ୭୬୫କି.ମି. । ଏହାର ମୁଖ୍ୟ ଉପନଦୀଗୁଡ଼ିକ ମଧ୍ୟରେ ଅମରାବତୀ, ଭବାନୀ, ହେମାବତୀ ଏବଂ କାବିନୀର ନାମ ଉଲ୍ଲେଖଯୋଗ୍ୟ । କର୍ଣ୍ଣାଟକର କିଛି ଅଂଶ, କେରଳ ଓ ତାମିଲନାଡୁରେ ଏହାର ଅବବାହିକା ଅବସ୍ଥିତ । ମେଟରୁଠାରେ ଏହି ନଦୀ ଉପରେ ଏକ ଜଳଭଣ୍ଡାର ସୃଷ୍ଟି କରାଯାଇଛି ।

> **ତୁମେ ଜାଣିଛ କି ?**
>
> ***କାବେରୀ ନଦୀ ଶଯ୍ୟାରେ ଅବସ୍ଥିତ ଶିବ ସମୁଦ୍ରମ୍‌ଠାରେ ଭାରତର ଦ୍ୱିତୀୟ ବୃହତ୍ତମ ଜଳପ୍ରପାତ ସୃଷ୍ଟି ହୋଇଅଛି । ଏହି ଜଳପ୍ରପାତରୁ ଜଳବିଦ୍ୟୁତଶକ୍ତି ମହାରାଷ୍ଟ୍ର, ବେଙ୍ଗାଲୁରୁ ଏବଂ କୋଲାର ସୁନାଖଣି ଅଞ୍ଚଳକୁ ଯୋଗାଣ ହୋଇଥାଏ ।***

> **ତୁମ ପାଇଁ କାମ :**
>
> ***ଭାରତର ସବୁଠାରୁ ବଡ଼ ଜଳପ୍ରପାତର ନାମ କ'ଣ ?***

**ତୁମେ ଜାଣିଛ କି :**

***ପୃଥିବୀର ୭୧ ପ୍ରତିଶତ ଅଞ୍ଚଳ ଜଳଦ୍ୱାରା ଆଚ୍ଛାଦିତ ଏବଂ ୯୭% ଭାଗ ଜଳ ଲୁଣିଆ । ବାକି ୩% ମଧୁରଜଳ ମଧ୍ୟରୁ ୭୫% ବରଫ ଆକାରରେ ରହିଅଛି ।***

### ହ୍ରଦ :

କାଶ୍ମୀର ଉପତ୍ୟକାରେ ଅବସ୍ଥିତ ଶ୍ରୀନଗରର ଡାଲହ୍ରଦ, ଶିକାରା ଓ ରହିବାପାଇଁ ନୌକାଘର (House boat) ବିଷୟରେ ଜାଣିଥିବ । କେତେକ ପର୍ଯ୍ୟଟନ ସ୍ଥଳୀ ବୁଲିଯାଇଥିବ ଏବଂ ସେଠାରେ ଥିବା ହ୍ରଦରେ ନୌକାବିହାର ସନ୍ତରଣ ଏବଂ ଅନ୍ୟାନ୍ୟ ଜଳକ୍ରୀଡ଼ା ମଧ୍ୟ ଉପଭୋଗ କରିଥିବ । ଶ୍ରୀନଗର, ନୈନିତାଲ, ଉଦଗମଣ୍ଡଳମ୍, ଚିଲିକା ଆଦି ସ୍ଥାନରେ ହ୍ରଦନଥିଲେ ସେସବୁ ସ୍ଥାନର ଏତେ ଆକର୍ଷଣ ଥାନ୍ତାକି ? ତେଣୁ ହ୍ରଦର ଅବସ୍ଥିତି ଗୋଟିଏ ଜାଗାକୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । ଏହା ବ୍ୟତୀତ ମାନବ ସମାଜପାଇଁ ହ୍ରଦଗୁଡ଼ିକ ବିଭିନ୍ନ ଭାବରେ ଉପକାରରେ ଆସେ ।

**ତୁମେ ଜାଣିଛ କି ?**

***କାସ୍ପିୟାନ, ମରୁହ୍ରଦ*** (Dead Sea) ***ଏବଂ ଆରାଲହ୍ରଦ ଭଳି ବିଶାଳ ହ୍ରଦଗୁଡ଼ିକୁ ସାଗର କୁହାଯାଏ ।***

ଭାରତରେ ଅନେକ ହ୍ରଦ ଅଛି । ଏଥିରୁ କେତେକ ସ୍ଥାୟୀ ଏବଂ ଅର୍ଦ୍ଧଶୁଷ୍କ ଅଞ୍ଚଳରେ ଅନ୍ତସ୍ଥଳୀୟ ନଦୀ ଅବବାହିକାରେ ଥିବା ହ୍ରଦରେ କେବଳ ବର୍ଷାଦିନେ ପାଣି ରହେ । ହ୍ରଦଗୁଡ଼ିକ ହିମବାହ ଦ୍ୱାରା ପ୍ରବାହିତ ଜଳ, ପବନର କାର୍ଯ୍ୟ ବା ମନୁଷ୍ୟଦ୍ୱାରା ସୃଷ୍ଟି ହୋଇଥାଏ । ନଦୀବାଙ୍କ କାଳକ୍ରମେ ମୁଖ୍ୟନଦୀରୁ ଅଲଗା ହୋଇ ଅଶ୍ୱଖୁରାକୃତି ହ୍ରଦ (ଅଂଶୁପା ହ୍ରଦ) ସୃଷ୍ଟି କରିଥାଏ । ବାଲୁକାବନ୍ଧ ଦ୍ୱାରା ସମୁଦ୍ରଜଳ ସମୁଦ୍ରଠାରୁ ଅଲଗାହୋଇ ଉପହ୍ରଦ (Lagoon) ସୃଷ୍ଟି ହୁଏ । ଚିଲିକା, ପୁଲିକାଟ, କୋଲେରୁ ଏହିଭଳି କେତୋଟି ଉପହ୍ରଦ । ଅନ୍ତସ୍ଥଳୀୟ ନଦୀ ଶଯ୍ୟାରେ ସୃଷ୍ଟ ସମ୍ଭର ହ୍ରଦ (ଲୁଣିଆ) ଏହାର ଏକ ଉଦାହରଣ । ଏହାର ଜଳରୁ ଲୁଣ ମରାଯାଏ ।

ହିମାଳୟ ପାର୍ବତ୍ୟାଞ୍ଚଳରେ ଅନେକ ହ୍ରଦ ଅବସ୍ଥିତ । ସେଗୁଡ଼ିକ ହିମବାହ ଦ୍ୱାରା ସୃଷ୍ଟ ଖାଲୁଆ ଅଞ୍ଚଳ । ପରବର୍ତ୍ତୀ ସମୟରେ ଏଗୁଡ଼ିକରେ ଜଳ ଭରିଯିବାରୁ ହ୍ରଦ ସୃଷ୍ଟିହୋଇଛି । ଜାମ୍ମୁ ଓ କାଶ୍ମୀରର ଉଲ୍ଲାର ହ୍ରଦ ଭୂ-ଆଲୋଡ଼ନ ଯୋଗୁ ସୃଷ୍ଟି ହୋଇଛି । ଏହା ଭାରତର ସର୍ବବୃହତ ମଧୁରଜଳପୂର୍ଣ୍ଣ ହ୍ରଦ । ଡାଲହ୍ରଦ, ନୈନିତାଲ (ଉତ୍ତରାଖଣ୍ଡ), ଲୋକଟକ୍ (ମଣିପୁର) ଏବଂ ବରାପାଣି (ମେଘାଳୟ) ହ୍ରଦ ଅନ୍ୟ କେତୋଟି ମଧୁରଜଳ ବିଶିଷ୍ଟ ହ୍ରଦ ।

ପ୍ରାକୃତିକ ହ୍ରଦ ବ୍ୟତୀତ ନଦୀ ଶଯ୍ୟାରେ ନଦୀବନ୍ଧ ନିର୍ମାଣକରି ଜଳବିଦ୍ୟୁତଶକ୍ତି ଉତ୍ପାଦନ ଉଦ୍ଦେଶ୍ୟରେ ହ୍ରଦ ସୃଷ୍ଟି କରାଯାଇଥାଏ । ଗୁରୁଗୋବିନ୍ଦ ସାଗର (ଭାକ୍ରାନଙ୍ଗଲ ନଦୀବନ୍ଧ ଯୋଜନା) ସତଲେଜ୍ ନଦୀ ଶଯ୍ୟାରେ ଅବସ୍ଥିତ ।

ହ୍ରଦଗୁଡ଼ିକ ମନୁଷ୍ୟର ଅନେକ ଉପକାର କରିଥାନ୍ତି । ହ୍ରଦଗୁଡ଼ିକ ଜଳପ୍ରବାହର ନିୟନ୍ତ୍ରଣରେ ସାହାଯ୍ୟ କରିଥାନ୍ତି । ଅଧିକ ବୃଷ୍ଟିପାତ ସମୟରେ ଏହା ବୃଷ୍ଟିଜଳ ସଂଗ୍ରହ କରି ବନ୍ୟା ହେବାକୁ ଦିଏ ନାହିଁ । ଶୁଷ୍କ ଋତୁରେ କେନାଲ ମାଧ୍ୟମରେ ଜଳସେଚନରେ ସାହାଯ୍ୟ କରେ । ଜଳବିଦ୍ୟୁତଶକ୍ତି ଉତ୍ପାଦନରେ ମଧ୍ୟ ସାହାଯ୍ୟ କରେ । ନିକଟବର୍ତ୍ତୀ ଅଞ୍ଚଳର ଜଳବାୟୁକୁ ସମଭାବାପନ୍ନ କରେ । ଜଳୀୟ ପରିସଂସ୍ଥା ସୃଷ୍ଟି କରେ । ପ୍ରାକୃତିକ ସୌନ୍ଦର୍ଯ୍ୟ ବୃଦ୍ଧି, ପର୍ଯ୍ୟଟନ ବିକାଶ ଏବଂ ଚିତ୍ତ ବିନୋଦନରେ ମଧ୍ୟ ସାହାଯ୍ୟ କରେ ।

## ଅର୍ଥନୀତିରେ ନଦୀଗୁଡ଼ିକର ଭୂମିକା :

ମାନବ ସଭ୍ୟତାର ଅଭ୍ୟୁଦୟ ଓ ବିକାଶରେ ନଦୀଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ନଦୀର ଜଳ ମନୁଷ୍ୟର ଏକ ମୌଳିକ ପ୍ରାକୃତିକ ସମ୍ବଳ ଯଦ୍ୱାରା ମନୁଷ୍ୟର ଅନେକ ଆବଶ୍ୟକତା ପୂରଣ ହୋଇଥାଏ । ତେଣୁ ନଦୀ କୂଳରେ ପ୍ରଥମେ ଜନବସତି ଗଢ଼ି ଉଠିଥିଲା ଏବଂ ଆଜି ସେଗୁଡ଼ିକ ବିଶାଳ ନଗରୀରେ ପରିଣତ ହୋଇଛନ୍ତି । ତେଣୁ ନଦୀ ଉପତ୍ୟକାକୁ ସଭ୍ୟତାର ଏନ୍ତୁଡ଼ିଶାଳ ବୋଲି କୁହାଯାଏ । (River Valleys are the cradles of civilisation).

**ତୁମପାଇଁ କାମ :**

***ତୁମରାଜ୍ୟର ନଦୀକୂଳରେ ଗଢ଼ି ଉଠିଥିବା ସହର ଓ ନଦୀଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।***

ନଦୀଗୁଡ଼ିକୁ ଜଳସେଚନ, ନୌପରିବହନ, ନୌକାବିହାର, ନୌଚାଳନ, ଜଳ ବିଦ୍ୟୁତଶକ୍ତି ଉତ୍ପାଦନ ଆଦି କାର୍ଯ୍ୟରେ ବ୍ୟବହାର କରାଯାଏ । ଭାରତଭଳି ଏକ କୃଷିପ୍ରଧାନ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ । ଜୀବିକାର୍ଜ୍ଜନର ଅନ୍ୟ ଏକ ପନ୍ଥା ଭାବେ ମତ୍ସ୍ୟଗ୍ରହଣ ଓ ଧାରଣ ଓ ଶିଳ୍ପାୟନ ପାଇଁ ମଧ୍ୟ ସାହାଯ୍ୟ କରେ ।

## ନଦୀଜଳ ପ୍ରଦୂଷଣ :

ଶିଳ୍ପାୟନ, ସହରୀକରଣ, କୃଷି ଉନ୍ନୟନ ଏବଂ ଗୃହକାର୍ଯ୍ୟ ପାଇଁ ଜଳର ଆବଶ୍ୟକତା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଯୋଗୁ ନଦୀଜଳର ଗୁଣବତ୍ତାରେ ପ୍ରତିକୂଳ ପ୍ରଭାବ ପଡୁଅଛି । ଏହାଫଳରେ ଅଧିକରୁ ଅଧିକ ଜଳ ନଦୀରୁ ନିଷ୍କାସିତ ହେଉଛି । ଯଦ୍ଦ୍ୱାରା ନଦୀରେ ଜଳପ୍ରବାହର ପରିମାଣ ହ୍ରାସ ପାଉଛି । ଅପର ପକ୍ଷରେ ନର୍ଦ୍ଦମାଜଳ ଓ ଶିଳ୍ପଗୁଡ଼ିକରୁ ବାହାରୁଥିବା ବର୍ଜ୍ୟବସ୍ତୁ ଏବଂ ଅପରିଷ୍କାର ଜଳ ନଦୀଧାରରେ ମିଶୁଥିବାରୁ ନଦୀ ଜଳ ପ୍ରଦୂଷିତ ହେଉଅଛି । ଏହାଦ୍ୱାରା ନଦୀ ତା'ର ନିଜ ଜଳଧାରାକୁ ପରିଷ୍କୃତ କରିବାରେ ଅକ୍ଷମ ହେଉଅଛି । ଉଦାହରଣ ସ୍ୱରୂପ ଗଙ୍ଗାନଦୀରେ ଜଳପ୍ରବାହ ଉପଯୁକ୍ତ ପରିମାଣରେ ହେଲେ କୌଣସି ଏକ ବଡ଼ ସହରର ୨୦ କି.ମି. ପର୍ଯ୍ୟନ୍ତ ଜଳକୁ ସ୍ୱଚ୍ଛ ଏବଂ ପରିଷ୍କାର ରଖିବାର କ୍ଷମତା ଏହାର ଅଛି । ମାତ୍ର କ୍ରମବର୍ଦ୍ଧିଷ୍ଣୁ ସହରୀକରଣ ଏବଂ ଶିଳ୍ପାୟନ ଦ୍ୱାରା ଏହା ସମ୍ଭବ ହେଉନାହିଁ । ଫଳତଃ ପ୍ରଦୂଷଣ ସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏହାର ମୁକାବିଲା ସକାଶେ ସରକାର ନଦୀଜଳ ପ୍ରଦୂଷଣ ରୋକିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଭଳି କାର୍ଯ୍ୟପନ୍ଥା (Action ) ସମ୍ବନ୍ଧରେ ତୁମେ ଜାଣିଛ କି ? ପ୍ରଦୂଷିତ ନଦୀଜଳ ଦ୍ୱାରା ତୁମର ସ୍ୱାସ୍ଥ୍ୟକ୍ଷୁର୍ଣ୍ଣ ହୋଇଛି କି ? ମଧୁର ଜଳ ବିନା ମନୁଷ୍ୟର ଜୀବନ ବିଷୟରେ ଚିନ୍ତାକର ଏବଂ ଏହା ଉପରେ ତୁମଶ୍ରେଣୀରେ ଏକ ତର୍କସଭାର ଆୟୋଜନ କର ।

## ଓଡ଼ିଶାର ନଦୀ ସମୂହ :

ଓଡ଼ିଶାର ସମସ୍ତ ନଦୀ, ଉପଦ୍ୱୀପ ଏବଂ ମାଳଭୂମି କିମ୍ବା ଏହାର ଅଂଶବିଶେଷରୁ ଉତ୍ପତ୍ତିଲାଭ କରି ବଙ୍ଗୋପସାଗରରେ ପଡ଼ିଛନ୍ତି । ତେଣୁ ନଦୀଗୁଡ଼ିକ ଚିରସ୍ରୋତା କିମ୍ବା ବର୍ଷସାରା ସୁନାବ୍ୟା ନୁହଁନ୍ତି । ଅଧିକାଂଶ ନଦୀ ସମୁଦ୍ରରେ ପଡ଼ିବା ପୂର୍ବରୁ ବିସ୍ତୀର୍ଣ୍ଣ ତ୍ରିକୋଣଭୂମି ସୃଷ୍ଟି କରିଛନ୍ତି । ମହାନଦୀ, ବ୍ରାହ୍ମଣୀ, ବୈତରଣୀ ବୁଢ଼ାବଳଙ୍ଗ, ଋଷିକୁଲ୍ୟା ଏବଂ ବଂଶଧାରା ଆଦି ଓଡ଼ିଶାର ମୁଖ୍ୟନଦୀ ।

## ମହାନଦୀ :

ମହାନଦୀ ଓଡ଼ିଶାର ସବୁଠାରୁ ବଡ଼ ନଦୀ । ଛତିଶଗଡ଼ ରାଜ୍ୟର ଧମତରୀ ଜିଲ୍ଲାରେ ଅବସ୍ଥିତ ସିହାୱା ପର୍ବତରୁ ବାହାରି ଝାରସୁଗୁଡ଼ା ଜିଲ୍ଲାରେ ଓଡ଼ିଶାକୁ ପ୍ରବେଶ କରିଛି । ଏହାର ଦୈର୍ଘ୍ୟ ପ୍ରାୟ ୮୫୭ କି.ମି. । ପାରାଦ୍ୱୀପ ନିକଟସ୍ଥ ବତୀଘରର ଦକ୍ଷିଣକୁ ବଙ୍ଗୋପସାଗରରେ ପଡ଼ିଛି । ଏହା ଭାରତର ଷଷ୍ଠ ବୃହତ୍ତମ ନଦୀ ଓ ଓଡ଼ିଶାରେ ଏହାର ଦୈର୍ଘ୍ୟ ୪୯୪ କି.ମି. ।

**ତୁମପାଇଁ କାମ :**

***ମହାନଦୀ ଓଡ଼ିଶାର କେଉଁ କେଉଁ ଜିଲ୍ଲା ମଧ୍ୟଦେଇ ପ୍ରବାହିତ ହୋଇଛି ବାହାର କର ।***

ବୌଦର ସୁନାଖଣିଆଠାରୁ ଦଶପଲ୍ଲାର ବଡ଼ମୂଳ ଘାଟି ମଧ୍ୟରେ ଏହା ଏକ ଗଭୀର ଗଣ୍ଡ ସୃଷ୍ଟି କରିଛି । ତାହାକୁ ସାତକୋଶିଆ ଗଣ୍ଡ କୁହାଯାଏ । ବନ୍ୟାନିୟନ୍ତ୍ରଣ, ଜଳବିଦ୍ୟୁତ ଉତ୍ପାଦନ ଓ ଜଳସେଚନ ଉଦ୍ଦେଶ୍ୟରେ ଏହି ନଦୀଶଯ୍ୟାରେ ହୀରାକୁଦଠାରେ ଏକ ଡ୍ୟାମ୍ ଓ ଯୋବ୍ରାଠାରେ ଏକ ବ୍ୟାରେଜ ନିର୍ମାଣ କରାଯାଇ କୃତ୍ରିମ ଜଳଭଣ୍ଡାର ସୃଷ୍ଟି କରାଯାଇଛି । ଏଥିରୁ କେନାଲ ଖୋଳାଯାଇ ତ୍ରିକୋଣଭୂମି ଅଞ୍ଚଳରେ ଜଳସେଚନ କରାଯାଉଛି । କଟକଠାରୁ ଏହି ନଦୀର ତ୍ରିକୋଣଭୂମି ଆରମ୍ଭ ହୋଇଛି । ନିମ୍ନଶଯ୍ୟାରେ ଏହା ଅନେକ ଶାଖାନଦୀରେ ବିଭକ୍ତ ହୋଇଅଛି । ସେଗୁଡ଼ିକ ମଧ୍ୟରେ କାଠଯୋଡ଼ୀ, କୁଆଖାଇ, ବିରୂପା, ଦେବୀ, ଦୟା

ଓ ଭାର୍ଗବୀ ମୁଖ୍ୟ । ଓଡ଼ିଶା ଭିତରେ ତେଲ ଓ ଇବ୍ ମହାନଦୀର ଦୁଇଟି ମୁଖ୍ୟ ଉପନଦୀ ।

> **ତୁମେ ଜାଣିଛକି ?**
>
> ***ମୁଖ୍ୟନଦୀରୁ ବାହାରି ଏହାର ଜଳକୁ ହ୍ରଦ କିମ୍ବା ସମୁଦ୍ରକୁ ନେଇ ଯାଉଥିବା ନଦୀକୁ ଏହାର ଶାଖାନଦୀ କୁହାଯାଏ । ପଟୁବାହକ ତ୍ରିକୋଣଭୂମି ଅଞ୍ଚଳରେ ନଦୀ ଅନେକଗୁଡ଼ିଏ ଶାଖାନଦୀରେ ବିଭକ୍ତ ହୋଇଥାଏ ।***

## ବ୍ରାହ୍ମଣୀ :

ଶଙ୍ଖ ଓ କୋଏଲ ନାମକ ଦୁଇଟି ନଦୀ ଛୋଟନାଗପୁର ମାଳଭୂମିରୁ ବାହାରି ରାଉରକେଲା ନିକଟସ୍ଥ ବେଦବ୍ୟାସଠାରେ ମିଳିତ ହୋଇ ବ୍ରାହ୍ମଣୀ ନଦୀ ନାମ ଧାରଣ କରିଛନ୍ତି । ଏହା ଓଡ଼ିଶାର ଦ୍ୱିତୀୟ ବଡ଼ ନଦୀ । ବୈତରଣୀ ସହ ମିଳିତ ହୋଇ ଧାମରାଠାରେ ବଙ୍ଗୋପସାଗରରେ ପଡ଼ିଅଛି । ଏହାର ନଦୀଶଯ୍ୟାରେ ରେଙ୍ଗାଲୀଠାରେ ଗୋଟିଏ ଡ୍ୟାମ କରାଯାଇ ଜଳବିଦ୍ୟୁତଶକ୍ତି ଉତ୍ପାଦନ କରାଯିବା ସଙ୍ଗେ ସଙ୍ଗେ ଜଳସେଚନ ମଧ୍ୟ କରାଯାଉଛି । ଖରସ୍ରୋତା ଏହାର ମୁଖ୍ୟ ଶାଖାନଦୀ । ବ୍ରାହ୍ମଣୀନଦୀ କୂଳରେ ଗଢ଼ିଉଠୁଥିବା ଶିଳ୍ପଯୋଗୁ (ଅନୁଗୁଳର ଜାତୀୟ ଆଲୁମିନିୟମ ଶିଳ୍ପ ଓ ତାଳଚେରର କୋଇଲା ଓ ତାପଜବିଦ୍ୟୁତ କାରଖାନା) ଏହାର ଜଳ ଦୂଷିତ ହେବାସଙ୍ଗେ ସଙ୍ଗେ ନିମ୍ନମାର୍ଗରେ ଏହାର ଜଳଉପରେ ନିର୍ଭର କରୁଥିବା ଗ୍ରାମବାସୀମାନଙ୍କର ସ୍ୱାସ୍ଥ୍ୟଉପରେ ଖରାପ ପ୍ରଭାବ ପଡୁଅଛି । ଏହାର ଦୈର୍ଘ୍ୟ ପ୍ରାୟ ୭୯୯ କି.ମି. ।

## ସୁବର୍ଣ୍ଣରେଖା :

ଛୋଟନାଗପୁର ମାଳଭୂମିରୁ ବାହାରି ପଶ୍ଚିମବଙ୍ଗ ମଧ୍ୟଦେଇ ପ୍ରବାହିତ ହେବାପରେ ବାଲେଶ୍ୱର ଜିଲ୍ଲାକୁ ପ୍ରବେଶ କରିଅଛି । ଏହି ଜିଲ୍ଲାରେ ପ୍ରବାହିତ ହେବା ପରେ ବଙ୍ଗୋପସାଗରରେ ପଡ଼ିଅଛି । ଏହାର ଦୈର୍ଘ୍ୟ ୪୩୩ କି.ମି. ।

## ବୈତରଣୀ :

କେନ୍ଦୁଝର ଜିଲ୍ଲାର ଗୋନାସିକା ପର୍ବତରୁ ବାହାରିଛି । ସାଳନ୍ଦୀ ବୈତରଣୀ ନଦୀର ଏକ ଉପନଦୀ । ମୟୂରଭଞ୍ଜର ମେଘାସନ ପର୍ବତରୁ ସାଳନ୍ଦୀର ଉତ୍ପତ୍ତି । ଏହାର ଦୈର୍ଘ୍ୟ ୩୬୫ କି.ମି. ।

> **ତୁମପାଇଁ କାମ :**
>
> ***ବୈତରଣୀ ନଦୀ କେଉଁ କେଉଁ ଜିଲ୍ଲାମାନଙ୍କରେ ପ୍ରବାହିତ ହେଉଅଛି ବାହାର କର ।***

## ବୁଢ଼ାବଳଙ୍ଗ :

ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପାହାଡ଼ରୁ ଉତ୍ପତ୍ତି ଲାଭକରି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ମଧ୍ୟଦେଇ ପ୍ରବାହିତ ହେବାପରେ ସମୁଦ୍ରରେ ପଡ଼ିଅଛି । ବାଲେଶ୍ୱର ଓ ବାରିପଦା ସହରଦ୍ୱୟ ଏହି ନଦୀକୂଳରେ ଅବସ୍ଥିତ । ବରେହିପାଣି ଜଳପ୍ରପାତ ଏହି ନଦୀ ଶଯ୍ୟାରେ ଅବସ୍ଥିତ । ଏହି ନଦୀର ଦୈର୍ଘ୍ୟ ୧୭୫ କି.ମି. ।

## ଋଷିକୁଲ୍ୟା :

କନ୍ଧମାଳ ଜିଲ୍ଲାର ଋଷି ପର୍ବତରୁ ବାହାରି ବଙ୍ଗୋପସାଗରରେ ପଡ଼ିଛି । ଧନେଇ, ବଡ଼ନଦୀ ଓ ବାଘୁଆ ଏହାର ଦୁଇଟି ମୁଖ୍ୟ ଉପନଦୀ ଓ ଏହାର ମୁହାଣରେ ତ୍ରିକୋଣଭୂମି ନାହିଁ । ଏହାର ଦୈର୍ଘ୍ୟ ୧୬୫ କି.ମି. ।

## ବଂଶଧାରା :

କଳାହାଣ୍ଡି ଜିଲ୍ଲାର ପାର୍ବତ୍ୟାଞ୍ଚଳରୁ ବାହାରି ଆନ୍ଧ୍ରପ୍ରଦେଶରେ ପ୍ରବେଶ କରିଛି । ମହେନ୍ଦ୍ରତନୟା ଏହାର ଏକ ଉପନଦୀ । ମହେନ୍ଦ୍ରତନୟା ନଦୀ ମହେନ୍ଦ୍ରଗିରିର ଉତ୍ପତ୍ତିଲାଭ କରି ବଂଶଧାରା ସହିତ ମିଳିତ ହୋଇଛି । ଏହାର ଦୈର୍ଘ୍ୟ ୨୩୦କି.ମି. ଓ ଆନ୍ଧ୍ରପ୍ରଦେଶର କଳିଙ୍ଗପଟ୍ଟନମ୍‌ଠାରେ ସମୁଦ୍ରରେ ପଡ଼ିଅଛି ।

ସାଳନ୍ଦୀ, ଇନ୍ଦ୍ରାବତୀ, କୋଲାବ, ଶାବରୀ, ମାଛକୁଣ୍ଡ, ନାଗାବଳୀ, ବାହୁଡ଼ା ଆଦି ଓଡ଼ିଶାର ମାଳଭୂମି ଅଞ୍ଚଳରେ କେତେକ ନଦୀ । ଡୁଡୁମା ଜଳପ୍ରପାତ ମାଛକୁଣ୍ଡ ନଦୀଶଯ୍ୟାରେ ଅବସ୍ଥିତ ।

# ଓଡ଼ିଶାର ହ୍ରଦ

## ଚିଲିକା :

ଭାରତର ସବୁଠାରୁ ବଡ଼ ଲୁଣିହ୍ରଦ । ଏହାର ଦୈର୍ଘ୍ୟ ୭୧ କି.ମି. ଓ ପ୍ରସ୍ଥ ୩୨ କିମି. । ଏହାର କ୍ଷେତ୍ରଫଳ ସମୟାନୁସାରେ ୭୮୦ ବର୍ଗ କି.ମି.ରୁ ୧୪୪ ବର୍ଗ କି.ମି. ମଧ୍ୟରେ ସୀମିତ ରହିଥାଏ । ସମୁଦ୍ର ସହ ସଂଲଗ୍ନ ହେଲେ ଏହା ଏକ ଉପହ୍ରଦରେ ପରିଣତ ହୁଏ । ବର୍ଷାଦିନେ ପ୍ରଚୁର ବର୍ଷାଜଳ ମିଶୁଥିବାରୁ ଏହାର ଲବଣତା ହ୍ରାସପାଏ । ମାତ୍ର ଶୀତଋତୁରେ ଏହା ଅଧିକ ଥାଏ । ଶୀତଋତୁରେ ଉତ୍ତର ମେରୁଅଞ୍ଚଳ, କାସ୍ପିୟାନ ହ୍ରଦ, ଜାମ୍ମୁ ଓ କାଶ୍ମୀର ଅଞ୍ଚଳରୁ ବିଭିନ୍ନ ଜାତିର ପକ୍ଷୀ ଚିଲିକାହ୍ରଦକୁ ଆସିଥାନ୍ତି । ଏହି ହ୍ରଦରୁ ପ୍ରଚୁର ପରିମାଣରେ ମାଛ ମରାଯାଏ । ଚିଲିକା ହ୍ରଦ ମଧ୍ୟରେ ପାରିକୁଦ, ମାଲୁଦ ଓ କାଳୀଜାଇ ପ୍ରଭୃତି ଅନେକ ଛୋଟ ଛୋଟ ପାହାଡ଼ ଅବସ୍ଥିତ । କାଳୀଜାଇ ପାହାଡ଼ରେ ମା କାଳୀଜାଇଙ୍କର ମନ୍ଦିର ଅଛି । ଚିଲିକାହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାପାଇଁ ପର୍ଯ୍ୟଟକମାନେ ଆସିଥାନ୍ତି । ତେଣୁ ଏହାକୁ ଏକ ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯାଇଛି । ଏଠାରେ ଏକ ନୌବାଳକ ତାଲିମକେନ୍ଦ୍ର ଅଛି । ଚିଲିକାହ୍ରଦ ବ୍ରହ୍ମପୁତ୍ର ଜାତିର ଡଲଫିନଙ୍କର ବାସସ୍ଥଳୀ । ସାତପଡ଼ା ନିକଟରେ ଡଲଫିନ୍ ଦେଖିବାପାଇଁ ବ୍ୟବସ୍ଥା କରାଯାଇଛି ।

## ଅଂଶୁପା :

ମହାନଦୀର ଏକ ବକ୍ର ଅଂଶ ବିଛିନ୍ନ ହୋଇ ଏହି ହ୍ରଦର ସୃଷ୍ଟି । ତେଣୁ ଏହା ଏକ ଅଶ୍ୱଖୁରାକୃତ ହ୍ରଦ । ଏହାର ଦୈର୍ଘ୍ୟ ୫ କି.ମି. ଏବଂ ପ୍ରସ୍ଥ ୨ କି.ମି. । ଏହାର ପଶ୍ଚିମରେ ସରଣ୍ଡା ପାହାଡ଼ ଓ ପୂର୍ବରେ କୁଞ୍ଜର ପାହାଡ଼ ଅବସ୍ଥିତ । ଏହାର ଦକ୍ଷିଣରେ ମହାନଦୀ ପ୍ରବାହିତ ହେଉଅଛି । ଏହା ଏକ ମଧୁର ଜଳପୂର୍ଣ୍ଣ ହ୍ରଦ । ଏଥିରୁ ମାଛ ଧରାଯାଏ । ଅଂଶୁପାକୁ ଏକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ଓଡ଼ିଶାସରକାର ଚେଷ୍ଟିତ ।

## ପାଟ :

ଗଞ୍ଜାମଜିଲ୍ଲାର ଛତ୍ରପୁର ସହର ନିକଟରେ ଏହି ହ୍ରଦ ଅବସ୍ଥିତ । ଏହା ଏକ ମଧୁରଜଳପୂର୍ଣ୍ଣ ହ୍ରଦ । ଏହାର ଦୈର୍ଘ୍ୟ 4 କି.ମି. ଏବଂ ପ୍ରସ୍ଥ ½ କି.ମି. ।

---

# ପ୍ରଶ୍ନାବଳୀ

୧. ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍‌ଟିକୁ ବାଛି ଲେଖ ।

(i) କେଉଁ ନଦୀଟି ଆରବ ସାଗରରେ ପଡ଼ିଅଛି ?

(କ) କୃଷ୍ଣା (ଖ) କାବେରୀ (ଗ) ନର୍ମଦା (ଘ) ମେଘନା

(ii) ନିମ୍ନଲିଖିତ କେଉଁ ହ୍ରଦଟି ଉତ୍ତରାଖଣ୍ଡରେ ଅବସ୍ଥିତ ?

(କ) ଡାଲ୍ (ଖ) ଉଲାର (ଗ) ଅଂଶୁପା (ଘ) ନୈନିତାଲ

(iii) କେଉଁ ନଦୀଟି ଏକ ଗ୍ରସ୍ତଉପତ୍ୟକା ମଧ୍ୟ ଦେଇ ପ୍ରବାହିତ ହେଉଅଛି ?

(କ) ମହାନଦୀ (ଖ) ତାପ୍ତି (ଗ) କାବେରୀ (ଘ) ବ୍ରହ୍ମପୁତ୍ର

(iv) ଉପଦ୍ୱୀପୀୟ ନଦୀମାନଙ୍କ ମଧ୍ୟରେ କେଉଁଟିର ଦୈର୍ଘ୍ୟ ସବୁଠାରୁ ଅଧିକ ।

(କ) କୃଷ୍ଣା (ଖ) ଗୋଦାବରୀ (ଗ) ମହାନଦୀ (ଘ) କାବେରୀ

(v) ସିନ୍ଧୁନଦୀର ଉତ୍ପତ୍ତିସ୍ଥଳ କେଉଁଟି ?

(କ) ଯମୁନୋତ୍ରୀ (ଖ) ମାନସରୋବର (ଗ) ଅମରକଣ୍ଟକ ମାଳଭୂମି (ଘ) ସାତପୁରା ପର୍ବତଶ୍ରେଣୀ

(vi) କେଉଁ ନଦୀର ଅବବାହିକା ଅଞ୍ଚଳ ଭାରତରେ ସବୁଠାରୁ ବଡ଼ ?

(କ) ବ୍ରହ୍ମପୁତ୍ର (ଖ) ସିନ୍ଧୁ (ଗ) ଗଙ୍ଗା (ଘ) ଗୋଦାବରୀ

୨. **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।**

(i) ଜଳବିଭାଜିକା କହିଲେ କ'ଣ ବୁଝାଯାଏ ? ଗୋଟିଏ ଉଦାହରଣ ଦିଅ ।

(ii) ଗଙ୍ଗାନଦୀ ଓ ଯମୁନା ନଦୀ କେଉଁଠୁ ଉତ୍ପତ୍ତି ଲାଭ କରିଛନ୍ତି ?

(iii) ଗଙ୍ଗାନଦୀ କେଉଁ ଦୁଇଟି ନଦୀର ମିଳନଦ୍ୱାରା ସୃଷ୍ଟି ହୋଇଛି ଏବଂ କେଉଁଠାରେ ?

(iv) ତିବ୍ବତରେ ବ୍ରହ୍ମପୁତ୍ରର ଗତିପଥ ଅଧିକ ହେଲେ ମଧ୍ୟ କାହିଁକି କମ୍ ପରିମାଣର ପଟୁ ବହନ କରେ ?

(v) କେଉଁ ଦୁଇଟି ଉପଦ୍ୱୀପୀୟ ନଦୀ ଗଙ୍ଗାନଦୀର ବାମ ପଟେ ଏହାସହିତ ମିଶିଛନ୍ତି ?

୩. ହ୍ରଦଗୁଡ଼ିକର ଅର୍ଥନୈତିକ ଅବଦାନ ସମ୍ପର୍କରେ ଆଲୋଚନା କର ।

୪. ହିମାଳୟରୁ ବାହାରିଥିବା ଓ ଉପଦ୍ୱୀପୀୟ ନଦୀ ଗୁଡ଼ିକ ମଧ୍ୟରେ ଥିବା ଉଲ୍ଲେଖନୀୟ ପାର୍ଥକ୍ୟଗୁଡ଼ିକ ସମ୍ବନ୍ଧରେ ଆଲୋଚନା କର ।

୫. ଉପଦ୍ୱୀପୀୟ ପଶ୍ଚିମବାହିନୀ ଓ ପୂର୍ବବାହିନୀ ନଦୀ ମଧ୍ୟରେ ତୁଳନା କର ।

୬. ଦେଶର ଅର୍ଥନୈତିକ ବିକାଶପାଇଁ ନଦୀର ଭୂମିକା କାହିଁକି ଗୁରୁତ୍ୱପୂର୍ଣ୍ଣ ?

୭. **ତୁମ ପାଇଁ କାମ ।**

(i) ମାନଚିତ୍ର କାର୍ଯ୍ୟ- ଭାରତର ଏକ ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତ ନଦୀଗୁଡ଼ିକ ଦର୍ଶାଅ ।
ଗଙ୍ଗା, ସତଲେଜ, କୃଷ୍ଣା, ନର୍ମଦା, ତାପ୍ତି, ମହାନଦୀ ଏବଂ ବ୍ରହ୍ମପୁତ୍ର

(ii) ଅନ୍ୟ ଏକ ରେଖାଙ୍କିତ ମାନଚିତ୍ରରେ ଚିଲିକା, ସମ୍ବର, ଉଲ୍ଲାର, ପୁଲିକଟ୍, କୋଲେରୁ ହ୍ରଦ ଦର୍ଶାଅ ।

•••

# ତୃତୀୟ ଅଧ୍ୟାୟ

# ଜଳବାୟୁ

ଅଶ୍ମମଣ୍ଡଳ, ବାରିମଣ୍ଡଳ, ବାୟୁମଣ୍ଡଳ ଓ ଜୈବମଣ୍ଡଳକୁ ନେଇ ପୃଥିବୀର ଭୂମଣ୍ଡଳ ଗଠିତ । ଏହି ଚାରିଗୋଟି ମଣ୍ଡଳ ପରସ୍ପର ଉପରେ ନିର୍ଭରଶୀଳ । ପୃଥିବୀ ଚାରିପାଖରେ ଘେରି ରହିଥିବା ବାୟୁର ଆସ୍ତରଣକୁ **ବାୟୁମଣ୍ଡଳ** କୁହାଯାଏ । ବାୟୁମଣ୍ଡଳରେ ସବୁବେଳେ ଅନେକ ପ୍ରକାରର ପରିବର୍ତ୍ତନ ଦେଖାଯାଏ । କେତେବେଳେ ବାୟୁ ଉଷ୍ଣ ହୋଇଥାଏ ତ କେତେବେଳେ ଶୀତଳ, କେତେବେଳେ ଆର୍ଦ୍ର ତ କେତେବେଳେ ଶୁଷ୍କ ଏବଂ କେତେବେଳେ ମୃଦୁ ତ କେତେବେଳେ ଗତିଶୀଳ । ସେହିପରି ବାୟୁମଣ୍ଡଳର ଉତ୍ତାପର ମଧ୍ୟ ହ୍ରାସ ବୃଦ୍ଧି ଘଟିଥାଏ । କୌଣସି ସ୍ଥାନର ନିର୍ଦ୍ଦିଷ୍ଟ ସମୟର ବାୟୁମଣ୍ଡଳର ଅବସ୍ଥାକୁ **ପାଗ** କୁହାଯାଏ । ଏହି ଅବସ୍ଥାଗୁଡ଼ିକ ହେଲା- ବାୟୁର ଉତ୍ତାପ, ବାୟୁର ଚାପ, ବାୟୁପ୍ରବାହର ଦିଗ ଓ ବେଗ, ଆର୍ଦ୍ରତା ଓ ବୃଷ୍ଟିପାତ ଇତ୍ୟାଦି । ଗୋଟିଏ ସ୍ଥାନର ପାଗ ସବୁବେଳେ ସ୍ଥିର ନଥାଏ । ସମୟାନୁସାରେ ପରିବର୍ତ୍ତିତ ହୋଇଥାଏ । ସକାଳେ ଆକାଶ ପରିଷ୍କାର ଥାଇ ଭଲପାଗର ସୂଚନା ଦେଉଥିବାବେଳେ ସନ୍ଧ୍ୟାବେଳକୁ ଘଡ଼ଘଡ଼ି ସହ ବର୍ଷା ହୋଇଯାଏ । ଅଳ୍ପ ସମୟ ମଧ୍ୟରେ ଖରାପାଗ ବର୍ଷାପାଗରେ ବଦଳିଯାଏ । ତେଣୁ ନିର୍ଦ୍ଦିଷ୍ଟ ପାଗର ସ୍ଥାୟିତ୍ୱ କମ୍ ସମୟ ପାଇଁ ରହିଥାଏ କିନ୍ତୁ ଜଳବାୟୁ ବହୁବର୍ଷର (ଅତିକମ୍‌ରେ ୩୫ ବର୍ଷ) ହାରାହାରି ପାଗକୁ ବୁଝାଇଥାଏ । ତେଣୁ କୌଣସି ବିସ୍ତୃତ ଅଞ୍ଚଳର ଦୀର୍ଘସମୟର ପାଣିପାଗର ହାରାହାରି ଅବସ୍ଥାକୁ **ଜଳବାୟୁ** ବୋଲି କୁହାଯାଏ । ଏହା ଶୀଘ୍ର ବଦଳେ ନାହିଁ । ଅନେକ ବର୍ଷ ଧରି ଗୋଟିଏ ଅଞ୍ଚଳରେ ଗୋଟିଏ ପ୍ରକାରର ଜଳବାୟୁ ଦେଖାଯାଏ ।

ଜଳବାୟୁର ଉପାଦାନଗୁଡ଼ିକ ହେଉଛି ବାୟୁର ଉତ୍ତାପ, ବାୟୁର ଚାପ, ବାୟୁ ପ୍ରବାହ, ବାୟୁର ଆର୍ଦ୍ରତା ଓ ବୃଷ୍ଟିପାତ । ବାୟୁମଣ୍ଡଳରେ ଉପାଦାନଗୁଡ଼ିକର ହ୍ରାସବୃଦ୍ଧି ସର୍ବଦା ଲାଗି ରହିଥାଏ । କିନ୍ତୁ କେତେ ସପ୍ତାହ ବା ମାସ ପାଇଁ ଏକା ପ୍ରକାରର ଅବସ୍ଥାଗୁଡ଼ିକ ଦେଖାଯାଏ । ଏକ ମାସ ପାଇଁ ଉତ୍ତାପ ଅଧିକ ଥାଏ ବା କମ୍ ଥାଏ । ବର୍ଷାର ପରିମାଣ ମଧ୍ୟ କମ୍ ବା ବେଶୀ ହୋଇଥାଏ । ବାୟୁ ପ୍ରବାହର ବେଗ ମଧ୍ୟ କମ୍ ବା ଅଧିକ ହୁଏ । ଏହିସବୁ ଉପାଦାନଗୁଡ଼ିକର ସ୍ଥାୟିତ୍ୱ ଉପରେ ନିର୍ଭର କରି ଗୋଟିଏ ବର୍ଷକୁ କେତେଗୁଡ଼ିଏ ଋତୁରେ ବିଭକ୍ତ କରାଯାଏ । ଯଥା- ଗ୍ରୀଷ୍ମଋତୁ, ବର୍ଷାଋତୁ, ଶୀତଋତୁ, ଶରତଋତୁ, ହେମନ୍ତଋତୁ ଓ ବସନ୍ତଋତୁ । ସେହିପରି ଜଳବାୟୁର ସମାନତା ଦୃଷ୍ଟିରୁ ପୃଥିବୀକୁ କେତେଗୁଡ଼ିଏ ଅଞ୍ଚଳରେ ବିଭକ୍ତ କରାଯାଇଛି । ଭାରତରେ ମୁଖ୍ୟତଃ **ମୌସୁମୀ ଜଳବାୟୁ** ଦେଖାଯାଏ ।

***ମୌସୁମୀ ଶବ୍ଦଟି ଆରବ ଦେଶର ମୌସମ ଶବ୍ଦରୁ ଆସିଛି ଯାହାର ଅର୍ଥ ହେଉଛି ଋତୁକାଳୀନ ବାୟୁପ୍ରବାହ । ଏହା ଋତୁଭେଦରେ ବର୍ଷକ ମଧ୍ୟରେ ଛଅମାସ ପାଇଁ ଏକ ନିର୍ଦ୍ଦିଷ୍ଟ ଦିଗରୁ ପ୍ରବାହିତ ହେଲାବେଳେ ଅନ୍ୟ ଛଅମାସ ତା'ର ବିପରୀତ ଦିଗରୁ ପ୍ରବାହିତ ହୁଏ ।***

ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆରେ ମଧ୍ୟ ମୌସୁମୀ ଜଳବାୟୁ ଦେଖାଯାଏ । ଭାରତରେ ଗୋଟିଏ ପ୍ରକାରର ଜଳବାୟୁ ଅନୁଭୂତ ହେଉଥିଲେ ମଧ୍ୟ ଉତ୍ତାପ ଓ ବୃଷ୍ଟିପାତର ପରିମାଣ ସବୁଠାରେ ସମାନ ନୁହେଁ । ଗ୍ରୀଷ୍ମ ଋତୁରେ ରାଜସ୍ଥାନ ମରୁଭୂମିର କେତେକ ଅଞ୍ଚଳରେ ଉତ୍ତାପ ୫୦° ସେଲ୍‌ସିଅସ ହୋଇଥାଏ । ସେହିପରି ଶୀତଋତୁରେ ଥିରୁଅନନ୍ତପୁରମ୍ ଉତ୍ତାପ ୨୦° ସେଲ୍‌ସିଅସ ଥିବାସ୍ଥଳେ ଜାମ୍ମୁ ଓ କାଶ୍ମୀରର ଡ୍ରାସଠାରେ -୪୫° ସେଲ୍‌ସିଅସ ହୋଇଥାଏ । ସମୁଦ୍ର ଠାରୁ ଦୂରରେ ଅବସ୍ଥିତ ଥିବା ସ୍ଥାନଗୁଡ଼ିକରେ ଦିନରାତି ମଧ୍ୟରେ ଉତ୍ତାପର ତାରତମ୍ୟ ଅଧିକ ଥାଏ । ସମୁଦ୍ର ନିକଟରେ ଅବସ୍ଥିତ ଥିବା ସ୍ଥାନଗୁଡ଼ିକରେ ଉତ୍ତାପର ତାରତମ୍ୟ ଅତି କମ୍ ।

*ଥର୍ ମରୁଭୂମିର ପଶ୍ଚିମ ଅଞ୍ଚଳରେ ଅବସ୍ଥିତ ଜୟସଲମେର ଠାରେ ସାଧାରଣତଃ ଦିନରେ ୫୦° ସେଲ୍‌ସିଅସ ଉତ୍ତାପ ଥିବାବେଳେ ରାତିରେ ୧୫° ସେଲ୍‌ସିଅସ ଥାଏ । ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଗୁଡ଼ିକରେ ଦିନ ରାତି ମଧ୍ୟରେ ଉତ୍ତାପର ପାର୍ଥକ୍ୟ ୮° ସେଲ୍‌ସିଅସ ମଧ୍ୟରେ ରହିଥାଏ ।*

ଭାରତର ବିଭିନ୍ନ ଅଞ୍ଚଳରେ ବର୍ଷଣର ଆକାର, ପ୍ରକାର ଓ ପରିମାଣ ଭିନ୍ନ ଭିନ୍ନ ହୋଇଥାଏ । ବିଭିନ୍ନ ଋତୁରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଥାଏ ଏବଂ ବର୍ଷାର ପରିମାଣରେ ମଧ୍ୟ ପାର୍ଥକ୍ୟ ପରିଲକ୍ଷିତ ହୁଏ । ହିମାଳୟର ଉଚ୍ଚ ଅଞ୍ଚଳରେ ତୁଷାର ବୃଷ୍ଟି ହେଉଥିବାବେଳେ ଦେଶର ଅନ୍ୟାନ୍ୟ ସ୍ଥାନରେ ଜଳବୃଷ୍ଟି ହୋଇଥାଏ । ଦେଶର ଉତ୍ତର ପୂର୍ବାଞ୍ଚଳର କେତେକ ସ୍ଥାନରେ ବାର୍ଷିକ ବୃଷ୍ଟିପାତ ୧୦୦୦ ସେ.ମି.ରୁ ଅଧିକ ହେଉଥିଲାବେଳେ ଲାଦାଖ ଓ ପଶ୍ଚିମ ରାଜସ୍ଥାନରେ ୧୦ ସେଣ୍ଟିମିଟରରୁ କମ୍ ବୃଷ୍ଟିପାତ ହୋଇଥାଏ । ଦେଶର ଅଧିକାଂଶ ଅଞ୍ଚଳ ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ବୃଷ୍ଟିପାତ ପାଇଥାଏ । କିନ୍ତୁ ତାମିଲନାଡୁର କେତେକ ସ୍ଥାନ, କରମଣ୍ଡଳ ଉପକୂଳ, ଜାମ୍ମୁ ଓ କାଶ୍ମୀର, ପଞ୍ଜାବ, ହରିଆଣା, ହିମାଚଳପ୍ରଦେଶ, ଦିଲ୍ଲୀ ଓ ପଶ୍ଚିମ ଉତ୍ତର ପ୍ରଦେଶ ଆଦି ଅଞ୍ଚଳରେ ଶୀତଋତୁରେ ବୃଷ୍ଟିପାତ ହୁଏ ।

ଉପକୂଳ ଅଞ୍ଚଳଗୁଡ଼ିକରେ ଗୋଟିଏ ଋତୁରୁ ଆଉ ଗୋଟିଏ ଋତୁ ମଧ୍ୟରେ ଥିବା ତାପମାତ୍ରାର ପାର୍ଥକ୍ୟ ଖୁବ୍ କମ୍; ସେହିପରି ଦୈନିକ ତାପମାତ୍ରାରେ ମଧ୍ୟ ବିଶେଷ ହ୍ରାସବୃଦ୍ଧି ଘଟିନଥାଏ । ମାତ୍ର ଆଭ୍ୟନ୍ତରୀଣ ଅଞ୍ଚଳରେ ଦୈନିକ ତାପମାତ୍ରାରେ ଅଧିକ ପାର୍ଥକ୍ୟ ଦେଖାଯାଏ । ଶୀତଋତୁ ଏବଂ ଗ୍ରୀଷ୍ମଋତୁର ଉତ୍ତାପ ମଧ୍ୟରେ ବହୁତ ପାର୍ଥକ୍ୟ ଦେଖାଯାଏ । ଉତ୍ତରରେ ଅବସ୍ଥିତ ଥିବା ସମତଳ ଅଞ୍ଚଳରେ ବୃଷ୍ଟିପାତ ପୂର୍ବରୁ ପଶ୍ଚିମକୁ କ୍ରମଶଃ ହ୍ରାସ ପାଇଥାଏ । ଉତ୍ତାପ ଓ ବୃଷ୍ଟିପାତର ତାରତମ୍ୟ ହେତୁ ଲୋକମାନଙ୍କର ଖାଦ୍ୟ, ପେୟ, ବସ୍ତ୍ର, ବାସଗୃହ ଓ ଜୀବନଯାପନ ପ୍ରଣାଳୀରେ ପାର୍ଥକ୍ୟ ପରିଲକ୍ଷିତ ହୁଏ ।

*ରାଜସ୍ଥାନର ଘରଗୁଡ଼ିକରେ ସମତଳ ଛାତ ଥିବାବେଳେ କେରଳରେ ଘରଗୁଡ଼ିକର ଛାତ ଗଡ଼ାଣିଆ ହୋଇଥାଏ । ଥର୍ ମରୁଭୂମିର ଅଧିବାସୀମାନେ ସୂତା ତିଆରି ଢିଲା ପୋଷାକ ବ୍ୟବହାର କରୁଥିଲାବେଳେ ଜାମ୍ମୁ ଓ କାଶ୍ମୀର ଲୋକମାନେ ପଶମ ବସ୍ତ୍ର ବ୍ୟବହାର କରନ୍ତି ।*

## ଜଳବାୟୁର ନିୟାମକ :

ସାଧାରଣତଃ ଜଳବାୟୁ ଦଶଗୋଟି ନିୟାମକ ଦ୍ୱାରା ପ୍ରଭାବିତ ହୁଏ । ସେଗୁଡ଼ିକ ହେଲା– ଅକ୍ଷାଂଶ (Latitude), ଉଚ୍ଚତା (Altitude), ସମୁଦ୍ରଠାରୁ ନିକଟବର୍ତ୍ତିତା (Nearness to sea), ବାୟୁପ୍ରବାହର ଦିଗ (Direction of wind), ମୃତ୍ତିକା (Soil), ଅରଣ୍ୟ (Forest), ସାମୁଦ୍ରିକ ସ୍ରୋତ (Ocean current), ବୃଷ୍ଟିପାତ (Rainfall), ପର୍ବତର ଅବସ୍ଥିତି (Mountains) ଏବଂ ଭୂମିର ଢାଲୁ (Slope of the land) । ଏହାକୁ ସହଜରେ ମନେ ରଖିବା ପାଇଁ LANDS FORMS ବୋଲି କୁହାଯାଏ ।

ପୃଥିବୀର ଆକାର ଯୋଗୁ ସୌରାଭିତାପ ସବୁ ସ୍ଥାନରେ ସମାନ ଭାବରେ ଅନୁଭୂତ ହୁଏ ନାହିଁ । ଅକ୍ଷାଂଶ ଅନୁସାରେ ବିଷୁବ ରେଖାଠାରୁ ଉତ୍ତର ଓ ଦକ୍ଷିଣ ମେରୁ ଆଡ଼କୁ ସୌରାଭିତାପ କ୍ରମଶଃ ହ୍ରାସ ପାଇଥାଏ । ସୌରାଭିତାପର ହ୍ରାସ ବୃଦ୍ଧି ଅନୁସାରେ ବିଭିନ୍ନ ସ୍ଥାନର ତାପମାତ୍ରାରେ ମଧ୍ୟ ହ୍ରାସ ବୃଦ୍ଧି ଘଟିଥାଏ । ତେଣୁ ବିଷୁବ ରେଖା ଅଞ୍ଚଳରେ ଉତ୍ତାପ ସବୁଠାରୁ ଅଧିକ ହୋଇଥାଏ ଏବଂ ମେରୁ ଅଞ୍ଚଳରେ ଉତ୍ତାପ ସବୁଠାରୁ କମ୍ ହୋଇଥାଏ । ବିଷୁବରେଖା ଆଡୁ ମେରୁ ଆଡ଼କୁ ଉତ୍ତାପ କ୍ରମଶଃ ହ୍ରାସ ପାଇଥାଏ ।

ସମୁଦ୍ର ପତ୍ତନଠାରୁ ଉଚ୍ଚତା ଅନୁସାରେ ତାପମାତ୍ରା କମିଥାଏ । ତେଣୁ ଗ୍ରୀଷ୍ମଋତୁରେ ପର୍ବତ ଉପରେ ଥଣ୍ଡା ଲାଗେ । ବାୟୁର ଘନତ୍ୱ ମଧ୍ୟ ଉଚ୍ଚତା ଅନୁସାରେ କମିଥାଏ । ଅଧିକ ଉଚ୍ଚତାରେ ବାୟୁ ପତଳା ହୋଇଥାଏ । କୌଣସି ସ୍ଥାନର ଚାପ ଏବଂ ବାୟୁ ପ୍ରବାହ ସାଧାରଣତଃ ଅକ୍ଷାଂଶ ଓ ଉଚ୍ଚତା ଉପରେ ନିର୍ଭର କରେ । ଏହାଦ୍ୱାରା ଉତ୍ତାପ ଓ ବୃଷ୍ଟିପାତ ମଧ୍ୟ ନିୟନ୍ତ୍ରିତ ହୁଏ ।

ସମୁଦ୍ର ନିକଟରେ ଅବସ୍ଥିତ ଥିବା ସ୍ଥାନଗୁଡ଼ିକରେ ବେଶୀ ଥଣ୍ଡା ବା ଗରମ ଅନୁଭୂତ ହୁଏ ନାହିଁ । କାରଣ ସମୁଦ୍ରରୁ ଆସୁଥିବା ପବନ ଏହି ସ୍ଥାନଗୁଡ଼ିକରେ ଉତ୍ତାପକୁ ନିୟନ୍ତ୍ରଣ କରେ । ଗ୍ରୀଷ୍ମ ଋତୁରେ ସମୁଦ୍ର ଆଡୁ ଥଣ୍ଡା ପବନ ସ୍ଥଳଭାଗ ଆଡ଼କୁ ବହି ଆସୁଥିବାରୁ, ଏହାର ଉତ୍ତାପ କମିଥାଏ । ସେହିଭଳି ଶୀତ ଋତୁରେ ଅପେକ୍ଷାକୃତ ଗରମ ପବନ ସମୁଦ୍ର ଆଡୁ ବହିଆସି ସ୍ଥଳଭାଗର ଉତ୍ତାପ ବୃଦ୍ଧି କରିବାରେ ସହାୟତା କରିଥାଏ । ସମୁଦ୍ରରେ ଦୁଇପ୍ରକାରର ସ୍ରୋତ ପ୍ରବାହିତ ହୁଏ । ଉଷ୍ଣ ସ୍ରୋତ ଏବଂ ଶୀତଳ ସ୍ରୋତ ।

ଉଷ୍ଣ ସ୍ରୋତର ଉତ୍ତାପ ତା'ର ଚାରିପାଖରେ ଥିବା ଜଳରାଶିଠାରୁ ଅପେକ୍ଷାକୃତ ଅଧିକ ହୋଇଥାଏ । ଫଳରେ ଉଷ୍ଣସ୍ରୋତର ପ୍ରଭାବରେ ଉତ୍ତାପ ବୃଦ୍ଧି ଘଟିଥାଏ । ସେହିପରି ଶୀତଳ ସ୍ରୋତର ଉତ୍ତାପ ଚାରିପାଖରେ ଥିବା ଜଳରାଶିଠାରୁ କମ୍ ହୋଇଥାଏ । ଶୀତଳସ୍ରୋତ ପହଞ୍ଚୁଥିବା ସ୍ଥାନଗୁଡ଼ିକରେ ଉତ୍ତାପ କମ୍ ହୋଇଥାଏ । ସାମୁଦ୍ରିକ ସ୍ରୋତ ଦ୍ୱାରା ଜଳବାୟୁ ନିୟନ୍ତ୍ରିତ ହୋଇଥାଏ । ତେଣୁ ଏହି ସ୍ଥାନଗୁଡ଼ିକରେ ସମଭାବାପନ୍ନ ନାତିଶୀତୋଷ୍ଣ ଜଳବାୟୁ ଦେଖାଯାଏ ।

ସମୁଦ୍ରଠାରୁ ଦୂରରେ ଅବସ୍ଥିତ ଥିବା ସ୍ଥାନଗୁଡ଼ିକର ଜଳବାୟୁ ଉପରେ ସାମୁଦ୍ରିକ ପବନ ବା ସ୍ରୋତର କୌଣସି ନିୟନ୍ତ୍ରଣ ନଥାଏ । ଫଳରେ ଏହି ସ୍ଥାନଗୁଡ଼ିକରେ ମହାଦେଶୀୟ ଜଳବାୟୁ ଦେଖାଯାଏ । ଏଠାରେ ଦିନରାତି ମଧ୍ୟରେ ତାପମାତ୍ରା ଏବଂ ଗ୍ରୀଷ୍ମଋତୁ ଓ ଶୀତଋତୁ ମଧ୍ୟରେ ଥିବା ତାପମାତ୍ରାରେ ତାରତମ୍ୟ ଅଧିକ ଥାଏ ।

ଭୂ-ପ୍ରକୃତି ଦ୍ୱାରା ମଧ୍ୟ ଜଳବାୟୁ ନିୟନ୍ତ୍ରିତ ହୋଇଥାଏ । ଉଚ୍ଚ ପର୍ବତଗୁଡ଼ିକ ଶୀତଳ ବା ଉଷ୍ଣବାୟୁର ଗତିପଥରେ ପ୍ରତିବନ୍ଧକ ସୃଷ୍ଟି କରିଥାନ୍ତି । ଫଳରେ ଉଷ୍ଣବାୟୁ ବା ଶୀତଳବାୟୁ ତାକୁ ଅତିକ୍ରମ କରି ପର୍ବତର ଅପର ପାର୍ଶ୍ୱକୁ ଯାଇପାରେ ନାହିଁ । ଜଳୀୟବାଷ୍ପ ପୂର୍ଣ୍ଣ ଉଷ୍ଣବାୟୁ ପର୍ବତରେ ବାଧା ପାଇଲା ପରେ ଉପରକୁ ଉଠେ । ବାଧା ପାଇବା ହେତୁ ଏହାର ଉତ୍ତାପ ବଢ଼ିଥାଏ । ଏହା ସଂପ୍ରସାରିତ ହୋଇ ପର୍ବତର ପ୍ରତିବାତ ପାର୍ଶ୍ୱରେ ବର୍ଷା ଦେଇଥାଏ । ପର୍ବତର ଅପର ପାର୍ଶ୍ୱରେ ବା ଅନୁବାତ ପାର୍ଶ୍ୱରେ ବୃଷ୍ଟିପାତର ପରିମାଣ କମିଯାଏ । କାରଣ ବାୟୁରେ ଜଳୀୟବାଷ୍ପ କମ୍ ଥାଏ ।

ଗାଢ଼ ରଙ୍ଗର ମୃତ୍ତିକା ଗୁଡ଼ିକ ସୂର୍ଯ୍ୟଙ୍କର ଉତ୍ତାପକୁ ଖୁବ୍ ଶୀଘ୍ର ଗ୍ରହଣ କରିଥାନ୍ତି । ଫଳରେ ଏମାନେ ଖୁବ୍ ଶୀଘ୍ର ଗରମ ହୋଇଯାନ୍ତି । କଳାମାଟି ଓ ଲାଲମାଟିଥିବା ସ୍ଥାନଗୁଡ଼ିକରେ ଦିନବେଳା ଏହି କାରଣ ଯୋଗୁ ଅଧିକ ଉତ୍ତାପ ଅନୁଭୂତ ହୁଏ ।

ଉଦ୍ଭିଦବର୍ଗକୁ ଜଳବାୟୁର ଦର୍ପଣ ବୋଲି କୁହାଯାଏ । ଉଦ୍ଭିଦର ପତ୍ର ପୃଷ୍ଠରୁ ଜଳ **ଉତ୍ସ୍ୱେଦନ** ହୋଇଥାଏ । ଏହା ଫଳରେ ବାୟୁମଣ୍ଡଳର ଆର୍ଦ୍ରତା ବୃଦ୍ଧି ପାଇଥାଏ । ଉଦ୍ଭିଦ ବାୟୁର ଉତ୍ତାପକୁ ପରିମିତ (Moderate) ମଧ୍ୟ କରିଥାଏ ।

ବହୁଳ ବୃଷ୍ଟିପାତ ଅଞ୍ଚଳରେ ଆର୍ଦ୍ର ଜଳବାୟୁ ଦେଖାଯାଉଥିବାବେଳେ କମ ବୃଷ୍ଟି ପାଉଥିବା ଅଞ୍ଚଳରେ ଶୁଷ୍କ ଜଳବାୟୁ ଦେଖାଯାଏ ।

## ଭାରତର ଜଳବାୟୁ ନିୟାମକ :

କର୍କଟକ୍ରାନ୍ତି ଭାରତର ମଧ୍ୟଭାଗରେ ପଶ୍ଚିମରେ ରାନ୍ ଅଫ କଚ୍ଛ ଠାରୁ ପୂର୍ବରେ ମିଜୋରାମ ଦେଇଯାଇଛି । ତେଣୁ କର୍କଟକ୍ରାନ୍ତିର ଦକ୍ଷିଣକୁ ଅବସ୍ଥିତ ସ୍ଥାନଗୁଡ଼ିକ ଅଧିକ ପରିମାଣର ଆଲୋକ ଓ ଉତ୍ତାପ ପାଇଥାନ୍ତି । କ୍ରାନ୍ତୀୟ ବଳୟରେ ଅବସ୍ଥିତ ଥିବାରୁ ସେଇ ସ୍ଥାନଗୁଡ଼ିକରେ କ୍ରାନ୍ତୀୟ ଜଳବାୟୁ ଅନୁଭୂତ ହୁଏ ।

କର୍କଟକ୍ରାନ୍ତି ଉତ୍ତରରେ ଥିବା ସ୍ଥାନଗୁଡ଼ିକ ଉପକ୍ରାନ୍ତୀୟ ମଣ୍ଡଳରେ ଅବସ୍ଥିତ ଥିବାରୁ କମ୍ ପରିମାଣର ଆଲୋକ ଓ ଉତ୍ତାପ ପାଇଥାନ୍ତି ଫଳରେ ସେଠାରେ ଉପକ୍ରାନ୍ତୀୟ ଜଳବାୟୁର ଗୁଣଗୁଡ଼ିକ ଅନୁଭୂତ ହୁଏ ।

ଭାରତର ଉତ୍ତରରେ ହିମାଳୟ ପର୍ବତ ଅବସ୍ଥିତ । ଏହାର ହାରାହାରି ଉଚ୍ଚତା ପ୍ରାୟ ୬୦୦୦ ମିଟର । ଏସିଆର ମଧ୍ୟଭାଗରୁ ପ୍ରବାହିତ ହେଉଥିବା ଶୀତଳବାୟୁ ହିମାଳୟ ଦ୍ୱାରା ବାଧାପ୍ରାପ୍ତ ହୋଇଥାଏ । ଏହି ବାୟୁ ହିମାଳୟକୁ ଅତିକ୍ରମ କରିପାରେ ନାହିଁ । ଫଳରେ ଭାରତର ସମତଳ ଅଞ୍ଚଳରେ ଏହା ପ୍ରବେଶ କରିପାରେ ନାହିଁ । ତେଣୁ ଭାରତର ଉତ୍ତାପ ଶୀତଦିନେ ମଧ୍ୟ ଏସିଆଠାରୁ ଅଧିକ ଥାଏ ଏବଂ ମଧ୍ୟ ଏସିଆ ପରି ଶୀତଦିନେ ଅଧିକ ଶୀତ ଅନୁଭୂତ ହୁଏ ନାହିଁ ।

## ବାୟୁର ଚାପ ଓ ବାୟୁ ପ୍ରବାହ :

ଭାରତର ଜଳବାୟୁ ଓ ପାଗ ସାଧାରଣତଃ ତିନିଗୋଟି ଅବସ୍ଥା ଉପରେ ନିର୍ଭର କରିଥାଏ ।

୧। ବାୟୁର ଚାପ ଓ ଭୂପୃଷ୍ଠର ବାୟୁ ପ୍ରବାହ

୨। ଊର୍ଦ୍ଧ୍ୱସ୍ତରର ବାୟୁ ପ୍ରବାହ

୩। ପଶ୍ଚିମ ଲଘୁଚାପ ବିଶୃଙ୍ଖଳା (Western disturbance) ଓ କ୍ରାନ୍ତୀୟ ଲଘୁଚାପ ।

## ବାୟୁର ଚାପ ଓ ଭୂପୃଷ୍ଠର ବାୟୁ ପ୍ରବାହ :

ଭାରତ ଉତ୍ତରପୂର୍ବ ବାୟୁ ପ୍ରବାହ ଅଞ୍ଚଳରେ ଅବସ୍ଥିତ । ଉତ୍ତର ପୂର୍ବ ବାୟୁ ଉପକ୍ରାନ୍ତୀୟ ଗୁରୁଚାପ ବଳୟରୁ ଦକ୍ଷିଣରେ ଥିବା ବିଷୁବରେଖା ଲଘୁଚାପ ବଳୟକୁ ପ୍ରବାହିତ ହୋଇଥାଏ । ପୃଥିବୀ ଘୁରୁଥିବାରୁ କୋରିଓଲିସ ବଳ ଦ୍ୱାରା ତାହା ପୂର୍ବକୁ ବଙ୍କେଇ ଯାଇଥାଏ । ଏହି ବାୟୁ ସ୍ଥଳଭାଗ ଦେଇ ପ୍ରବାହିତ ହେଉଥିବାରୁ ଏଥିରେ ଜଳୀୟବାଷ୍ପର ପରିମାଣ ଖୁବ୍ କମ୍ ଥାଏ ତେଣୁ ଭାରତ ଏହି ବାୟୁରୁ ବର୍ଷା ପାଏ ନାହିଁ ।

> ***କୋରିଓଲିସ ବଳ*** *ପୃଥିବୀ ଘୁରିବା ହେତୁ ସୃଷ୍ଟି ହୋଇଥାଏ । ଏହି ବଳଦ୍ୱାରା ବାୟୁପ୍ରବାହ ଉତ୍ତର ଗୋଲାର୍ଦ୍ଧରେ ଦକ୍ଷିଣକୁ ଓ ଦକ୍ଷିଣ ଗୋଲାର୍ଦ୍ଧରେ ବାମକୁ ବଙ୍କେଇଥାଏ । ଏହାକୁ* ***ଫେରେଲଙ୍କ*** *ନିୟମ ବୋଲି କୁହାଯାଏ ।*

ଶୀତଋତୁରେ ହିମାଳୟର ଉତ୍ତରରେ ଏକ ଗୁରୁଚାପ ବଳୟ ସୃଷ୍ଟି ହୋଇଥାଏ । ସେହି ଗୁରୁଚାପ ବଳୟରୁ ସମୁଦ୍ର ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ବଳୟ ଆଡ଼କୁ ବାୟୁ ପ୍ରବାହିତ ହୋଇଥାଏ । ଏହା ଦକ୍ଷିଣ ଦିଗକୁ ପ୍ରବାହିତ ହୁଏ ।

ଗ୍ରୀଷ୍ମ ଋତୁରେ ଉତ୍ତର ପଶ୍ଚିମ ଭାରତ ଏବଂ ଆଭ୍ୟନ୍ତରୀଣ ଏସିଆ ଉପରେ ଲଘୁଚାପ ସୃଷ୍ଟି ହୁଏ । ସେହି କାରଣରୁ ବାୟୁ ବିପରୀତ ଦିଗରୁ ପ୍ରବାହିତ ହୁଏ । ଦକ୍ଷିଣରେ ଭାରତ ମହାସାଗରର ଗୁରୁଚାପ ବଳୟରୁ ଦକ୍ଷିଣ ପୂର୍ବ ଦିଗରୁ ବାୟୁ ପ୍ରବାହିତ ହୋଇ ବିଷୁବରେଖାକୁ ଅତିକ୍ରମ କରିଥାଏ । ପରେ ଏହା ପଶ୍ଚିମ ଆଡ଼କୁ ବଙ୍କେଇ ଭାରତ ଉପମହାଦେଶ ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ବଳୟ ଆଡ଼କୁ ପ୍ରବାହିତ ହୁଏ । ଏହାକୁ **ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ** ବୋଲି କୁହାଯାଏ । ଏହି ବାୟୁ ସମୁଦ୍ର ଉପର ଦେଇ ଗତି କରୁଥିବାରୁ ବହୁ ପରିମାଣର ଜଳୀୟବାଷ୍ପ ସଂଗ୍ରହ କରିଥାଏ ଏବଂ ବିଭିନ୍ନ ସ୍ଥାନରେ ପ୍ରଚୁର ପରିମାଣର ବୃଷ୍ଟିପାତ କରାଇଥାଏ ।

ଊର୍ଦ୍ଧ୍ୱସ୍ତରର ବାୟୁପ୍ରବାହ **ପଶ୍ଚିମା ବାୟୁ ସ୍ରୋତ** ଦ୍ୱାରା ନିୟନ୍ତ୍ରିତ ହୁଏ । ଏହି ପଶ୍ଚିମା ବାୟୁ ସ୍ରୋତର ଏକ ଅଂଶବିଶେଷ ହେଉଛି Jet stream ବା ଜେଟ୍ ସ୍ରୋତ । ଏହି ଜେଟ୍ ସ୍ରୋତ ୨୭°୩୦' ଉତ୍ତର ଅକ୍ଷାଂଶ ଉପରେ ଅବସ୍ଥିତ । ତେଣୁ ଏହାକୁ **କ୍ରାନ୍ତୀୟ ପଶ୍ଚିମ ଜେଟ୍ ସ୍ରୋତ** ବୋଲି କୁହାଯାଏ । ଏହି ଜେଟ୍ ସ୍ରୋତ ଗୁଡ଼ିକ ଗ୍ରୀଷ୍ମଋତୁ ବ୍ୟତୀତ ଅନ୍ୟ ସବୁ ସମୟରେ ହିମାଳୟର ଦକ୍ଷିଣରେ ପ୍ରବାହିତ ହୁଅନ୍ତି । ଏମାନେ ଶୀତଋତୁରେ ଭୂମଧ୍ୟ ସାଗରରେ ସୃଷ୍ଟି ହେଉଥିବା ପଶ୍ଚିମାବାୟୁ ବିଶୃଙ୍ଖଳା ଗୁଡ଼ିକୁ (ନାତିଶୀତୋଷ୍ଣ ବାତ୍ୟାବର୍ତ୍ତ ଗୁଡ଼ିକୁ) ଆଣିବାରେ ସହାୟତା କରିଥାନ୍ତି ଏବଂ ବର୍ଷା ଦେଇଥାନ୍ତି । ସୂର୍ଯ୍ୟଙ୍କର ଗତି ସହିତ ସମ୍ବନ୍ଧିତ ହୋଇ ଗ୍ରୀଷ୍ମଋତୁରେ ଉପକ୍ରାନ୍ତୀୟ ପଶ୍ଚିମ ଜେଟ୍‌ସ୍ରୋତ ହିମାଳୟର ଉତ୍ତରକୁ ଗତି କରିଥାଏ । କ୍ରାନ୍ତୀୟ ଜେଟ୍‌ସ୍ରୋତ ଭାରତୀୟ ଉପଦ୍ୱୀପ ଉପରେ ଗତିକରି ୧୪° ଉତ୍ତରରେ ଅବସ୍ଥାପିତ ହୁଏ । ଉତ୍ତର ଭାରତ ସମତଳର ଅନ୍ତର୍ଗତ ପ୍ରାୟ ୨୫° ଉତ୍ତରରେ **ପୂର୍ବୀୟ ଜେଟ୍‌ସ୍ରୋତ** ଅବସ୍ଥାପିତ ହୁଏ । ଏହା କ୍ରାନ୍ତିମଣ୍ଡଳୀୟ ବାର୍ତାବର୍ତ୍ତଗୁଡ଼ିକୁ ଭାରତକୁ ଆଣେ । ଏହି ବାତାବର୍ତ୍ତଗୁଡ଼ିକରୁ ଭାରତ ବୃଷ୍ଟି ପାଏ ।

> ***ବହୁ ଉଚ୍ଚରେ ଟ୍ରପୋପଜ୍ ନିକଟରେ ପ୍ରବାହିତ ହେଉଥିବା ପ୍ରବଳ ବେଗଗାମୀ ବାୟୁ ସ୍ରୋତକୁ ଜେଟ୍ ସ୍ରୋତ (Jet stream) କୁହାଯାଏ । ଏହାର ପ୍ରସ୍ଥ ୫୦୦ କିଲୋମିଟର, ଗଭୀରତା ୫ରୁ୮ କି.ମି. ପବନର ବେଗ ଘଣ୍ଟାପ୍ରତି ୩୫୦କି.ମି.ରୁ ୪୫୦କି.ମି. ।***

## ଭାରତର ମୌସୁମୀ ଜଳବାୟୁ :

ଭାରତରେ ସାଧାରଣତଃ ମୌସୁମୀ ଜଳବାୟୁ ଦେଖାଯାଏ । ମୌସୁମୀ ବାୟୁ ବର୍ଷସାରା ଏକ ନିର୍ଦ୍ଦିଷ୍ଟ ଦିଗରୁ ପ୍ରବାହିତ ହୁଏ ନାହିଁ । ଋତୁ ପରିବର୍ତ୍ତନରେ ଦିଗ ପରିବର୍ତ୍ତନ

ଏହାର ଏକ ବିଶେଷତ୍ୱ । ଏହା ବର୍ଷର କେତେକ ମାସରେ ଦିଗ ପରିବର୍ତ୍ତନ କରି ବିପରୀତ ଦିଗରୁ ପ୍ରବାହିତ ହୋଇଥାଏ । ସାଧାରଣତଃ ଆରବଦେଶରୁ ବାଣିଜ୍ୟ କରିବାକୁ ଆସୁଥିବା ନାବିକମାନେ ବାୟୁ ପ୍ରବାହର ଦିଗ ଉପରେ ନିର୍ଭର କରି ବୋଇତ ଚାଳନା କରୁଥିଲେ । ବିପରୀତ ଦିଗରୁ ପ୍ରବାହିତ ମୌସୁମୀବାୟୁ ସେମାନଙ୍କୁ ସହଜରେ ବୋଇତ ଚଳାଇ ଫେରିବା ସମୟରେ ସହାୟତା କରୁଥିଲା । ତେଣୁ ପ୍ରଥମ କରି ସେମାନେ ବିପରୀତ ଦିଗ ପରିବର୍ତ୍ତନକାରୀ ବାୟୁର ନାମ ମୌସୁମୀ ବାୟୁ ବୋଲି ରଖିଥିଲେ । ସାଧାରଣତଃ ମୌସୁମୀବାୟୁ କ୍ରାନ୍ତୀୟ ବଳୟରେ ୨୦° ଉତ୍ତରରୁ ୨୦° ଦକ୍ଷିଣ ଅକ୍ଷାଂଶ ମଧ୍ୟରେ ପ୍ରବାହିତ ହୋଇଥାଏ ।

ମୌସୁମୀବାୟୁ ପ୍ରବାହର କାରଣଗୁଡ଼ିକ ହେଲା-

**୧। ଜଳ ଓ ସ୍ଥଳ ଭାଗର ଉତ୍ତାପ ଗ୍ରହଣ ଓ ବିକିରଣର ଅସମାନତା ବା ଗରମ ଓ ଥଣ୍ଡା ହେବାର ସମୟର ପାର୍ଥକ୍ୟ ।**

ସ୍ଥଳଭାଗ ପରିବହନ ପ୍ରକ୍ରିୟାରେ ଗରମ ହୋଇଥାଏ । ମାଟିକଣିକା ଗୁଡ଼ିକ ଚଳନଶୀଳ ହୋଇନଥିବାରୁ ସ୍ଥଳଭାଗର କେବଳ ଉପରିଭାଗ ଉତ୍ତାପ ଗ୍ରହଣ କରିଥାଏ । ଫଳରେ ଏହା ବହୁ ଶୀଘ୍ର ଗରମ ହୋଇଯାଏ । ଅଧିକ ଉତ୍ତାପ ହେତୁ ସ୍ଥଳଭାଗ ଉପରେ ଲଘୁଚାପ ସୃଷ୍ଟି ହୁଏ । ଜଳଭାଗ ପରିଚଳନ ପ୍ରକ୍ରିୟାରେ ଗରମ ହୋଇଥାଏ । ଜଳର ତିନୋଟି ଅବସ୍ଥା ଥିବାରୁ ଏହା ଚଳନଶୀଳ । ଉତ୍ତାପହେତୁ ଜଳ, ଜଳୀୟ ବାଷ୍ପରେ ପରିଣତ ହୁଏ । ପ୍ରଥମ ସ୍ତର ଉତ୍ତପ୍ତ ହେଲାପରେ ଦ୍ୱିତୀୟ ସ୍ତରଟି ଉତ୍ତପ୍ତ ହୁଏ । ଏହିପରି ବହୁ ପରିମାଣର ଜଳ ଗରମ ହେଉଥିବାରୁ ଜଳଭାଗ ଗରମ ହେବାକୁ ସ୍ଥଳଭାଗ ଅପେକ୍ଷା $୨\frac{୧}{୨}$ ଗୁଣ ଅଧିକ ସମୟ ନିଏ ।

ଫଳରେ ଜଳଭାଗ ସ୍ଥଳଭାଗ ଠାରୁ ଅପେକ୍ଷାକୃତ ଥଣ୍ଡା ଥାଏ ଏବଂ ଏହା ଉପରେ ଗୁରୁଚାପ ସୃଷ୍ଟି ହୋଇଥାଏ । ଗୁରୁଚାପରୁ ଲଘୁଚାପ ଆଡ଼କୁ ବାୟୁ ପ୍ରବାହିତ ହୁଏ । ଗ୍ରୀଷ୍ମକାଳରେ ଜଳଭାଗରୁ ସ୍ଥଳଭାଗ ଆଡ଼କୁ ବାୟୁ ପ୍ରବାହିତ ହୋଇଥାଏ । ଏହାକୁ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ବୋଲି କୁହାଯାଏ । ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ଏହି ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଭାରତର ଅଧିକାଂଶ ଅଞ୍ଚଳରେ ବୃଷ୍ଟିପାତ କରାଇଥାଏ । ଶୀତକାଳରେ ବିପରୀତ ଅବସ୍ଥା ସୃଷ୍ଟି ହୁଏ । ସ୍ଥଳଭାଗ ଉପରେ ଉତ୍ତାପ କମ୍ ଥାଏ । ତେଣୁ ଏହା ଉପରେ ଗୁରୁଚାପ ସୃଷ୍ଟି ହୋଇଥାଏ । ଜଳଭାଗ ବହୁ ସମୟ ଧରି ଉତ୍ତାପକୁ ଧରି ରଖୁଥିବାରୁ ଏହାର ଉତ୍ତାପ ଅଧିକ ହୋଇଥାଏ । ଫଳରେ ଏହା ଉପରେ ଲଘୁଚାପ ସୃଷ୍ଟି ହୁଏ । ବାୟୁ ଚାପର ପାର୍ଥକ୍ୟ ହେତୁ ସ୍ଥଳଭାଗ ଆଡୁ ଶୀତଳବାୟୁ ଭାରତ ମହାସାଗର ଆଡ଼କୁ ପ୍ରବାହିତ ହୋଇଥାଏ । ଏହି ବାୟୁ ସ୍ଥଳଭାଗଆଡୁ ଆସୁଥିବାରୁ ଶୁଷ୍କ ହୋଇଥାଏ ।

ଉତ୍ତର ପୂର୍ବ ଆୟନ ବାୟୁ ଏବଂ ଦକ୍ଷିଣ-ପୂର୍ବ ଆୟନବାୟୁ ବିଷୁବ ମଣ୍ଡଳର ଲଘୁଚାପ ଅଞ୍ଚଳରେ ପରସ୍ପର ସହିତ ମିଳିତ ହୋଇଥାନ୍ତି । ଏହାକୁ **ଆନ୍ତଃକ୍ରାନ୍ତୀୟ ଅଭିସରଣ କ୍ଷେତ୍ର (Inter tropical convergence zone)** ବୋଲି କୁହାଯାଏ । ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସମୟରେ ଆନ୍ତଃକ୍ରାନ୍ତୀୟ ଅଭିସରଣ କ୍ଷେତ୍ର ଉତ୍ତର ଆଡ଼କୁ ଅପସାରିତ ହୁଏ । ଗ୍ରୀଷ୍ମଋତୁରେ ବିଷୁବରେଖାର ପ୍ରାୟ ୨୫ ଡିଗ୍ରୀ ଉତ୍ତରରେ ଗଙ୍ଗା ସମତଳ ଅଞ୍ଚଳ ଉପରେ ଥାଏ । ଏହାକୁ **ମୌସୁମୀ ଅବନମନ (Monsoon trough)** ବୋଲି ମଧ୍ୟ କୁହାଯାଏ । ମାଡ଼ାଗାସ୍କରର ପୂର୍ବରେ ଗୁରୁଚାପ ବଳୟ ପାଖାପାଖି ୨୦° ଦକ୍ଷିଣ ଅକ୍ଷାଂଶରେ ଭାରତ ମହାସାଗର ଉପରେ ଥାଏ । ଏହାର ଅବସ୍ଥିତି ଓ ଘନତ୍ୱ ଭାରତର ମୌସୁମୀ ଜଳବାୟୁକୁ ପ୍ରଭାବିତ କରେ ।

୪। ଭାରତର ଉତ୍ତରରେ ଅବସ୍ଥିତ ଥିବା ତିବ୍ବତ ମାଳଭୂମି ଗ୍ରୀଷ୍ମ କାଳରେ ଅଧିକ ଉତ୍ତପ୍ତ ହେବା ଫଳରେ ଶକ୍ତିଶାଳୀ ଉଲ୍ଲମ୍ବ ବାୟୁ ସ୍ରୋତ (strong vertical current) ସୃଷ୍ଟି ହୁଏ ।




ମାନଚିତ୍ର ନଂ - 3:1

ସମୁଦ୍ର ପତ୍ତନର ନଅ କିଲୋମିଟର ଉପରେ ଏକ ଲଘୁଚାପ ବଳୟ ମଧ୍ୟ ସୃଷ୍ଟି ହୋଇଥାଏ ।

୫ । ପଶ୍ଚିମା ଜେଟ୍ ସ୍ରୋତ ହିମାଳୟର ଉତ୍ତରକୁ ନିଜର ସ୍ଥାନ ପରିବର୍ତ୍ତନ କରିଥାଏ । ପୂର୍ବୀୟ ଜେଟ୍ ସ୍ରୋତ ଭାରତର ଉପଦ୍ୱୀପ ଉପରେ ଗ୍ରୀଷ୍ମକାଳରେ ରହିଥାଏ ।

୬ । ଦକ୍ଷିଣ ସମୁଦ୍ରରେ ଚାପର ପରିବର୍ତ୍ତନରେ ମଧ୍ୟ ଜଳବାୟୁ ପ୍ରଭାବିତ ହୋଇଥାଏ । ସାଧାରଣତଃ

କ୍ରାନ୍ତୀୟ ମଣ୍ଡଳରେ ଅବସ୍ଥିତ ଥିବା ଦକ୍ଷିଣ ପ୍ରଶାନ୍ତ ମହାସାଗର ଉପରେ ଗୁରୁଚାପ ଏବଂ ପୂର୍ବ ଭାରତ ମହାସାଗର ଉପରେ ଲଘୁଚାପ ରହିଥାଏ । କିନ୍ତୁ ସମୟେ ସମୟେ ଏହାର ବିପରୀତ ଲକ୍ଷଣ ଦେଖାଯାଏ । ପୂର୍ବ ପ୍ରଶାନ୍ତ ମହାସାଗରରେ ପୂର୍ବ ଭାରତ ମହାସାଗର ଅପେକ୍ଷା ଅପେକ୍ଷାକୃତ କମ୍ ଚାପ ପରିଲକ୍ଷିତ ହୁଏ । ଏହି ପରିବର୍ତ୍ତନଶୀଳ ଚାପକୁ **ଦକ୍ଷିଣ ଦୋଳନ (Southern Oscillation)** କିମ୍ବା ଏସ୍.ଓ (S.O) ବୋଲି କୁହାଯାଏ । ଚାପର ତାରତମ୍ୟ ତାହିତି ଦ୍ୱୀପ ଉପରେ ଏବଂ ଅଷ୍ଟ୍ରେଲିଆର ଡାରୁଇନ୍‌ଠାରେ (ଭାରତ ମହାସାଗରର 12° 35' S / 131°E) ଗଣନା କରାଯାଇ ମୌସୁମୀବାୟୁର ତୀବ୍ରତା ବିଷୟରେ ଭବିଷ୍ୟ ସୂଚନା ଦିଆଯାଏ । ଚାପର ପାର୍ଥକ୍ୟ ବେଶୀ ନ ଥିଲେ ମୌସୁମୀବାୟୁ ଡେରିରେ ଆସେ । ବୃଷ୍ଟିପାତର ପରିମାଣ ସାଧାରଣ ଆକଳନ ବୃଷ୍ଟିପାତର ପରିମାଣଠାରୁ କମ୍ ହେବାର ସୂଚନା ମିଳେ । ଚାପ ପରିବର୍ତ୍ତନ ପାଇଁ ଏଲନିନୋ ଉଷ୍ଣସ୍ରୋତ ଦାୟୀ ବୋଲି ଜଣାପଡ଼ିଛି । ଦକ୍ଷିଣ ଆମେରିକାର ପେରୁ ଉପକୂଳରେ ସାଧାରଣତଃ ପେରୁ ଶୀତଳ ସ୍ରୋତ ପ୍ରବାହିତ ହୋଇଥାଏ । କିନ୍ତୁ ପ୍ରତ୍ୟେକ ଦୁଇବର୍ଷରୁ ପାଞ୍ଚବର୍ଷ ମଧ୍ୟରେ ପେରୁ ଶୀତଳ ସ୍ରୋତ ବଦଳରେ ଏଲିନିନୋ ଉଷ୍ଣସ୍ରୋତ ପେରୁ ଉପକୂଳରେ ପ୍ରବାହିତ ହୋଇଥାଏ । ଏଲ୍‌ନିନୋ ସ୍ରୋତ ସହିତ ଚାପର ତାରତମ୍ୟ ଜଡ଼ିତ ଥିବାରୁ ଏହାକୁ ଏଲ୍‌ନିନୋ ଦୋଳନ ବୋଲି କୁହାଯାଏ ।

> ***ଏଲ୍‌ନିନୋ*** *– ଏହା ଏକ ସାମୟିକ ଉଷ୍ଣସ୍ରୋତ । ଏହା ଅସ୍ଥାୟୀ ଭାବରେ ପେରୁ ଉପକୂଳରେ ପେରୁ ଶୀତଳ ସ୍ରୋତ ଜାଗାରେ ପ୍ରବାହିତ ହୋଇଥାଏ । ସ୍ପେନୀୟ ଭାଷାରେ ଏହି ଶବ୍ଦର ଅର୍ଥ ହେଲା* ***'ଶିଶୁ'*** *। ଏହା* ***ଖ୍ରୀଷ୍ଟ*** *ମାସରେ ପ୍ରବାହିତ ହେଉଥିବାରୁ ଏହାକୁ* ***ଶିଶୁଖ୍ରୀଷ୍ଟ*** *ବୋଲି ନାମିତ କରାଯାଇଛି ।*

ଏହା ଯୋଗୁଁ ସମୁଦ୍ରର ପୃଷ୍ଠ ଦେଶରେ ଉତ୍ତାପ ବୃଦ୍ଧି ପାଇଥାଏ ଏବଂ ବାଣିଜ୍ୟ ବାୟୁ ଦୁର୍ବଳ ହୋଇଥାଏ ।

## ମୌସୁମୀ ବାୟୁର ଆଗମନ ଓ ପ୍ରତ୍ୟାବର୍ତ୍ତନ

ମୌସୁମୀ ବାୟୁ ବାୟୁମଣ୍ଡଳର ଅବସ୍ଥା ଦ୍ୱାରା ପ୍ରଭାବିତ ହୋଇଥାଏ । ଏହା କ୍ରାନ୍ତୀୟ ସମୁଦ୍ରରୁ ପ୍ରଚୁର ପରିମାଣର ଜଳୀୟବାଷ୍ପ ଗ୍ରହଣ କରେ । କିନ୍ତୁ ବର୍ଷ ସାରା ଏହି ବାୟୁ ସ୍ଥିର ଓ ନିୟମିତ ଭାବରେ ପ୍ରବାହିତ ହୁଏ ନାହିଁ । ସାଧାରଣତଃ ୧୦୦ରୁ ୧୨୦ ଦିନ ମଧ୍ୟରେ ଜୁନ୍‌ମାସର ଆରମ୍ଭରୁ ଆସି ସେପ୍ଟେମ୍ବରର ୧୫ ପର୍ଯ୍ୟନ୍ତ ରହିଥାଏ । ଏହାର ଆଗମନ ପରେ ସାଧାରଣ ବୃଷ୍ଟିପାତ ବୃଦ୍ଧିପାଇ କେତେଦିନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ହୁଏ । ଏହାକୁ ମୌସୁମୀ ବିସ୍ଫୋରଣ (Burst of Monsoon) ବୋଲି କୁହାଯାଏ । ମୌସୁମୀ ବାୟୁ ଜୁନ୍‌ର ପ୍ରଥମ ସପ୍ତାହରେ ଭାରତର ଦକ୍ଷିଣ ଶୀର୍ଷାଂଶରେ ଭାରତୀୟ ଉପଦ୍ୱୀପରେ ପହଞ୍ଚି ଦୁଇ ଭାଗରେ ବିଭକ୍ତ ହୋଇଥାଏ । ଆରବସାଗର ଶାଖା ଏବଂ ବଙ୍ଗୋପସାଗର ଶାଖା । ଆରବସାଗର ଶାଖା ମୁମ୍ବାଇରେ ପହଞ୍ଚିବା ପାଇଁ ଦଶଦିନ ନେଇଥାଏ । ଏହା ସେଠାରେ ଜୁନ୍ ଦଶ ତାରିଖ ସୁଦ୍ଧା ପହଞ୍ଚେ । ବଙ୍ଗୋପସାଗର ଶାଖା ମିଆଁମାର ଉପକୂଳଆଡ଼କୁ ପ୍ରବାହିତ ହୋଇ ଆସାମରେ ଜୁନ୍ ୧୦ ତାରିଖ ସୁଦ୍ଧା ପହଞ୍ଚିଥାଏ । ସେଠାରେ ହିମାଳୟ ପର୍ବତ ଦ୍ୱାରା ବାଧା ପାଇ ପୂର୍ବରୁ ପଶ୍ଚିମକୁ ଗତି କରି ଗଙ୍ଗା ସମତଳ ଅଞ୍ଚଳ ଉପରେ ପ୍ରବାହିତ ହୁଏ । ଜୁନ୍ ୧୫ ତାରିଖ ସୁଦ୍ଧା ଆରବସାଗର ସ୍ରୋତ କଚ୍ଛର ରାନ୍‌ରେ ଏବଂ ଦେଶର ମଧ୍ୟଭାଗରେ ପହଞ୍ଚିଯାଏ । ଆରବସାଗର ଶାଖା ଏବଂ ବଙ୍ଗୋପସାଗର ଶାଖା ଉତ୍ତର ପଶ୍ଚିମ ଗଙ୍ଗା ସମତଳ ଭୂମିରେ ପରସ୍ପର ସହିତ ମିଳିତ ହୋଇଥାନ୍ତି । ବଙ୍ଗୋପସାଗର ଶାଖା ୨୯ ଜୁନ୍ ସୁଦ୍ଧା ଦିଲ୍ଲୀରେ ପହଞ୍ଚି ବୃଷ୍ଟିପାତ ହୋଇଥାଏ । ଜୁଲାଇ ପ୍ରଥମ ସପ୍ତାହ ସୁଦ୍ଧା ପଶ୍ଚିମ ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ପୂର୍ବ ରାଜସ୍ଥାନ ମୌସୁମୀବାୟୁରୁ ବର୍ଷା ପାଇଥାଏ । ହିମାଚଳ ପ୍ରଦେଶରେ ମୌସୁମୀବାୟୁ ଜୁଲାଇ ୧୫ ତାରିଖ ସୁଦ୍ଧା ପହଞ୍ଚେ ଏବଂ ସେଠାରେ ବର୍ଷା ହୁଏ ।

ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ମୌସୁମୀବାୟୁ ପ୍ରତ୍ୟାବର୍ତ୍ତନ କରିବା ଆରମ୍ଭ କରିଥାଏ । ପ୍ରଥମେ ଉତ୍ତର

ପଶ୍ଚିମ ରାଜ୍ୟଗୁଡ଼ିକରୁ ପ୍ରତ୍ୟାବର୍ତ୍ତନ କରିଥାଏ । ଅକ୍ଟୋବର ୧୫ ସୁଦ୍ଧା ଉତ୍ତର ଉପଦ୍ୱୀପର ଅଧାଅଧି ଅଞ୍ଚଳରୁ ଓ ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଦକ୍ଷିଣ ଉପଦ୍ୱୀପରୁ ପ୍ରତ୍ୟାବର୍ତ୍ତନ କରେ । ମେ ମାସର ଶେଷ ସପ୍ତାହ ବେଳକୁ ଭାରତର ଦ୍ୱୀପଗୁଡ଼ିକରେ ପ୍ରଥମ ମୌସୁମୀ ପ୍ରବାହ ଓ ବର୍ଷା ହୋଇଥାଏ । ଏହା ଦକ୍ଷିଣରୁ ଉତ୍ତର ଦିଗ ଆଡ଼କୁ କ୍ରମଶଃ ପ୍ରବାହିତ ହୁଏ ।

ଡିସେମ୍ବର ମାସର ପ୍ରଥମ ସପ୍ତାହରୁ ଜାନୁଆରୀ ମାସର ପ୍ରଥମ ସପ୍ତାହ ମଧ୍ୟରେ ମୌସୁମୀବାୟୁ ଉତ୍ତରରୁ ଦକ୍ଷିଣ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିଥାଏ । ଏହି ସମୟବେଳକୁ ଭାରତର ସବୁ ଅଞ୍ଚଳରେ ଶୀତକାଳୀନ ମୌସୁମୀବାୟୁ ପ୍ରବାହିତ ହୁଏ ।

## ଋତୁ :

ମୌସୁମୀ ଜଳବାୟୁରେ ଗୋଟିଏ ଋତୁ ଅନ୍ୟ ଋତୁଗୁଡ଼ିକଠାରୁ ଅନେକ ଗୁଣରେ ଭିନ୍ନ ହୋଇଥାଏ । ପାଗ ଋତୁରୁ ଋତୁକୁ ପରିବର୍ତ୍ତିତ ହୁଏ । ଦେଶର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ ଥିବା ରାଜ୍ୟଗୁଡ଼ିକରେ ପାଗର ପରିବର୍ତ୍ତନ ବିଶେଷ ଭାବରେ ପରିଲକ୍ଷିତ ହୁଏ । ଉପକୂଳବର୍ତ୍ତୀ ଅଞ୍ଚଳରେ ସାମୁଦ୍ରିକ ପ୍ରଭାବ ହେତୁ ସାଧାରଣତଃ ଉତ୍ତାପର ପାର୍ଥକ୍ୟ କମ୍ ହୁଏ । କିନ୍ତୁ ବୃଷ୍ଟିପାତ ବଣ୍ଟନର ପରିମାଣରେ ବହୁତ ପ୍ରଭେଦ ଦେଖାଯାଇଥାଏ ।

ଭାରତରେ ସାଧାରଣତଃ ଚାରିଗୋଟି ଋତୁ ଅନୁଭୂତ ହୁଏ ।

## ଶୀତଋତୁ :

ଭାରତରେ ଶୀତଋତୁ ଡିସେମ୍ବର ପ୍ରଥମ ସପ୍ତାହରୁ ଆରମ୍ଭ ହୁଏ । ଏହା ଫେବୃୟାରୀ ମାସ ପର୍ଯ୍ୟନ୍ତ ରହିଥାଏ । ସାଧାରଣତଃ ଉତ୍ତାପ ଦକ୍ଷିଣରୁ ଉତ୍ତରକୁ ହ୍ରାସ ପାଇଥାଏ ତେଣୁ ଜାନୁଆରୀ ଓ ଫେବୃଆରୀ ମାସରେ ସବୁଠାରୁ ଅଧିକ ଶୀତ ଉତ୍ତର ଭାରତରେ ଅନୁଭୂତ ହୁଏ । ଉତ୍ତର ଭାରତ ସମତଳ ଅଞ୍ଚଳରେ ମାସିକ ହାରାହାରି ଉତ୍ତାପର ପରିମାଣ ୧୦°-୧୫° ସେଲସିଅସ ହୋଇଥିବାସ୍ଥଳେ ଚେନ୍ନାଇର ପୂର୍ବ ଉପକୂଳରେ ଏହା ୨୪°-୨୫° ସେଲସିଅସ ହୋଇଥାଏ । ଏଠାରେ ଦିନଗୁଡ଼ିକ ଆରାମଦାୟକ ଓ ଉଷ୍ଣ ଥିବା ବେଳେ ରାତିରେ ବେଶ୍ ଥଣ୍ଡା ଅନୁଭୂତ ହୁଏ । ଉତ୍ତର ଭାରତରେ କୁହୁଡ଼ି ପଡ଼ିବା ସଙ୍ଗେ ସଙ୍ଗେ ହିମାଳୟର ଶୃଙ୍ଗଗୁଡ଼ିକରେ ତୁଷାରପାତ ହେବାର ଦେଖିବାକୁ ମିଳିଥାଏ ।

ଉତ୍ତର ପୂର୍ବ ଆୟନ ବାୟୁ ଏହି ଋତୁରେ ଭାରତ ଉପରେ ପ୍ରବାହିତ ହୁଏ । ଏହା ସ୍ଥଳଭାଗରୁ ଜଳଭାଗ ଆଡ଼କୁ ପ୍ରବାହିତ ହେଉଥିବାରୁ ଏଥିରେ ଜଳୀୟବାଷ୍ପର ପରିମାଣ କମ୍ ଥାଏ । ତେଣୁ ସାରା ଦେଶରେ ପ୍ରାୟ ବର୍ଷା ହୁଏ ନାହିଁ ଶୁଷ୍କ ଜଳବାୟୁ ଦେଖାଯାଏ । କିନ୍ତୁ ତାମିଲନାଡ଼ୁର ଉପକୂଳ ଅଞ୍ଚଳରେ କିଛି ପରିମାଣର ବର୍ଷା ହୋଇଥାଏ । କାରଣ ଏହି ବାୟୁ ପରେ ବଙ୍ଗୋପସାଗର ଉପର ଦେଇ ଗତି କରୁଥିବା ସମୟରେ ପ୍ରଚୁର ପରିମାଣର ଜଳୀୟବାଷ୍ପ ସଂଗ୍ରହ କରି ତାମିଲନାଡ଼ୁ ଉପକୂଳ ଅଞ୍ଚଳରେ ପ୍ରବେଶ କରିଥାଏ । ଫଳରେ ବର୍ଷା ହୁଏ ।

ଦେଶର ଉତ୍ତରାଞ୍ଚଳରେ ଗୁରୁଚାପ ବଳୟ ସୃଷ୍ଟି ହୁଏ । ଏହି ଗୁରୁଚାପ ବଳୟରୁ ବାୟୁ ଧୀରେ ଧୀରେ ବାହାରକୁ ପ୍ରବାହିତ ହୋଇଥାଏ । ଏହି ବାୟୁ ଭୂମିରୂପ ଦ୍ୱାରା ପ୍ରଭାବିତ ହୋଇ ଗଙ୍ଗା ଉପତ୍ୟକା ଉପରେ ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗରୁ ପ୍ରବାହିତ ହୁଏ । ଏହି ସମୟରେ ଆକାଶ ନିର୍ମଳ ଥାଏ । ଉତ୍ତାପ, ପବନର ଗତି ଓ ଜଳୀୟବାଷ୍ପର ପରିମାଣ କମ୍ ଥିବାର ଲକ୍ଷ୍ୟ କରାଯାଏ ।

ଏହି ଋତୁର ବିଶେଷତ୍ୱ ହେଲା ଭୂମଧ୍ୟ ସାଗର ଓ ପଶ୍ଚିମ ଏସିଆରେ ଅନେକ ଗୁଡ଼ିଏ ବାତ୍ୟାବର୍ତ୍ତର ସୃଷ୍ଟି ହୁଏ । ଏହି ବାତ୍ୟାବର୍ତ୍ତଗୁଡ଼ିକୁ **ପଶ୍ଚିମା ବିଶୃଙ୍ଖଳା** ବୋଲି କୁହାଯାଏ । ଏମାନେ ପଶ୍ଚିମା ଜେଟ୍‌ସ୍ରୋତ ଦ୍ୱାରା ନିୟନ୍ତ୍ରିତ ହୋଇ ଉତ୍ତର ପଶ୍ଚିମ ଓ ଉତ୍ତର ଗଙ୍ଗା ସମତଳ ଅଞ୍ଚଳରେ ପ୍ରବେଶ କରନ୍ତି । ତେଣୁ ଶୀତଋତୁରେ ଗଙ୍ଗା ଉପତ୍ୟକା ଏଥିରୁ ବର୍ଷା ପାଇଥାଏ ଏବଂ ପର୍ବତ ଅଞ୍ଚଳରେ ବରଫ ବୃଷ୍ଟି ହୁଏ । ବର୍ଷାର ପରିମାଣ ଅଳ୍ପ ହେଲେ ମଧ୍ୟ ଏହା ଶୀତକାଳୀନ ରବି ଫସଲ ପାଇଁ ବିଶେଷ ଉପଯୋଗୀ ହୋଇଥାଏ ।

ଉପଦ୍ୱୀପ ଅଞ୍ଚଳରେ ଶୀତଋତୁରେ ଉତ୍ତାପ କମ୍ ଥାଏ । ତେଣୁ ଏଠାରେ ଅଧିକ ପରିମାଣର ଶୀତ ଅନୁଭୂତ ହୁଏ ନାହିଁ । କାରଣ ଏହା ସମୁଦ୍ର ଦ୍ୱାରା ପରିବେଷ୍ଟିତ । ଏଠାରେ ଶୀତଋତୁ ନାହିଁ ବୋଲି କହିଲେ ଭୁଲ୍ ହେବ ନାହିଁ ।




ମାନଚିତ୍ର 3.2

## ଗ୍ରୀଷ୍ମଋତୁ :

ମାର୍ଚ୍ଚ ମାସ ଶେଷବେଳକୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଆପାତନ ଗତି ଆରମ୍ଭ ହୁଏ । ଫଳରେ ପୃଥିବୀର ଉତ୍ତାପ ବଳୟ ଉତ୍ତର ଦିଗକୁ ଘୁଞ୍ଚିଯାଏ । ଉତ୍ତର ଗୋଲାର୍ଦ୍ଧରେ ସୂର୍ଯ୍ୟଙ୍କ କିରଣ ଲମ୍ବ ଭାବରେ ପଡୁଥିବାରୁ ଉତ୍ତାପର ବୃଦ୍ଧି ଘଟେ । ତେଣୁ ମାର୍ଚ୍ଚ ମାସ ଠାରୁ ମେ ମାସ ପର୍ଯ୍ୟନ୍ତ ଭାରତରେ ଗ୍ରୀଷ୍ମଋତୁ ହୋଇଥାଏ । ମାର୍ଚ୍ଚ ମାସରେ ଡେକାନ୍ ମାଳଭୂମି ଉପରେ ସର୍ବାଧିକ ଉତ୍ତାପ ୩୮° ସେଲସିଅସ ରେକର୍ଡ଼ କରାଯାଇଥାଏ । ଏପ୍ରିଲ ମାସରେ ଗୁଜରାଟ ଓ ମଧ୍ୟପ୍ରଦେଶ ଉପରେ ଉତ୍ତାପର ପରିମାଣ ପାଖାପାଖି ୪୨° ସେଲ୍‌ସିଅସ ହୁଏ । ମେ ମାସରେ ଦେଶର ଉତ୍ତର ପଶ୍ଚିମ ଅଞ୍ଚଳଗୁଡ଼ିକରେ ଉତ୍ତାପ ପ୍ରାୟ ୪୫° ସେଲ୍‌ସିଅସ ଥିବାର ଦେଖାଯାଏ । ଦକ୍ଷିଣ ଉପଦ୍ୱୀପୀୟ ଭାରତରେ ସାମୁଦ୍ରିକ ପ୍ରଭାବ ଯୋଗୁଁ ଉତ୍ତାପ କମ୍ ଥାଏ ।

ଗ୍ରୀଷ୍ମଋତୁରେ ଦେଶର ଉତ୍ତରାଞ୍ଚଳରେ ଉତ୍ତାପର ଅତ୍ୟଧିକ ବୃଦ୍ଧି ହେତୁ ବାୟୁର ଚାପ କମ୍ ହୋଇଥାଏ ।

ଫଳରେ ମେ ମାସର ଶେଷ ସୁଦ୍ଧା ଏକ ବିସ୍ତୃତ ଲଘୁଚାପ ବଳୟ ସୃଷ୍ଟି ହୁଏ । ଏହାର ବିସ୍ତୃତି ଉତ୍ତର ପଶ୍ଚିମରେ ଅବସ୍ଥିତ ଥିବା ଥର୍ ମରୁଭୂମିଠାରୁ ଆରମ୍ଭ ହୋଇ ପାଟନା, ପୂର୍ବ ଓ ଦକ୍ଷିଣ ପୂର୍ବରେ ଥିବା ଛୋଟନାଗପୁର ମାଳଭୂମି ପର୍ଯ୍ୟନ୍ତ ରହିଥାଏ । ଏହି ଲଘୁଚାପ ଅଞ୍ଚଳରୁ ଚତୁର୍ଦ୍ଦିଗକୁ ବାୟୁ ଚଳାଚଳ ହୁଏ । ଏହି ଋତୁରେ ଭାରତର ଉତ୍ତର ଓ ଉତ୍ତର-ପଶ୍ଚିମାଞ୍ଚଳରେ ବଳଶାଳୀ ଉଷ୍ଣ ଶୁଷ୍କ ବାୟୁ ଦିନରେ ପ୍ରବାହିତ ହେବାର ଦେଖାଯାଏ । ଏହା 'ଲୁ' ନାମରେ ପରିଚିତ । ବେଳେବେଳେ ସନ୍ଧ୍ୟାପରେ ମଧ୍ୟ ଏହି ବାୟୁ ପ୍ରବାହିତ ହୋଇ ଜନଜୀବନ ଅସ୍ତବ୍ୟସ୍ତ କରିଥାଏ । ଏହା ସଂସ୍ପର୍ଶରେ ଆସିଲେ ଦେହ ଖରାପ ହେବାର ସମ୍ଭାବନା ଯଥେଷ୍ଟ ଅଧିକ ଥାଏ ।

ମେ ମାସରେ ଉତ୍ତର ଭାରତରେ ଧୂଳିଝଡ଼ ହୁଏ । ଏଥିପାଇଁ ଥଣ୍ଡା ପବନ ବହେ ଓ ଅଳ୍ପ ବର୍ଷା ମଧ୍ୟ ହୋଇଥାଏ । ଫଳରେ ଉତ୍ତାପ ସାମୟିକ ଭାବରେ ହ୍ରାସ ପାଏ । ଏହି ଧୂଳିଝଡ଼ ଯୋଗୁଁ ଜନଜୀବନ ଉତ୍କଟ ଉତ୍ତାପରୁ କିଛି ସମୟ ପାଇଁ ଆଶ୍ୱସ୍ତ ହୋଇଥାଏ । ଏହି ଋତୁରେ କୌଣସି କୌଣସି ସ୍ଥାନରେ ପବନର ବେଗ ଅଧିକ ହୁଏ ଓ ଘଡ଼ଘଡ଼ି ସହ ହଠାତ୍ ପ୍ରବଳ ବର୍ଷା କୁଆପଥର ସହିତ ହୋଇଥାଏ । ପଶ୍ଚିମବଙ୍ଗରେ ଏହାର ନାମ **କାଳ ବୈଶାଖୀ (Nor' Wester)** । ଏହା ବୈଶାଖ ମାସରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି କରୁଥିବାରୁ ଏହାର ନାମକରଣ ଏପରି କରାଯାଇଛି ।

ଗ୍ରୀଷ୍ମଋତୁ ଶେଷ ହେଲାବେଳକୁ କେରଳ ଏବଂ କର୍ଣ୍ଣାଟକରେ ପ୍ରାକ୍ ମୌସୁମୀ ବର୍ଷା ହୁଏ । ଏହା ଆମ୍ବକୁ ଶୀଘ୍ର ପାଚିବାରେ ସାହାଯ୍ୟ କରୁଥିବାରୁ ଏହାକୁ ଆମ୍ରବୃଷ୍ଟି ନାମରେ ନାମିତ କରାଯାଇଛି ।

## ବର୍ଷାଋତୁ :

ଜୁନ୍‌ମାସ ପ୍ରାରମ୍ଭରେ ଭାରତର ଉତ୍ତରାଞ୍ଚଳରେ ଲଘୁଚାପର ତୀବ୍ରତା ଅତ୍ୟଧିକ ବୃଦ୍ଧି ପାଏ । ଫଳରେ ଏକ ଶାୟିତ ଲଘୁଚାପ ବଳୟ ରାଜସ୍ଥାନଠାରୁ ପଶ୍ଚିମବଙ୍ଗ ମଧ୍ୟରେ ସୃଷ୍ଟି ହୁଏ । ଏହି ଲଘୁଚାପ ଅଞ୍ଚଳ ଆଡ଼କୁ ଆରବସାଗର ଓ ବଙ୍ଗୋପସାଗରରୁ ବାୟୁ ପ୍ରବାହିତ ହୋଇଥାଏ । ଏହି ଲଘୁଚାପ ବଳୟ ଦକ୍ଷିଣ ଗୋଲାର୍ଦ୍ଧର ଆୟନ ବାୟୁକୁ ମଧ୍ୟ ଆକର୍ଷିତ କରେ । ଦକ୍ଷିଣ ପୂର୍ବ ଆୟନ ବାୟୁର ସୃଷ୍ଟି ଦକ୍ଷିଣ ଉପକ୍ରାନ୍ତୀୟ ସାଗରଗୁଡ଼ିକ ଉପରେ ହୋଇଥାଏ । ଏହି ବାୟୁ ବିଷୁବରେଖା ଅତିକ୍ରମ କଲାପରେ ଦକ୍ଷିଣ ପଶ୍ଚିମ ଦିଗକୁ ପ୍ରବାହିତ ହୋଇ ଭାରତର ଉପମହାଦେଶରେ ପ୍ରବେଶ କରେ । ଏହାକୁ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ବୋଲି କୁହାଯାଏ ।

ଏହି ବାୟୁ ଉଷ୍ଣ ସମୁଦ୍ର ଉପରେ ପ୍ରବାହିତ ହେଉଥିବାରୁ ପ୍ରଚୁର ପରିମାଣର ଜଳୀୟବାଷ୍ପ ସଂଗ୍ରହ କରି ଭାରତର ଉପଦ୍ୱୀପରେ ପହଞ୍ଚେ । ଏହି ବାୟୁ ବହୁତ ଶକ୍ତିଶାଳୀ । ଏହାର ବେଗ ପ୍ରତି ଘଣ୍ଟାରେ ପ୍ରାୟ ୩୦ କିଲୋମିଟର ହୋଇଥାଏ । ଉତ୍ତର ପଶ୍ଚିମ ଅଞ୍ଚଳ ବ୍ୟତୀତ ସମଗ୍ର ଭାରତବର୍ଷକୁ ଏକମାସ ମଧ୍ୟରେ ପ୍ରଦକ୍ଷିଣ କରିଥାଏ । ଦକ୍ଷିଣ ପଶ୍ଚିମ ମୌସୁମୀବାୟୁର ଆଗମନରେ ପାଗରେ ଅନେକ ପରିବର୍ତ୍ତନ ଦେଖାଯାଏ । ଭାରତୀୟ ଉପଦ୍ୱୀପର ଦକ୍ଷିଣାଂଶରେ ବାଧା ପାଇଲା ପରେ ଏହା ଦୁଇ ଭାଗରେ ବିଭକ୍ତ ହୁଏ । ସେ ଦୁଇଟି ହେଲେ-

୧ । ଆରବସାଗର ଶାଖା

୨ । ବଙ୍ଗୋପସାଗର ଶାଖା

ଆରବସାଗର ଶାଖା ଆରବସାଗର ଉପରେ ପ୍ରବାହିତ ହୋଇ ଭାରତକୁ ପ୍ରବେଶ କରେ । ଏହାକୁ ଆରବସାଗର ସ୍ରୋତ ବୋଲି ମଧ୍ୟ କୁହାଯାଏ । ଏହା ପୁନଶ୍ଚ ଦୁଇଭାଗରେ ବିଭକ୍ତ ହୁଏ । ଗୋଟିଏ ଭାଗ ପଶ୍ଚିମଘାଟ ପର୍ବତମାଳାରେ ବାଧାପ୍ରାପ୍ତ ହୋଇ ତା'ର ପ୍ରତିବାତ ଅଞ୍ଚଳରେ ୨୫୦ ମିଲିମିଟର ବର୍ଷା ଓ ଅନୁବାତ ଅଞ୍ଚଳରେ ୫୦ ମିଲିମିଟର ବର୍ଷା କରାଇଥାଏ । ଅନୁବାତ ଅଞ୍ଚଳକୁ ପ୍ରବେଶ କଲାବେଳକୁ ବାୟୁରେ ଜଳୀୟବାଷ୍ପର ପରିମାଣ କମ୍ ହୋଇଥିବାରୁ ବର୍ଷାର ପରିମାଣ କମିଯାଏ । ଏଥିରୁ ଡେକାନ ମାଳଭୂମି ଏବଂ ମଧ୍ୟପ୍ରଦେଶର କେତେକ ଅଞ୍ଚଳ ଅନୁବାତ ଅଞ୍ଚଳରେ ରହିଲେ ମଧ୍ୟ କିଛି ପରିମାଣର ବର୍ଷା ପାଏ । ପରେ ଏହା ଗାଙ୍ଗେୟ ସମତଳ ଅଞ୍ଚଳକୁ ପ୍ରବେଶ କରି ବଙ୍ଗୋପସାଗର ଶାଖା ସହିତ ମିଳିତ ହୁଏ ।

ଆରବସାଗର ଶାଖାର ଆଉ ଏକ ଭାଗ ସୌରାଷ୍ଟ୍ର ଓ କଚ୍ଛ ଉପକୂଳ ଦେଇ ପଶ୍ଚିମ ରାଜସ୍ଥାନ ଓ ଦିଲ୍ଲୀ ଆଡ଼କୁ ପ୍ରବାହିତ ହୋଇଥାଏ । ରାଜସ୍ଥାନରେ ଥିବା ଆରାବଳୀ ପର୍ବତମାଳା ବାୟୁର ଗତିପଥ ସହିତ ସମାନ୍ତରାଳ ଭାବରେ ରହିଥିବାରୁ ଏବଂ ଏହାର ଉଚ୍ଚତା କମ୍ ଥିବାରୁ

ମୌସୁମୀବାୟୁକୁ ବାଧା ଦେଇପାରେ ନାହିଁ । ତାହାଛଡ଼ା ଏହି ଅଞ୍ଚଳରେ ଅତି ଉତ୍ତପ୍ତ ଓ ଶୁଷ୍କ ବାୟୁ ଟ୍ରପୋସ୍ଫିୟର ଉପରେ ରହିଥିବାରୁ ମୌସୁମୀବାୟୁର ଘନୀଭବନ ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ । ଫଳରେ ରାଜସ୍ଥାନରେ ବୃଷ୍ଟିପାତ ହୁଏ ନାହିଁ । ପରେ ଏହି ଶାଖାଟି ପଞ୍ଜାବ ଓ ହରିଆଣାରେ ବଙ୍ଗୋପସାଗର ଶାଖା ସହିତ ମିଳିତ ହୁଏ ଏବଂ ପଶ୍ଚିମ ହିମାଳୟରେ ଅବସ୍ଥିତ ଥିବା ଅଞ୍ଚଳଗୁଡ଼ିକରେ ବୃଷ୍ଟି କରାଇଥାଏ ।

ବଙ୍ଗୋପସାଗର ଶାଖାଟି ମିଆଁମାର ଆଡ଼କୁ ପ୍ରବାହିତ ହୁଏ । ଆରାକାନାୟୋମା ପର୍ବତ ଦ୍ୱାରା ବାଧାପ୍ରାପ୍ତ ହୋଇ ପୂର୍ବରୁ ପଶ୍ଚିମ ଆଡ଼କୁ ଗତି କରିଥାଏ । ଏହା ଉତ୍ତର ଦିଗ ଆଡ଼କୁ ପ୍ରବାହିତ ହୋଇ ସଂଲଗ୍ନ ମାଳଭୂମିରେ ପହଞ୍ଚେ । ପୂର୍ବ ପଶ୍ଚିମ ଭାଗରେ ବିସ୍ତୃତ ଗାରୋ, ଖାସି, ଜୟନ୍ତିଆ ପର୍ବତମାଳା ଓ ଉତ୍ତର ଦକ୍ଷିଣ ଭାବରେ ବିସ୍ତୃତ ଲୁସାଇ ପର୍ବତମାଳା ମଧ୍ୟରେ କାହାଳୀ ସଦୃଶ ଏକ ଅପ୍ରଶସ୍ତ ଉପତ୍ୟକା ମଧ୍ୟରେ ଆବଦ୍ଧ ହୋଇଥାଏ । ମୌସୁମୀବାୟୁ ଘନୀଭୂତ ହେବା ହେତୁ ଏଠାରେ ପ୍ରଚୁର ପରିମାଣର ବୃଷ୍ଟିପାତ ହୁଏ । ମେଘାଳୟରେ ଅବସ୍ଥିତ ଥିବା ମାଇସୁନରାମଠାରେ ପୃଥିବୀର ସର୍ବାଧିକ ବୃଷ୍ଟିପାତ ପଞ୍ଜିକରଣ କରାଯାଇଛି । ଗଙ୍ଗା ଉପତ୍ୟକାରେ ମୌସୁମୀ ବର୍ଷା ପୂର୍ବରୁ ପଶ୍ଚିମକୁ ହ୍ରାସ ପାଇଥାଏ । ରାଜସ୍ଥାନ ଏବଂ ଗୁଜରାଟର କେତେକ ଅଞ୍ଚଳ ଏଥିରୁ ମଧ୍ୟ କିଛି ପରିମାଣର ବର୍ଷା ପାଇଥାନ୍ତି । ଏଠାରେ ଅବସ୍ଥିତ ଚେରାପୁଞ୍ଜିରେ ୧୨୫୦ ସେ.ମି. ବର୍ଷା ହେଉଥିବାବେଳେ ୪୦ କିଲୋମିଟର ଦୂରରେ ଥିବା ଶିଲଂରେ ବାର୍ଷିକ ବୃଷ୍ଟିପାତ ୨୦୦ ସେଣ୍ଟିମିଟର ହୁଏ । ଏହି ମୌସୁମୀ ବାୟୁ ହିମାଳୟକୁ ଅତିକ୍ରାନ୍ତ କରିନପାରି, ପଞ୍ଜାବ ଲଘୁଚାପ ଅଞ୍ଚଳକୁ ପ୍ରବାହିତ ହୁଏ । ଜଳୀୟବାଷ୍ପର କ୍ରମାଗତ ହ୍ରାସ ଯୋଗୁଁ ବୃଷ୍ଟିର ପରିମାଣ ପୂର୍ବରୁ ପଶ୍ଚିମ ଆଡ଼କୁ କମିଥାଏ । କୋଲକାତାଠାରେ ୧୨୦ ସେ.ମି., ପାଟନାଠାରେ ୧୦୨ ସେ.ମି., ଆଲ୍ଲାହାବାଦରେ ୯୧ ସେ.ମି. ଏବଂ ଦିଲ୍ଲୀରେ ୫୬ ସେ.ମି. ବର୍ଷା ହୁଏ ।

ନିୟମିତ ଭାବରେ ଦୀର୍ଘଦିନ ଧରି ମୌସୁମୀବାୟୁ ବର୍ଷା ପ୍ରଦାନ କରେ ନାହିଁ । କିଛିଦିନ ପରେ ବର୍ଷା ପାଗ ଶୁଖିଲା ପାଗରେ ପରିବର୍ତ୍ତିତ ହୁଏ । ପୁଣି କିଛିଦିନ ପରେ ବର୍ଷା ହୁଏ । ଏହିପରି ପର୍ଯ୍ୟାୟକ୍ରମେ ଶୁଖିଲା ପାଗ ଓ ବର୍ଷାପାଗ ଲାଗି ରହେ । ଏହାକୁ **ମୌସୁମୀ ଭଞ୍ଜନ** ବୋଲି କୁହାଯାଏ । ବର୍ଷା ସାଧାରଣତଃ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟାବର୍ତ୍ତଗୁଡ଼ିକର ସଂଖ୍ୟା ଓ ତୀବ୍ରତା ଉପରେ ନିର୍ଭର କରେ । ବାତ୍ୟାବର୍ତ୍ତଗୁଡ଼ିକର ଗତି ଭାରତର ସମତଳ ଅଞ୍ଚଳର ଶାୟିତ ଲଘୁଚାପ ବଳୟ ଉପରେ କେତେବେଳେ ଉତ୍ତରକୁ ତ କେତେବେଳେ ଦକ୍ଷିଣକୁ ସ୍ଥାନାନ୍ତରିତ ହେଉଥିବାରୁ ବାତ୍ୟାବର୍ତ୍ତଗୁଡ଼ିକର ଗତିପଥ ପରିବର୍ତ୍ତିତ ହୋଇଥାଏ । ଏମାନଙ୍କଠାରୁ ଭାରତର ସମତଳ ଅଞ୍ଚଳ ଓ ହିମାଳୟର ପାଦଦେଶରେ ଅବସ୍ଥିତ ଥିବା ସ୍ଥାନଗୁଡ଼ିକ ବୃଷ୍ଟି ପାଏ । ଯେତେବେଳେ ଲଘୁଚାପ ବଳୟ ଗଙ୍ଗା ସମତଳ ଅଞ୍ଚଳ ଉପରେ ଅବସ୍ଥାପିତ ହୁଏ ସେତେବେଳେ ଗଙ୍ଗା ସମତଳ ଅଞ୍ଚଳ ବୃଷ୍ଟି ପାଏ । ଲଘୁଚାପ ବଳୟ ହିମାଳୟ ପର୍ବତ ଉପରେ ରହିଲେ ହିମାଳୟର ପାର୍ବତ୍ୟ ଅଞ୍ଚଳଗୁଡ଼ିକରେ ବୃଷ୍ଟିପାତ ହୁଏ । ଗଙ୍ଗା ସମତଳ ଅଞ୍ଚଳରେ ସେତେବେଳେ ଶୁଷ୍କତା ଦେଖାଯାଏ । ବାତ୍ୟାବର୍ତ୍ତଗୁଡ଼ିକରେ ତୀବ୍ରତା ଓ ସଂଖ୍ୟା ଉପରେ ମୌସୁମୀ ବର୍ଷାର ପରିମାଣ, ସ୍ଥାୟୀତ୍ୱ ଓ ସମୟ ନିର୍ଭର କରେ । ଅନିୟମିତ ମୌସୁମୀ ପ୍ରବାହ ଦେଖିବାକୁ ମିଳେ । ଆର୍ଦ୍ରତା ଓ ଶୁଷ୍କତାର ତୀବ୍ରତା ସମୟର ବ୍ୟବଧାନ ଓ ବାତ୍ୟାବର୍ତ୍ତଗୁଡ଼ିକର ସଂଖ୍ୟାରେ ଅନିୟମିତତା ପରିଲକ୍ଷିତ ହୁଏ । ମୌସୁମୀବାୟୁର ଆଗମନ ଓ ପ୍ରତ୍ୟାବର୍ତ୍ତନର ସମୟ ନିର୍ଦ୍ଦିଷ୍ଟ ନୁହେଁ । ଆଗମନର ସମୟ କେତେବେଳେ ଶୀଘ୍ର ତ କେତେବେଳେ ବିଳମ୍ବ । ସେହିପରି ପ୍ରତ୍ୟାବର୍ତ୍ତନର ସମୟ ମଧ୍ୟ ଶୀଘ୍ର ଓ ବିଳମ୍ବ ହୋଇଥାଏ । ପର୍ଯ୍ୟାପ୍ତ ପରିମାଣର ବର୍ଷା ହେତୁ ବନ୍ୟା ହୁଏ । ସ୍ୱଳ୍ପ ବୃଷ୍ଟିପାତ ହେତୁ ମରୁଡ଼ିର ଆଶଙ୍କା ଦେଖାଯାଏ । ବହୁ ଆକାଂକ୍ଷିତ ମୌସୁମୀ ବର୍ଷା ହଜାର ହଜାର କୃଷକମାନଙ୍କର ନିୟମିତ କୃଷି କାର୍ଯ୍ୟକ୍ରମକୁ ବିପର୍ଯ୍ୟସ୍ତ କରିଥାଏ ।

## ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀବାୟୁ

ଅକ୍ଟୋବର ଓ ନଭେମ୍ବର ମାସରେ ସୂର୍ଯ୍ୟଙ୍କର ଆପେକ୍ଷିକ ଦକ୍ଷିଣାୟନ ଗତି ଯୋଗୁଁ ଦକ୍ଷିଣ ଆଡ଼କୁ ଉତ୍ତାପ ବୃଦ୍ଧିପାଏ । ଫଳରେ ଉତ୍ତର ସମତଳ ଅଞ୍ଚଳ ଉପରେ ଥିବା ଲଘୁଚାପ ବଳୟ ଦୁର୍ବଳ ହୋଇଯାଏ । କ୍ରମେ ଲଘୁଚାପ ବଳୟ ଗୁରୁଚାପରେ ପରିଣତ ହୁଏ । ଦକ୍ଷିଣ

ପଶ୍ଚିମ ମୌସୁମୀବାୟୁ ଦୁର୍ବଳ ହେବାକୁ ଲାଗେ ଏବଂ ଦକ୍ଷିଣକୁ ଗତି କରି ସ୍ଥଳଭାଗରୁ ଜଳଭାଗ ଆଡ଼କୁ ପ୍ରତ୍ୟାବର୍ତ୍ତନ କରେ । ଅକ୍ଟୋବର ମାସ ଆରମ୍ଭରେ ଏହା ଉତ୍ତର ସମତଳ ଅଞ୍ଚଳରୁ ଅପସାରିତ ହୋଇସାରିଥାଏ । ଏହି ସମୟରେ ଆକାଶ ପରିଷ୍କାର ଥାଏ । ଉତ୍ତାପର ବୃଦ୍ଧି ଘଟେ । ଦିନରେ ଅଧିକ ଉତ୍ତାପ ଅନୁଭୂତ ହେଲାବେଳେ ରାତି ଶୀତଳ ଏବଂ ଆରାମଦାୟକ ହୋଇଥାଏ । ପାଗରେ ଅଧିକ ଉତ୍ତାପ ଓ ଆର୍ଦ୍ରତା ଥିବାରୁ ଦିନଗୁଡ଼ିକ କଷ୍ଟଦାୟକ ହୁଏ । ଏହାକୁ ଅକ୍ଟୋବର ତାପ ବୋଲି କୁହାଯାଏ । ଅକ୍ଟୋବର ମାସର ଦ୍ୱିତୀୟାର୍ଦ୍ଧରେ ଉତ୍ତର ସମତଳ ଅଞ୍ଚଳରେ ଉତ୍ତାପ ହ୍ରାସ ପାଏ । ଜନଜୀବନ ଅଶ୍ୱସ୍ତ ହୁଏ । ନଭେମ୍ବର ମାସର ଆରମ୍ଭରେ ପଶ୍ଚିମ ଭାରତରେ ଥିବା ଲଘୁଚାପ ବଳୟ କ୍ରମଶଃ ସ୍ଥାନାନ୍ତରିତ ହୋଇ ଆରବସାଗର ଉପରେ ଅବସ୍ଥାପିତ ହୁଏ । ଏହି ସମୟରେ ଅନେକ ବାତାବର୍ତ୍ତ ଆଣ୍ଡାମାନ ଦ୍ୱୀପପୁଞ୍ଜ ନିକଟସ୍ଥ ସମୁଦ୍ରରେ ସୃଷ୍ଟି ହୁଅନ୍ତି । ସେମାନେ ପୂର୍ବ ଭାରତୀୟ ଉପକୂଳ ଅତିକ୍ରମ କରି ପ୍ରଚୁର




ମାନଚିତ୍ର 3.3

ପରିମାଣର ବୃଷ୍ଟିପାତ କରିଥାନ୍ତି । ଏହି ବାତାବର୍ତ୍ତଗୁଡ଼ିକ ବହୁତ କ୍ଷତିକାରକ । ସେମାନେ ଗୋଦାବରୀ, କୃଷ୍ଣା ଓ କାବେରୀ ତ୍ରିକୋଣଭୂମିର ଜନବହୁଳ ଅଞ୍ଚଳରେ ପ୍ରବେଶ କରି ପ୍ରଭୂତ କ୍ଷତି ସାଧନ କରନ୍ତି । କେତେକ ସମୟରେ ଏହି ବାତାବର୍ତ୍ତଗୁଡ଼ିକ ଓଡ଼ିଶା, ପଶ୍ଚିମବଙ୍ଗ ଓ ବାଂଲାଦେଶର ଉପକୂଳ ଅଞ୍ଚଳରେ ପ୍ରବେଶ କରି ଧନ ଜୀବନ ହାନି କରନ୍ତି । ଚେନ୍ନାଇ ଉପକୂଳ ଏହି ବାତାବର୍ତ୍ତଗୁଡ଼ିକରୁ ପ୍ରଚୁର ପରିମାଣର ବୃଷ୍ଟି ପାଇଥାଏ ।

## ମୌସୁମୀ ବର୍ଷାର ବଣ୍ଟନ

ବିଭିନ୍ନ ବର୍ଷରେ, ବିଭିନ୍ନ ସ୍ଥାନରେ, ବିଭିନ୍ନ ଋତୁରେ ବୃଷ୍ଟିପାତର ପରିମାଣରେ ପାର୍ଥକ୍ୟ ହେବାର ପଞ୍ଜିକରଣ




ମାନଚିତ୍ର 3.4

କରାଯାଇଛି । ସାଧାରଣତଃ ବୃଷ୍ଟିପାତର ପରିମାଣକୁ ନେଇ ଦେଶକୁ ତିନିଗୋଟି ଅଞ୍ଚଳରେ ବିଭକ୍ତ କରାଯାଇଛି ।

### ୧ । ବୃଷ୍ଟିବହୁଳ ଅଞ୍ଚଳ

ଭାରତର ପଶ୍ଚିମ ଉପକୂଳ ଏବଂ ଉତ୍ତର ପୂର୍ବ ଅଞ୍ଚଳରେ ବାର୍ଷିକ ହାରାହାରି ୪୦୦ ସେ.ମି. ବର୍ଷା ହୁଏ । ପଶ୍ଚିମଘାଟ ପର୍ବତମାଳାର ପଶ୍ଚିମ ପାର୍ଶ୍ୱ, ଆସାମ, ଦକ୍ଷିଣ ମେଘାଳୟ, ଅରୁଣାଚଳ ପ୍ରଦେଶ, ମଣିପୁର, ତ୍ରିପୁରା, ନାଗାଲାଣ୍ଡ ରାଜ୍ୟଗୁଡ଼ିକରେ ବୃଷ୍ଟିପାତର ପରିମାଣ ୨୦୦ ସେ.ମି. ଅଧିକ ହୁଏ । ଏଗୁଡ଼ିକୁ ବୃଷ୍ଟିବହୁଳ ଅଞ୍ଚଳ ବୋଲି କୁହାଯାଏ ।

### ୨ । ମଧ୍ୟମ ବୃଷ୍ଟିପାତ ଅଞ୍ଚଳ

ତାମିଲନାଡୁ ଉପକୂଳ, ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ବିହାର, ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ହିମାଳୟ ପାଦଦେଶରେ ଅବସ୍ଥିତ ଥିବା କେତେକ ଅଞ୍ଚଳରେ ବୃଷ୍ଟିପାତର ପରିମାଣ ୧୦୦ ସେ.ମି.ରୁ ୨୦୦ ସେ.ମି. ମଧ୍ୟରେ ହୁଏ । ଏଗୁଡ଼ିକୁ ମଧ୍ୟମ ବୃଷ୍ଟିପାତ ଅଞ୍ଚଳ ବୋଲି କୁହାଯାଏ ।

### ୩। ବୃଷ୍ଟି ବିରଳ ବା ସ୍ୱଳ୍ପ ବୃଷ୍ଟି ଅଞ୍ଚଳ

ରାଜସ୍ଥାନ, ପଞ୍ଜାବ, ହରିଆଣା, ପଶ୍ଚିମବଙ୍ଗ, ଦକ୍ଷିଣ ପଶ୍ଚିମ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଦାକ୍ଷିଣାତ୍ୟ ମାଳଭୂମିର ଅଧିକାଂଶ ଅଞ୍ଚଳରେ ୧୦୦ ସେ.ମି. କମ୍ ବର୍ଷା ହୁଏ । ଏହାକୁ ସ୍ୱଳ୍ପ ବୃଷ୍ଟି ଅଞ୍ଚଳ ବୋଲି କୁହାଯାଏ । ସ୍ୱଳ୍ପ ବୃଷ୍ଟି ପାଉଥିବା ଅଞ୍ଚଳ ଗୁଡ଼ିକରେ ବର୍ଷକୁ ବର୍ଷ ବୃଷ୍ଟିପାତର ପରିମାଣରେ ପାର୍ଥକ୍ୟ ପରିଲକ୍ଷିତ ହୁଏ । କାରଣ ଏହି ଅଞ୍ଚଳଗୁଡ଼ିକରେ ବୃଷ୍ଟିପାତ ହେବା କିମ୍ବା ନ ହେବାର ସମ୍ଭାବନା ଥାଏ ।

ବୃଷ୍ଟିବହୁଳ ଅଞ୍ଚଳଗୁଡ଼ିକ ବନ୍ୟାରେ ଆକ୍ରାନ୍ତ ହେଲାବେଳେ ସ୍ୱଳ୍ପ ବୃଷ୍ଟି ଅଞ୍ଚଳ ଗୁଡ଼ିକରେ ମରୁଡ଼ିର ସମ୍ଭାବନା ଦେଖାଦେଇଥାଏ ।

## ଓଡ଼ିଶାର ଜଳବାୟୁ

ଭାରତର ପୂର୍ବ ସମୁଦ୍ର ଉପକୂଳରେ ଓଡ଼ିଶା ଅବସ୍ଥିତ । ପୂର୍ବଘାଟ ପର୍ବତମାଳାର ପୂର୍ବରେ ବଙ୍ଗୋପସାଗର, ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ ଓ ପଶ୍ଚିମରେ ଉଚ୍ଚ ମାଳଭୂମି ଅବସ୍ଥିତ । ଏହାର ଉତ୍ତରରେ କର୍କଟକ୍ରାନ୍ତି ଯାଇଥିବାରୁ ଏହା ସମ୍ପୂର୍ଣ୍ଣ ଭାବେ କ୍ରାନ୍ତିମଣ୍ଡଳର ଅନ୍ତର୍ଗତ । ତେଣୁ ଏହାର ଜଳବାୟୁ ଉଷ୍ଣ ଓ ଆର୍ଦ୍ର । ଉପକୂଳବର୍ତ୍ତୀ ଅଞ୍ଚଳରେ ସାମୁଦ୍ରିକ ଜଳବାୟୁ ଓ ପଶ୍ଚିମସ୍ଥ ଉଚ୍ଚଭୂମିରେ ମହାଦେଶୀୟ ଜଳବାୟୁ ଦେଖାଯାଏ । ଉପକୂଳବର୍ତ୍ତୀ ସମତଳ ଅଞ୍ଚଳରେ ସାମୁଦ୍ରିକ ପ୍ରଭାବ ଯୋଗୁଁ ଗ୍ରୀଷ୍ମଋତୁରେ ତାପମାତ୍ରା ଅପେକ୍ଷାକୃତ କମ୍ ଥାଏ । ଶୀତଋତୁରେ ତାପମାତ୍ରା ବିଶେଷ ହ୍ରାସ ପାଏ ନାହିଁ । ମାତ୍ର ପଶ୍ଚିମସ୍ଥ ଉଚ୍ଚଭୂମିରେ ଗ୍ରୀଷ୍ମ ଋତୁରେ ଉତ୍ତାପ ଅଧିକ ବୃଦ୍ଧିପାଏ ଓ ଶୀତଋତୁରେ ଅଧିକ ହ୍ରାସ ପାଏ । ଅର୍ଥାତ୍ ଉପକୂଳବର୍ତ୍ତୀ ଅଞ୍ଚଳରେ ସମଶୀତୋଷ୍ଣ ଜଳବାୟୁ ଅନୁଭୂତ ହେଲାବେଳେ ପଶ୍ଚିମ ଉଚ୍ଚଭୂମିରେ ଚରମ ଜଳବାୟୁ ଅନୁଭୂତ ହୁଏ ।

ଓଡ଼ିଶାରେ ବାୟୁମଣ୍ଡଳର ହାରାହାରି ବାର୍ଷିକ ତାପମାତ୍ରା ସ୍ଥାନ ବିଶେଷରେ ଉଚ୍ଚତା ଓ ସମୁଦ୍ରପତ୍ତନ ଠାରୁ ଦୂରତା ଦ୍ୱାରା ପ୍ରଭାବିତ ହୋଇଥାଏ । ସମୁଦ୍ରତଟ ଠାରୁ ଆଭ୍ୟନ୍ତରୀଣ ଅଞ୍ଚଳ ଆଡ଼କୁ ଉତ୍ତାପ କ୍ରମଶଃ ବୃଦ୍ଧି ପାଇଥାଏ । ମେ ମାସ ରାଜ୍ୟର ଉଷ୍ଣତମ ମାସ । ଏହି ସମୟରେ ରାଜ୍ୟର ପଶ୍ଚିମ ତଥା କେନ୍ଦ୍ରାଞ୍ଚଳର ତାପମାତ୍ରା ୪୦° ସେଲ୍‌ସିଅସରୁ ଅଧିକା ହୋଇଥାଏ । ଝାରସୁଗୁଡ଼ା, ସମ୍ବଲପୁର, ଟିଟିଲାଗଡ଼, ବଲାଙ୍ଗିର, ଭବାନୀପାଟଣା ଆଦି ସ୍ଥାନମାନଙ୍କରେ ତାପମାତ୍ରା ୪୦°ରୁ ୪୮° ସେଲ୍‌ସିଅସ ମଧ୍ୟରେ ରହେ । ଉପକୂଳବର୍ତ୍ତୀ ସ୍ଥାନମାନଙ୍କରେ ଯଥା- ପୁରୀ, ଚାନ୍ଦିପୁର, ପାରାଦ୍ୱୀପ, ଗୋପାଳପୁର ଆଦି ସ୍ଥାନମାନଙ୍କର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିଅସ ମଧ୍ୟରେ ରହିଥାଏ । ଉଚ୍ଚ ପାର୍ବତ୍ୟାଞ୍ଚଳର ସ୍ଥାନ ବିଶେଷରେ (ଯଥା- ଦାରିଙ୍ଗିବାଡ଼ି, ହେମଗିରି ଇତ୍ୟାଦି) ସର୍ବନିମ୍ନ ତାପମାତ୍ରା ଶୂନ ଡିଗ୍ରୀ ସେଲସିଅସକୁ ହ୍ରାସ ପାଇଥାଏ ।

ଓଡ଼ିଶାର ଉପକୂଳ ଦକ୍ଷିଣପଶ୍ଚିମ ମୌସୁମୀବାୟୁର ପ୍ରବାହ ପଥ ସହିତ ସମାନ୍ତରାଳ ହୋଇ ରହିଥିବାରୁ ଓଡ଼ିଶା ମଧ୍ୟରେ ମୌସୁମୀବାୟୁ ପ୍ରବେଶ କରିପାରେ ନାହିଁ । ମାତ୍ର ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ବା ବାତାବର୍ତ୍ତଗୁଡ଼ିକ ଦ୍ୱାରା ଓଡ଼ିଶାରେ ବୃଷ୍ଟିପାତ ହୁଏ । ୧୫୦୦ ମି.ମି. ବିଶିଷ୍ଟ ସମବୃଷ୍ଟିପାତ ରେଖା ସମ୍ବଲପୁର, ରେଢ଼ାଖୋଲ, ଅନୁଗୁଳ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ମଧ୍ୟ ଦେଇଯାଇଛି ।

ବଙ୍ଗୋପସାଗରୀୟ ଘୂର୍ଣ୍ଣିବାତ୍ୟା ଯୋଗୁଁ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ ଉଚ୍ଚ ମାଳଭୂମି ଅଞ୍ଚଳରେ (ଶିମିଳିପାଳ) ବାର୍ଷିକ ବୃଷ୍ଟିପାତ ପ୍ରାୟ ୧୭୫୦ ମି.ମି.ରୁ ଅଧିକ ହୋଇଥାଏ । ରାଜ୍ୟର ଉତ୍ତର ଓ ଦକ୍ଷିଣ ପଶ୍ଚିମ ଅଞ୍ଚଳ ତୁଳନାରେ ଋଷିକୁଲ୍ୟା ନଦୀ ଉପତ୍ୟକାରେ ଅଳ୍ପ ବୃଷ୍ଟିପାତ ହୁଏ । ଶୀତଋତୁରେ ମଧ୍ୟ ରାଜ୍ୟରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥାଏ । ରାଜ୍ୟରେ ବୃଷ୍ଟିପାତର ପରିମାଣ ପ୍ରାୟ ୧୫୦୦ ମି.ମି । ଜୁନ୍‌ରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବୃଷ୍ଟିପାତ ହେଉଥିବାରୁ ଏହି ସମୟକୁ ବର୍ଷାଋତୁ କୁହାଯାଏ ।

ପୂର୍ବଘାଟ ପର୍ବତମାଳାର ପୂର୍ବପାର୍ଶ୍ୱ ତଥା ଉତ୍ତର ଓ ଦକ୍ଷିଣ ପଶ୍ଚିମ ଓଡ଼ିଶାରେ ବୃଷ୍ଟିପାତ ଅଧିକ ହୁଏ । ପୂର୍ବଘାଟ ପର୍ବତମାଳାର ବୃଷ୍ଟିଛାୟା ଅଞ୍ଚଳରେ ଅବସ୍ଥିତ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ସୁବର୍ଣ୍ଣପୁର ଆଦି ଜିଲ୍ଲାରେ ବହୁତ କମ୍ ପରିମାଣର ବୃଷ୍ଟିପାତ ହୋଇଥାଏ । ଏହି ଜିଲ୍ଲା ଗୁଡ଼ିକରେ ଅଧିକାଂଶ ବର୍ଷରେ ମରୁଡ଼ି ଦେଖାଯାଉଥିବାରୁ ଏମାନେ ମରୁଡ଼ିଗ୍ରସ୍ତ ଜିଲ୍ଲା ଭାବରେ ପରିଚିତ । ଅନେକ ସମୟରେ ଅକ୍ଟୋବର ଓ ନଭେମ୍ବର ମାସରେ ବଙ୍ଗୋପସାଗରରେ ସୃଷ୍ଟ ବାତାବର୍ତ୍ତଗୁଡ଼ିକ ଯୋଗୁଁ ଓଡ଼ିଶାର ଉପକୂଳରେ ପ୍ରଚୁର ପରିମାଣର ବୃଷ୍ଟିପାତ ହୁଏ ।

ବାର୍ଷିକ ବୃଷ୍ଟିପାତ ହାର ଅନୁସାରେ ଓଡ଼ିଶାକୁ ତିନିଗୋଟି ବୃଷ୍ଟିପାତ ଅଞ୍ଚଳରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା-

## ଅତି ବୃଷ୍ଟିପାତ ଅଞ୍ଚଳ :

ବାର୍ଷିକ ହାରାହାରି ୧୫୫୦ ମି.ମି.ରୁ ଊର୍ଦ୍ଧ୍ୱ ବୃଷ୍ଟିପାତ ଅଞ୍ଚଳ ଏହାର ଅନ୍ତର୍ଗତ । ଉତ୍ତର ଓଡ଼ିଶାର ବୁଢ଼ାବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ ଓ ଇବ୍ ନଦୀ ଉପତ୍ୟକା ଅଞ୍ଚଳରେ ଅତ୍ୟଧିକ ବୃଷ୍ଟିପାତ ହୁଏ ।

ମୟୂରଭଞ୍ଜ ଜିଲ୍ଲା, କେନ୍ଦୁଝର ଜିଲ୍ଲାର ଉତ୍ତରପଶ୍ଚିମ ଭାଗ, ଅନୁଗୁଳ ଜିଲ୍ଲାର ପାଲଲହଡ଼ା ସବ୍‌ଡିଭିଜନ, ସୁନ୍ଦରଗଡ଼ ଜିଲ୍ଲା ଏବଂ ସମ୍ବଲପୁର ଜିଲ୍ଲାର ପୂର୍ବଭାଗ ଏହି ଅଞ୍ଚଳର ଅନ୍ତର୍ଗତ । ସେହିପରି ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଜିଲ୍ଲାର ଜୟପୁର ଅଞ୍ଚଳରେ ମଧ୍ୟ ପ୍ରବଳ ବୃଷ୍ଟିପାତ ହୁଏ ।



ଏହା ବ୍ୟତୀତ ମହାନଦୀ, ବ୍ରାହ୍ମଣୀ, ବୈତରଣୀ ନଦୀର ନିମ୍ନ ଅବବାହିକାରେ ଅବସ୍ଥିତ ଭଦ୍ରକ, ସୁକିନ୍ଦା, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାର ପୂର୍ବ ଭାଗରେ ଅତ୍ୟଧିକ ବୃଷ୍ଟିପାତ ହୋଇଥାଏ । ସେହିପରି କନ୍ଧମାଳର କେତେକ ଅଞ୍ଚଳର ଅଧିକ ବୃଷ୍ଟିପାତ ହୁଏ ।

## ମଧ୍ୟମ ବୃଷ୍ଟିପାତ ଅଞ୍ଚଳ :

ବାର୍ଷିକ ହାରାହାରି ୧୩୫୦ମି.ମି.ରୁ ୧୫୫୦ମି.ମି. ମଧ୍ୟରେ ବୃଷ୍ଟିପାତ ଅଞ୍ଚଳଗୁଡ଼ିକ ଏହାର ଅନ୍ତର୍ଗତ । ସାଧାରଣତଃ ଓଡ଼ିଶାର କେନ୍ଦ୍ରାଞ୍ଚଳରେ ଅବସ୍ଥିତ ଢେଙ୍କାନାଳ, ବୌଦ, ଝାରସୁଗୁଡ଼ାରେ ମଧ୍ୟମ ଧରଣର ବୃଷ୍ଟିପାତ ହୁଏ ।

## ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳ :

ବାର୍ଷିକ ହାରାହାରି ୧୩୫୦ମି.ମି.ରୁ କମ୍ ବୃଷ୍ଟିପାତ ଅଞ୍ଚଳ ଏହାର ଅନ୍ତର୍ଗତ । ଏହା ମୁଖ୍ୟତଃ ବଂଶଧାରା ଓ ଋଷିକୁଲ୍ୟା ନଦୀ ଉପତ୍ୟକା କୋରାପୁଟ ଜିଲ୍ଲାର ପୂର୍ବାଞ୍ଚଳ ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାର ପଶ୍ଚିମ ଭାଗକୁ ନେଇ ବିସ୍ତୃତ । ଏହା ବ୍ୟତୀତ ତେଲ୍ ନଦୀର ଉପର ଅବବାହିକା ବରଗଡ଼ ଜିଲ୍ଲା, ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼ ଓ ପାଟଣାଗଡ଼ ମଧ୍ୟ ଏହାର ଅନ୍ତର୍ଗତ । ବ୍ରାହ୍ମଣୀ ନଦୀର ମଧ୍ୟ ଉପତ୍ୟକା ଅଞ୍ଚଳରେ ମଧ୍ୟ ସ୍ୱଳ୍ପ ବୃଷ୍ଟିପାତ ହୋଇଥାଏ ।

# ଜଳବାୟୁ ଓ ଜନଜୀବନ

ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ କେବଳ ପୃଥିବୀ ଉପରେ ଉନ୍ନତ ଜୀବଜଗତର ସୃଷ୍ଟି ସମ୍ଭବ ହୋଇପାରିଛି । କେତେକ ପ୍ରାକୃତିକ ଅବସ୍ଥାର ପାରସ୍ପରିକ ନିର୍ଭରଶୀଳତା ତଥା ଭାରସାମ୍ୟ ଉପରେ ନିର୍ଭର କରି ଏହାର ସୃଷ୍ଟି ଓ ବିକାଶ ହୋଇଛି । ପ୍ରତ୍ୟେକ ଜୀବର ଚତୁଃପାର୍ଶ୍ୱରେ ଘେରି ରହିଥିବା ସମସ୍ତ ଜୈବିକ ଓ ଭୌତିକ ପଦାର୍ଥର ସମନ୍ୱୟକୁ ପରିବେଶ କୁହାଯାଏ । ଏହି ପରିବେଶ ଜୀବର ଜୀବନ, କୃଷି ତଥା ବଞ୍ଚିବାର ପ୍ରତ୍ୟେକ ଅବସ୍ଥାକୁ ପ୍ରଭାବିତ କରିଥାଏ । ଯେକୌଣସି ସ୍ଥାନର ପରିବେଶ ସେହି ସ୍ଥାନର ଜଳବାୟୁ ଦ୍ୱାରା ପ୍ରଭାବିତ ହୋଇଥାଏ ।

ପୃଥିବୀ ପୃଷ୍ଠରେ ମନୁଷ୍ୟ ସୃଷ୍ଟି ହେବାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ତା'ର ଖାଦ୍ୟ, ବସ୍ତ୍ର, ବାସଗୃହ ଇତ୍ୟାଦି ମୌଳିକ ଆବଶ୍ୟକତା ଜଳବାୟୁ ଦ୍ୱାରା ନିୟନ୍ତ୍ରିତ ହୋଇଛି । ମନୁଷ୍ୟର ପରିସ୍ଥାନ (Habitat), ଅର୍ଥନୀତି (Economy) ଓ ସମାଜ (Society) ମୁଖ୍ୟତଃ ଜଳବାୟୁର ବିବିଧତା ଉପରେ ନିର୍ଭର କରି ବିକାଶ ଲାଭ କରିଛି । ବାସସ୍ଥାନ, କୃଷି, ଶିଳ୍ପ, ଗମନାଗମନ, ସହରୀକରଣ ଇତ୍ୟାଦି ଜଳବାୟୁ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥାଏ ।

ଭୂ-ପୃଷ୍ଠରେ ବିଭିନ୍ନ ପ୍ରକାର ଜଳବାୟୁରେ ଭିନ୍ନ ଭିନ୍ନ ସଂସ୍କୃତି ଓ ସଭ୍ୟତା ବିକାଶ ଲାଭ କରିଛି । ମନୁଷ୍ୟମାନଙ୍କର ବିଭିନ୍ନ ପ୍ରଜାତିର ଗୁଣ, ଚରିତ୍ର ତଥା ଦୈହିକ ଗଠନ ଜଳବାୟୁ ଦ୍ୱାରା ପ୍ରଭାବିତ ହୋଇଥାଏ । ଗୃହର ଗଠନ ପ୍ରଣାଳୀ (ଯଥା- ଏସ୍କିମୋମାନଙ୍କର ଇଗ୍ଲୁ) ବସ୍ତ୍ର ଓ ପରିଧାନ, ଖାଦ୍ୟ ଓ ପାନୀୟ ଇତ୍ୟାଦିକୁ ଜଳବାୟୁ ପ୍ରଭାବିତ କରିଥାଏ । ବିଭିନ୍ନ କୃଷିଜାତ ଦ୍ରବ୍ୟ ମଧ୍ୟ ଜଳବାୟୁର ଉତ୍ତାପ, ଆଲୋକ, ବୃଷ୍ଟିପାତ, ତୁଷାରପାତ, ଶିଶିରପାତ, ବାୟୁପ୍ରବାହ ପ୍ରଭୃତି ଦ୍ୱାରା ନିୟନ୍ତ୍ରିତ ହୁଏ । ମରୁଡ଼ି, ବାତ୍ୟା, ବନ୍ୟା ଇତ୍ୟାଦି ଜଳବାୟୁ ଯୋଗୁଁ ସୃଷ୍ଟି ହୋଇ ମନୁଷ୍ୟ ସମାଜର ପ୍ରଭୂତ କ୍ଷତି ସାଧନ କରିଥାଏ ।

ଜଳବାୟୁ ପ୍ରାକୃତିକ ପରିବେଶର ଏକ ବିଶିଷ୍ଟ ନିୟାମକ । ଏହାଦ୍ୱାରା ଜୈବମଣ୍ଡଳ, ବାରିମଣ୍ଡଳ, ଅଶ୍ମମଣ୍ଡଳ ଓ ବାୟୁମଣ୍ଡଳ ପ୍ରଭାବିତ ଓ ପରିବର୍ତ୍ତିତ ହୁଏ । ମନୁଷ୍ୟର ଜୀବନଯାପନ ପ୍ରଣାଳୀ ତଥା ଅର୍ଥନୈତିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣଭାବେ ଜଳବାୟୁ ଉପରେ ନିର୍ଭର କରେ ।

ସମୟକ୍ରମେ ସାଂସ୍କୃତିକ ବିକାଶ ସଙ୍ଗେ ସଙ୍ଗେ ପ୍ରାକୃତିକ ପରିବେଶରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହୁଏ । ପ୍ରାକୃତିକ ପରିବର୍ତ୍ତନ ମନୁଷ୍ୟକୃତ ବିଭିନ୍ନ ପ୍ରଦୂଷଣ ଦ୍ୱାରା ହୁଏ । ପ୍ରାକୃତିକ ପରିବର୍ତ୍ତନ ସୀମା ମଧ୍ୟରେ ରହିଲେ ତାହା ସହ୍ୟ କରିହୁଏ ଏବଂ ତାହା କ୍ଷତିକାରକ ହୋଇନଥାଏ । ମାତ୍ର ପରିବର୍ତ୍ତନ ଜନିତ ଚାପ ଯେତେବେଳେ ସହ୍ୟ ସୀମାକୁ ଅତିକ୍ରମ କରେ ସେତେବେଳେ ତାହା ଏକ "ସମସ୍ୟା" ଭାବରେ ଦେଖାଯାଏ । ଅଧୁନା ମନୁଷ୍ୟ ତିନୋଟି ପ୍ରଧାନ ସମସ୍ୟାର ସମ୍ମୁଖୀନ ହେଉଛି । ସେଗୁଡ଼ିକ ହେଲା-

- ଜନସଂଖ୍ୟା ବୃଦ୍ଧି ଜନିତ ସମସ୍ୟା ।
- ପ୍ରଦୂଷଣ ଜନିତ ସମସ୍ୟା ।
- ପ୍ରାକୃତିକ ଓ ସାଂସ୍କୃତିକ ବିପର୍ଯ୍ୟୟ ଜନିତ ସମସ୍ୟା ।

ମନୁଷ୍ୟ ନିଜର ଆବଶ୍ୟକତା ପୂରଣ କରିବା ପାଇଁ ପରିବେଶର ଭାରସାମ୍ୟକୁ ନଷ୍ଟ କରେ । ପ୍ରାକୃତିକ ଭାରସାମ୍ୟ ନଷ୍ଟ ହେବା ଯୋଗୁଁ ବିଭିନ୍ନ ସମସ୍ୟା ସୃଷ୍ଟି ହୁଏ ଓ ତା'ର କୁପରିଣାମ ମନୁଷ୍ୟକୁ ଭୋଗିବାକୁ ପଡ଼ିଥାଏ ।

## ପ୍ରାକୃତିକ ବିପର୍ଯ୍ୟୟ :

ପୃଥିବୀ ସୃଷ୍ଟି ହେବା ସମୟରୁ ଭୂ-ପୃଷ୍ଠରେ ଅନେକ ପରିବର୍ତ୍ତନ ଘଟିଚାଲିଛି । ଏହି ପରିବର୍ତ୍ତନ ମଧ୍ୟରୁ କେତେକ ଧୀର ଓ ମନ୍ଥର । ଅନ୍ୟ କେତେକ ଆକସ୍ମିକ ଓ ଅପ୍ରତ୍ୟାଶିତ । ଆକସ୍ମିକ ପରିବର୍ତ୍ତନ ମନୁଷ୍ୟର ଜୀବନଯାପନରେ ପ୍ରତିବନ୍ଧକ ଓ ମନରେ ବିପଦର ଆଶଙ୍କା ସୃଷ୍ଟି କରିଥାଏ । ଏଗୁଡ଼ିକୁ ବିପତ୍ତି (Hazards) କୁହାଯାଏ । ତୁମେମାନେ ପ୍ରାକୃତିକ ବିପର୍ଯ୍ୟୟ ଓ ବିପତ୍ତି ସମ୍ବନ୍ଧରେ ପୂର୍ବ ଅଧ୍ୟାୟରେ ପଢ଼ିଅଛ । ଅନ୍ୟ କେତୋଟି ପ୍ରାକୃତିକ ବିପର୍ଯ୍ୟୟ ଓ ସେମାନଙ୍କର ପରିଚାଳନା ନିମ୍ନରେ ଦିଆଗଲା ।

ଭାରତ ପୃଥିବୀର ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଦେଶ । ଚୀନ୍ ପରେ ଏହାର ସ୍ଥାନ ଦ୍ୱିତୀୟ ।

### ବାତ୍ୟା :

ଭାରତର ବଙ୍ଗୋପସାଗର ଓ ଆରବସାଗରରେ କ୍ରାନ୍ତୀୟ ବାତାବର୍ତ୍ତ ସୃଷ୍ଟି ହୋଇ ଉପକୂଳବର୍ତ୍ତୀ ଅଞ୍ଚଳକୁ ପ୍ରଭାବିତ କରେ । ସାଧାରଣତଃ ୬୦୦ କି.ମି.ରୁ ଊର୍ଦ୍ଧ୍ୱ ବ୍ୟାସ ବିଶିଷ୍ଟ ବାତାବର୍ତ୍ତ ଅଧିକ କ୍ଷତିକାରକ ହୁଏ । ଆରବସାଗର ଅପେକ୍ଷା ବଙ୍ଗୋପସାଗରରେ ଅଧିକ ସଂଖ୍ୟକ ବାତାବର୍ତ୍ତ ସୃଷ୍ଟି ହୋଇଥାଏ । ଏଗୁଡ଼ିକ ପ୍ରାୟତଃ ଏପ୍ରିଲ ଓ ମେ ମାସରେ ଏବଂ ଅକ୍ଟୋବର ଓ ନଭେମ୍ବର ମାସରେ ସୃଷ୍ଟି ହୁଏ । ସାଧାରଣତଃ ୮°ରୁ ୨୦° ଉତ୍ତର ଅକ୍ଷାଂଶ ମଧ୍ୟରେ ଏହା ଦେଖାଯାଏ ।

ବାତାବର୍ତ୍ତ ଦ୍ୱାରା ଅଧିକ ବେଗରେ ପବନ ବହିବା ସଙ୍ଗେ ସଙ୍ଗେ ପ୍ରବଳ ବୃଷ୍ଟିପାତ ହୋଇଥାଏ । ଫଳରେ ଅଧିକ ପବନ ହେତୁ ଗୃହ, ବୃକ୍ଷ ସବୁ କ୍ଷତିଗ୍ରସ୍ତ ହୁଏ । ବନ୍ୟା ହେବାରୁ ଧନ ଜୀବନ ହାନି ଘଟିଥାଏ ।

ଗୁଜରାଟ ଓ ମହାରାଷ୍ଟ୍ର ଆରବସାଗର ବାତାବର୍ତ୍ତଗୁଡ଼ିକ ଦ୍ୱାରା ପ୍ରଭାବିତ ହୁଏ । ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତାବର୍ତ୍ତଗୁଡ଼ିକ ଦ୍ୱାରା କ୍ଷତିଗ୍ରସ୍ତ ହୁଏ । ସମୁଦାୟ ବାତାବର୍ତ୍ତର ୨୭ ଶତାଂଶ ବଙ୍ଗୋପସାଗରରେ ଓ ୩୩ ଶତାଂଶ ଆରବସାଗରରେ ସୃଷ୍ଟି ହୁଏ । ଅକ୍ଟୋବର ୨୯, ୧୯୯୯ ମସିହାରେ ଓଡ଼ିଶାରେ ପ୍ରବାହିତ ହୋଇଥିବା ମହାବାତ୍ୟା ଅନେକ କ୍ଷତି ସାଧନ କରିଥିଲା ।

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ବାତ୍ୟାର ବିଭୀଷିକା ଦେଖାଯାଏ । ଗତ ୧୦୦ ବର୍ଷ ମଧ୍ୟରେ ଆମ ରାଜ୍ୟରେ ପ୍ରାୟ ୧୧ ଥର ମହା ପ୍ରଳୟଙ୍କରୀ ବାତ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଥି ମଧ୍ୟରୁ ୧୯୬୭, ୧୯୭୧, ୧୯୭୮, ୧୯୮୨ ଏବଂ ୧୯୯୯ର ପ୍ରବଳ ବାତ୍ୟା ବିଶେଷ ଉଲ୍ଲେଖଯୋଗ୍ୟ । ୧୯୯୯ ମସିହା ଅକ୍ଟୋବର ୨୯ ତାରିଖରେ ଘଟିଥିବା ମହାବାତ୍ୟାରେ ଘଣ୍ଟାକୁ ପ୍ରାୟ ୨୫୦କି.ମି.ରୁ ୩୦୦ କି.ମି. ବେଗରେ ପବନ ବହିଥିଲା ଏବଂ ଏହା ୪୦ ଘଣ୍ଟା ଧରି ସକ୍ରିୟ ରହିଥିଲା । ଏଥିରୁ ୯୫ ସେ.ମି. ବୃଷ୍ଟିପାତ ହୋଇ ସମଗ୍ର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ବନ୍ୟା ପ୍ଲାବିତ କରିଥିଲା । ଏଥିରେ ୧କୋଟି ଲୋକ ପ୍ରଭାବିତ ହେଲାବେଳେ ୯୮୬୬ ଜଣଙ୍କର ପ୍ରାଣହାନି ଘଟିଥିଲା ।

### ବନ୍ୟା :

ବର୍ଷାଋତୁରେ ଅଧିକ ବୃଷ୍ଟିପାତ ହେବା ଫଳରେ ନଦୀ ଜଳ କୂଳ ଲଙ୍ଘି ଉଭୟ ପାର୍ଶ୍ୱର ଭୂମିକୁ ପ୍ଲାବିତ କରିଥାଏ । ଭାରତ ଏକ ନଦୀବହୁଳ ଦେଶ ହୋଇଥିବାରୁ ପ୍ରାୟ ପ୍ରତ୍ୟେକ ବର୍ଷ ବନ୍ୟା ଦ୍ୱାରା ବିଭିନ୍ନ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥାଏ । ବାଂଲାଦେଶ ପରେ ଭାରତ ହେଉଛି ପୃଥିବୀର ଦ୍ୱିତୀୟ ବନ୍ୟାପ୍ଲାବିତ ଦେଶ । ପୃଥିବୀର ୨୦% ବନ୍ୟାକୃତ ମୃତ୍ୟୁ ଭାରତରେ ହିଁ ହୋଇଥାଏ । ଭାରତର ଅଧିକ ବନ୍ୟା ପୀଡ଼ିତ ଅଞ୍ଚଳଗୁଡ଼ିକ ହେଉଛି ଗଙ୍ଗାନଦୀ ଉପତ୍ୟକାର ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ବ୍ରହ୍ମପୁତ୍ର ଉପତ୍ୟକାର ଆସାମ, ଓଡ଼ିଶାର ସୁବର୍ଣ୍ଣରେଖା, ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀ ଉପତ୍ୟକା ଏବଂ ଆନ୍ଧ୍ରପ୍ରଦେଶର କୃଷ୍ଣା, ଗୋଦାବରୀ ଉପତ୍ୟକା । ବେଳେବେଳେ ଗୁଜରାଟ, ହରିଆଣା ଓ ରାଜସ୍ଥାନରେ ମଧ୍ୟ ବନ୍ୟା ହୁଏ ।

ଓଡ଼ିଶା ଏକ ନଦୀବହୁଳ ରାଜ୍ୟ ହୋଇଥିବାରୁ ବର୍ଷାଋତୁରେ ପ୍ରବଳ ବନ୍ୟା ସୃଷ୍ଟି ହୁଏ । ମୋଟ୍ ୩୦ଟି ଜିଲ୍ଲା ମଧ୍ୟରୁ ୨୫ଟି ଜିଲ୍ଲା ବନ୍ୟା ପ୍ରବଣ । ଏହାଦ୍ୱାରା

ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକ ବିଶେଷ କ୍ଷତିଗ୍ରସ୍ତ ହୋଇଥାନ୍ତି । ଗତ ୧୫୦ ବର୍ଷ ମଧ୍ୟରେ ମହାନଦୀରେ ପ୍ରାୟ ୧୨୭ ଥର ବନ୍ୟା ଆସିଥିଲା । ସେଥିରୁ ୨୮ଟି ପ୍ରବଳ ବନ୍ୟାର ରୂପ ଧାରଣ କରିଥିଲା । ସେହିପରି ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ଋଷିକୁଲ୍ୟା, ବଂଶଧାରା ପ୍ରଭୃତି ନଦୀଗୁଡ଼ିକରେ ବନ୍ୟା ଆସି ପ୍ରଭୁତ ଧନ ଜୀବନ କ୍ଷତି କରିଥାଏ ।

## ମରୁଡ଼ି :

ବୃଷ୍ଟିପାତର ଅସମାନତା ଓ ଆବଶ୍ୟକତାଠାରୁ କମ୍ ବୃଷ୍ଟି ହେଲେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୁଏ । ଭାରତର ସମୁଦାୟ କ୍ଷେତ୍ରଫଳର ୭୦ ଶତାଂଶ ମରୁଡ଼ି ପ୍ରବଣ । ୯୯ ଜିଲ୍ଲାର ୭୨୫ ତାଲୁକା ମଧ୍ୟରୁ ପ୍ରାୟ ୩୧୫ ତାଲୁକାରେ ମରୁଡ଼ି



ଚିତ୍ର : 12 ମରୁଡ଼ି

ଦେଖାଦେଇଥାଏ । ଏଥିରେ ପ୍ରତିବର୍ଷ ପ୍ରାୟ ୫ କୋଟି ଲୋକ କ୍ଷତିଗ୍ରସ୍ତ ହୋଇଥାନ୍ତି । ୨୦୦୧ ମସିହାରେ ୮ଟି ରାଜ୍ୟ ମରୁଡ଼ି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା ।

ଓଡ଼ିଶାରେ ମରୁଡ଼ି ପ୍ରାୟ କ୍ରମାଗତ ଭାବରେ ଦେଖା ଦେଇ ଗୁରୁତର ଅର୍ଥନୈତିକ କ୍ଷତି ସାଧନ କରୁଅଛି । ୧୮୭୫-୭୬ର **"ନଅଙ୍କ ଦୁର୍ଭିକ୍ଷ"** ପରିସ୍ଥିତି ସର୍ବାଧିକ ଭୟଙ୍କର ହୋଇଥିଲା । ମରୁଡ଼ିଗ୍ରସ୍ତ ଜିଲ୍ଲାଗୁଡ଼ିକ ହେଲା ଅନୁଗୁଳ, ବଲାଙ୍ଗିର, ବରଗଡ଼, ବୌଦ, ଦେବଗଡ଼, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, କେନ୍ଦ୍ରାପଡ଼ା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼, ଯାଜପୁର, ବାଲେଶ୍ୱର ଓ ଝାରସୁଗୁଡ଼ା । ଏଥି ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲା ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହେଉଥିଲାବେଳେ ବାଲେଶ୍ୱର ଜିଲ୍ଲା ସବୁଠାରୁ କମ୍ କ୍ଷତିଗ୍ରସ୍ତ ହୁଏ ।

## ଅଂଶୁଘାତ (ଗ୍ରୀଷ୍ମ ପ୍ରବାହ) :

ଗ୍ରୀଷ୍ମଋତୁରେ ଟାଣ ଖରା ସହିତ ଝାଞ୍ଜି ପବନର ସଂସ୍ପର୍ଶରେ ଆସିଲେ ଶରୀରରୁ ଜଳୀୟ ଅଂଶ କମିଯାଏ । ଏଥିଯୋଗୁଁ ବହୁତ ଲୋକ ଚେତାଶୂନ୍ୟ ହେବା ସହ ମୃତ୍ୟୁବରଣ କରିଥାନ୍ତି । ଏହାକୁ ଅଂଶୁଘାତ ଜନିତ ମୃତ୍ୟୁ କୁହାଯାଏ ।

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଅରଣ୍ୟ କ୍ଷୟ ସହିତ କଂକ୍ରିଟ ଜଙ୍ଗଲର ସୃଷ୍ଟି, ତାଳଚେର ଓ ଝାରସୁଗୁଡ଼ାର କୋଇଲାଖଣି ଓ ତାପଜ ବିଦ୍ୟୁତ୍‌କେନ୍ଦ୍ରର ଅବସ୍ଥିତି, ରାଉରକେଲାର ଇସ୍ପାତ ଶିଳ୍ପ ଏବଂ ଟିଟିଲାଗଡ଼ର ରକ୍ଷ ଶିଳାଭୂମି ପ୍ରଭୃତି ଅଞ୍ଚଳରେ ତାପମାତ୍ରାର ଅସ୍ୱାଭାବିକ ବୃଦ୍ଧି ଉଦ୍‌ବେଗର କାରଣ ହୋଇଛି । ରାଜ୍ୟରେ ପ୍ରଥମ ଥର ପାଇଁ ୧୯୯୮ ମସିହାରେ ଅଂଶୁଘାତ ବିପର୍ଯ୍ୟୟ ଉତ୍କଟ ହୋଇଥିଲା । ସେହିବର୍ଷ ଏପ୍ରିଲ ଓ ମେ ମାସରେ ସାରା ରାଜ୍ୟରେ ବାୟୁ ତାପମାତ୍ରା ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଥିଲା । ପୂର୍ବ ପ୍ରସ୍ତୁତି ତଥା ସଚେତନତା ଅଭାବରୁ ହଜାର ହଜାର ଲୋକ ଅଂଶୁଘାତର ମୃତ୍ୟୁବରଣ କରିଥିଲେ । ଏଥିରେ ପ୍ରାୟ ୨୦୪୨ ଜଣଙ୍କ ମୃତ୍ୟୁ ହୋଇଥିଲା ।

## ବିପର୍ଯ୍ୟୟର ପରିଚାଳନା :

ପ୍ରାକୃତିକ ବିପର୍ଯ୍ୟୟର ପ୍ରତିରୋଧ କରିବା ମନୁଷ୍ୟ ଆୟତ୍ତର ବାହାରେ । ମାତ୍ର ପୂର୍ବରୁ ବିପର୍ଯ୍ୟୟର ସୂଚନା ପାଇପାରିଲେ ତା'ର ମୁକାବିଲା ପାଇଁ ପ୍ରସ୍ତୁତ ହୋଇପାରିବା । ବିପର୍ଯ୍ୟୟ ସମୟରେ ପ୍ରତିକାର କରାଯାଇପାରେ ଏବଂ ବିପର୍ଯ୍ୟୟ ଘଟିବା ପରେ ତା'ର କୁ-ପ୍ରଭାବର ସମ୍ମୁଖୀନ ହେବା ପାଇଁ କେଉଁ ସବୁ ପଦକ୍ଷେପ ନିଆଯାଇପାରିବ ସେ ସମ୍ବନ୍ଧରେ ସମସ୍ତେ ସଚେତନ ହେବା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ସାଧାରଣତଃ ବିପର୍ଯ୍ୟୟ ପ୍ରଶମନ, ପୂର୍ବାନୁମାନ ଓ ଭାବୀସୂଚନା ଦ୍ୱାରା ବିପର୍ଯ୍ୟୟ ପରିଚାଳନା କରାଯାଏ । ବିଭିନ୍ନ ପ୍ରତିକାରକ କାର୍ଯ୍ୟକ୍ରମ, ସାମାଜିକ ପ୍ରତିକ୍ରିୟା ଓ ବିପର୍ଯ୍ୟୟ ପରବର୍ତ୍ତୀ ସାହାଯ୍ୟ ପ୍ରଦାନ ଜାତୀୟ ଆନ୍ତର୍ଜାତୀୟ ଓ ବିଭିନ୍ନ ବେସରକାରୀ ସେବାସଂସ୍ଥା ପ୍ରଭୃତି ଦ୍ୱାରା ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମ କରାଯାଇଥାଏ । ଏପରିକି ସ୍ଥାନୀୟ, ଆଞ୍ଚଳିକ ଓ ବିଶ୍ୱସ୍ତରରେ ବିଭିନ୍ନ ପ୍ରକାରର ଅନୁଷ୍ଠାନଦ୍ୱାରା ଗବେଷଣା କରାଯାଇ ବିଭିନ୍ନ ବିପର୍ଯ୍ୟୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନ ଓ ସେଗୁଡ଼ିକର ଭାବି ସୂଚନା ପ୍ରସ୍ତୁତ କରାଯାଇ ଜନସାଧାରଣଙ୍କୁ ସତର୍କ କରାଯାଇଥାଏ ।

ବିପର୍ଯ୍ୟୟ ସମୟରେ କିପରି ଖାପଖୁଆଇ ଚଳିପାରିବ ଏବଂ କେଉଁ କେଉଁ ପ୍ରକାରର ସତର୍କତା ଅବଲମ୍ବନ କଲେ ସେଥିରୁ ରକ୍ଷା ମିଳିବ କିମ୍ବା ଅଳ୍ପ କ୍ଷତିସାଧନ ହେବ ସେ ସମ୍ବନ୍ଧରେ ଅଧିକ ଜ୍ଞାନ ଲାଭ ପାଇଁ ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି ଓ କାର୍ଯ୍ୟକାରୀ ମଧ୍ୟ ହେଉଛି । ଆମ ଦେଶରେ ଆମେ ବାତ୍ୟା, ବନ୍ୟା, ମରୁଡ଼ି ଓ ଉଷ୍ମପ୍ରବାହ ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ଗୁଡ଼ିକର ଊଣା ଅଧିକେ ସମ୍ମୁଖୀନ ହୋଇଥାଉ ।

## ବାତ୍ୟା :

ବାତ୍ୟା ସୃଷ୍ଟିହେବାର କିଛିଦିନ ବା କିଛି ଘଣ୍ଟା ପୂର୍ବରୁ ସତର୍କ ସୂଚନା ମିଳିଥାଏ । ଏହି ସୂଚନା ଭାରତର ପାଣିପାଗ ବିଭାଗ କୃତ୍ରିମ ଉପଗ୍ରହରୁ ମିଳୁଥିବା ଚିତ୍ର ସାହାଯ୍ୟରେ ପାଏ ଏବଂ ରେଡ଼ିଓ, ଦୂରଦର୍ଶନ, ସମ୍ବାଦପତ୍ର ଇତ୍ୟାଦି ମାଧ୍ୟମରେ ଜନସାଧାରଣଙ୍କୁ ଜଣାଇଥାଏ । ଏହା ସମୁଦ୍ରକୁ ଯାଉଥିବା ଧୀବର, ବନ୍ଦର କର୍ତ୍ତୃପକ୍ଷ, ବିମାନ ଚଳାଚଳ ସଂସ୍ଥା ଏବଂ ଶାସନ ସଂସ୍ଥାକୁ ମଧ୍ୟ ସତର୍କ ସୂଚନା ପ୍ରଦାନ କରେ ।

ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକରୁ ରକ୍ଷା ପାଇବା ପାଇଁ ବାତ୍ୟାପ୍ରବଣ ଅଞ୍ଚଳରେ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବା ଉଚିତ୍ । ବାତ୍ୟା ସମ୍ପର୍କିତ ଭାବି ସୂଚନା ମିଳିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯିବାର ବ୍ୟବସ୍ଥା କରିବା ଉଚିତ୍ ।

ଘୂର୍ଣ୍ଣିବାତ୍ୟା ଯୋଗୁ ସମୁଦ୍ର ଜୁଆର ଉପକୂଳବର୍ତ୍ତୀ ସମତଳଭୂମି ଭିତରକୁ ମାଡ଼ିଆସେ ଏବଂ ଉର୍ବର ମୃତ୍ତିକା ବିଶିଷ୍ଟ ଜମି ଲବଣାକ୍ତ ହୋଇଯାଏ । ମୃତ୍ତିକା ଲବଣାକ୍ତ ହୁଏ ଏବଂ କୃଷିକାର୍ଯ୍ୟ ବ୍ୟାହତ ହୋଇ ଉତ୍ପାଦନ ହ୍ରାସ ପାଏ । ଭୂ-ଭାଗ ଜଳ ଲବଣାକ୍ତ ହେବା ଯୋଗୁଁ ପାନୀୟଜଳ ବା ଜଳସେଚନ ପାଇଁ ଉପଯୋଗୀ ହୁଏ ନାହିଁ । ସାଗର ତଟର ମଧ୍ୟ କ୍ଷୟ ଘଟେ ।

ବାତ୍ୟା ପରବର୍ତ୍ତୀ କାଳରେ ଲବଣାକ୍ତ କୃଷିଭୂମି ଉପରେ କୃତ୍ରିମ ବନ୍ୟା ସୃଷ୍ଟି କରି ଲବଣାଂଶ ହ୍ରାସ କରାଯାଇପାରେ । ଲବଣାଂଶ ଶୋଷଣ କରୁଥିବା ବୃକ୍ଷ ରୋପଣ କରି ଲବଣାଂଶ ହ୍ରାସ କରାଯାଇପାରେ ।

ଉପକୂଳକୁ ରକ୍ଷା କରିବା ପାଇଁ ଲୁଣା ଜଙ୍ଗଲ ବା ଜୁଆରିଆ ଜଙ୍ଗଲ ଧ୍ୱଂସ ନ କରି ତା'ର ରକ୍ଷଣାବେକ୍ଷଣ ପାଇଁ ଦୃଷ୍ଟି ଦେବା ଉଚିତ୍ । ଉପକୂଳ ସୁରକ୍ଷା ଦୃଷ୍ଟିରୁ କୃଷିଭୂମି, ଜନବସତି, ଗମନାଗମନ ପଥ, କଳକାରଖାନା ଇତ୍ୟାଦି ପ୍ରତିଷ୍ଠାକୁ ପ୍ରୋତ୍ସାହନ ଦେବା ଉଚିତ୍ ନୁହେଁ । ଉପକୂଳରେ ଥିବା ବାଲୁକାସ୍ତୂପ ଗୁଡ଼ିକରେ ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟିଦେବା ଉଚିତ୍ ।

ବାତ୍ୟା ସମୟରେ ଜନସାଧାରଣ ଗଣମାଧ୍ୟମରେ ଭାବି ସୂଚନା ପାଇଲା ପରେ ଜନସାଧାରଣ ନିକଟସ୍ଥ ଆଶ୍ରୟସ୍ଥଳୀକୁ ଚାଲିଯିବା ଉଚିତ୍ । ଧୀବରମାନେ ସମୁଦ୍ରକୁ ଯିବା ଅନୁଚିତ୍ । ବାତ୍ୟା ସମୟରେ ଘରେ ରହିଥିଲେ ଘରର ମୁଖ୍ୟ ବିଦ୍ୟୁତ୍ ସୁଇଚ୍‌କୁ ବନ୍ଦ କରିଦେବା ଉଚିତ୍ । ଓଦା ହୋଇଥିବା ବୈଦ୍ୟୁତିକ ଉପକରଣ କିମ୍ବା ଛିଣ୍ଡିଯାଇଥିବା ବିଦ୍ୟୁତ୍‌ତାରକୁ ଛୁଇଁବା ଉଚିତ ନୁହେଁ । ଭାବି ସୂଚନା ପାଇଲା ପରେ ପ୍ରଶାସନ ମଧ୍ୟ ସତର୍କ ରହି ଓ ପ୍ରସ୍ତୁତ ହୋଇ ସବୁ ପ୍ରକାର ସମ୍ଭାବ୍ୟ ପଦକ୍ଷେପ ନେବା ଉଚିତ୍ ।

## ବନ୍ୟା :

ସାଧାରଣତଃ ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେଲେ, ବାତ୍ୟା ସମୟରେ ଉଚ୍ଚ ଜୁଆର ଦ୍ୱାରା ନଦୀ ମୁହାଣ ବନ୍ଦ ହୋଇଯାଇ ବନ୍ୟାଜଳ ନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି ହେଲେ, ନଦୀ ଶଯ୍ୟା କ୍ରମଶଃ ପୋତିହୋଇ ଉଚ୍ଚ ହେଲେ, ପଟୁମାଟି ଜମା ହୋଇ ନଦୀ ମୁହାଣ ବନ୍ଦ ହେଲେ ଇତ୍ୟାଦି କାରଣ ଯୋଗୁଁ ବନ୍ୟା ସୃଷ୍ଟି ହୋଇଥାଏ ।

ବନ୍ୟା ଏକ ପ୍ରାକୃତିକ ବିପର୍ଯ୍ୟୟ ହେଲେ ମଧ୍ୟ ପୂର୍ବରୁ ସତର୍କତା ଅବଲମ୍ବନ କଲେ ବିପର୍ଯ୍ୟୟର ପରିମାଣ ହ୍ରାସ ପାଏ । ସେଥିପାଇଁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ମାନଚିତ୍ର ପ୍ରସ୍ତୁତ କରି ବିଭିନ୍ନ ପଦକ୍ଷେପ ପାଇଁ ସଚେତନ ରହିବାକୁ ପଡ଼ିବ । ପ୍ଲାବନ ଭୂମି ଓ ଉପକୂଳବର୍ତ୍ତୀ ବନ୍ୟା ପ୍ଲାବିତ ଅଞ୍ଚଳ ଗୁଡ଼ିକରେ ଜନବସତି ସ୍ଥାପନ କରିବା ଅନୁଚିତ । ଯଦି ଜନବସତି ରହିଥାଏ ତା'ହେଲେ ସେଗୁଡ଼ିକୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରୀତ ହେବା ଉଚିତ୍ । ଡାକ୍ତରଖାନା ଓ ଶିକ୍ଷାନୁଷ୍ଠାନ ଇତ୍ୟାଦି ନିରାପଦ ସ୍ଥାନରେ ନିର୍ମିତ ହେବା ଉଚିତ୍ । ଜନବସତି ନିକଟରେ ଏକ ବୃହତ ଜଳଭଣ୍ଡାର ରଖାଯିବା ଫଳରେ ବନ୍ୟାଜଳକୁ ଆବଦ୍ଧ କରି ରଖିବାରେ ଏହା ସାହାଯ୍ୟ କରିଥାଏ ।

ପ୍ରତିବର୍ଷ ନଦୀବନ୍ଧର ମରାମତି ପ୍ରତି ଦୃଷ୍ଟିଦେବା ଉଚିତ୍ । ବନ୍ଧ ଭାଙ୍ଗିବାର ଆଶଙ୍କା ଥିଲେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ ବ୍ୟବହାର ପାଇଁ ଗଚ୍ଛିତ କରି ରଖିବା ଉଚିତ୍ । ବନ୍ଧ ଭାଙ୍ଗିବାର ସମ୍ବାଦ ପାଇଲା ମାତ୍ରେ ନିକଟସ୍ଥ ଆଶ୍ରୟସ୍ଥଳ, ପକ୍କାଘର ବା ଉଚ୍ଚ ସ୍ଥାନକୁ ଚାଲିଯିବା ଆବଶ୍ୟକ ।

ବନ୍ୟା ନିୟନ୍ତ୍ରଣ ପାଇଁ ନଦୀର ଦୁଇପାର୍ଶ୍ୱରେ ତଥା ଉପରମୁଣ୍ଡରେ ଜଳଛାୟା କ୍ଷେତ୍ରରେ ବ୍ୟାପକ ଅରଣ୍ୟ ସୃଷ୍ଟି କରାଯିବା ତଥା ଅବସ୍ଥିତ ଥିବା ଜଙ୍ଗଲକୁ ସଂରକ୍ଷିତ କରି ରଖିବା ଆବଶ୍ୟକ । ସେଥିପାଇଁ ଆମ ଦେଶରେ ୧୯୫୪ ଖ୍ରୀଷ୍ଟାବ୍ଦରେ **ଜାତୀୟ ବନ୍ୟା ଆୟୋଗ** ପ୍ରତିଷ୍ଠିତ ହୋଇଛି । ସମଗ୍ର ଜଳଛାୟା କ୍ଷେତ୍ରରେ କ୍ରମାଗତ ଭାବରେ ନିର୍ବିଘ୍ନରେ ବ୍ୟାପକ ବୃକ୍ଷ କଟାଯିବା ଫଳରେ ପ୍ରଚୁର ମୃତ୍ତିକା କ୍ଷୟ ଘଟୁଛି । ଏହାଦ୍ୱାରା ତ୍ରିକୋଣଭୂମି କ୍ରମଶଃ ସଂପ୍ରସାରିତ ହେବା ସହିତ ନଦୀ ଶଯ୍ୟା ଉଚ୍ଚତାରେ ବୃଦ୍ଧି ପାଇବାରୁ ତା'ର ଜଳଧାରଣର କ୍ଷମତା ହ୍ରାସ ପାଉଛି ।

ଓଡ଼ିଶା ଏକ ନଦୀବହୁଳ ରାଜ୍ୟ ହୋଇଥିବାରୁ ବର୍ଷାଦିନେ ପ୍ରାୟତଃ ପ୍ରବଳ ବନ୍ୟା ହୋଇଥାଏ । ଆମ ରାଜ୍ୟର ମୋଟ୍ ୩୦ଟି ଜିଲ୍ଲା ମଧ୍ୟରୁ ୨୫ଟି ଜିଲ୍ଲା ବନ୍ୟା ପ୍ରବଣ । ବିଶେଷତଃ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ଅଧିକ ବନ୍ୟାପ୍ରବଣ । ମହାନଦୀ ଅବବାହିକାର ଅଧିକ ବନ୍ୟା ଦେଖାଯାଏ । ସେଥିପାଇଁ ନଦୀର ଉଭୟ ପାର୍ଶ୍ୱରେ ବନ୍ଧର ଉଚ୍ଚତା ବୃଦ୍ଧି କରିବା ଆବଶ୍ୟକ ହେଉଛି । ଜଳପ୍ରବାହକୁ ନିୟନ୍ତ୍ରଣ କରିବା ପାଇଁ ନଦୀ ଓ ଉପନଦୀଗୁଡ଼ିକରେ ନଦୀବନ୍ଧ ନିର୍ମାଣ କରି ଜଳଭଣ୍ଡାରମାନ ନିର୍ମାଣ କରିବା ଏବଂ ସେଥିରୁ କେନାଲ ବାହାର କରି ଜଳସେଚନ ତଥା ବନ୍ୟାଜଳ ନିଷ୍କାସନ କରିବାର ପ୍ରୟୋଗ କରିବା ଆବଶ୍ୟକ । ସେଥିପାଇଁ ଭାରତ ତଥା ଓଡ଼ିଶାର ବିଭିନ୍ନ ନଦୀମାନଙ୍କରେ ନଦୀବନ୍ଧମାନ ନିର୍ମିତ ହୋଇ ବନ୍ୟାର ପ୍ରକୋପ କେତେକାଂଶରେ ହ୍ରାସ କରାଯାଇଛି । ବନ୍ୟାର ପ୍ରକୋପରୁ ରକ୍ଷା ପାଇବା ପାଇଁ ବିଭିନ୍ନ ନଦୀପଥକୁ ସଂଯୋଗ କରିବା, ନଦୀ ଶଯ୍ୟାକୁ ଡ୍ରେଜିଂ କରି ଗଭୀର କରିବା, ନଦୀପଥର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରିବା, ନୂତନ ଜଳପଥ ନିର୍ମାଣ କରି ଜଳର ସଦୁପଯୋଗ ତଥା ଜଳ ନିଷ୍କାସନର ସୁବନ୍ଦୋବସ୍ତ କରିବା ଇତ୍ୟାଦି କାର୍ଯ୍ୟକ୍ରମ ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ ।

ଏହା ବ୍ୟତୀତ ଭୂମିରୂପ ଅନୁଧ୍ୟାନ କରି ନୂତନ ପୁନଃବସତି ଯୋଜନା କାର୍ଯ୍ୟକାରୀ କରିବାକୁ ପଡ଼ିବ । କୌଣସି ପରିତ୍ୟକ୍ତ ନଦୀପଥ କିମ୍ବା ନଦୀପଠାରେ ଜନବସତି ପୁନଃ ସ୍ଥାପନ କରାଯିବା ଅନୁଚିତ । କାରଣ ଭବିଷ୍ୟତରେ ଏଠାରେ ବିପଦ ସୃଷ୍ଟି ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ଆଧୁନିକ ପଦ୍ଧତିରେ ଜଳପ୍ଲାବିତ ନିମ୍ନାଞ୍ଚଳକୁ ଉଚ୍ଚ କରାଯାଇ ପାରିଲେ ବନ୍ୟା ପ୍ରକୋପ ମଧ୍ୟ ହ୍ରାସ ପାଇଥାଏ ।

ବନ୍ୟା ସମୟରେ ରିଲିଫ୍ ବଣ୍ଟନ କରୁଥିବା ସ୍ୱେଚ୍ଛାସେବୀ ଓ ସହକାରୀ କର୍ମଚାରୀମାନଙ୍କ ସହିତ ସହଯୋଗ ତଥା ଯୋଗାଯୋଗ କରିବା ଆବଶ୍ୟକ । ଏହାଦ୍ୱାରା ରିଲିଫ୍‌ର ସୁଷମ ବଣ୍ଟନ ହୋଇପାରିଥାଏ ।

ସେହିପରି ବନ୍ୟା ଛାଡ଼ିଗଲାପରେ ବିଷଧର ସାପ ଓ ସରୀସୃପମାନଙ୍କ ପ୍ରତି ସତର୍କ ରହିବା ଆବଶ୍ୟକ । ବନ୍ୟା ଜଳଦ୍ୱାରା ଓଦା ହୋଇଥିବା ଖାଦ୍ୟପଦାର୍ଥ ତଥା ବନ୍ୟାଜଳକୁ ବିଶୋଧନ ନ କରି ଗ୍ରହଣ କରିବା ଅନୁଚିତ । ଜଳରେ ବୁଡ଼ି ରହିଥିବା ବୈଦ୍ୟୁତିକ ତାର ଓ ସରଞ୍ଜାମକୁ ସ୍ପର୍ଶ କରିବା ଉଚିତ୍ ନୁହେଁ । ପରିବେଶକୁ ପରିଷ୍କାର ରଖିବା ଏକାନ୍ତ ଆବଶ୍ୟକ ।

## ମରୁଡ଼ି

ବଳକା ଜଳ ବିଶିଷ୍ଟ ନଦୀ ଉପତ୍ୟକାରୁ ଜଳାଭାବ ବିଶିଷ୍ଟ ନଦୀ ଉପତ୍ୟକାରୁ ଜଳ ପରିବହନ କରିବାର ଉପାୟ ଚିନ୍ତା କରିବା ଦରକାର । ମରୁଡ଼ି ଅଞ୍ଚଳରେ ମିଳୁଥିବା ବୃଷ୍ଟିଜଳ, ଭୂପୃଷ୍ଠସ୍ଥ ଓ ଭୂଗର୍ଭସ୍ଥ ଜଳର ଉପଯୁକ୍ତ ସଂରକ୍ଷଣ ଓ ବିନିଯୋଗ ଆବଶ୍ୟକ । ସେଥିପାଇଁ ନଦୀ ଓ ଉପନଦୀଗୁଡ଼ିକରେ କ୍ଷୁଦ୍ର ନଦୀବନ୍ଧ ନିର୍ମାଣ କରି ଜଳ ସଂରକ୍ଷଣ କରାଯାଇପାରିବ । ଗୋଷ୍ଠୀଗତଭାବେ ଜଳ ବିଭାଜିକା କାର୍ଯ୍ୟକ୍ରମରେ ପୁନଃ ବନୀକରଣ, ରୋପିତ ବୃକ୍ଷର ଯତ୍ନ ନେବା, ନିଜ ଘରେ ଓ ବିଭିନ୍ନ ଅନୁଷ୍ଠାନରେ ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା, ପାଣି ପଞ୍ଚାୟତମାନ

ଗଠନ କରି ମରୁଡ଼ି ଜନିତ ସମସ୍ୟାର ମୁକାବିଲା କରିବା ଇତ୍ୟାଦି କେତେକ ଦୀର୍ଘକାଳୀନ ମରୁଡ଼ି ପ୍ରତିକାର ବ୍ୟବସ୍ଥା କରାଯିବା ଉଚିତ୍ । ଅଳ୍ପ ଜଳ ଆବଶ୍ୟକ କରୁଥିବା କୃଷିକାର୍ଯ୍ୟ, ମରୁଡ଼ି ସହିପାରୁଥିବା ଶସ୍ୟର ବିହନ ବ୍ୟବହାର, ଶସ୍ୟ ଓ ବିହନ ବୀମାଯୋଜନା, ବ୍ୟବହୃତ ଜଳର ପୁନଃ ବ୍ୟବହାର, ଏକ ଫସଲ ଓ ମିଶ୍ରିତ ଚାଷକୁ ଉତ୍ସାହ ପ୍ରଦାନ ଇତ୍ୟାଦି କେତେକ ସ୍ୱଳ୍ପକାଳୀନ ମରୁଡ଼ି ପ୍ରତିକାର ବ୍ୟବସ୍ଥା ଅଟେ । ଏସବୁ ପ୍ରତି ଯଥାସମ୍ଭବ ଧ୍ୟାନ ଦିଆଯିବା ଆବଶ୍ୟକ ।

***ବୃଷ୍ଟି ଜଳକୁ ସଞ୍ଚୟ କରି ରଖିବା ବ୍ୟବସ୍ଥାକୁ ଜଳ ଅମଳ କୁହାଯାଏ ।***

ସିମେଣ୍ଟ କୁଣ୍ଡରେ ଛାତ ଉପରେ ବୃଷ୍ଟିଜଳ ସଂଗ୍ରହ କରି ହେବ ।

## ଅଂଶୁଘାତ :

ଗ୍ରୀଷ୍ମ କାଳରେ ସମଗ୍ର ଭାରତରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହେବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ଥାନର ତାପମାତ୍ରା ମାତ୍ରାଧିକ ଭାବରେ ବୃଦ୍ଧିପାଏ । ତାପମାତ୍ରା ବୃଦ୍ଧିର ମୂଳକାରଣ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ଅହେତୁକ ବୃଦ୍ଧି । ଏଥିପାଇଁ କଳକାରଖାନାଗୁଡ଼ିକ ମୁଖ୍ୟତଃ ଦାୟୀ । ସବୁଜ କୋଠରୀ ବାଷ୍ପ ନିର୍ଗମନ ଯୋଗୁଁ ଉତ୍ତାପର ମାତ୍ରା କ୍ରମଶଃ ବୃଦ୍ଧି ପାଉଛି । ଏହି ବର୍ଦ୍ଧିତ ଉତ୍ତାପ ମନୁଷ୍ୟ ପକ୍ଷରେ ଯେତେବେଳେ ଅସହ୍ୟ ହୁଏ, ସେତେବେଳେ ଏହାକୁ ଅଂଶୁଘାତ କୁହାଯାଏ ଏବଂ ଏହା ଫଳରେ ମନୁଷ୍ୟ ମୃତ୍ୟୁମୁଖରେ ପଡ଼େ ।

ଟିଟିଲାଗଡ଼ ହେଉଛି ଓଡ଼ିଶାର ସର୍ବାଧିକ ଉତ୍ତପ୍ତ ସହର । ଗ୍ରୀଷ୍ମ ଋତୁରେ ସମଗ୍ର ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ସଙ୍ଗେ ସଙ୍ଗେ ଟିଟିଲାଗଡ଼ ସହରର ଉତ୍ତାପ ଅସ୍ୱାଭିକ ଭାବରେ ବୃଦ୍ଧିପାଇ ସର୍ବାଧିକ ୫୦° ଡିଗ୍ରୀ ସେଲସିଅସକୁ ଅତିକ୍ରମ କରିବା ଏକ ଉଦ୍‌ବେଗର କାରଣ ।

ପଶ୍ଚିମ ଓଡ଼ିଶାର ରାଉରକେଲା, ଝାରସୁଗୁଡ଼ା, ସମ୍ବଲପୁର, ଟିଟିଲାଗଡ଼, ବଲାଙ୍ଗିର, ରାୟଗଡ଼ା, ଭବାନୀପାଟଣା ସହର ସହିତ, କେନ୍ଦ୍ରାଞ୍ଚଳର ଅନୁଗୁଳ, ତାଳଚେର, କେନ୍ଦୁଝର ଇତ୍ୟାଦି ସହର ଓ ଉପକୂଳବର୍ତ୍ତୀ ଅଞ୍ଚଳର କଟକ, ଭୁବନେଶ୍ୱର, ବ୍ରହ୍ମପୁର, ଯାଜପୁରରୋଡ଼, ଭଦ୍ରକ, ବାଲେଶ୍ୱର ଇତ୍ୟାଦି ସହର ଗୁଡ଼ିକର ତାପମାତ୍ରା ଅସ୍ୱାଭାବିକଭାବେ ବୃଦ୍ଧି ପାଉଥିବାରୁ ଅନେକ ଲୋକଙ୍କର ଅଂଶୁଘାତ ଜନିତ ମୃତ୍ୟୁ ଘଟୁଛି ।

ଏଥିପାଇଁ ସବୁଜ କୋଠରୀ ପ୍ରଭାବରୁ ବାୟୁମଣ୍ଡଳକୁ ମୁକ୍ତ ରଖିବା ପାଇଁ ବିଶ୍ୱ ଜାତିସଂଘର ବିଭିନ୍ନ ଦେଶ ମିଳିତ ଭାବେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରି ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଉଦ୍ୟମ କରୁଛନ୍ତି ।

ଅଂଶଘାତରୁ ରକ୍ଷା ପାଇବା ପାଇଁ ସରକାରୀ ଓ ବେସରକାରୀ ଭାବେ ଅଂଶୁଘାତର ସୂଚନା ଦିଆଯାଉଛି । ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରାତଃ ସମୟରେ କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦିଆଯାଉଛି । ମଧ୍ୟାହ୍ନରେ ବାହାରକୁ ନ ବାହାରବା ଏବଂ ପ୍ରଚୁର ପରିମାଣର ପାଣି, ତରଭୁଜ, ତୋରାଣି, ଦହି ଇତ୍ୟାଦି ପାନ କରିବାକୁ ଉପଦେଶ ଦିଆଯାଉଛି । ରାସ୍ତା ପାର୍ଶ୍ୱରେ ବିଭିନ୍ନ ସ୍ଥାନରେ ଜଳଛତ୍ରର ବ୍ୟବସ୍ଥା କରାଯାଉଛି । ଡାକ୍ତରଖାନାରେ ଡାକ୍ତରମାନେ ଏହାର ପ୍ରତିକାର ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଉଛି । ଶାରୀରିକ ପରିଶ୍ରମ କରୁଥିବା ଶ୍ରମିକମାନଙ୍କୁ ମଧ୍ୟାହ୍ନରେ କାମ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏସବୁ ନିର୍ଦ୍ଦେଶକୁ ଠିକ୍ ଭାବରେ ମାନିନେଇପାରିଲେ, ଅଂଶୁଘାତରୁ ରକ୍ଷା ପାଇପାରିବା ।

# ପ୍ରଶ୍ନାବଳୀ

୧। **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।**

(କ) ଅନ୍ତଃକ୍ରାନ୍ତୀୟ ଅଭିସରଣ କ୍ଷେତ୍ର କହିଲେ ତୁମେ କ'ଣ ବୁଝ ?

(ଖ) ଏଲ୍‌ନିନୋ ସ୍ରୋତ କେଉଁ ମହାସାଗରରେ ପ୍ରବାହିତ ହୁଏ ?

(ଗ) କୋରିଓଲିସ ବଳ କଅଣ ?

(ଘ) ମୌସୁମୀ ଭଞ୍ଜନ କାହାକୁ କହନ୍ତି ?

(ଙ) ପ୍ରାକୃତିକ ବିପର୍ଯ୍ୟୟ କହିଲେ ତୁମେ କ'ଣ ବୁଝ ?

(ଚ) ମୌସୁମୀ ବାୟୁର ବିଶେଷତ୍ୱ କ'ଣ ?

୨। **କାରଣ ଦର୍ଶାଅ ।**

(କ) ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଦ୍ୱାରା ବୃଷ୍ଟିପାତ ପୂର୍ବରୁ ପଶ୍ଚିମକୁ ଉତ୍ତର ଭାରତର ସମତଳ ଅଞ୍ଚଳରେ କ୍ରମଶଃ ହ୍ରାସ ପାଇଥାଏ ।

(ଖ) ରାଜସ୍ଥାନର ଉତ୍ତର-ପଶ୍ଚିମାଂଶରେ ମରୁଭୂମି ସୃଷ୍ଟି ହୋଇଛି ।

(ଗ) ତାମିଲନାଡୁ ଉପକୂଳରେ ଦୁଇଟି ବର୍ଷାଋତୁ ଦେଖାଯାଏ ।

(ଘ) ଉତ୍ତର-ପଶ୍ଚିମ ସମତଳ ଅଞ୍ଚଳ ଶୀତଋତୁରେ ବୃଷ୍ଟିପାଏ ।

(ଙ) କଳାହାଣ୍ଡି ଜିଲ୍ଲାରେ ଅଧିକାଂଶ ବର୍ଷ ମରୁଡ଼ି ପଡ଼େ ।

(ଚ) ପୂର୍ବ ଉପକୂଳରେ ଥିବା ତ୍ରିକୋଣଭୂମି କ୍ରାନ୍ତୀୟ ବାତ୍ୟାଦ୍ୱାରା ପ୍ରାୟତଃ ଆକ୍ରାନ୍ତ ହୁଏ ।

(ଛ) ଉପଦ୍ୱୀପ ଅଞ୍ଚଳରେ ଶୀତଋତୁ ପ୍ରାୟ ନାହିଁ କହିଲେ ଚଳେ ।

(ଜ) ମୌସୁମୀ ବର୍ଷା ହଜାର ହଜାର କୃଷକଙ୍କର ନିୟମିତ କୃଷିକାର୍ଯ୍ୟକୁ ବେଳେବେଳେ ବିପର୍ଯ୍ୟସ୍ତ କରେ ।

(ଝ) ପର୍ବତର ଅନୁବାତ ଅଞ୍ଚଳ ଅଳ୍ପ ବୃଷ୍ଟି ପାଏ ।

୩। **ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଚାରିଗୋଟି ଉତ୍ତର ମଧ୍ୟରୁ ଉପଯୁକ୍ତ ଉତ୍ତରଟି ବାଛି ଲେଖ ।**

(କ) ମୌସୁମୀବାୟୁ କେବେ ଭାରତର ମୁଖ୍ୟ ସ୍ଥଳଭାଗରେ ପହଞ୍ଚିଥାଏ ?

(i) ମେ' ମାସ ଆରମ୍ଭରେ (iii) ଜୁନ୍ ମାସ ଆରମ୍ଭରେ

(iii) ଜୁଲାଇ ମାସ ଆରମ୍ଭରେ (iv) ଅଗଷ୍ଟ ମାସ ଆରମ୍ଭରେ

(ଖ) ପୃଥିବୀର ସବୁଠାରୁ ଅଧିକ ବୃଷ୍ଟିପାଉଥିବା ସ୍ଥାନ କେଉଁଟି ?

(i) ଚେରାପୁଞ୍ଜି (iii) ମାଇସୁନ୍‌ରାମ୍

(iii) ଗୌହାଟି (iv) ଶିଲିଂ

(ଗ) କାଳ ବୈଶାଖୀ କେଉଁ ରାଜ୍ୟରେ ଦେଖାଯାଏ ?

(i) ଆସାମ (iii) ଅରୁଣାଚଳ ପ୍ରଦେଶ

(iii) ପଶ୍ଚିମବଙ୍ଗ (iv) ମଣିପୁର

୪ । ପାର୍ଥକ୍ୟ ଦର୍ଶାଅ ।

(କ) ପାଗ ଓ ଜଳବାୟୁ

(ଖ) ଉତ୍ତର-ପୂର୍ବ ମୌସୁମୀବାୟୁ ଓ ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀ ବାୟୁ

୫ । ଜଳବାୟୁର ନିୟାମକଗୁଡ଼ିକ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଦିଅ ।

୬ । ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁର ଗତିପଥ ବର୍ଣ୍ଣନା କରି ବିଭିନ୍ନ ସ୍ଥାନରେ ହେଉଥିବା ବୃଷ୍ଟିପାତ ସମ୍ବନ୍ଧରେ ଲେଖ ।

୭ । ଜେଟ୍ ଷ୍ଟ୍ରିମ୍ ଭାରତର ମୌସୁମୀ ଜଳବାୟୁକୁ କିପରି ପ୍ରଭାବିତ କରିଥାଏ ଲେଖ ।

୮ । ଅବସ୍ଥିତି ଓ ଭୂ-ପ୍ରକୃତି ଜଳବାୟୁକୁ କିପରି ନିୟନ୍ତ୍ରଣ କରିଥାଏ ଲେଖ ।

୯ । ଭାରତକୁ ବୃଷ୍ଟିପାତର ବଣ୍ଟନ ଅନୁସାରେ ବିଭିନ୍ନ ଅଞ୍ଚଳରେ ବିଭକ୍ତ କରି ତାହା ସମ୍ବନ୍ଧରେ ସଂକ୍ଷେପରେ ଲେଖ ।

୧୦ । ଭାରତରେ ଅନୁଭୂତ ହେଉଥିବା ଋତୁଗୁଡ଼ିକ ବିଷୟରେ ଲେଖ ।

୧୧ । "ଭାରତରେ ମୌସୁମୀ ଜଳବାୟୁ ଦେଖାଦେଉଥିଲେ ହେଁ ସ୍ଥାନ ଅନୁସାରେ ଜଳବାୟୁରେ ବିଭିନ୍ନତା ଦେଖାଯାଇଥାଏ ।" ଆଲୋଚନା କର ।

୧୨ । ମୌସୁମୀ ବର୍ଷାର ଉପାଦେୟତା ବିଷୟରେ ସଂକ୍ଷେପରେ ଲେଖ ।

୧୩ । ମୌସୁମୀ ଜଳବାୟୁ କିପରି ଜନଜୀବନକୁ ପ୍ରଭାବିତ କରୁଛି ଉଦାହରଣ ସହ ଲେଖ ।

୧୪ । ଓଡ଼ିଶାର ଜଳବାୟୁ ସମ୍ବନ୍ଧରେ ସଂକ୍ଷେପରେ ଲେଖ ।

୧୫ । ମରୁଡ଼ିର କାରଣ ଏବଂ ତା'ର ନିରାକରଣର ବ୍ୟବସ୍ଥା ସମ୍ବନ୍ଧରେ ସଂକ୍ଷେପରେ ଲେଖ ।

୧୬ । ଭାରତର ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତଗୁଡ଼ିକୁ ଦର୍ଶାଅ ।

(କ) ବୃଷ୍ଟି ବହୁଳ ଅଞ୍ଚଳ

(ଖ) ମଧ୍ୟମ ବୃଷ୍ଟିପାତ ଅଞ୍ଚଳ

(ଗ) ବୃଷ୍ଟି ବିରଳ ଅଞ୍ଚଳ

**ତୁମ ପାଇଁ କାମ : (ଯେକୌଣସି ଦୁଇଟି)**

(କ) ତୁମ ରାଜ୍ୟରେ ପାଳିତ ହେଉଥିବା ପର୍ବପର୍ବାଣୀ ବିଷୟରେ ତଥ୍ୟ ସଂଗ୍ରହ କର । ସେଗୁଡ଼ିକ ଜଳବାୟୁ ଦ୍ୱାରା ପ୍ରଭାବିତ କି ନୁହେଁ ବିଚାର କର ।

(ଖ) ଭାରତର ଅନ୍ୟ ରାଜ୍ୟରେ ପାଳିତ ହେଉଥିବା ପର୍ବପର୍ବାଣୀ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କର ଏବଂ ଜଳବାୟୁଦ୍ୱାରା ତାହା ପ୍ରଭାବିତ ହେଉଛି କି ନାହିଁ ଲେଖ ।

(ଗ) ଗ୍ରାମାଞ୍ଚଳରେ ଥିବା ଘର, ପୋଷାକ ପରିଛଦ ପ୍ରଭୃତିର ଚିତ୍ର ଦେଇ ସେଗୁଡ଼ିକ ସହିତ ଜଳବାୟୁର ସମ୍ବନ୍ଧକୁ ଉଲ୍ଲେଖ କର ।

(ଘ) ତୁମ ଅଞ୍ଚଳର ଜଳବାୟୁ କେଉଁ ପ୍ରକାର ଜୀବନଶୈଳୀ ପରିଲକ୍ଷିତ ହେଉଛି ଲେଖ । ଏହା ମରୁଅଞ୍ଚଳ ଜଳବାୟୁର ପରିବେଶ ଠାରୁ କିପରି ଭିନ୍ନ ଲେଖ ।

(ଙ) ମନୁଷ୍ୟର ପରିବେଶ ଉପରେ ପ୍ରଭାବ ଦ୍ୱାରା ଜଳବାୟୁ କିପରି ପ୍ରଦୂଷିତ ହେଉଛି ଲେଖ ।

• • •

# ଚତୁର୍ଥ ଅଧ୍ୟାୟ

# ପ୍ରାକୃତିକ ଉଦ୍ଭିଦ ଓ ବନ୍ୟପ୍ରାଣୀ

## ପ୍ରଥମ ପାଠ

## (ପ୍ରାକୃତିକ ଉଦ୍ଭିଦ)

ପୃଥିବୀ ପୃଷ୍ଠରେ ଜୈବ ମଣ୍ଡଳର ସୃଷ୍ଟି ଅନନ୍ୟ । ବିଭିନ୍ନ ପ୍ରକାରର ବୃକ୍ଷ, ଲତା ଓ ତୃଣରେ ସୁସଜ୍ଜିତ ଆମର ଏହି ଆପଣାର ପୃଥିବୀ ଅତ୍ୟନ୍ତ ସୁନ୍ଦର । ସବୁଜ ବନାନୀର ଅପରୂପ ଶୋଭା, ତା'ର ଫୁଲର ଆମୋଦିତ ମହକ, ସୁଲୁସୁଲୁ ପବନର ଆରାମଦାୟକ ସ୍ପର୍ଶ, ପକ୍ଷୀମାନଙ୍କର କାକଳୀ, ପ୍ରାଣରେ ପୁଲକ ସୃଷ୍ଟି କରେ । ତୁମେମାନେ ତୁମ ଚତୁଃପାର୍ଶ୍ୱରେ ଅନେକ ପ୍ରକାରର ପଶୁପକ୍ଷୀ ଦେଖୁଥିବ । ସେମାନଙ୍କୁ ସ୍ପର୍ଶ କରିବାକୁ, ସେମାନଙ୍କ ସହ ଖେଳିବାକୁ ମନ ବ୍ୟାକୁଳ ହେଉଥିବ ।

ଆମ ଦେଶ ଭାରତବର୍ଷର ବିଶାଳତା ଏବଂ ସବୁ କ୍ଷେତ୍ରରେ ବିବିଧତା ଅନେକ ପ୍ରକାରର ଉଦ୍ଭିଦ, ତୃଣ, ପଶୁପକ୍ଷୀମାନଙ୍କୁ ନିଜ ବକ୍ଷରେ ସ୍ଥାନ ଦେଇଛି । ଆମ ଦେଶ ପୃଥିବୀର ବାରଗୋଟି ଜୈବ ବିବିଧତା ଦେଶଗୁଡ଼ିକ ମଧ୍ୟରୁ ଗୋଟିଏ । ଏଠାରେ ୪୭,୦୦୦ ପ୍ରକାରର ବୃକ୍ଷ ଦେଖାଯାଏ । ବିଭିନ୍ନ ପ୍ରକାରର ବୃକ୍ଷର ଆକଳନ ଅନୁସାରେ ଆମ ଦେଶର ସ୍ଥାନ ପୃଥିବୀରେ ଦଶମ ଏବଂ ଏସିଆରେ ଚତୁର୍ଥ । ଆମ ଦେଶରେ ପ୍ରାୟ ୧୫,୦୦୦ ଫୁଲ ଫୁଟିବା ଗଛ ରହିଛି ଯାହାକି ପୃଥିବୀର ଫୁଲଫୁଟିବା ଗଛର ଛଅ ଶତାଂଶ । ଫୁଲ ଫୁଟୁନଥିବା ଗଛ ମଧ୍ୟ ଏଠାରେ ଦେଖାଯାଏ । ସେଗୁଡ଼ିକ ହେଲା ଫର୍ଣ୍ଣ, ଶୈବାଳ, ଆଲ୍‌ଗା ଇତ୍ୟାଦି । ଆମ ଦେଶରେ ପ୍ରାୟ ୮୯,୦୦୦ ପ୍ରକାରର ପଶୁ ବାସ କରନ୍ତି ।

ମନୁଷ୍ୟର ସହାୟତା ବିନା ପ୍ରାକୃତିକ ଭାବରେ ଦୀର୍ଘଦିନ ଧରି ବଢ଼ିଥିବା ବୃକ୍ଷଗୁଡ଼ିକୁ ପ୍ରାକୃତିକ ଉଦ୍ଭିଦ ବୋଲି କୁହାଯାଏ । ଏହାକୁ ଅକ୍ଷତ ପ୍ରାକୃତିକ ଉଦ୍ଭିଦ ଭାବରେ ମଧ୍ୟ ନାମିତ କରାଯାଇଛି । ବଗିଚାରେ ଲଗାଯାଇଥିବା ଗଛଗୁଡ଼ିକୁ କିମ୍ବା ଚାଷ କରାଯାଇଥିବା ଗଛଗୁଡ଼ିକୁ ଉଦ୍ଭିଦ କୁହାଯାଏ, କିନ୍ତୁ ଏଗୁଡ଼ିକ ପ୍ରାକୃତିକ ଉଦ୍ଭିଦ ନୁହେଁ । କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦେଖାଯାଉଥିବା ଗଛଗୁଡ଼ିକୁ ସେହି ସ୍ଥାନର ଉଦ୍ଭିଦ ବୋଲି କୁହାଯାଏ । ସେହିପରି କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବାସ କରୁଥିବା ପଶୁପକ୍ଷୀମାନଙ୍କୁ ସେହି ସ୍ଥାନର ପ୍ରାଣୀ ବୋଲି କୁହାଯାଏ । ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ପ୍ରାଣୀ ଓ ଉଦ୍ଭିଦ ଦେଖାଯାନ୍ତି । ଏହାର କାରଣଗୁଡ଼ିକ ହେଉଛି ଜଳବାୟୁ, ଭୂ-ଉଚ୍ଚାବଚ ଓ ମୃତ୍ତିକାର ବିଭିନ୍ନତା ।

### ଜଳବାୟୁ :

### (କ) ଆଲୋକ ଓ ଉତ୍ତାପ :

ବୀଜ ଅଙ୍କୁରିତ ହେବା ପାଇଁ, ବଢ଼ିବା ପାଇଁ ଏବଂ ଖାଦ୍ୟ ପ୍ରସ୍ତୁତି ପାଇଁ ଆଲୋକ ଓ ଉତ୍ତାପ ଆବଶ୍ୟକ । ଯଦି କୌଣସି ସ୍ଥାନର ଉତ୍ତାପ ଛଅ ଡିଗ୍ରୀ ସେଲ୍‌ସିଅସ୍‌ରୁ କମ୍ ହୋଇଥାଏ ତେବେ ସେଠାରେ ଗଛ ବଢ଼ିପାରେ ନାହିଁ । ଉଚ୍ଚତା ଅନୁସାରେ ଉତ୍ତାପର ପରିମାଣ ହ୍ରାସ ପାଇଥାଏ । ତେଣୁ ହିମାଳୟର ପାଦଦେଶରେ ଓ ଦାକ୍ଷିଣାତ୍ୟର ପର୍ବତ ଗୁଡ଼ିକର ପାଦଦେଶରେ ଅଧିକ ଉତ୍ତାପ ହେତୁ କ୍ରାନ୍ତୀୟ ଉଦ୍ଭିଦ ଦେଖାଯାଏ । ଅଧିକ ଉଚ୍ଚତାରେ ଉପକ୍ରାନ୍ତୀୟ ଏବଂ ତା'ଠାରୁ ଅଧିକ ଉଚ୍ଚତାରେ ନାତିଶୀତୋଷ୍ଣୀୟ ଓ ପାଇନ୍ ଜାତୀୟ ଉଦ୍ଭିଦ ଦେଖାଯାଏ । ବିଷୁବରେଖା ଆଡୁ ମେରୁ ଅଞ୍ଚଳକୁ ଉତ୍ତାପ ଓ ଆଲୋକ କ୍ରମଶଃ ହ୍ରାସ ପାଇଥାଏ । ବିଭିନ୍ନ ଋତୁରେ ମଧ୍ୟ ଉତ୍ତାପ ଓ ଆଲୋକର ପରିମାଣ କମ୍ ଓ ଅଧିକ ହୋଇଥାଏ । ତେଣୁ ବିଷୁବରେଖା ନିକଟବର୍ତ୍ତୀ ଅଞ୍ଚଳରେ ଘନ ଜଙ୍ଗଲ ଦେଖାଯାଇଥାଏ । ଗ୍ରୀଷ୍ମଋତୁରେ ବୃକ୍ଷଗୁଡ଼ିକ ଶୀଘ୍ର ବୃଦ୍ଧି ପାଇଥାନ୍ତି ।

## (ଖ) ବୃଷ୍ଟିପାତ :

ବୃକ୍ଷ ବଞ୍ଚିବା ପାଇଁ ଜଳ ନିହାତି ଆବଶ୍ୟକ । ସମଗ୍ର ଭାରତ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଓ ଉତ୍ତର-ପୂର୍ବ ମୌସୁମୀବାୟୁରୁ ବୃଷ୍ଟି ପାଇଥାଏ । କିନ୍ତୁ ବୃଷ୍ଟିପାତର ପରିମାଣ ବିଭିନ୍ନ ସ୍ଥାନରେ ଓ ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ହୋଇଥାଏ । ଯେଉଁ ସ୍ଥାନଗୁଡ଼ିକରେ ବୃଷ୍ଟିପାତର ପରିମାଣ ଅଧିକ ହୁଏ ସେଠାରେ ଘଞ୍ଚ ଜଙ୍ଗଲ ସୃଷ୍ଟି ହୁଏ । ଅଳ୍ପ ବୃଷ୍ଟିପାତ ପାଉଥିବା ସ୍ଥାନଗୁଡ଼ିକରେ ଜଳର ଅଭାବ ହେତୁ ଗଛ ଭଲ ବଢ଼ିପାରେ ନାହିଁ । ଫଳରେ ସେ ସ୍ଥାନଗୁଡ଼ିକରେ ଜଙ୍ଗଲ ଦେଖାଯାଏ ନାହିଁ, କେବଳ କଣ୍ଟା ଓ ବୁଦାଗଛ ଦେଖାଯାଏ ।




ମାନଚିତ୍ର ନଂ - 4.1

## ଭୂ-ଉଚ୍ଚାବଚ :

ଭୂମିରୂପ ପ୍ରାକୃତିକ ଉଦ୍ଭିଦକୁ ନିୟନ୍ତ୍ରଣ କରିଥାଏ । ପର୍ବତ, ମାଳଭୂମି ଓ ସମତଳ ଅଞ୍ଚଳରେ ଉଦ୍ଭିଦ ଭିନ୍ନ ଭିନ୍ନ ହୋଇଥାଏ । ଅଳ୍ପ ବର୍ଷା ପାଉଥିବା ଅଞ୍ଚଳରେ ଉଦ୍ଭିଦ ଅଧିକ ବର୍ଷା ପାଉଥିବା ଉଦ୍ଭିଦଠାରୁ ସମ୍ପୂର୍ଣ୍ଣ ପୃଥକ୍ । ପାର୍ବତ୍ୟ ଅଞ୍ଚଳରେ ବିଭିନ୍ନ ଅରଣ୍ୟ ଓ ତୃଣଭୂମି ଦେଖାଯାଏ । ସମତଳ ଅଞ୍ଚଳରେ ସାଧାରଣତଃ କୃଷିକାର୍ଯ୍ୟ କରାଯାଇଥାଏ ।

## ମୃତ୍ତିକା :

ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ମୃତ୍ତିକା ଦେଖାଯାଏ । ମୃତ୍ତିକାର ପ୍ରକାରଭେଦ ଭିନ୍ନ ଭିନ୍ନ ଉଦ୍ଭିଦର ସୃଷ୍ଟି ପାଇଁ ଦାୟୀ । କାରଣ ଏଥିରେ ଥିବା ଉପାଦାନଗୁଡ଼ିକ ଉଦ୍ଭିଦ ବୃଦ୍ଧିରେ ସାହାଯ୍ୟ କରିଥାଏ । ତେଣୁ ମରୁଭୂମିର ବାଲୁକାମାଟିରେ କଣ୍ଟାଜାତୀୟ ଗୁଳ୍ମ, ତ୍ରିକୋଣଭୂମିରେ ଆର୍ଦ୍ର ଓ ଉର୍ବର ମାଟିରେ ଜୁଆରିଆ ଅରଣ୍ୟ ଓ ଉପକୂଳୀୟ ଅରଣ୍ୟ ଦେଖାଯାଏ ।

ଏକ ପ୍ରକାରର ଜଳବାୟୁରେ ଗୋଟିଏ ସ୍ଥାନରେ ନିର୍ଦ୍ଦିଷ୍ଟ ଭାବରେ କେତେକ ପ୍ରକାରର ବୃକ୍ଷଶ୍ରେଣୀ ଦେଖାଯାଏ । ଏହି ବୃକ୍ଷଗୁଡ଼ିକ ଉପରେ ନିର୍ଭର କରି ଅନେକ ପଶୁପକ୍ଷୀ ବାସ କରନ୍ତି । ଉଦ୍ଭିଦମାନଙ୍କର ପରିବର୍ତ୍ତନରେ ବାସ କରୁଥିବା ପଶୁପକ୍ଷୀ ମଧ୍ୟ ପରିବର୍ତ୍ତିତ ହୋଇଥାନ୍ତି । ତେଣୁ ନିର୍ଦ୍ଦିଷ୍ଟ ସ୍ଥାନର ଉଦ୍ଭିଦ ଜଗତ ଓ ପ୍ରାଣୀଜଗତ ପରସ୍ପର ଉପରେ ନିର୍ଭରଶୀଳ ଏବଂ ଉଭୟେ ପ୍ରାକୃତିକ ପରିବେଶ ଉପରେ ନିର୍ଭର କରନ୍ତି । ପ୍ରାକୃତିକ ପରିବେଶ ଓ ତା' ମଧ୍ୟରେ ବାସ କରୁଥିବା ପ୍ରାଣୀ ଓ ଉଦ୍ଭିଦଶ୍ରେଣୀ **ପରିସଂସ୍ଥା** ଗଠନ କରିଥାନ୍ତି । ମଣିଷ ଏହି ପରିସଂସ୍ଥାର ଏକ ଅଂଶବିଶେଷ । ସେ ନିଜର ଆବଶ୍ୟକତା ପୂରଣ କରିବା ପାଇଁ ଉଦ୍ଭିଦ ଓ ପ୍ରାଣୀମାନଙ୍କ ଉପରେ ନିର୍ଭର କରିଥାଏ । ଉଦ୍ଭିଦ **କ୍ଷୟ** ଓ ପଶୁହତ୍ୟା ସନ୍ତୁଳିତ ପାରିସ୍ଥିତିକ ତନ୍ତ୍ରକୁ **ନଷ୍ଟ** କରିଥାଏ । ସେଥିରେ ମନୁଷ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତେଣୁ ମନୁଷ୍ୟର ଆବଶ୍ୟକତା ପୂରଣ ପାଇଁ ପ୍ରାକୃତିକ ପରିବେଶ ଓ ଅନେକ ପଶୁପକ୍ଷୀ ଓ ବୃକ୍ଷଲତା ପୃଥିବୀ ପୃଷ୍ଠରୁ ଲୋପ ପାଇଯାଇଛନ୍ତି । ବୃହତ୍ ପରିସଂସ୍ଥା ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଉଦ୍ଭିଦ ଓ ପ୍ରାଣୀସମୂହ ରହିଥାନ୍ତି । ଏହାକୁ **ଜୀବାଳୀ** କୁହାଯାଏ । ଏହି ଜୀବାଳୀଗୁଡ଼ିକ ବୃକ୍ଷଗୁଡ଼ିକର ପ୍ରକାରଭେଦରେ ଚିହ୍ନିତ ହୋଇଥାନ୍ତି ।

ଭାରତରେ ସାଧାରଣତଃ ପାଞ୍ଚ ପ୍ରକାରର ଅରଣ୍ୟ ଦେଖାଯାଏ । ସେଗୁଡ଼ିକ ହେଲା- (କ) କ୍ରାନ୍ତୀୟ ଚିରହରିତ ଅରଣ୍ୟ (ଖ) କ୍ରାନ୍ତୀୟ ପର୍ଣ୍ଣମୋଚୀ ଅରଣ୍ୟ (ଗ) କ୍ରାନ୍ତୀୟ କଣ୍ଟାବୁଦା ଓ ଗୁଳ୍ମ ଅରଣ୍ୟ (ଘ) ପାର୍ବତ୍ୟ ଅରଣ୍ୟ ଏବଂ (ଙ) ଜୁଆରିଆ ଅରଣ୍ୟ ।

### (କ) କ୍ରାନ୍ତୀୟ ଚିରହରିତ ଅରଣ୍ୟ :

ଏହି ଅରଣ୍ୟର ଗଛଗୁଡ଼ିକ ସବୁଜ ପତ୍ରରେ ବର୍ଷସାରା ଆଚ୍ଛାଦିତ ହୋଇ ସବୁଜ ଦିଶନ୍ତି । ତେଣୁ ଏହାକୁ ଚିରହରିତ୍ ଅରଣ୍ୟ କୁହାଯାଏ । ଏହି ଅଞ୍ଚଳ ବର୍ଷର ପ୍ରାୟ ଅଧିକାଂଶ ସମୟ ବୃଷ୍ଟିପାତ, ଆଲୋକ ଓ ଉତ୍ତାପ ପାଇଥାଏ ।



ଚିତ୍ର : 13 କ୍ରାନ୍ତୀୟ ଚିରହରିତ ଅରଣ୍ୟ

ବୃଷ୍ଟିପାତର ପରିମାଣ ୨୦୦ସେ.ମି.ରୁ ଅଧିକ ହୋଇଥାଏ । ଶୁଷ୍କଋତୁ କମ୍ ସମୟ ପାଇଁ ଆସିଥାଏ । ଏହି ଅଞ୍ଚଳ ଅନେକ ପ୍ରକାରର ବୃକ୍ଷରେ ପରିପୂର୍ଣ୍ଣ । ଏକ ନିର୍ଦ୍ଦିଷ୍ଟ ଋତୁରେ ଏଗୁଡ଼ିକ ପତ୍ରଝଡ଼ା ଦେଉନଥିବାରୁ ବର୍ଷସାରା ସବୁଜ ଦେଖାଯାନ୍ତି । ଗଛଗୁଡ଼ିକର ଉଚ୍ଚତା ୬୦ମିଟର କିମ୍ବା ଅଧିକ ହୋଇଥାଏ । ବଡ଼ ଗଛଗୁଡ଼ିକର ପାଦଦେଶରେ ଛୋଟ ଛୋଟ ବୁଦାଳିଆ ଗଛ ଦେଖାଯାଏ । ଅନୁକୂଳ ପରିବେଶ ହେତୁ ଏଠାରେ ଘଞ୍ଚ ଜଙ୍ଗଲ ଦେଖାଯାଏ । ଏଠାରେ କେତେଗୁଡ଼ିଏ ବାଣିଜ୍ୟ ଉପଯୋଗୀ ବୃକ୍ଷ ଦେଖାଯାଏ । ଯଥା:- ରୋଜ୍‌ଉଡ୍, ଇବୋନି, ମେହଗାନି, ରବର, ସିଙ୍କୋନା, ଚନ୍ଦନ, ଶିଶୁ ଇତ୍ୟାଦି । ଏହି ପ୍ରକାରର ଅରଣ୍ୟ ହିମାଳୟ ପର୍ବତମାଳାର ପାଦଦେଶରେ, ଉତ୍ତର-ପୂର୍ବ ଭାରତର ପାର୍ବତ୍ୟାଞ୍ଚଳରେ,

ପଶ୍ଚିମଘାଟ ପର୍ବତମାଳାର ପଶ୍ଚିମ ପାର୍ଶ୍ୱରେ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଦେଖାଯାଏ ।

### (ଖ) କ୍ରାନ୍ତୀୟ ପର୍ଣ୍ଣମୋଚୀ ଅରଣ୍ୟ :

ଏହି ଅରଣ୍ୟ ଭାରତର ଅଧିକାଂଶ ଅଞ୍ଚଳରେ ଦେଖାଯାଏ । ଏହି ଅରଣ୍ୟର ବିଶେଷତ୍ୱ ହେଉଛି ବୃକ୍ଷଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଋତୁରେ ପତ୍ରଝଡ଼ା ଦେଇଥାନ୍ତି । ଗ୍ରୀଷ୍ମଋତୁରେ ୬ରୁ ୮ ସପ୍ତାହ ପାଇଁ ପତ୍ରଝଡ଼ା ଦେଇଥାନ୍ତି । ତେଣୁ ଏହି



ଚିତ୍ର : 14 କ୍ରାନ୍ତୀୟ ପର୍ଣ୍ଣମୋଚୀ ଅରଣ୍ୟ

ଅରଣ୍ୟକୁ ପର୍ଣ୍ଣମୋଚୀ ଅରଣ୍ୟ ବୋଲି କୁହାଯାଏ । ଏହାକୁ **ମୌସୁମୀ ଅରଣ୍ୟ** ବୋଲି ମଧ୍ୟ ନାମିତ କରାଯାଇଛି । ଏଠାରେ ବୃଷ୍ଟିର ପରିମାଣ ୭୦ ସେ.ମି.ରୁ ୨୦୦ ସେ.ମି. ମଧ୍ୟରେ ହୋଇଥାଏ । ବୃଷ୍ଟିର ପରିମାଣ ଅନୁସାରେ ଦୁଇ ପ୍ରକାରର ପର୍ଣ୍ଣମୋଚୀ ଅରଣ୍ୟ ଦେଖିବାକୁ ମିଳେ । ଯଥା:- ଆର୍ଦ୍ର ପର୍ଣ୍ଣମୋଚୀ ଅରଣ୍ୟ ଏବଂ ଶୁଷ୍କ ପର୍ଣ୍ଣମୋଚୀ ଅରଣ୍ୟ । ଅଧିକ ବୃଷ୍ଟିପାତ ଅଞ୍ଚଳରେ ଆର୍ଦ୍ର ପର୍ଣ୍ଣମୋଚୀ ଅରଣ୍ୟ ଦେଖାଯାଏ । ଏହି ପ୍ରକାରର ଅରଣ୍ୟ ସୃଷ୍ଟି ପାଇଁ ବାର୍ଷିକ ବୃଷ୍ଟିପାତର ପରିମାଣ ୧୦୦ ସେ.ମି.ରୁ ୨୦୦ ସେ.ମି. ମଧ୍ୟରେ ହୋଇଥାଏ । ଏହି ଅରଣ୍ୟ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ହିମାଳୟର ପାଦଦେଶରେ ଝାଡ଼ଖଣ୍ଡ, ପଶ୍ଚିମ ଓଡ଼ିଶା, ଛତିଶଗଡ଼, ପଶ୍ଚିମଘାଟ ପର୍ବତମାଳାର ପୂର୍ବ ପାର୍ଶ୍ୱରେ ଦେଖାଯାଏ । ଏଠାରେ ପ୍ରଚୁର ପରିମାଣରେ ଶାଗୁଆନ ଗଛ ଦେଖାଯାଏ । ଏହା ବ୍ୟତୀତ ଅନେକ ବାଣିଜ୍ୟିକ ବୃକ୍ଷ ମଧ୍ୟ ଏଠାରେ ଦେଖିବାକୁ ମିଳେ । ସେଗୁଡ଼ିକ ହେଲା- ବାଉଁଶ, ପିଆଶାଳ, ଶାଳ, ଚନ୍ଦନ, ଖଇର, ଅର୍ଜ୍ଜୁନ, ମଲବରୀ ଇତ୍ୟାଦି ।

ଶୁଷ୍କ ପର୍ଣ୍ଣମୋଚୀ ଅରଣ୍ୟ ଅପେକ୍ଷାକୃତ କମ୍ ବୃଷ୍ଟି ପାଉଥିବା ଅଞ୍ଚଳରେ ଦେଖାଯାଏ । ଏଠାରେ ବୃଷ୍ଟିପାତ ୭୦ ସେ.ମି.ରୁ ୧୦୦ ସେ.ମି. ମଧ୍ୟରେ ହୋଇଥାଏ । କମ୍ ବୃଷ୍ଟିପାତ ଯୋଗୁଁ ଏହି ଅରଣ୍ୟ ଘଞ୍ଚ ହୋଇନଥାଏ । ଏହାର ବୃକ୍ଷଗୁଡ଼ିକ ଅର୍ଥକରୀ ହୋଇଥାଏ । ଏହି ଅରଣ୍ୟ ଭାରତୀୟ ଉପଦ୍ୱୀପର ମାଳଭୂମିରେ ବର୍ଷା ପାଉଥିବା ପାର୍ଶ୍ୱରେ ବିହାର ଓ ଉତ୍ତରପ୍ରଦେଶର ସମତଳ ଅଞ୍ଚଳରେ ଦେଖାଯାଏ । ଏଠାରେ ନିମ୍ବ, ପିପ୍ପଳ, ଶାଳ, ଶାଗୁଆନ ଇତ୍ୟାଦି ଗଛ ଦେଖାଯାଏ । ଏହି ଅରଣ୍ୟର କାଠ ସାଧାରଣତଃ ଶକ୍ତ ଓ ମୂଲ୍ୟବାନ । ତେଣୁ ଆବଶ୍ୟକତା ପୂରଣ ପାଇଁ ବହୁଳ ଭାବରେ ବ୍ୟବହୃତ ହୋଇଥାଏ । ଏହାର କେତେକ ଅଞ୍ଚଳରେ ଚାଷକାର୍ଯ୍ୟ କରାଯାଉଥିବା ବେଳେ ଅନ୍ୟ କେତେକ ଅଞ୍ଚଳ ପଶୁଚାରଣ ପାଇଁ ବ୍ୟବହୃତ ହେଉଅଛି ।

### (ଗ) କ୍ରାନ୍ତୀୟ କଣ୍ଟାବୁଦା ଓ ଗୁଳ୍ମ ଅରଣ୍ୟ :

ବାର୍ଷିକ ୭୦ ସେ.ମି.ରୁ କମ୍ ବୃଷ୍ଟି ପାଉଥିବା ଅଞ୍ଚଳରେ ଏହି ପ୍ରକାର ଅରଣ୍ୟ ଦେଖାଯାଏ । ଜଳର ଅଭାବ ଯୋଗୁଁ ଗଛଗୁଡ଼ିକ ଛୋଟ, ବୁଦାଳିଆ ଓ କଣ୍ଟାଯୁକ୍ତ ହୋଇଥାନ୍ତି । ଏହି ଗଛଗୁଡ଼ିକର ଚେର ଜଳ ସଂଗ୍ରହ ପାଇଁ



ଚିତ୍ର : 15 କଣ୍ଟାବନ

ମାଟିର ବହୁତ ଭିତରକୁ ଯାଇଥାଏ । ପତ୍ର ପୃଷ୍ଠରୁ ବାଷ୍ପୀଭବନ ପରିମାଣ କମ୍ କରିବା ପାଇଁ ପତ୍ରଗୁଡ଼ିକ ମୋଟା ଓ ଛୋଟ ହୋଇଥାନ୍ତି । କାଣ୍ଡରେ ଜଳ ସଞ୍ଚୟ କରନ୍ତି । ଗଛଗୁଡ଼ିକ ଛାଡ଼ି ଛାଡ଼ି ବିକ୍ଷିପ୍ତ ଭାବରେ ରହିଥାନ୍ତି । ଏହି ପ୍ରକାର ଅରଣ୍ୟ ଭାରତର ଉତ୍ତର-ପଶ୍ଚିମ

ଅଞ୍ଚଳରେ, ଗୁଜରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ, ହରିୟାଣାର ଅର୍ଦ୍ଧଶୁଷ୍କ ଅଞ୍ଚଳରେ ଦେଖାଯାଏ । ଏଠାରେ ଆକାଶିଆ, ବାବୁଲ, ଶିମିଳି, ଖଜୁର ଇତ୍ୟାଦି କଣ୍ଟାଯୁକ୍ତ ଗଛ ଦେଖିବାକୁ ମିଳେ ।

## (ଘ) ପାର୍ବତ୍ୟ ଅରଣ୍ୟ :

ପାର୍ବତ୍ୟ ଅଞ୍ଚଳରେ ଉଚ୍ଚତା ଅନୁସାରେ ଉତ୍ତାପର ପରିମାଣ ହ୍ରାସ ପାଇଥାଏ । ଉତ୍ତାପ ଉପରେ ନିର୍ଭର କରି ବିଭିନ୍ନ ଉଚ୍ଚତାରେ ଭିନ୍ନ ଭିନ୍ନ ଅରଣ୍ୟ ଦେଖାଯାଏ । ହିମାଳୟ ପର୍ବତର ପାଦଦେଶରେ ପର୍ଣ୍ଣମୋଚୀ ଅରଣ୍ୟ



ଚିତ୍ର : 16 ନାତିଶୀତୋଷ୍ଣ ତୃଣଭୂମି

ଦେଖିବାକୁ ମିଳେ । ୧୦୦୦ରୁ ୨୦୦୦ ମିଟର ଉଚ୍ଚତା ମଧ୍ୟରେ ଆର୍ଦ୍ର ନାତିଶୀତୋଷ୍ଣ ତୃଣଭୂମିଯୁକ୍ତ ଅରଣ୍ୟ ଦେଖାଯାଏ । ଏଥିରେ ବିଶେଷ ଭାବରେ ପ୍ରଶସ୍ତ ପତ୍ର ବିଶିଷ୍ଟ ଓକ୍ ଓ ଚେଷ୍ଟନଟ୍ ବୃକ୍ଷ ରହିଥାଏ । ୧୫୦୦ରୁ ୩୦୦୦ ମିଟର ଉଚ୍ଚତା ମଧ୍ୟରେ ନାତିଶୀତୋଷ୍ଣ ସରଳ ବର୍ଗୀୟ ଅରଣ୍ୟ କିମ୍ବା ପାଇନ୍ ଜାତୀୟ ଅରଣ୍ୟ ଦେଖାଯାଏ । ଏହି ଅରଣ୍ୟର ବୃକ୍ଷଗୁଡ଼ିକ ହେଲେ ପାଇନ୍, ଦେବଦାରୁ, ସିଲ୍‌ଭର ଫର୍, ସେଡ଼ାର ଇତ୍ୟାଦି । ଏହି ପ୍ରକାର ଅରଣ୍ୟ ହିମାଳୟର ଦକ୍ଷିଣ ଭାଗର ଢାଲୁ ଅଞ୍ଚଳରେ ଏବଂ ଭାରତର ଉତ୍ତର-ପୂର୍ବ ଓ ଦକ୍ଷିଣରେ ଅବସ୍ଥିତ ପର୍ବତର ଉଚ୍ଚସ୍ଥାନମାନଙ୍କରେ ଦେଖାଯାଏ । ଏହି ଅରଣ୍ୟ ସହିତ ନାତିଶୀତୋଷ୍ଣ ତୃଣଭୂମି ମିଶି ରହିଥାଏ । ସମୁଦ୍ର ପତ୍ତନଠାରୁ ୩୦୦୦ ମିଟର ଉଚ୍ଚରେ ନାତିଶୀତୋଷ୍ଣ ଅରଣ୍ୟ ଓ ତୃଣଭୂମି କ୍ରମଶଃ ହ୍ରାସ ପାଇଥାଏ ଏବଂ ଆଲ୍‌ପାଇନ ଉଦ୍ଭିଦ ଅଧିକ ପରିମାଣରେ ଦେଖାଯାଏ । ଏଥିରେ ସିଲ୍‌ଭର ଫର୍, ଜୁନିପର, ପାଇନ୍, ବାର୍ଚ୍ଚ ପ୍ରଭୃତି ବୃକ୍ଷଗୁଡ଼ିକ ରହିଥାଏ । ହିମରେଖା ନିକଟରେ ଉତ୍ତାପର ଅଭାବରୁ ଛୋଟ ଛୋଟ ବୁଦାଳିଆ ଗଛ ଦେଖାଯାଏ । ଅଧିକ ଉଚ୍ଚରେ ଏହା ଆଲପୀୟ ତୃଣଭୂମିରେ ପରିଣତ ହୋଇଥାଏ । ଗୁଜ୍ଜର ଓ ବାକରୱାଲା ଜାତିର ଲୋକମାନେ ପଶୁପାଳନ ପାଇଁ ଏହି



ଚିତ୍ର : 17 ଆଲପୀୟ ଅରଣ୍ୟ

ତୃଣଭୂମିକୁ ବ୍ୟବହାର କରିଥାନ୍ତି । ହିମରେଖାର ଉପରକୁ ଟୁନ୍ଦ୍ରା ଉଦ୍ଭିଦ ଦେଖାଯାଏ । ଶୈବାଳ ଓ ହିମଗୁଳ୍ମ ଏହାର ମୁଖ୍ୟ ଉଦ୍ଭିଦ । ଏହା ସାଧାରଣତଃ ବରଫ ତରଳିବା ପରେ ଜନ୍ମିଥାଏ ।

## (ଙ) ଜୁଆରିଆ ଅରଣ୍ୟ :





ଚିତ୍ର : 18 ଜୁଆରିଆ ଅରଣ୍ୟ

ଏହି ପ୍ରକାର ଅରଣ୍ୟ କ୍ରାନ୍ତୀୟ ଅଞ୍ଚଳର ସମୁଦ୍ର ଉପକୂଳବର୍ତ୍ତୀ ତ୍ରିକୋଣଭୂମି ଗୁଡ଼ିକରେ ନଦୀ ମୁହାଣରେ ଦେଖାଯାଏ । ଜୁଆର ସମୟରେ ସମୁଦ୍ରର ଲବଣାକ୍ତ ଜଳ ମୁହାଣ ମଧ୍ୟରେ ପ୍ରବେଶ କରି ତ୍ରିକୋଣଭୂମି ଆଡ଼କୁ ମାଡ଼ିଆସେ । ଭଟ୍ଟାବେଳେ ଏହି ଜଳ ପୁଣି ମୁହାଣ ଦେଇ ସମୁଦ୍ରକୁ ଫେରିଯାଏ । ଉପକୂଳ ଅଞ୍ଚଳରେ ମାଟି ଜମା ହେବା ଯୋଗୁଁ କାଦୁଆ ହୁଏ । ଏଠାରେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ବୃକ୍ଷର ଅରଣ୍ୟ ସୃଷ୍ଟି ହୁଏ । ଏହି ବୃକ୍ଷଗୁଡ଼ିକ ମଧ୍ୟରେ ସୁନ୍ଦରୀ, ହେନ୍ତାଳ ପ୍ରଭୃତି ପ୍ରଧାନ । ଏହାକୁ ଜୁଆରିଆ ଅରଣ୍ୟ ବୋଲି କୁହାଯାଏ । ଏହି ଅରଣ୍ୟ ଗଙ୍ଗା, ମହାନଦୀ, ଗୋଦାବରୀ, କୃଷ୍ଣା, କାବେରୀ ପ୍ରଭୃତି ନଦୀ ମୁହାଣରେ ଦେଖାଯାଏ । ମୁହାଣର ଅଧିକାଂଶ ଅଞ୍ଚଳ ବର୍ଷା ଋତୁରେ ଓ ଜୁଆର ସମୟରେ ଜଳରେ ବୁଡ଼ିଯାଉଥିବାରୁ କେବଳ ଡେଙ୍ଗା ଗଛଗୁଡ଼ିକ ଉପରକୁ ଦେଖାଯାଏ । ଭଟ୍ଟା ସମୟରେ ପାଣି ଛାଡ଼ିଯିବା ଫଳରେ ଗଛର ଚେରଗୁଡ଼ିକୁ ମାଟି ଉପରେ ଦେଖିବାକୁ ମିଳେ । ଗଙ୍ଗାନଦୀର ତ୍ରିକୋଣଭୂମିରେ ଦେଖାଯାଉଥିବା ଜୁଆରିଆ ଅରଣ୍ୟକୁ ସୁନ୍ଦରବନ ବୋଲି କୁହାଯାଏ । ଏଠାରେ ଅଧିକ ସଂଖ୍ୟକ ସୁନ୍ଦରୀଗଛ ଦେଖିବାକୁ ମିଳେ । ଡଙ୍ଗା ତିଆରି କରିବା ପାଇଁ ଏହାର କାଠ ବ୍ୟବହୃତ ହୁଏ ।

ଭାରତର ପଶ୍ଚିମ ଉପକୂଳର ଓସାର କମ୍ କିନ୍ତୁ ଗଭୀରତା ଅପେକ୍ଷାକୃତ ଅଧିକ । ତେଣୁ ପଶ୍ଚିମ ଉପକୂଳରେ ଜୁଆରିଆ ଅରଣ୍ୟ ପ୍ରାୟ ଦେଖାଯାଏ ନାହିଁ । ମାତ୍ର ମଧୁର ଜଳପୂର୍ଣ୍ଣ କେତେକ ଖାଲୁଆ ସ୍ଥାନରେ ଏହି ପ୍ରକାର ଅରଣ୍ୟ ଦେଖିବାକୁ ମିଳେ । କୃଷିକାର୍ଯ୍ୟ ଏବଂ ନିଜର ଆବଶ୍ୟକତା ପାଇଁ ସେଠିକାର ଅଧିବାସୀମାନେ ଗଛ କାଟୁଥିବାରୁ ଏହାର ଆୟତନ କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ଏହି ଅରଣ୍ୟ ମୃତ୍ତିକା କ୍ଷୟକୁ ରୋକିବା ସହିତ ଝଡ଼, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରୁ ମଧ୍ୟ ଜୀବଜନ୍ତୁଙ୍କୁ ରକ୍ଷା କରେ । ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଜୁଆରିଆ ଅରଣ୍ୟ ସୁନାମୀର କ୍ଷୟକ୍ଷତିକୁ ନିୟନ୍ତ୍ରଣ କରିଥିଲା ।

> ***୨୦୦୪ ମସିହାରେ ଘଟିଥିବା ସୁନାମୀ (ସାମୁଦ୍ରିକ ଢେଉ) ଆଣ୍ଡାମାନ-ନିକୋବରରେ ଅବସ୍ଥିତ ଥିବା କେତେକ ଦ୍ୱୀପର କିଛି କ୍ଷତି କରିପାରିନଥିଲା । କିନ୍ତୁ କନ୍ୟାକୁମାରୀ ଓ ଚେନ୍ନାଇ ଉପକୂଳର ବହୁତ କ୍ଷତି କରିଥିଲା ।***

## ଓଡ଼ିଶାର ପ୍ରାକୃତିକ ଉଦ୍ଭିଦ

ଆମ ରାଜ୍ୟ ଓଡ଼ିଶା ଘନ ଜଙ୍ଗଲରେ ପରିପୂର୍ଣ୍ଣ । ରାଜ୍ୟର ସବୁ ସ୍ଥାନରେ ପ୍ରାୟ ଅରଣ୍ୟ ଦେଖାଯାଏ । ଓଡ଼ିଶାରେ ସାଧାରଣତଃ ଚାରିପ୍ରକାରର ଅରଣ୍ୟ ଦେଖାଯାଏ । ଯଥା- (କ) କ୍ରାନ୍ତୀୟ ଅର୍ଦ୍ଧଚିରହରିତ ଅରଣ୍ୟ (ଖ) କ୍ରାନ୍ତୀୟ ଆର୍ଦ୍ର ପର୍ଣ୍ଣମୋଚୀ ଅରଣ୍ୟ (ଗ) କ୍ରାନ୍ତୀୟ ଶୁଷ୍କ ପର୍ଣ୍ଣମୋଚୀ ଅରଣ୍ୟ ଏବଂ (ଘ) ଉପକୂଳବର୍ତ୍ତୀ ଜୁଆରିଆ ଅରଣ୍ୟ ।

### (କ) କ୍ରାନ୍ତୀୟ ଅର୍ଦ୍ଧଚିରହରିତ ଅରଣ୍ୟ :

ଏହି ଅରଣ୍ୟ ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ଗଜପତି, ଗଞ୍ଜାମ, ନୟାଗଡ଼, ପୁରୀ, ଢେଙ୍କାନାଳ, ଅନୁଗୁଳ, କୋରାପୁଟ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଆଦି ଜିଲ୍ଲାର କେତେକ ଅଞ୍ଚଳରେ ଦେଖାଯାଏ । ଏହି ଅରଣ୍ୟ ଘଞ୍ଚ ଏବଂ ଗଛ ଗୁଡ଼ିକର ଉଚ୍ଚତା ମଧ୍ୟ ଅଧିକ । ଏଠାରେ କ୍ଷଣସ୍ଥାୟୀ ବୃକ୍ଷଗୁଡ଼ିକ ବହୁଳ ପରିମାଣରେ ଜନ୍ମଲାଭ କରିଥାନ୍ତି । ଏଠାରେ ମେହଗାନି, ଏବୋନି, ଚନ୍ଦନ ପ୍ରଭୃତି ଗଛ ଦେଖାଯାଏ । ଏଠାରେ ବାଉଁଶଗଛ ପ୍ରାୟ ଦେଖାଯାଏ ନାହିଁ । ତେବେ କ୍ୱଚିତ୍ ବାଉଁଶଗଛ ତଳେ ବେତଗଛ ବଢ଼ିଥିବାର ଦେଖାଯାଏ । ଗମନାଗମନ ଓ ପରିବହନର ବିଶେଷ ସୁବିଧା ନ ଥିବାରୁ ଏଠାରେ ଥିବା ମୂଲ୍ୟବାନ କାଠଗୁଡ଼ିକର ସଦୁପଯୋଗ ହୋଇପାରିନାହିଁ ।

### (ଖ) କ୍ରାନ୍ତୀୟ ଆର୍ଦ୍ର ପର୍ଣ୍ଣମୋଚୀ ଅରଣ୍ୟ :

ଓଡ଼ିଶାର ଅଧିକାଂଶ ଅଞ୍ଚଳରେ କ୍ରାନ୍ତୀୟ ଆର୍ଦ୍ର ପର୍ଣ୍ଣମୋଚୀ ଅରଣ୍ୟ ବିସ୍ତୃତ । ଏହି ଅରଣ୍ୟର ବୃକ୍ଷ ଉପରେ ନିର୍ଭର କରି ଏହାକୁ ଦୁଇଭାଗରେ ବିଭକ୍ତ କରାଯାଇଛି- (୧) ଶାଳଜାତୀୟ ପର୍ଣ୍ଣମୋଚୀ ଅରଣ୍ୟ ଓ (୨) ମିଶ୍ରିତ ପର୍ଣ୍ଣମୋଚୀ ଅରଣ୍ୟ ।

#### (୧) ଶାଳଜାତୀୟ ପର୍ଣ୍ଣମୋଚୀ ଅରଣ୍ୟ :

ଏଥିରେ ଶାଳଗଛ ଅଧିକ ପରିମାଣରେ ଥାଏ । ଏହି ଅରଣ୍ୟ ତେଲ୍ ନଦୀର ପୂର୍ବରେ, ବ୍ରାହ୍ମଣୀ ନଦୀର ଉତ୍ତର ଓ ଉତ୍ତର-ପୂର୍ବରେ, ସାବରୀ ନଦୀ ଅବବାହିକାରେ ଦେଖାଯାଏ । ଶାଳଗଛ ବ୍ୟତୀତ ଶାଳିଆ ବାଉଁଶ ଏବଂ କଣ୍ଟାବାଉଁଶ ବୁଦା ମଧ୍ୟ ଦେଖାଯାଏ । ଶାଳକାଠ ଗୃହନିର୍ମାଣ ଓ ବିଭିନ୍ନ କାଷ୍ଠଶିଳ୍ପ ପ୍ରସ୍ତୁତି ପାଇଁ ବ୍ୟବହୃତ ହୋଇଥାଏ ।




ମାନଚିତ୍ର 4.2

ଏହା ଜାଳେଣୀ କାଠ ରୂପେ ମଧ୍ୟ ବ୍ୟବହୃତ ହୋଇଥାଏ । ବାଉଁଶରୁ କାଗଜ ପ୍ରସ୍ତୁତ କରାଯାଏ ।

### (୨) ମିଶ୍ରିତ ପର୍ଣ୍ଣମୋଚୀ ଅରଣ୍ୟ :

ଏହି ଅରଣ୍ୟରେ ଶାଳଗଛ ସହିତ ଅସନ, କୁରୁମ, ସାଗୁଆନ, ପିଆଶାଳ ଇତ୍ୟାଦି ଗଛ ମିଶିକରି ରହିଥାନ୍ତି । ଏହା କେନ୍ଦୁଝର, ଦେବଗଡ଼, ସୁବର୍ଣ୍ଣପୁର, ଫୁଲବାଣୀ, ଆଠମଲ୍ଲିକ, ପାରଳାଖେମୁଣ୍ଡି ଆଦି ଅଞ୍ଚଳରେ ଦେଖାଯାଏ । ଲୋକମାନେ ଜାଳେଣୀ କାଠ ପାଇଁ ଏବଂ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ପ୍ରସ୍ତୁତି ପାଇଁ ଏହି ଜଙ୍ଗଲ ଉପରେ ନିର୍ଭର କରୁଥିବାରୁ ଏହା କ୍ରମଶଃ କ୍ଷୟ ହୋଇଯାଇଛି ।

## (ଗ) କ୍ରାନ୍ତୀୟ ଶୁଷ୍କ ପର୍ଣ୍ଣମୋଚୀ ଅରଣ୍ୟ :

ଏହି ଅରଣ୍ୟ ଓଡ଼ିଶାର ପଶ୍ଚିମ ଓ ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଦେଖାଯାଏ । ତେଲ, ନାଗାବଳୀ, ସାବରୀ ନଦୀର ଉପର ଅବବାହିକା ଅଞ୍ଚଳରେ ଏହି ଅରଣ୍ୟ ଦେଖାଯାଏ । ମୂଲ୍ୟବାନ୍ ବୃକ୍ଷଗୁଡ଼ିକ ହେଲା- ଶାଳ, ପିଆଶାଳ, ସାଗୁଆନ, ଚନ୍ଦନ ପ୍ରଭୃତି ।

## (ଘ) ଉପକୂଳବର୍ତ୍ତୀ ଜୁଆରିଆ ଅରଣ୍ୟ :

ଓଡ଼ିଶାର ଉପକୂଳବର୍ତ୍ତୀ ନଦୀମୁହାଣ ଗୁଡ଼ିକରେ ଏହି ପ୍ରକାର ଅରଣ୍ୟ ଦେଖାଯାଏ । ଏଠାରେ ହେନ୍ତାଳ, ସୁନ୍ଦରୀ, ବାଉଁଶ, ବେତ, ଆମ୍ବ, ପଣସ ଇତ୍ୟାଦି ବୃକ୍ଷ ଦେଖାଯାଏ । ମହାନଦୀ ଓ ବ୍ରାହ୍ମଣୀ ନଦୀ ମୁହାଣରେ ଥିବା ଜୁଆରିଆ ଅରଣ୍ୟକୁ ହେନ୍ତାଳ ବନ ବୋଲି କୁହାଯାଏ । ଏହା **କ୍ଷୁଦ୍ର ସୁନ୍ଦରବନ** ଭାବରେ ମଧ୍ୟ ପରିଚିତ । ପ୍ରାକୃତିକ ହେନ୍ତାଳ ବଣ ପାଇଁ ସ୍ଥିର ଜଳ ବିଶିଷ୍ଟ ସମୁଦ୍ର ଉପକୂଳ ଆର୍ଦ୍ରଭୂମି ଏବଂ ନଦୀମୁହାଣ ଆବଶ୍ୟକ ହୋଇଥାଏ । ଏହାକୁ **ଲୁଣା ଜଙ୍ଗଲ** ବୋଲି ମଧ୍ୟ କୁହାଯାଏ । କେତେକ ଲୁଣା ଜଙ୍ଗଲର ବୃକ୍ଷର ମୂଳ ଜଳ ପତନ ଠାରୁ ଉଚ୍ଚରେ ରହିଥାଏ । ବୃକ୍ଷରେ ମଞ୍ଜି ରହି ଅଙ୍କୁରିତ ହୁଏ ଏବଂ ଲୁଣା ମାଟିରେ ପଡ଼ି ଗଛ ଭାବରେ ବଢ଼ିଥାଏ । ସମଗ୍ର ବିଶ୍ୱରେ ଲୁଣା ଜଙ୍ଗଲରେ ୭୦ ପ୍ରକାରର ଉଦ୍ଭିଦ ଥିଲାବେଳେ ଓଡ଼ିଶାରେ ୬୦ ପ୍ରକାରର ଉଦ୍ଭିଦ ଦେଖାଯାଏ । କେତେକ ଲୁଣା ବୃକ୍ଷର ନାମ ହେଲା- କେରିଆ, ପୀତମାରି, ଗୁଆଁ, ଶିଶୁମାର, ତୁଣ୍ଡା, ଗର୍ଜ୍ଜା ଇତ୍ୟାଦି । ଏଠାରେ ଆମ୍ବ, ପଣସ, ବାଉଁଶ

ଇତ୍ୟାଦି ଗଛ ମଧ୍ୟ ଦେଖାଯାଏ । ଏହି ଜଙ୍ଗଲ ଅଧିକ ଘଞ୍ଚ । ମଣିଷ ତା' ଭିତରେ ଯାତାୟାତ କରିପାରେ ନାହିଁ । ବୃକ୍ଷର ଚେରଗୁଡ଼ିକ ଛନ୍ଦିହୋଇ ରହିଥିବାରୁ ସ୍ଥିର ସାମୁଦ୍ରିକ ସ୍ରୋତ ସୃଷ୍ଟି କରନ୍ତି ଏବଂ ଜୁଆର ଦ୍ୱାରା ଜଙ୍ଗଲ ଧ୍ୱଂସ ହେବାକୁ ଦିଅନ୍ତି ନାହିଁ ।

## ପ୍ରାକୃତିକ ଉଦ୍ଭିଦର ଉପକାରିତା

ପ୍ରାକୃତିକ ଉଦ୍ଭିଦ ଏକ ଅମୂଲ୍ୟ ସମ୍ପଦ । ପରିସଂସ୍ଥାରେ ସନ୍ତୁଳନ ରକ୍ଷା କରିବାରେ ଏହାର ମୁଖ୍ୟ ଭୂମିକା ରହିଥାଏ । ମନୁଷ୍ୟ ତଥା ପ୍ରାଣୀଜଗତ ଏହି ଉଦ୍ଭିଦ ଜଗତ ଉପରେ ନିର୍ଭରଶୀଳ । ଭାରତର ପ୍ରାକୃତିକ ଉଦ୍ଭିଦରେ ଅନେକ ପରିବର୍ତ୍ତନ ଦେଖାଦେଇଛି । ଏହାର କାରଣଗୁଡ଼ିକ ହେଲା- ଶିଳ୍ପର ବିକାଶ, ସହର ଓ ନଗର ସ୍ଥାପନା, ଖଣିଜଦ୍ରବ୍ୟର ଉତ୍ତୋଳନ, ଚାରଣଭୂମିର ଅତ୍ୟଧିକ ବ୍ୟବହାର ଇତ୍ୟାଦି । ଯାତାୟାତର ସୁବିଧା ନ ଥିବା କେତେକ ଦୁର୍ଗମ ଅଞ୍ଚଳ ଯଥା: ହିମାଳୟ, ମଧ୍ୟଭାରତର ପାର୍ବତ୍ୟ ଅଞ୍ଚଳ ଏବଂ ମରୁଭୂମିକୁ ଛାଡ଼ିଦେଲେ ଅନ୍ୟ ସବୁ ସ୍ଥାନରେ ଏହାର କ୍ଷୟ ଓ ପରିବର୍ତ୍ତନ ଘଟିଛି । ଜଙ୍ଗଲ ଜନବସତିରେ ରୂପାନ୍ତରିତ ହୋଇଛି ।

ଅରଣ୍ୟ ସମ୍ପଦ ଅକ୍ଷୟ ଏବଂ ଉପକାରୀ । ଏହା ଆବଶ୍ୟକତା ପୂରଣର ଗନ୍ତାଘର । ସୁସ୍ଥ ସମାଜ ଓ ସୁସ୍ଥ ବାତାବରଣର ସୃଷ୍ଟି ଏବଂ ସଂରକ୍ଷଣରେ ଏହାର ଭୂମିକା ଅପରିହାର୍ଯ୍ୟ । ଏହା ପରିବେଶ ଓ ପାରିସ୍ଥିତିକ ସନ୍ତୁଳନରେ ସହାୟତା କରିଥାଏ ।

(୧) ଅରଣ୍ୟ ମନୁଷ୍ୟକୁ ଖାଦ୍ୟ, ବସ୍ତ୍ର ଓ ବାସଗୃହର ଉପକରଣ ଓ ଔଷଧ ଯୋଗାଇଥାଏ ।

(୨) ମୃତ୍ତିକା କ୍ଷୟକୁ ବାଧା ଦିଏ । ଉଦ୍ଭିଦର ଚେର ମାଟିକଣିକା ଗୁଡ଼ିକୁ ବାନ୍ଧି ସୁରକ୍ଷା ବଳୟ ସୃଷ୍ଟି କରିଥାଏ ।

(୩) ଜଳବାୟୁକୁ ନିୟନ୍ତ୍ରଣ କରେ । ବାୟୁମଣ୍ଡଳକୁ ଅମ୍ଳଜାନ ଓ ଜଳୀୟବାଷ୍ପ ଦେଇଥାଏ । ବର୍ଷାର ପରିମାଣକୁ ବଢ଼ାଇଥାଏ । ପବନର ବେଗକୁ କମାଇବା ସଙ୍ଗେ ସଙ୍ଗେ ଉତ୍ତାପକୁ ହ୍ରାସ କରିଥାଏ ।

(୪) ଶିଳ୍ପକୁ ସମୃଦ୍ଧ କରିଥାଏ । ଜଙ୍ଗଲରୁ ଆମଦାନୀ ହେଉଥିବା ବିଭିନ୍ନ ସାମଗ୍ରୀ ଶିଳ୍ପରେ କଞ୍ଚାମାଲ ରୂପେ ବ୍ୟବହୃତ ହୁଏ । ଯଥା: ବାଉଁଶରୁ କାଗଜ, କାଠରୁ ଦିଆସିଲି, ଘରର ଉପକରଣ ଇତ୍ୟାଦି ।

(୫) ଅରଣ୍ୟରୁ ଜାଳେଣୀ କାଠ, ସବାଇଘାସ, ମହୁ, ରବର, ଝୁଣା, କୋଚିଲା, ମହୁଲ, ଲାଖ, ରେଶମ ଇତ୍ୟାଦି ମିଳିଥାଏ । ଓଡ଼ିଶା ଜଙ୍ଗଲରୁ କେନ୍ଦୁପତ୍ର ଓ ଶାଳମଞ୍ଜି ମିଳେ ।

(୬) ଜଳପ୍ରବାହକୁ ନିୟନ୍ତ୍ରଣ କରିଥାଏ ।

(୭) ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଦର୍ଶକମାନଙ୍କର ଚିତ୍ତ ବିନୋଦନ କରିଥାଏ ।

(୮) ଅରଣ୍ୟ ବନ୍ୟ ପଶୁପକ୍ଷୀଙ୍କର ବାସସ୍ଥାନ ରୂପେ ବ୍ୟବହୃତ ହୋଇଥାଏ ।

*ସାମାଜିକ ବନୀକରଣ- ଗ୍ରାମ ଓ ସହରମାନଙ୍କରେ ବ୍ୟବହାର ଅନୁପଯୋଗୀ ଜମିରେ ବୃକ୍ଷରୋପଣ କରି ଜଙ୍ଗଲ ବୃଦ୍ଧି କରିବା ।*

ଜନସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଆବଶ୍ୟକତା ପୂରଣ ପାଇଁ ଅରଣ୍ୟ ସଂପଦର କ୍ଷୟ ଖୁବ୍ ତୀବ୍ର ବେଗରେ ଘଟୁଥିବାରୁ ଭାରତ ସରକାର **ଜାତୀୟ ଅରଣ୍ୟ ନୀତି ୧୯୫୨** ମସିହାରେ ପ୍ରଣୟନ କରିଛନ୍ତି । ଏହି ନୀତି ଅନୁସାରେ ଦେଶର ପାର୍ବତ୍ୟ ଅଞ୍ଚଳ ଓ ସମତଳ ଅଞ୍ଚଳରେ ବୃକ୍ଷରୋପଣ କରି ନୂତନ ଅରଣ୍ୟ ସୃଷ୍ଟି କରାଯିବ । ଏହା ପରିବେଶର ପାରିସ୍ଥିତିକ ସନ୍ତୁଳନ ରକ୍ଷା କରିବାରେ ସହାୟତା କରିବ । ଅରଣ୍ୟ ସଂପଦର ବୃଦ୍ଧି ଲାଗି ପୁନଃ ବନୀକରଣ, ସାମାଜିକ ବନୀକରଣ ଓ କୃଷିକ୍ଷେତ୍ରୀୟ ବନୀକରଣ ଯୋଜନାମାନ ପ୍ରସ୍ତୁତ କରାଯାଇଛି ।

*କୃଷିକ୍ଷେତ୍ରୀୟ ବନୀକରଣ- ଚାଷଜମିର ହିଡ଼ଗୁଡ଼ିକରେ ବୃକ୍ଷରୋପଣ କରିବା ।*

ଜଙ୍ଗଲର ଉପାଦେୟତା ଓ ସୁରକ୍ଷାର ଆବଶ୍ୟକତା ବିଷୟରେ ଜନସଚେତନତା ସୃଷ୍ଟି କରାଯାଉଛି । ବିଭିନ୍ନ ଅନୁଷ୍ଠାନରେ ବନମହୋତ୍ସବ ମାଧ୍ୟମରେ ବୃକ୍ଷରୋପଣ କରାଯାଉଛି । ଜାତୀୟ ଦିବସ ଗୁଡ଼ିକରେ ବୃକ୍ଷରୋପଣ କରାଯାଇ ଏହାର ମହତ୍ତ୍ୱ ପ୍ରତିପାଦନ କରାଯାଉଛି । ଜଙ୍ଗଲରେ ନିଆଁ କିପରି ନ

ଲାଗିବ ସେଥିପାଇଁ ଦୃଷ୍ଟି ଦେବାପାଇଁ ପର୍ଯ୍ୟଟକମାନଙ୍କୁ ଜଙ୍ଗଲରେ ଧୂମ୍ରପାନ କରି ସିଗାରେଟ୍ କିମ୍ବା ବିଡ଼ିର ଅବଶେଷ ନ ପକାଇବାକୁ ସାବଧାନ କରାଯାଇଛି ।

ପୁରୁଣା ବୃକ୍ଷଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ କାଟିବା ପାଇଁ ଅଗ୍ରାଧିକାର ଦିଆଯାଉଛି । ଗୋଟିଏ ଗଛ କାଟିଲେ ଦଶଟି ଗଛ ଲଗାଅ, ଦଶଟି ଗଛ କାଟିଲେ ଶହେଟି ଗଛ ଲଗାଅ, ଶହେଟି ଗଛ କାଟିଲେ ହଜାରଟି ଗଛ ଲଗାଅ । ଆଜିର ଆଭିମୁଖ୍ୟ ଏହା ହେବା ଉଚିତ୍ । ନଚେତ୍ ଶସ୍ୟଶ୍ୟାମଳା ଏଇ ପୃଥିବୀ ଦିନେ ମରୁଭୂମିରେ ପରିଣତ ହୋଇଯିବ । ଏଥିପାଇଁ ମନୁଷ୍ୟ ହିଁ ଉତ୍ତରଦାୟୀ ହେବ ।

*ପୁନଃ ବନୀକରଣ- ନଷ୍ଟ ହୋଇଥିବା ଜଙ୍ଗଲରେ ବୃକ୍ଷରୋପଣ କରି ତା'ର ପୁନରୁଦ୍ଧାର କରିବା ।*

---

## ପ୍ରଶ୍ନାବଳୀ

୧। **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।**

(କ) ପ୍ରାକୃତିକ ଉଦ୍ଭିଦ କାହାକୁ କୁହନ୍ତି ?

(ଖ) ଜୀବାଳୀ କହିଲେ ତୁମେ କଅଣ ବୁଝ ?

(ଗ) ପରିସଂସ୍ଥା କାହାକୁ କୁହନ୍ତି ?

(ଘ) ଜାତୀୟ ଅରଣ୍ୟ ନୀତି କାହିଁକି ପ୍ରଣୟନ କରାଯାଇଛି ?

(ଙ) ବନ ମହୋତ୍ସବର ଉଦ୍ଦେଶ୍ୟ କଅଣ ?

(ଚ) ପୁନଃ ବନୀକରଣ କହିଲେ ତୁମେ କଅଣ ବୁଝ ?

(ଛ) ହିମାଳୟରେ କାହିଁକି ବିଭିନ୍ନ ପ୍ରକାରର ଅରଣ୍ୟ ଦେଖାଯାଏ ?

୨। **କାରଣ ଦର୍ଶାଅ ।**

(କ) କ୍ରାନ୍ତୀୟ ଚିରହରିତ ଅରଣ୍ୟ ଓ କ୍ରାନ୍ତୀୟ ପର୍ଣ୍ଣମୋଚୀ ଅରଣ୍ୟ ।

(ଖ) ସାମାଜିକ ବନୀକରଣ ଓ କୃଷିକ୍ଷେତ୍ରୀୟ ବନୀକରଣ

୩। **ସଂକ୍ଷିପ୍ତ ଟୀପ୍ପଣୀ ଲେଖ ।**

(କ) ଜୁଆରିଆ ଅରଣ୍ୟ

(ଖ) ଚିରହରିତ୍ ଅରଣ୍ୟ

(ଗ) ଆଲ୍‌ପୀୟ ଅରଣ୍ୟ

୪। ଉଦ୍ଭିଦର ବୃଦ୍ଧି ପାଇଁ ଦାୟୀ ହୋଇଥିବା କାରଣଗୁଡ଼ିକ ବିଷୟରେ ଲେଖ ।

୫। ପ୍ରାକୃତିକ ଉଦ୍ଭିଦର କ୍ଷୟ କାହିଁକି ଘଟୁଛି ?

୬। ଅରଣ୍ୟର ଉପାଦେୟତା ବିଷୟରେ ଆଲୋଚନା କର ।

୭। ଅରଣ୍ୟ ସଂରକ୍ଷଣ ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ?

୮ । ଭାରତର ବିଭିନ୍ନ ସ୍ଥାନରେ ଦେଖାଦେଉଥିବା ପ୍ରାକୃତିକ ଉଦ୍ଭିଦମଣ୍ଡଳୀ ବିଷୟରେ ଆଲୋଚନା କର ।

୯ । "ହିମାଳୟ ସମସ୍ତ ପ୍ରକାର ଅରଣ୍ୟର ଗନ୍ତାଘର"- ଉଦାହରଣ ସହ ଆଲୋଚନା କର ।

୧୦ । ଓଡ଼ିଶାର ଅରଣ୍ୟ ସଂପଦ ବିଷୟରେ ଲେଖ ।

୧୧ । ଭାରତର ରେଖାଙ୍କିତ ମାନଚିତ୍ରରେ ମୁଖ୍ୟ ଉଦ୍ଭିଦ ଶ୍ରେଣୀଗୁଡ଼ିକୁ ଦର୍ଶାଅ ।

୧୨ । ଓଡ଼ିଶାର ରେଖାଙ୍କିତ ମାନଚିତ୍ରରେ ନିମ୍ନରେ ଲେଖାଯାଇଥିବା ଅରଣ୍ୟଗୁଡ଼ିକୁ ଦର୍ଶାଅ ।

(କ) ଜୁଆରିଆ ଅରଣ୍ୟ

(ଖ) କ୍ରାନ୍ତୀୟ ଆର୍ଦ୍ର ପର୍ଣ୍ଣମୋଚୀ ଅରଣ୍ୟ

**୧୩ । 'କ' ସ୍ତମ୍ଭରେ ଥିବା ଅରଣ୍ୟ ସହିତ 'ଖ' ସ୍ତମ୍ଭରେ ଦିଆଯାଇଥିବା ସମ୍ପର୍କିତ ଉଦ୍ଭିଦକୁ ସଂଯୋଗ କର ।**

| "କ" ସ୍ତମ୍ଭ | "ଖ" ସ୍ତମ୍ଭ |
|---|---|
| ମୌସୁମୀ ଅରଣ୍ୟ | ପାଇନ୍ |
| ପାର୍ବତ୍ୟ ଅରଣ୍ୟ | ବାବୁଲ |
| ଗୁଳ୍ମ ଅରଣ୍ୟ | ସୁନ୍ଦରୀ |
| ଚିରହରିତ୍ ଅରଣ୍ୟ | ରୋଜ୍‌ଉଡ୍ |
| ଜୁଆରିଆ ଅରଣ୍ୟ | କେନ୍ଦୁପତ୍ର |
| | ବାଉଁଶ |

**ତୁମ ପାଇଁ କାମ :**

୧. ପ୍ରତ୍ୟେକ ପ୍ରକାର ଅରଣ୍ୟରୁ ଗୋଟିଏ ଲେଖାଏଁ ବୃକ୍ଷର ଚିତ୍ର ସଂଗ୍ରହ କରି ଭାରତର ରେଖାଙ୍କିତ ମାନଚିତ୍ର ଉପରେ ଉପଯୁକ୍ତ ସ୍ଥାନରେ ଲଗାଅ ।

୨. ରେଖାଙ୍କିତ ଓଡ଼ିଶା ମାନଚିତ୍ରରେ ବିଭିନ୍ନ ଶ୍ରେଣୀର ବୃକ୍ଷର ଚିତ୍ର ଉପଯୁକ୍ତ ସ୍ଥାନରେ ଲଗାଅ ।

●●●

# ଦ୍ୱିତୀୟ ପାଠ

# ବନ୍ୟପ୍ରାଣୀ

ଅରଣ୍ୟ, ତୃଣଭୂମି, ନଦୀ, ସମୁଦ୍ର ଓ ଜଳାଶୟଗୁଡ଼ିକ ବିଭିନ୍ନ ପଶୁପକ୍ଷୀ, ସରୀସୃପ ଓ ଜଳଚରଜୀବମାନଙ୍କର ନିର୍ଭୟ ଓ ମୁକ୍ତ ବାସସ୍ଥାନ । ଏଗୁଡ଼ିକ ଆମ ପ୍ରାକୃତିକ ପରିବେଶ ଓ ପରିସଂସ୍ଥାର ବିଶିଷ୍ଟ ଅଙ୍ଗ । ତେଣୁ ଏହାର ସୁରକ୍ଷା ଏକାନ୍ତ ଆବଶ୍ୟକ ।

ଭାରତର ବିଭିନ୍ନ ଅଞ୍ଚଳରେ ପ୍ରାକୃତିକ ପରିବେଶ ମୁଖ୍ୟତଃ ଭୌଗୋଳିକ ସ୍ଥିତି, ଭୂ-ଉଚ୍ଚାବଚ, ଜଳବାୟୁ ଓ ଉଦ୍ଭିଦମଣ୍ଡଳର ବିବିଧତା ହେତୁ ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀ ଦେଖାଯାନ୍ତି । ଭାରତରେ ପ୍ରାୟ ୮୯,୦୦୦ରୁ ଅଧିକ ପ୍ରକାରର ପ୍ରାଣୀ, ୧୨୦୦ ପ୍ରକାରର ପକ୍ଷୀ ଏବଂ ୨୫୦୦ ପ୍ରକାରର ମାଛ ରହିଛନ୍ତି । କେତେକ ପ୍ରାଣୀ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦେଖାଯାଉଥିବାବେଳେ ଅନ୍ୟ କେତେକ ପ୍ରାଣୀ ସବୁ ସ୍ଥାନରେ ଦେଖିବାକୁ ମିଳନ୍ତି । ଅନୁକୂଳ ପ୍ରାକୃତିକ ପରିବେଶ ଓ ପରିସଂସ୍ଥା ହିଁ ଏମାନଙ୍କର ଉପଯୁକ୍ତ ବାସସ୍ଥାନ ।




ମାନଚିତ୍ର : 4.3

ଭାରତରେ ବାସ କରୁଥିବା ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀ ମଧ୍ୟରୁ ହାତୀ, ବାଘ, ସିଂହ, ଗଣ୍ଡା, ଭାଲୁ, ଗୟଳ, ହରିଣ, ବାରହା, ସମ୍ବର ଇତ୍ୟାଦି ମୁଖ୍ୟ ପଶୁ । ସମଗ୍ର ପୃଥିବୀର ଏକ ତୃତୀୟାଂଶ ବନ୍ୟପ୍ରାଣୀ ଭାରତରେ ଦେଖାଯାନ୍ତି । ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ମଧ୍ୟରେ ହାତୀର ସ୍ଥାନ ସବୁଠାରେ ଉପରେ । ହାତୀ ସାଧାରଣତଃ ଆସାମ, କେରଳ, କର୍ଣ୍ଣାଟକ, ଓଡ଼ିଶା, ଆନ୍ଧ୍ର, ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟର ଅରଣ୍ୟ ଗୁଡ଼ିକରେ ବାସ କରନ୍ତି । ଜଳହସ୍ତୀ ଆସାମ ଓ ପଶ୍ଚିମବଙ୍ଗର ସନ୍ତସନ୍ତିଆ ଜଙ୍ଗଲରେ ଅଧିକ ସଂଖ୍ୟାରେ ବାସ କରନ୍ତି । ଓଟ ଓ ବନ୍ୟ ଗଧ ଥର୍ ମରୁଭୂମି ଓ ଗୁଜରାଟର କଚ୍ଛ ଉପକୂଳରେ ଦେଖିବାକୁ ମିଳନ୍ତି । ଗୁଜରାଟର ଗିର୍ ଅରଣ୍ୟ ସିଂହମାନଙ୍କର ବାସସ୍ଥଳୀ । ପଶ୍ଚିମବଙ୍ଗର ସୁନ୍ଦରବନ, ମଧ୍ୟପ୍ରଦେଶ, ଓଡ଼ିଶା, ହିମାଳୟର ପାର୍ବତ୍ୟ ଅଞ୍ଚଳରେ ଅଧିକ ସଂଖ୍ୟକ ବାଘ ଦେଖାଯାନ୍ତି । **ବାଘ ଭାରତର ଜାତୀୟ ପଶୁ** । ଏହା ବ୍ୟତୀତ ତେନ୍ଦୁଆ, କଲରାପତରିଆ ବାଘ, ଚିତାବାଘ, ବଣମହିଷ, ମାଙ୍କଡ଼ ଇତ୍ୟାଦି ଦେଖାଯା'ନ୍ତି ।

ଭାରତ-ନେପାଳ ସୀମା ନିକଟବର୍ତ୍ତୀ ହିମାଳୟ ପାର୍ବତ୍ୟ ଅଞ୍ଚଳରେ ଚମରୀଗାଈ, କସ୍ତୁରୀମୃଗ ପ୍ରଭୃତି ବିରଳପ୍ରାଣୀ ଦେଖାଯାନ୍ତି । ମଧ୍ୟପ୍ରଦେଶ, ଓଡ଼ିଶା ଓ ଉତ୍ତରପ୍ରଦେଶର ଅରଣ୍ୟରେ ନୀଳଗାଈ ଦେଖାଯାଆନ୍ତି । ଜାମ୍ମୁ ଓ କାଶ୍ମୀରର ପାର୍ବତ୍ୟ ଅଞ୍ଚଳରେ ଦୀର୍ଘ ଲୋମଯୁକ୍ତ ବନ୍ୟ ଛାଗଳ ଦେଖାଯା'ନ୍ତି ।

ଭାରତର ବିଭିନ୍ନ ଅରଣ୍ୟରେ ଅଜଗର, ଅହିରାଜ, ନାଗ, ରଣା, ବୋଡ଼ା ଆଦି ବିଷଧର ସର୍ପ ଦେଖାଯାଆନ୍ତି । ନଦୀ, ହ୍ରଦ, ଜଳାଶୟରେ କୁମ୍ଭୀର, ମାଛ, ଗେଣ୍ଡା, କଇଁଛ, ମଗର ଆଦି ପ୍ରାଣୀ ରହିଛନ୍ତି ।

ଭାରତର ଅରଣ୍ୟଗୁଡ଼ିକରେ ବିଭିନ୍ନ ପ୍ରକାରର ପକ୍ଷୀ ବାସ କରନ୍ତି । ମୟୂର, ଶୁଆ, ଶାରୀ, କୋଚିଲାଖାଇ, ଛଞ୍ଚାଣ, ଚିଲ ଆଦି ଅନେକ ପକ୍ଷୀ ଦେଖାଯାନ୍ତି । **ମୟୂର ଆମ ଦେଶର ଜାତୀୟ ପକ୍ଷୀ** । ଅନେକ ପ୍ରକାରର ପ୍ରଜାପତିରେ ଭାରତର ଅରଣ୍ୟଗୁଡ଼ିକ ସମୃଦ୍ଧ ।




ମାନଚିତ୍ର : 4.4

## ଓଡ଼ିଶାର ବନ୍ୟପ୍ରାଣୀ :

ଓଡ଼ିଶାର ଅରଣ୍ୟଗୁଡ଼ିକ ଅନେକ ପ୍ରକାରର ବନ୍ୟପ୍ରାଣୀରେ ପରିପୂର୍ଣ୍ଣ । ଘଞ୍ଚ ଜଙ୍ଗଲରେ ହାତୀ, ବାଘ, ଚିତାବାଘ, ତେନ୍ଦୁଆ, ଠେକୁଆ, ନୀଳଗାଈ, ହରିଣ, ସମ୍ବର, ଗୟଳ ଇତ୍ୟାଦି ବାସ କରନ୍ତି । ମୟୂରଭଞ୍ଜର ଶିମିଳିପାଳରେ ମହାବଳବାଘ ଓ ଭୁବନେଶ୍ୱର ନିକଟବର୍ତ୍ତୀ ଚନ୍ଦକା ଅରଣ୍ୟରେ ବହୁ ସଂଖ୍ୟାରେ ହାତୀ ଦେଖାଯାନ୍ତି । ମାଲ୍‌କାନଗିରି ଓ ଖଡ଼ିଆଳ ଅରଣ୍ୟରେ ବନ୍ୟମହିଷ ବାସକରନ୍ତି । କୋରାପୁଟ, ସମ୍ବଲପୁର, ଦେବଗଡ଼, ବୌଦ୍ଧ, ଅନୁଗୁଳ, ପ୍ରଭୃତି ଜିଲ୍ଲାଗୁଡ଼ିକରେ ନୀଳଗାଈ, ଚଉଶିଙ୍ଗା, ହରିଣ, ସମ୍ବର ଇତ୍ୟାଦି ଦେଖାଯାନ୍ତି । କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡ଼ା ଅରଣ୍ୟରେ ଗୟଳ ବାସ କରନ୍ତି । ଏହାଛଡ଼ା ଓଡ଼ିଶାର ପ୍ରାୟ ସବୁ ଅରଣ୍ୟରେ ଭାଲୁ, ଗଧିଆ, ଠେକୁଆ, ତେନ୍ଦୁଆ, ବାରହା, ହରିଣ, ସମ୍ବର, କୁଟରା, ମାଙ୍କଡ଼ ଇତ୍ୟାଦି ଦେଖାଯାନ୍ତି । ପୁରୀ ଓ ଗଞ୍ଜାମ ଉପକୂଳରେ ବାଲିହରିଣ, କୃଷ୍ଣସାରମୃଗ ରହିଛନ୍ତି ।

ଓଡ଼ିଶାରେ ଅନେକ ପ୍ରକାରର ସରୀସୃପ ବାସକରନ୍ତି । ସେମାନଙ୍କ ମଧ୍ୟରେ ଅହିରାଜ, ନାଗ, ଡମ୍ପ, ଅଜଗର, ବୋଡ଼ା, ରଣା ଇତ୍ୟାଦି ମୁଖ୍ୟ । ଏହା ବ୍ୟତୀତ ବଜ୍ରକାପ୍ତା, ଗୋଧି, ଏଣ୍ଡୁଅ, କୁମ୍ଭୀର, ମଗର, ପ୍ରଭୃତି ମଧ୍ୟ ଦେଖାଯାନ୍ତି ।

ଓଡ଼ିଶାରେ ଅନେକ ପ୍ରକାରର ପକ୍ଷୀ ବାସ କରନ୍ତି । ଚିଲିକା ହ୍ରଦ, ଅଂଶୁପା ହ୍ରଦ, ହୀରାକୁଦ ଜଳଭଣ୍ଡାର, ସୁନାବେଡ଼ା ଅଭୟାରଣ୍ୟ, ଶିମିଳିପାଳ ଜୈବମଣ୍ଡଳ, ଭିତର କନିକା ପ୍ରଭୃତିରେ ଅସଂଖ୍ୟ ବିରଳପକ୍ଷୀ ଦେଖାଯାନ୍ତି । ଅନେକ ସ୍ଥଳଚର ପ୍ରାଣୀ ମଧ୍ୟ ଏଠାରେ ବାସକରନ୍ତି । ସେମାନେ ହେଲେ ନୀଳରକ୍ତ କଙ୍କଡ଼ା, ବିଛା କଙ୍କଡ଼ା, ଗେଣ୍ଡା, ଶାମୁକା, ଜୋକ, ଜେଲିଫିସ୍, ପ୍ରବାଳ ଇତ୍ୟାଦି । ବିଭିନ୍ନ ପ୍ରକାରର ବେଙ୍ଗ ମଧ୍ୟ ଏଠାରେ ଦେଖିବାକୁ ମିଳନ୍ତି । ଓଡ଼ିଶାର ନୀଳରକ୍ତ କଙ୍କଡ଼ା ପୃଥିବୀ ପ୍ରସିଦ୍ଧ । ଓଡ଼ିଶା ରଙ୍ଗବେରଙ୍ଗ ପ୍ରଜାପତି, କଙ୍କି, ବିରୁଡ଼ି, ଭ୍ରମର, ମହୁମାଛି, ବୁଢ଼ିଆଣୀ, ଝିଣ୍ଟିକା ଇତ୍ୟାଦି କୀଟପତଙ୍ଗମାନଙ୍କର ବାସସ୍ଥଳୀ ଅଟେ ।

## ବନ୍ୟଜନ୍ତୁ ସଂରକ୍ଷଣ :

ଭାରତର ତଥା ଓଡ଼ିଶାର ଅରଣ୍ୟର ଆୟତନ କ୍ରମଶଃ ହ୍ରାସ ପାଉଥିବାରୁ ଏବଂ ଲୋକମାନେ ପଶୁପକ୍ଷୀମାନଙ୍କୁ ଅବାଧରେ ଶିକାର କରୁଥିବାରୁ ସେମାନଙ୍କର ସଂଖ୍ୟା କ୍ରମଶଃ ହ୍ରାସ ପାଉଛି । ଜନସଂଖ୍ୟା ବୃଦ୍ଧି, ଶିଳ୍ପର ବିକାଶ, ନଗରୀକରଣ ପ୍ରଭୃତି କାରଣ ଯୋଗୁଁ ଅରଣ୍ୟର ଆୟତନ କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ଫଳରେ ଉକ୍ତ ପରିସଂସ୍ଥାରେ ବାସ କରୁଥିବା ଜୀବଜନ୍ତୁ, ପଶୁପକ୍ଷୀ, କୀଟପତଙ୍ଗ ପ୍ରଭୃତିର ସଂଖ୍ୟାରେ ହ୍ରାସ ଅନୁଭୂତ ହେଉଛି । କେତେକ ବନ୍ୟପ୍ରାଣୀ ଲୋପ ପାଇଗଲେଣି, ଅନ୍ୟ କେତେକ ଲୋପ ପାଇବାକୁ ବସିଲେଣି । ସେଥିପାଇଁ ବନ୍ୟପ୍ରାଣୀଗୁଡ଼ିକର ସଂରକ୍ଷଣ ପ୍ରତି ସରକାର ତଥା ଜନସାଧାରଣ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।

ବନ୍ୟପ୍ରାଣୀମାନଙ୍କର ସଂରକ୍ଷଣ ପାଇଁ ଭାରତ ସରକାର ୧୯୭୨ ମସିହାରୁ ଏକ **"ବନ୍ୟପ୍ରାଣୀ ସଂରକ୍ଷଣ ବୋର୍ଡ଼"** ଗଠନ କରିଛନ୍ତି । ଦେଶର ବିଭିନ୍ନ ଅଞ୍ଚଳରେ ସଂରକ୍ଷିତ ଜୈବମଣ୍ଡଳ, ଅଭୟାରଣ୍ୟ, ଜାତୀୟ ଉଦ୍ୟାନ, ପକ୍ଷୀବିହାର ଇତ୍ୟାଦି ସ୍ଥାପନ କରାଯାଇଛି । ୧୯୭୨ ମସିହାର ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ ଅନୁସାରେ କେତେକ ପ୍ରାବଧାନ ପ୍ରଣୀତ ହୋଇଛି । ସେଗୁଡ଼ିକ ହେଲା- (କ) ବିଲୁପ୍ତ ହୋଇଯାଉଥିବା ବନ୍ୟପ୍ରାଣୀଙ୍କର ପ୍ରଜାତିଗୁଡ଼ିକୁ ସଂରକ୍ଷଣ କରିବା ନିମିତ୍ତ ଦିଗ୍‌ଦର୍ଶନ ଦେବା ପାଇଁ ଭାରତୀୟ ବନ୍ୟପ୍ରାଣୀ ପରିଷଦ ଗଠନ (ଖ) ଦୁର୍ଲ୍ଲଭ ଓ ନିଃଶେଷ ହୋଇଯାଉଥିବା ପ୍ରଜାତିଗୁଡ଼ିକର ବ୍ୟବସାୟ ବା କ୍ରୟବିକ୍ରୟ କେନ୍ଦ୍ର ବନ୍ଦ କରିବା ପାଇଁ ବନ୍ୟପ୍ରାଣୀ ସୁରକ୍ଷା ନିୟମ ପ୍ରଣୟନ (ଗ) ବନ୍ୟପ୍ରାଣୀଙ୍କର ସୁରକ୍ଷା ପାଇଁ ବିଭିନ୍ନ ସମିତି ଗଠନ (ଘ) ବିଭିନ୍ନ ବନ୍ୟପ୍ରାଣୀଙ୍କର ସଂରକ୍ଷଣ ପାଇଁ ବିଭିନ୍ନ ପ୍ରକଳ୍ପ ଗଠନ କରିବା ।

***ସଂରକ୍ଷିତ ଜୈବମଣ୍ଡଳରେ ଭୂମିକୁ ପ୍ରାକୃତିକ ଅବସ୍ଥାରେ ରଖାଯାଇ ସମସ୍ତ ପ୍ରକାର ପ୍ରାକୃତିକ ଉଦ୍ଭିଦ ଓ ବନ୍ୟପ୍ରାଣୀ ସଂରକ୍ଷଣ କରାଯାଏ ।***

ଭାରତର ସମୁଦାୟ ୧୨ ଗୋଟି ସଂରକ୍ଷିତ ଜୈବମଣ୍ଡଳ,

୮୯ଗୋଟି ଜାତୀୟ ଉଦ୍ୟାନ, ୪୯୦ଗୋଟି ଅଭୟାରଣ୍ୟ, ୨୭ଗୋଟି ବ୍ୟାଘ୍ର ପ୍ରକଳ୍ପ, ଗୋଟିଏ ହରିଣ ପ୍ରକଳ୍ପ, ଗୋଟିଏ ସିଂହ ପ୍ରକଳ୍ପ, ଗୋଟିଏ କସ୍ତୁରୀମୃଗ ପ୍ରକଳ୍ପ, ମଗର ପ୍ରଜନନ ପ୍ରକଳ୍ପ, ହସ୍ତୀ ପ୍ରକଳ୍ପ ଇତ୍ୟାଦି ସ୍ଥାପିତ ହୋଇଛି ।

*ଅଭୟାରଣ୍ୟ- ଏଥିରେ କମ୍ ସୁରକ୍ଷାର ବ୍ୟବସ୍ଥା ରହିଛି । ଏଥିରେ ବନ୍ୟପ୍ରାଣୀଙ୍କର ସୁରକ୍ଷା ନିମିତ୍ତ ବିଭିନ୍ନ କାର୍ଯ୍ୟକ୍ରମକୁ ଅନୁମତି ଦିଆଯାଇଥାଏ । ଏଥିରେ କିଛି ଉତ୍ତମ ଉପାଦେୟ କାର୍ଯ୍ୟପାଇଁ ଭୂମି ଉପଯୋଗ କରିବା ପାଇଁ ଅନୁମତି ଦିଆଯାଇଥାଏ ।*

୧୨ଗୋଟି ସଂରକ୍ଷିତ ଜୈବମଣ୍ଡଳ ହେଉଛି- ଉତ୍ତରାଖଣ୍ଡର ନନ୍ଦାଦେବୀ, ପଶ୍ଚିମବଙ୍ଗର ସୁନ୍ଦରବନ, ସିକିମର କାଞ୍ଚନଜଂଗା, ଆସାମର ମାନସ ଓ ଦିବ୍ରୁ ସୈଖାଓ୍ୱା, ଅରୁଣାଚଳପ୍ରଦେଶର ଦିହାଙ୍ଗ ଓ ଦିବଙ୍ଗ, ମେଘାଳୟର ନୋକ୍ରେକ, ଓଡ଼ିଶାର ଶିମିଳିପାଳ, ମଧ୍ୟପ୍ରଦେଶର ପଞ୍ଚମାରୀ, ତାମିଲନାଡୁର ନୀଳଗିରି ଓ ମାନ୍ନାର ଉପସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଗ୍ରେଟ ନିକୋବର ।

*ଜାତୀୟ ଉଦ୍ୟାନ : ଏଥିରେ ପ୍ରାକୃତିକ ଅରଣ୍ୟକୁ ସୁରକ୍ଷା ଅଧିକ ପରିମାଣରେ ଦିଆଯାଏ । ଏହାର ସୀମାଭିତରେ ପଶୁଚାରଣ ନିଷେଧ କରାଯାଇଛି । ଏହାର ସୀମା ଭିତରେ କୌଣସି ବ୍ୟକ୍ତିର ଭୂମି ଅଧିକାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି ।*

କେତେକ ମୁଖ୍ୟ ଜାତୀୟ ଉଦ୍ୟାନ ହେଉଛି- ଜାମ୍ମୁ ଓ କାଶ୍ମୀରର ଡାଞ୍ଚିଗ୍ରାମ ଉଦ୍ୟାନ (ହାଙ୍ଗୁଲ କସ୍ତୁରୀମୃଗ) ଉତ୍ତରାଖଣ୍ଡର କର୍ବେଟଉଦ୍ୟାନ (ବାଘ, ହାତୀ, ତେନ୍ଦୁଆ, ହରିଣ ଇତ୍ୟାଦି), ଉତ୍ତରପ୍ରଦେଶର ଦୁଧଓ୍ୱା ଉଦ୍ୟାନ (ବାଘ, ବାରସିଂଗା ଓ କୃଷ୍ଣହରିଣ), ମଧ୍ୟପ୍ରଦେଶର କାହ୍ନା ଉଦ୍ୟାନ (ବାଘ ଓ ବାରସିଂଗା), କର୍ଣ୍ଣାଟକର ବାନ୍ଦୀପୁର, ତାମିଲନାଡୁର ମଧୁମଲାଇ ଓ ନାଗରହୋଡ଼ କେରଳର ବାଇବାଡ଼ (ହାତୀ), ପେରିଆର (ହାତୀ ଓ ବାଘ), ରାଜସ୍ଥାନର ଭରତପୁରରେ ଅବସ୍ଥିତ କେବଲାଦେବ ଘାନା (ବିବିଧ ଜଳପକ୍ଷୀ), ରାଜସ୍ଥାନର ମରୁଦ୍ୟାନ (ମରୁସ୍ଥଳୀ ମେଣ୍ଢା, ବିଲେଇ ଇତ୍ୟାଦି), ଗୁଜରାଟର ଗୀର୍ (ସିଂହ, ଠେକୁଆ, ଚିତା, ସମ୍ବର, ନୀଳଗାଇ, ଚୌଶିଙ୍ଗା, ଚିକାରା ଇତ୍ୟାଦି), ଆସାମର କାଜିରଂଗା (ଗଣ୍ଡା ଓ ବନ୍ୟମହିଷ) ଏବଂ ମାନସ (ହାତୀ, ଗଣ୍ଡା, ବନ୍ୟମହିଷ, ଗୌର ବାରସିଂଗା, ବାରହା, ଗିବନ, ମାଙ୍କଡ଼, ବାଘ, ଠେକୁଆ, ଲମାଚିକା, ଘଡ଼ିଆଳ କୁମ୍ଭୀର, ଅଜଗର ଇତ୍ୟାଦି),



ଚିତ୍ର : 19 ଗଣ୍ଡା

ଅରୁଣାଚଳପ୍ରଦେଶର ନମଦାଫା (ବାଘ, ଗୌର, ବନ୍ୟମହିଷ, ଗୌରାଳ, ଟେକିନ ଇତ୍ୟାଦି), ପଶ୍ଚିମବଙ୍ଗର ସୁନ୍ଦରବନ (ମହାବଳବାଘ) ଇତ୍ୟାଦି । ଏହାବ୍ୟତୀତ ଗୁଜୁରାଟର ସିଂହ ପ୍ରକଳ୍ପ, ଜାମ୍ମୁ ଓ କାଶ୍ମୀରର କସ୍ତୁରୀମୃଗ



ଚିତ୍ର : 20 ମହାବଳ ବାଘ

ପ୍ରକଳ୍ପ, ମଣିପୁରର ବାମିନ (ହରିଣ) ପ୍ରକଳ୍ପ, କାଶ୍ମୀରର ହାଙ୍ଗୁଲ ହରିଣ ପ୍ରକଳ୍ପ, ଓଡ଼ିଶାର ଭିତରକନିକା ଓ ଟିକରପଡ଼ାର ମଗର ପ୍ରଜନନ ପ୍ରକଳ୍ପ,



ଚିତ୍ର : 21 କୁମ୍ଭୀର

ଚନ୍ଦକା ହସ୍ତୀ ପ୍ରକଳ୍ପ ଏବଂ ଶିମିଳିପାଳର ବ୍ୟାଘ୍ର ପ୍ରକଳ୍ପ ଇତ୍ୟାଦି ବିଶେଷ ଉଲ୍ଲେଖଯୋଗ୍ୟ ।



ଚିତ୍ର : 22 ଭ୍ରମଣକାରୀ ପକ୍ଷୀ

ଓଡ଼ିଶାର ଶିମିଳିପାଳ ହେଉଛି ଏକମାତ୍ର ସଂରକ୍ଷିତ ଜୈବମଣ୍ଡଳ । ଓଡ଼ିଶାରେ ଦୁଇଗୋଟି ଜାତୀୟ ଉଦ୍ୟାନ ରହିଛି । ଏଗୁଡ଼ିକ ହେଲା- କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ଓ ବୌଦ୍ଧ ଜିଲ୍ଲାର ପଦ୍ମତୋଳା ଜାତୀୟ ଉଦ୍ୟାନ । ଭିତରକନିକାରେ ପ୍ରାୟ ୨୧୭ଟି ପ୍ରଜାତିର ପକ୍ଷୀ ଦେଖାଯା'ନ୍ତି । ଏଠାରେ ୮୦ ପ୍ରକାରର ପକ୍ଷୀ ଜଳରେ ଦେଖାଯାଆନ୍ତି । ସେଥିମଧ୍ୟରୁ ୩୪ ପ୍ରକାରର ପକ୍ଷୀ ଦେଶୀୟ ଏବଂ ୪୬ ପ୍ରକାରର ପକ୍ଷୀ ବିଦେଶୀୟ । ୫୯ ପ୍ରକାରର ପକ୍ଷୀ ବୃକ୍ଷ ଉପରେ ଦେଖାଯାଆନ୍ତି । ପ୍ରତିବର୍ଷ ପ୍ରାୟ ୮୦,୦୦୦ ପ୍ରଜନନକ୍ଷମ ଦେଶୀୟ ପକ୍ଷୀ ଏଠାରେ ବସା ବାନ୍ଧି ଅଣ୍ଡା ଦିଅନ୍ତି ।

ବୌଦ୍ଧ ଜିଲ୍ଲାର ପଦ୍ମତୋଳା ଅଭୟାରଣ୍ୟକୁ ଜାତୀୟ ଉଦ୍ୟାନର ମାନ୍ୟତା ଦିଆଯାଇଛି । ଏହା ନୟାଗଡ଼ ଜିଲ୍ଲାର ସୀମାକୁ ଲାଗି ରହିଛି । ମହାନଦୀର ସାତକୋଶିଆ ଗଣ୍ଡର ଦକ୍ଷିଣ ପାର୍ଶ୍ୱରେ ଏହା ଅବସ୍ଥିତ । ଏହି ଜାତୀୟ ଉଦ୍ୟାନରେ ଘଞ୍ଚ ଶାଳବୃକ୍ଷର ଅରଣ୍ୟ ଦେଖାଯାଏ । ଏଠାରେ ମହାବଳ ବାଘ, ହାତୀ ଓ ଅନ୍ୟାନ୍ୟ ବହୁପ୍ରକାରର ବନ୍ୟପ୍ରାଣୀ ବାସକରନ୍ତି ।

ଓଡ଼ିଶାରେ ପ୍ରାୟ ୧୮ଟି ଅଭୟାରଣ୍ୟ ରହିଛି । କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ନିକଟବର୍ତ୍ତୀ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବିରଳ ଅଲିଭ୍ ରିଡ଼୍‌ଲେ କଇଁଛ ଲକ୍ଷ ଲକ୍ଷ ସଂଖ୍ୟାରେ ଅଣ୍ଡା ଦେବାପାଇଁ ଆସିଥାନ୍ତି । ପୁରୀ ଜିଲ୍ଲା ଅନ୍ତର୍ଗତ କୋଣାର୍କର ବାଲୁଖଣ୍ଡ ଅଭୟାରଣ୍ୟରେ କୃଷ୍ଣସାର ମୃଗ, ହରିଣ, ପାତିମାଙ୍କଡ଼, ହନୁମାଙ୍କଡ଼,



ଚିତ୍ର : 23 କଇଁଛ

ଠେକୁଆ, ବଣବିରାଡ଼ି ପ୍ରଭୃତି ବନ୍ୟପ୍ରାଣୀ ବାସ କରନ୍ତି । ଖୋର୍ଦ୍ଧା ଜିଲ୍ଲାର ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ଅନେକ ସଂଖ୍ୟକ ହାତୀ ବାସ କରନ୍ତି । ବରଗଡ଼ ଜିଲ୍ଲାର ଡେବ୍ରିଗଡ଼



ଚିତ୍ର : 24 ଅଜଗର

ଅଭୟାରଣ୍ୟରେ ବାଘ, ଚିତାବାଘ, ଭାଲୁ, ହରିଣ ଇତ୍ୟାଦି ବାସ କରନ୍ତି । ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାରେ

ଅବସ୍ଥିତ ହଦଗଡ଼ ଅଭୟାରଣ୍ୟରେ ହାତୀ, ଚିତାବାଘ, ଭାଲୁ, ବଳିଆକୁକୁର ପ୍ରଭୃତି ବନ୍ୟଜନ୍ତୁ ରହୁଛନ୍ତି । ଫୁଲବାଣୀ ଜିଲ୍ଲାର ବାଲିଗୁଡ଼ା ବନଖଣ୍ଡ ମଧ୍ୟରେ ଅବସ୍ଥିତ କୋଠଗଡ଼ ଅଭୟାରଣ୍ୟରେ ହାତୀ, ମହାବଳ ବାଘ, ଚିତାବାଘ, ଭାଲୁ, ବାର୍‌ହା, ହରିଣ, ସମ୍ବର, ନୀଳଗାଈ, ଚଉଶିଂଗା ଇତ୍ୟାଦି ବାସ କରନ୍ତି । ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ରେଢ଼ାଖୋଲ



ଚିତ୍ର : 25 ଚମରୀଗାଈ

ବନଖଣ୍ଡର ଖଲାସୁଣୀ ଅଭୟାରଣ୍ୟରେ ହାତୀ, ମହାବଳବାଘ, ଚିତାବାଘ, ଭାଲୁ, ହରିଣ, ସମ୍ବର ପ୍ରଭୃତି ବାସ କରନ୍ତି । ଏହିପରି ବାଲେଶ୍ୱର ଜିଲ୍ଲାର କୁଳଡ଼ିହ ଅଭୟାରଣ୍ୟ, ଗଜପତି



ଚିତ୍ର : 26 ହରିଣ

ଜିଲ୍ଲାର ଲାଖେରୀ ଉପତ୍ୟକା ଅଭୟାରଣ୍ୟ, ନୟାଗଡ଼ ଓ ବୌଦ୍ଧ ଜିଲ୍ଲାର ମହାନଦୀ ବାଇସିପଲ୍ଲୀ ଅଭୟାରଣ୍ୟ, ନୟାଗଡ଼, ବୌଦ୍ଧ ଓ ଅନୁଗୁଳ ଜିଲ୍ଲାର ସାତକୋଶିଆ ଅଭୟାରଣ୍ୟ, ସମ୍ବଲପୁର ଜିଲ୍ଲାର ଉଷାକୋଠୀ (ବଡ଼ରମା) ଅଭୟାରଣ୍ୟ, ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ଅଭୟାରଣ୍ୟ, ଗଞ୍ଜାମ ଜିଲ୍ଲାର ଭେଟନଈ-ବାଲିପଦର କୃଷ୍ଣସାରମୃଗ କ୍ରୀଡ଼ା ସଂରକ୍ଷଣ ଅଭୟାରଣ୍ୟ ଇତ୍ୟାଦି ବିଶେଷ ଉଲ୍ଲେଖଯୋଗ୍ୟ ।

ଓଡ଼ିଶାର ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାଦ୍ୱାରା ପରିବେଷ୍ଟିତ ଏବଂ ବଙ୍ଗୋପସାଗର ଉପକୂଳରେ ଅବସ୍ଥିତ



ଚିତ୍ର : 27 ମୟୂର

ଚିଲିକା ଭାରତର ସର୍ବବୃହତ୍ କ୍ଷାର ପାଣିଯୁକ୍ତ ହ୍ରଦ । ଏହି ଜଳରାଶି ଜୈବ ବିବିଧତାର ଏକ ଅସାଧାରଣ ଗନ୍ତାଘର । ବିଭିନ୍ନ ପ୍ରକାର ପକ୍ଷୀମାନଙ୍କର ବାସସ୍ଥଳୀ ରୂପେ ଏହାକୁ ୧୯୮୧ରେ ରାମ୍‌ସାର କନଭେନ୍‌ସନ ଅନୁସାରେ ଏକ



ଚିତ୍ର : 28 ଶୁଆ

ଆନ୍ତର୍ଜାତିକ ଗୁରୁତ୍ୱ ବହନକାରୀ ଆର୍ଦ୍ରଭୂମି (Wet land) ରୂପେ ଘୋଷଣା କରାଯାଇଛି । ଚିଲିକାର ପକ୍ଷୀ ସମ୍ଭାର ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଏଠାରେ ପ୍ରାୟ ୧୬୦ ଜାତିର ପକ୍ଷୀ ଦେଖାଯାନ୍ତି । ତନ୍ମଧ୍ୟରୁ ପ୍ରାୟ ୯୭ଟି ଜାତି ସୁଦୂର ସାଇବେରିଆ, କିରଗୀଜସ୍ଥାନ, କାସ୍ପିଆନ ସାଗର, ବୈକାଲ ହ୍ରଦ, ମଙ୍ଗୋଲିଆ, ଇରାକ, ଇରାନ, ହିମାଳୟ ଆଦି ସ୍ଥାନରୁ ଶୀତଋତୁରେ ଆସିଥାନ୍ତି ।



ଚିତ୍ର : 29 ହଂସ

ପକ୍ଷୀମାନଙ୍କର ମୁଖ୍ୟ ବାସସ୍ଥଳୀ ନଳବନକୁ ୧୯୮୭ ମସିହାରେ ଏକ ଅଭୟାରଣ୍ୟ ରୂପେ ଘୋଷଣା କରାଯାଇଛି ।

ବନ୍ୟଜନ୍ତୁ ସଂରକ୍ଷଣ ଏକ ଜାତୀୟ ଯୋଜନା ହେବା ସଙ୍ଗେ ସଙ୍ଗେ ଏହାକୁ ଆନ୍ତର୍ଜାତିକ ଗୁରୁତ୍ୱ ମଧ୍ୟ ପ୍ରଦାନ କରାଯାଉଛି । ଏଥିପାଇଁ ଜାତିସଂଘର ଏକ ସଂସ୍ଥାଦ୍ୱାରା ବିଭିନ୍ନ ପ୍ରକାରର ସାହାଯ୍ୟ ପ୍ରଦାନ କରାଯାଉଛି । ସାମାଜିକ ସ୍ତରରେ ଜନଚେତନା ସୃଷ୍ଟି କରାଯାଇ ବନ୍ୟଜନ୍ତୁପ୍ରତି ନିଷ୍ଠୁରତା ନ ଦେଖାଇବାପାଇଁ ଚେଷ୍ଟା କରାଯାଉଛି ।



ଚିତ୍ର : 30 ନଳବନ ପକ୍ଷୀ ଅଭୟାରଣ୍ୟ

## ପ୍ରଶ୍ନାବଳୀ

**୧। ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।**

(କ) ଅଭୟାରଣ୍ୟ କାହାକୁ କହନ୍ତି ?

(ଖ) ସଂରକ୍ଷିତ ଜୈବମଣ୍ଡଳ କହିଲେ ତୁମେ କ'ଣ ବୁଝ ?

(ଗ) ଜାତୀୟ ଉଦ୍ୟାନ କାହାକୁ କହନ୍ତି ?

**୨। ପାର୍ଥକ୍ୟ ଦର୍ଶାଅ ।**

(କ) ଜାତୀୟ ପଶୁ ଓ ଜାତୀୟ ପକ୍ଷୀ

(ଖ) ଭାରତୀୟ ବନ୍ୟପ୍ରାଣୀ ପରିଷଦ ଓ ବନ୍ୟପ୍ରାଣୀ ସୁରକ୍ଷା ନିୟମ

**୩। ସଂକ୍ଷିପ୍ତ ଟୀପ୍ପଣୀ ଲେଖ ।**

(କ) ବନ୍ୟପ୍ରାଣୀ ସଂରକ୍ଷଣ ବୋର୍ଡ଼

(ଖ) ସଂରକ୍ଷିତ ଜୈବମଣ୍ଡଳ

(ଗ) ଆସାମର ମାନସ ଜାତୀୟ ଉଦ୍ୟାନ

**୪। ନିମ୍ନଲିଖିତ ପଶୁଗୁଡ଼ିକ କେଉଁଠାରେ ଦେଖାଯାନ୍ତି ?**

(କ) ଚମରୀ ଗାଈ

(ଖ) ଚିତାବାଘ

(ଗ) କସ୍ତୁରୀମୃଗ

**୫। ନିମ୍ନରେ ଦିଆଯାଇଥିବା ଅଭୟାରଣ୍ୟଗୁଡ଼ିକ କେଉଁ ରାଜ୍ୟରେ ଅବସ୍ଥିତ ଏବଂ ସେଗୁଡ଼ିକ କେଉଁ କେଉଁ ପଶୁପକ୍ଷୀମାନଙ୍କର ସଂରକ୍ଷଣ କରିଥା'ନ୍ତି ଲେଖ ।**

(କ) ଭିତରକନିକା

(ଖ) ଚନ୍ଦକା

(ଗ) କାଜିରଙ୍ଗା ଜାତୀୟ ଉଦ୍ୟାନ

(ଘ) ଗୀର୍ ଜାତୀୟ ଉଦ୍ୟାନ

(ଙ) କର୍ବେଟ୍ ଜାତୀୟ ଉଦ୍ୟାନ

୬। ଭାରତର ସଂରକ୍ଷିତ ଜୈବମଣ୍ଡଳ ସମ୍ବନ୍ଧରେ ଲେଖ ।

୭। ଓଡ଼ିଶାର ଜାତୀୟ ଉଦ୍ୟାନ ସମ୍ବନ୍ଧରେ ଲେଖ ।

୮। ବନ୍ୟଜନ୍ତୁ ସଂରକ୍ଷଣ ଯୋଜନା ସମ୍ବନ୍ଧରେ ଲେଖ ।

୯ । ଭାରତର ରେଖାଙ୍କିତ ମାନଚିତ୍ରରେ ଜୈବମଣ୍ଡଳ, ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ଦର୍ଶାଅ ।

୧୦। ଓଡ଼ିଶାର ରେଖାଙ୍କିତ ମାନଚିତ୍ରରେ ଜୈବମଣ୍ଡଳ, ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ଦର୍ଶାଅ ।

**୧୧। ଓଡ଼ିଶାର ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତ ଅରଣ୍ୟଗୁଡ଼ିକୁ ଦର୍ଶାଅ ।**

(କ) ଜୁଆରିଆ ଅରଣ୍ୟ

(ଖ) କ୍ରାନ୍ତୀୟ ଆର୍ଦ୍ର ପର୍ଣ୍ଣମୋଚୀ ଅରଣ୍ୟ

**ତୁମ ପାଇଁ କାମ :**

(କ) ପ୍ରତ୍ୟେକ ପ୍ରକାର ପଶୁର ଚିତ୍ର ସଂଗ୍ରହ କରି ରେଖାଙ୍କିତ ଭାରତ ମାନଚିତ୍ରରେ ଉପଯୁକ୍ତ ସ୍ଥାନରେ ଲଗାଅ ।

(ଖ) ରେଖାଙ୍କିତ ଓଡ଼ିଶା ମାନଚିତ୍ରରେ ପଶୁ ପକ୍ଷୀ ଓ ଜଳଚର ଜୀବମାନଙ୍କର ଚିତ୍ର ସଂଗ୍ରହ କରି ଉପଯୁକ୍ତ ସ୍ଥାନରେ ଲଗାଅ ।

(ଗ) ପ୍ରତ୍ୟେକ ପ୍ରକାର ଅରଣ୍ୟରୁ ଗୋଟିଏ ଲେଖାଏଁ ବୃକ୍ଷର ଚିତ୍ର ସଂଗ୍ରହ କରି ଭାରତର ରେଖାଙ୍କିତ ମାନଚିତ୍ର ଉପରେ ଉପଯୁକ୍ତ ସ୍ଥାନରେ ଲଗାଅ ।

(ଘ) ପ୍ରତ୍ୟେକ ପ୍ରକାର ପକ୍ଷୀର ଚିତ୍ର ସଂଗ୍ରହ କରି ରେଖାଙ୍କିତ ଭାରତ ମାନଚିତ୍ରରେ ଉପଯୁକ୍ତ ସ୍ଥାନରେ ଲଗାଅ ।

(ଙ) ରେଖାଙ୍କିତ ଓଡ଼ିଶା ମାନଚିତ୍ରରେ ବୃକ୍ଷର ଚିତ୍ର ଉପଯୁକ୍ତ ସ୍ଥାନରେ ଲଗାଅ ।

(ଚ) ରେଖାଙ୍କିତ ଓଡ଼ିଶା ମାନଚିତ୍ରରେ ପଶୁ ଓ ପକ୍ଷୀର ଚିତ୍ର ସଂଗ୍ରହ କରି ଲଗାଅ ।

●●●

# ପଞ୍ଚମ ଅଧ୍ୟାୟ

# ଜନସଂଖ୍ୟା

ମନୁଷ୍ୟ ହିଁ ସକଳ ସମ୍ବଳ ସ୍ରଷ୍ଟା ଓ ଉପଭୋକ୍ତା । ତେଣୁ ମାନବ ବିହୀନ ଏକ ପୃଥିବୀ କଳ୍ପନା କରିବା ଅସମ୍ଭବ । ମନୁଷ୍ୟ ସମ୍ବଳର ଉପଯୋଗ କରିବାର ଏବଂ ସାମାଜିକ ତଥା ସାଂସ୍କୃତିକ ପରିବେଶ ସୃଷ୍ଟିର ଏକ ମାଧ୍ୟମ । ତେଣୁ ମନୁଷ୍ୟ ନିଜେ ଏକ ସମ୍ବଳ ଯାହାକୁ "ମାନବ ସମ୍ବଳ" ଆଖ୍ୟା ଦିଆଯାଇଛି । ଯଦି ମଣିଷ ତା'ର ବୈଷୟିକ ଜ୍ଞାନ କୌଶଳ ଦ୍ୱାରା କୋଇଲାର ଉପଯୋଗ କରିନଥାନ୍ତା ତାହେଲେ କୋଇଲା 'ସମ୍ବଳ'ର ଆଖ୍ୟା ନପାଇ ପ୍ରସ୍ତର ସଦୃଶ ପଡ଼ି ରହିଥାନ୍ତା । ମଣିଷ ସମସ୍ତ ଦ୍ରବ୍ୟ ଓ ସେବାର ସ୍ରଷ୍ଟା ଓ ଉପଭୋକ୍ତା ହୋଇଥିବାରୁ ଜନସଂଖ୍ୟା ଅଧ୍ୟୟନର ଯଥେଷ୍ଟ ଗୁରୁତ୍ୱ ରହିଛି । ତା'ହେଲେ ଜନସଂଖ୍ୟା କ'ଣ ? "କୌଣସି ଦେଶରେ ଏକ ନିର୍ଦ୍ଦିଷ୍ଟ ସମୟରେ ବସବାସ କରୁଥିବା ସମସ୍ତ ଲୋକଙ୍କୁ ସେ ଦେଶର ଜନସଂଖ୍ୟା କୁହାଯାଏ ।" ମାନବ ସମ୍ବଳର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଆମଦେଶର ଜନସଂଖ୍ୟାର ଆକାର ତଥା ବଣ୍ଟନ, ଜନସଂଖ୍ୟା ବୃଦ୍ଧିହାର, ବୟସ ବିନ୍ୟାସ, ସ୍ତ୍ରୀ-ପୁରୁଷ ଅନୁପାତ, ଜନସଂଖ୍ୟା ବୃଦ୍ଧିକୁ ପ୍ରଭାବିତ କରୁଥିବା କାରକ, ସ୍ଥାନାନ୍ତରଣ, ସହରୀକରଣ, ବୃତ୍ତିଗତ ଗଠନ, ନିର୍ଭରଶୀଳ ଜନସଂଖ୍ୟା ତଥା କୈଶୋର ସମସ୍ୟା ଆଦି ବିଷୟରେ ଆଲୋଚନାର ଆବଶ୍ୟକତା ରହିଛି ।

## ଜନଗଣନା :

ଜନଗଣନାରୁ ଜନସଂଖ୍ୟା ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଉପଲବ୍ଧ ହୋଇଥାଏ । କୌଣସି ଦେଶରେ ଏକ ନିର୍ଦ୍ଦିଷ୍ଟ ସମୟରେ ବସବାସ କରୁଥିବା ସମସ୍ତ ବ୍ୟକ୍ତିଙ୍କ ସାମାଜିକ, ଅର୍ଥନୈତିକ ତଥା ମାନବୀୟ ଗୁଣାବଳୀ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ଓ ଉକ୍ତ ତଥ୍ୟକୁ ପୁସ୍ତକ ଆକାରରେ ପ୍ରକାଶନକୁ ଜନଗଣନା କୁହାଯାଏ ।

ଆମେ ପ୍ରାଥମିକ ଭାବରେ ଜନସଂଖ୍ୟା ସମ୍ପର୍କିତ ତିନୋଟି ପ୍ରମୁଖ ପ୍ରଶ୍ନ ଉପରେ ସଚେତନ । (୧) ଜନସଂଖ୍ୟାର ଆକାର ଓ ବିତରଣ (୨) ଜନସଂଖ୍ୟାର ଅଭିବୃଦ୍ଧି ଓ ପରିବର୍ତ୍ତନ ପ୍ରକ୍ରିୟା (ଜନସଂଖ୍ୟାର କିପରି ବିଭିନ୍ନ ସମୟରେ ବୃଦ୍ଧିପାଇ ପରିବର୍ତ୍ତିତ ହୋଇଛି ତା'ର ରୂପରେଖ) (୩) ଜନସଂଖ୍ୟାର ବୈଶିଷ୍ଟ୍ୟ (ବୟସ, ଲିଙ୍ଗ, ଶିକ୍ଷା, ବୃତ୍ତି ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଧାରଣା) ।

ତୁମେ କେବେ ଜନଗଣନା ତଥ୍ୟ ଦେଖିଛ କି ? ଯଦି ତୁମ ବିଦ୍ୟାଳୟ ପାଠାଗାରରେ ଉକ୍ତ ପୁସ୍ତିକା ଥାଏ ତା' ହେଲେ ଦେଖିବାପାଇଁ ପ୍ରୟାସ କର । ଭାରତରେ ପ୍ରଥମ ଜନଗଣନା ୧୮୭୨ ଖ୍ରୀ.ଅ.ରେ ଆରମ୍ଭ ହୋଇଥିଲା । କିନ୍ତୁ ପ୍ରଥମ ସମ୍ପୂର୍ଣ୍ଣ ଜନଗଣନା ୧୮୮୧ ମସିହାଠାରୁ ଆରମ୍ଭ ହୋଇ ଅଦ୍ୟାବଧି ପ୍ରତି ଦଶବର୍ଷରେ ଥରେ କରାଯାଉଛି । ନିକଟ ଅତୀତରେ ସଦ୍ୟତମ ଜନଗଣନାଟି ୨୦୧୧ ମସିହାରେ କରାଯାଇଛି ।

## ଜନସଂଖ୍ୟାର ଆକାର ଓ ବିତରଣ :

୨୦୧୧ ମସିହାର ଜନଗଣନା ଅନୁସାରେ ଭାରତର ମୋଟ ଜନସଂଖ୍ୟା ପ୍ରାୟ ୧୨୧ କୋଟି, ଯାହାକି ପୃଥିବୀର ଜନସଂଖ୍ୟାର ୧୭.୫ ପ୍ରତିଶତ । ଭାରତର ଏହି ବିରାଟ ଜନସଂଖ୍ୟାର ବିତରଣରେ ଯଥେଷ୍ଟ ଅସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ । ଏହି ଜନସଂଖ୍ୟା ଭାରତର ୩.୨୮ ନିୟୁତ ବର୍ଗକିଲୋମିଟର ଅଞ୍ଚଳ ଯାହାକି ସମଗ୍ର ପୃଥିବୀର କ୍ଷେତ୍ରଫଳର ମାତ୍ର ୨.୪ ପ୍ରତିଶତ ଅଞ୍ଚଳରେ ବିତରିତ ହୋଇ ରହିଛନ୍ତି ।

୨୦୧୧ ଜନଗଣନା ପ୍ରକ୍ରିୟା ଶେଷହୋଇଛି । ୨୦୧୧ ପ୍ରାରମ୍ଭିକ ମଧ୍ୟବର୍ତ୍ତୀକାଳୀନ ଜନଗଣନା ତଥ୍ୟ ଅନୁଯାୟୀ ଭାରତ ଓ ଓଡ଼ିଶାର ୨୦୧୧ ଜନଗଣନା ସମ୍ବନ୍ଧରେ ଏକ ସୂଚନା ନିମ୍ନରେ ଦିଆଗଲା ।

| ଓଡ଼ିଶା | ଭାରତ |
| --- | --- |
| ସମୁଦାୟ ଜନସଂଖ୍ୟା- ୪,୧୯,୪୭,୩୬୮ | ୧,୨୧,୦୧,୯୩,୪୨୨ |
| ପ୍ରତିଶତ - ୩.୪୭ | ୧୭.୫୦% |
| (ସମୁଦାୟ ଭାରତର ଜନସଂଖ୍ୟାର) | (ସମୁଦାୟ ପୃଥିବୀର ଜନସଂଖ୍ୟାର) |
| ଜନସଂଖ୍ୟା ବାର୍ଷିକ ବୃଦ୍ଧିହାର - ୧୩.୯୭ | ୧୭.୬୪ |
| ପୁରୁଷ ଜନସଂଖ୍ୟା - ୨,୧୨,୦୧,୬୭୮ | ୬୨,୩୭୨୪,୨୪୮ |
| ମହିଳା ଜନସଂଖ୍ୟା - ୨,୦୭,୪୫,୬୯୦ | ୫୮,୬୪,୬୯,୧୭୪ |
| ନାରୀ ପୁରୁଷ ଅନୁପାତ- ୯୭୮ ମହିଳା (୧୦୦୦ ପୁରୁଷ ପିଛା) | ୯୪୦ ମହିଳା (୧୦୦୦ ପୁରୁଷ ପିଛା) |
| ଜନସଂଖ୍ୟାର ଘନତ୍ୱ - ୨୮୯ ପ୍ରତି ବର୍ଗ କି.ମି. ପିଛା | ୩୮୨ ପ୍ରତି ବର୍ଗ କି.ମି. ପିଛା |
| ସାକ୍ଷରତା ହାର - ୭୩.୪୫% | ୭୪.୦୪% |
| ପୁରୁଷ ସାକ୍ଷରତା ହାର - ୮୨.୪୦% | ୮୨.୧୪% |
| ମହିଳା ସାକ୍ଷରତା ହାର - ୬୪.୩୬% | ୬୫.୪୦% |

(ଭାରତୀୟ ଜନଗଣନା ସଂସ୍ଥା ୨୦୧୧, ତଥ୍ୟ ଅନୁଯାୟୀ)

କେତେକ ଅଞ୍ଚଳରେ ଖୁବ୍ କମ୍ ଲୋକ ରହୁଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ବହୁ ଅଧିକ ସଂଖ୍ୟାରେ ଲୋକ ବସବାସ କରୁଛନ୍ତି । ସୁତରାଂ ଜନସଂଖ୍ୟାର ଘନତ୍ୱ ଭିନ୍ନ ଭିନ୍ନ ହୋଇଥାଏ ।

୨୦୧୧ ମସିହାର ଜନଗଣନାରୁ ଯାହା ଜଣାପଡ଼େ ଉତ୍ତରପ୍ରଦେଶର ଜନସଂଖ୍ୟା ୧୯.୯୫ କୋଟି । ଏହା ଦେଶ ସମଗ୍ର ଜନସଂଖ୍ୟାର ୧୬.୫୦ ପ୍ରତିଶତ । ତେଣୁ ଏହି ରାଜ୍ୟରେ ଜନସଂଖ୍ୟା ନିଶ୍ଚିତଭାବରେ ଅଧିକ । ଏତଦ୍ ଭିନ୍ନ ଉତ୍ତରଭାରତ ସମତଳ ଅଞ୍ଚଳସ୍ଥିତ ଅନ୍ୟାନ୍ୟ ରାଜ୍ୟ, ତାମିଲନାଡ଼ୁ, କେରଳ ଆଦି ରାଜ୍ୟରେ ଜନସଂଖ୍ୟାର ଘନତ୍ୱରେ ଆଧିକ୍ୟ ପରିଲକ୍ଷିତ ହୁଏ । ଅପରପକ୍ଷରେ ହିମାଳୟ ପାର୍ବତ୍ୟ ଅଞ୍ଚଳରେ ଥିବା ସିକିମ୍ ରାଜ୍ୟର ଜନସଂଖ୍ୟା ମାତ୍ର ୦.୬୧ ନିୟୁତ ଓ ଲାକ୍ଷାଦ୍ୱୀପର ଜନସଂଖ୍ୟା ମାତ୍ର ୬୪ ହଜାର । ସେହିପରି ଜାମ୍ମୁ ଓ କାଶ୍ମୀର, ହିମାଚଳପ୍ରଦେଶ, ନାଗାଲାଣ୍ଡ, ମଣିପୁର, ତ୍ରିପୁରା, ମେଘାଳୟ, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଜନସଂଖ୍ୟାର ଘନତ୍ୱ ଅତିକମ୍ । ବନ୍ଧୁର ଭୂମି ଓ କେତେକ ସ୍ଥାନରେ ପ୍ରତିକୂଳ ଜଳବାୟୁ ଯୋଗୁଁ ସେଠାରେ କମ୍ ଲୋକ ବସବାସ କରନ୍ତି । ତେବେ ଦାକ୍ଷିଣାତ୍ୟ ମାଳଭୂମିର ଅଧିକାଂଶ ଅଞ୍ଚଳ ତଥା ଆସାମ ଆଦି ରାଜ୍ୟରେ ଭୂମି-ଜନ ଅନୁପାତରେ ମଧ୍ୟମ ଘନତ୍ୱ ପରିଲକ୍ଷିତ ହୁଏ । ଏ ଅଞ୍ଚଳର ପଥୁରିଆ ଭୂମି, ମଧ୍ୟମ ଧରଣର ବୃଷ୍ଟିପାତ ତଥା ଅପେକ୍ଷାକୃତ ଅଗଭୀର ଓ ଅଳ୍ପ ଉର୍ବର ମୃତ୍ତିକା ଆଦିର ପ୍ରଭାବରେ ଜନସଂଖ୍ୟା ଏପରି ହୋଇଛି । ଯେଉଁ ଅଞ୍ଚଳ ଗୁଡ଼ିକରେ ଜନସଂଖ୍ୟାର ଘନତ୍ୱରେ ଆଧିକ୍ୟ ପରିଲକ୍ଷିତ ହୁଏ, ସେ ଅଞ୍ଚଳର ସମତଳ ଭୂମି, ଉର୍ବର ମୃତ୍ତିକା, ପ୍ରଚୁର ବୃଷ୍ଟି ଓ ଅନୁକୂଳ ଜଳବାୟୁ ଯୋଗୁଁ ତାହା ସମ୍ଭବ ହୋଇଛି । ଭାରତର ପାଞ୍ଚଟି ରାଜ୍ୟ ଯଥା : ଆନ୍ଧ୍ରପ୍ରଦେଶ, ବିହାର, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ଭାରତର ମୋଟ୍ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ବସବାସ କରନ୍ତି । ରାଜସ୍ଥାନ ରାଜ୍ୟ କ୍ଷେତ୍ରଫଳ ଦୃଷ୍ଟିରୁ ସର୍ବବୃହତ୍ ରାଜ୍ୟ ହେଲେ ମଧ୍ୟ ଦେଶର ମାତ୍ର ୫.୫% ଜନସାଧାରଣ ଏହି ରାଜ୍ୟରେ ବସବାସ କରନ୍ତି ।

ପୃଥିବୀର କେତୋଟି ଜନବହୁଳ ରାଷ୍ଟ୍ରର ତାଲିକା ନିମ୍ନରେ ଦିଆଯାଇଛି । ସେଗୁଡ଼ିକୁ ଅନୁଧ୍ୟାନ କର ।

| ଦେଶ | ଜନସଂଖ୍ୟା |
|---|---|
| ଚୀନ୍ | ୧୩୩,୯୧,୯୦୦୦୦ |
| ଭାରତ | ୧୨୧,୦୧,୯୩୪୨୨ |
| ଯୁକ୍ତରାଷ୍ଟ୍ର ଆମେରିକା | ୩୦,୯୯,୭୫୦୦୦ |
| ଇଣ୍ଡୋନେସିଆ | ୨୩,୪୧,୮୧୪୦୦ |
| ବ୍ରାଜିଲ | ୧୯,୩୩,୬୪୦୦୦ |

| ଦେଶ | ଜନସଂଖ୍ୟା |
|---|---|
| ପାକିସ୍ତାନ | ୧୭,୦୨,୬୦୦୦୦ |
| ବାଂଲାଦେଶ | ୧୬,୪୪,୨୫୦୦୦ |
| ନାଇଜେରିଆ | ୧୫,୮୨,୫୯୦୦୦ |
| ରୁଷିଆ | ୧୪,୧୯,୨୭୨୯୭ |
| ଜାପାନ | ୧୨,୭୩,୮୦୦୦୦ |




ମାନଚିତ୍ର 5.1

କେବଳ ଜନସଂଖ୍ୟା ଆକାରକୁ ନେଇ କୌଣସି ଦେଶର ଜନସଂଖ୍ୟା ମାତ୍ରାଧିକ ହୋଇଛି ବୋଲି କୁହାଯାଇ ପାରିବ ନାହିଁ । ଜନସଂଖ୍ୟା ଆକାର ଦୃଷ୍ଟିରୁ ଆବଶ୍ୟକ ହେଉଥିବା ସମ୍ବଳ ତୁଳନାରେ କମ୍ ସମ୍ବଳ ଉପଲବ୍ଧ ହେଲେ ମାତ୍ରାଧିକ ଜନସଂଖ୍ୟା ଅବସ୍ଥା ଉପୁଜେ । ସେହି ସମୟରେ ଦେଶର ସମସ୍ତ ନାଗରିକଙ୍କ ପାଇଁ ଉପଯୁକ୍ତ ଜୀବନ ଧାରଣମାନ ବଜାୟ ରଖିବା ସମ୍ଭବ ହୁଏନାହିଁ । ଏଠାରେ ବ୍ରିଟିଶ ଗଣରାଜ୍ୟକୁ ଉଦାହରଣ ରୂପେ ନିଆଯାଇପାରେ । ଏହାର କ୍ଷେତ୍ରଫଳ ବହୁତ କମ୍ । ମାତ୍ର ଏହାର ଜନସଂଖ୍ୟା ୫.୮ କୋଟି । ଏହା ସତ୍ତ୍ୱେ ଏହାକୁ ମାତ୍ରାଧିକ ଜନସଂଖ୍ୟା ଦେଶ କୁହାଯାଇପାରିବ ନାହିଁ । କାରଣ ଏଠାରେ ମିଳୁଥିବା ସମସ୍ତ ଦ୍ରବ୍ୟ ଓ ସେବାର ପରିମାଣ ଜନସଂଖ୍ୟା ତୁଳନାରେ ଯଥେଷ୍ଟ ଅଧିକ । ମାତ୍ର ଭାରତରେ ସମସ୍ତ ଲୋକଙ୍କ ପାଇଁ ମିଳୁଥିବା ଦ୍ରବ୍ୟ ଓ ସେବାରେ ପରିମାଣ ଯଥେଷ୍ଟ କମ୍ ରହୁଥିବାରୁ ଏହାକୁ ଏକ ମାତ୍ରାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ କୁହାଯାଇ ପାରିବ ।

## ଜନସଂଖ୍ୟାର ଘନତ୍ୱ ଅନୁସାରେ ଜନସଂଖ୍ୟା ବିତରଣ

ଜନସଂଖ୍ୟାର ଘନତ୍ୱ ମାଧ୍ୟମରେ ଜନସଂଖ୍ୟାର ଅସମ ବିତରଣର ଏକ ସ୍ପଷ୍ଟ ଚିତ୍ର ମିଳେ । "ଜନସଂଖ୍ୟାର ଘନତ୍ୱ କହିଲେ ଏକ ବର୍ଗକିଲୋମିଟର ଅଞ୍ଚଳରେ ବସବାସ କରୁଥିବା ଜନସଂଖ୍ୟାକୁ ବୁଝାଏ । ପୃଥିବୀର ଘନ ଜନବସତି ଦେଖାଯାଉଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତ ଅନ୍ୟତମ । (ଜାପାନ ଓ ବାଂଲାଦେଶରେ ଭାରତର ଜନସଂଖ୍ୟାର ଘନତ୍ୱ ତୁଳନାରେ ଜନସଂଖ୍ୟାର ଘନତ୍ୱ ଅଧିକ) । ୨୦୧୧ ମସିହା ଜନଗଣନା ଅନୁଯାୟୀ ଭାରତର ଜନସଂଖ୍ୟାର ଘନତ୍ୱ ୩୮୨ । ଜନସଂଖ୍ୟାର ଏହି ଘନତ୍ୱ ପଶ୍ଚିମବଙ୍ଗରେ ୯୦୪ ପ୍ରତି ବର୍ଗକି.ମି. ହୋଇଥିବା ବେଳେ ଅରୁଣାଚଳ ପ୍ରଦେଶରେ ୧୩ଜଣ ପ୍ରତିବର୍ଗକିଲୋମିଟର ପିଛା ରହିଛି ।

(ପ୍ରଦତ୍ତ ମାନଚିତ୍ରରୁ କେଉଁ କେଉଁ ଅଞ୍ଚଳର ଜନସଂଖ୍ୟାର ଘନତ୍ୱ ୧୦୦ ରୁ କମ୍ ତାକୁ ଦେଖାଅ) ଆସାମ ଓ ଅନ୍ୟ ଉପଦ୍ୱୀପ ଅଞ୍ଚଳରେ ଜନସଂଖ୍ୟାର ଘନତ୍ୱ କମ୍ । ଏଠାରେ ପାର୍ବତ୍ୟଭୂମି, ନିମ୍ନ ବୃଷ୍ଟିପାତ, ଅନୁର୍ବର ଜମି ଆଦି ଜନସଂଖ୍ୟାର ଘନତ୍ୱକୁ ପ୍ରଭାବିତ କରିଛି । ଅପର ପକ୍ଷରେ ଉତ୍ତର ଭାରତର ସମତଳ ଭୂମି ଓ ଦକ୍ଷିଣରେ କେରଳ ରାଜ୍ୟରେ ଜନସଂଖ୍ୟାର ଘନତ୍ୱ ଅଧିକରୁ ଅଧିକ । ଏହାର କାରଣ ହେଉଛି ଉର୍ବର ସମତଳ ଭୂମି ଓ ଆବଶ୍ୟକ ପରିମାଣର ବୃଷ୍ଟିପାତ । (ଉତ୍ତର ଭାରତର ସମତଳ ଅଞ୍ଚଳରେ କେଉଁ ତିନୋଟି ରାଜ୍ୟର ଜନସଂଖ୍ୟା ଅଧିକ ସେ ରାଜ୍ୟଗୁଡ଼ିକୁ ଚିହ୍ନିତ କର) ।

## ଭାରତର ଜନସଂଖ୍ୟା ଅଭିବୃଦ୍ଧି :

ଜନସଂଖ୍ୟାର ଅଭିବୃଦ୍ଧି ତିନୋଟି ପ୍ରକ୍ରିୟାର ପାରସ୍ପରିକ କ୍ରିୟା ଦ୍ୱାରା ନିୟନ୍ତ୍ରିତ । ଉକ୍ତ ତିନୋଟି ପ୍ରକ୍ରିୟା ହେଉଛି ଜନ୍ମ, ମୃତ୍ୟୁ ଓ ସ୍ଥାନାନ୍ତରଣ । ଜନସଂଖ୍ୟା ଅଭିବୃଦ୍ଧି, କୌଣସି ଏକ ଦେଶ କିମ୍ବା ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଅବଧିରେ ଅଧିବାସୀମାନଙ୍କ ସଂଖ୍ୟାରେ ପରିବର୍ତ୍ତନକୁ ବୁଝାଇଥାଏ । ଏହି ଅବଧିକୁ ଦଶବର୍ଷ ନିଆଯାଏ । ଜନସଂଖ୍ୟାର ଅଭିବୃଦ୍ଧି ଗୋଟିଏ ଦଶନ୍ଧିରେ କେତେ ହୋଇଛି ତାକୁ ନିଆଯାଇପାରେ କିମ୍ବା କେତେ ପ୍ରତିଶତ ବୃଦ୍ଧି ହୋଇଛି ତାହା ନିଆଯାଇପାରେ । କିନ୍ତୁ ଜନସଂଖ୍ୟାର ଅଭିବୃଦ୍ଧି ହାର ଜାଣିବା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ପ୍ରତି ଏକ ଶହ ଜନସଂଖ୍ୟାରେ ଯେତିକି ଅଭିବୃଦ୍ଧି ହୁଏ ତାକୁ "ବାର୍ଷିକ ଅଭିବୃଦ୍ଧିହାର" କୁହାଯାଏ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଭାରତର ଜନସଂଖ୍ୟା ୨୩.୮୪ କୋଟି ଥିଲା । ୨୦୧୧ ମସିହାର ଜନଗଣନା ଅନୁସାରେ ଭାରତର ଜନସଂଖ୍ୟା ୧୨୧.୦୧ କୋଟି । ଅର୍ଥାତ୍ ବିଗତ ଏକଶହ ଦଶବର୍ଷ ମଧ୍ୟରେ ଏହି ଜନସଂଖ୍ୟା ପ୍ରାୟ ପାଞ୍ଚଗୁଣ ବୃଦ୍ଧିପାଇଛି ।

| ସାରଣୀ : ଭାରତର ଜନସଂଖ୍ୟା ଅଭିବୃଦ୍ଧି | | | |
|---|---|---|---|
| ବର୍ଷ | ମୋଟ ଜନସଂଖ୍ୟା (କୋଟି ହିସାବରେ) | ବୃଦ୍ଧିପାଇଥିବା ଜନସଂଖ୍ୟା (କୋଟି ହିସାବରେ) | ବାର୍ଷିକ ଅଭିବୃଦ୍ଧିହାର (କୋଟି ହିସାବରେ) |
| 1901 | 23.84 | – | – |
| 1911 | 25.21 | 1.37 | 0.56 |
| 1921 | 25.13 | - 0.08 | - 0.03 |
| 1931 | 29.90 | 4.77 | 1.04 |
| 1941 | 31.87 | 1.77 | 1.33 |

(୧୯୪୧ ପର୍ଯ୍ୟନ୍ତ ଜନଗଣନାରେ ଭାରତ ଓ ପାକିସ୍ତାନର ଜନସଂଖ୍ୟା ଅନ୍ତର୍ଭୁକ୍ତ କରାଯାଇଛି)

| ବର୍ଷ | ମୋଟ ଜନସଂଖ୍ୟା (କୋଟି ହିସାବରେ) | ବୃଦ୍ଧିପାଇଥିବା ଜନସଂଖ୍ୟା (କୋଟି ହିସାବରେ) | ବାର୍ଷିକ ଅଭିବୃଦ୍ଧିହାର (ଶତକଡ଼ା ହିସାବରେ) |
|---|---|---|---|
| 1951 | 36.11 | – | 1.25 |
| 1961 | 43.92 | 7.81 | 1.96 |
| 1971 | 54.82 | 10.90 | 2.20 |
| 1981 | 68.33 | 13.51 | 2.22 |
| 1991 | 84.64 | 16.31 | 2.14 |
| 2001 | 102.87 | 18.23 | 1.93 |
| 2011 | 121.01 | 18.15 | 1.76 |

## ଭାରତର ଜନସଂଖ୍ୟା ବୃଦ୍ଧିହାର




ଚିତ୍ର : 31

ଉପରୋକ୍ତ ସାରଣୀକୁ ଅନୁଧ୍ୟାନ କଲେ ସ୍ପଷ୍ଟଭାବରେ ଜଣାପଡ଼େ ଯେ ଜନସଂଖ୍ୟା ବିଗତ ଶତାବ୍ଦୀରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ୧୯୫୧ ମସିହାରେ ଭାରତର ଜନସଂଖ୍ୟା ୩୬.୧୧ କୋଟି ଥିଲା ଯାହା ୨୦୧୧ ମସିହାରେ ୧୨୧ କୋଟିରେ ପହଞ୍ଚିଛି । ଅର୍ଥାତ୍ ବିଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଜନସଂଖ୍ୟା ପ୍ରାୟ ତିନିଗୁଣ ବୃଦ୍ଧି ପାଇଛି । ୧୯୮୧ ମସିହାରୁ ୨୦୧୧ ମସିହା ମଧ୍ୟରେ ପରିବାର ନିୟୋଜନ ଓ ଜନ୍ମ ନିୟନ୍ତ୍ରଣ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ଜନ୍ମହାର ହ୍ରାସ ପାଇବା ଯୋଗୁଁ ବାର୍ଷିକ ଜନସଂଖ୍ୟା ବୃଦ୍ଧିହାର ହ୍ରାସ ପାଇଛି । (ସାରଣୀ ଦେଖି ଜାଣିବା ପାଇଁ ଚେଷ୍ଟା କର) । ଏହି ହ୍ରାସ ସତ୍ତ୍ୱେ ବର୍ତ୍ତମାନର ଜନସଂଖ୍ୟା ଅଭିବୃଦ୍ଧିକୁ ଲକ୍ଷ୍ୟ କଲେ ଯାହା ଜଣାପଡ଼େ ୨୦୪୫ ମସିହା ବେଳକୁ ଭାରତର ଜନସଂଖ୍ୟା ଚୀନର ଜନସଂଖ୍ୟାକୁ ଅତିକ୍ରମ କରି ପୃଥିବୀର ସର୍ବବୃହତ୍ ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇ ସାରିଥିବ ।

## ଜନସଂଖ୍ୟା ହ୍ରାସବୃଦ୍ଧିକୁ ପ୍ରଭାବିତ କରୁଥିବା କାରଣ :

ଜନସଂଖ୍ୟା ପରିବର୍ତ୍ତନର ତିନୋଟି ମୁଖ୍ୟକାରଣ ହେଲା (୧) ଜନ୍ମହାର (୨) ମୃତ୍ୟୁହାର (୩) ସ୍ଥାନାନ୍ତରଣ ।

**(୧) ଜନ୍ମହାର :** ପ୍ରତି ଏକ ହଜାର ଜନସଂଖ୍ୟାରେ ବର୍ଷକୁ ଜନ୍ମ ଲାଭ କରୁଥିବା ଜୀବନ୍ତ ଶିଶୁ ସଂଖ୍ୟାକୁ ଜନ୍ମହାର କୁହାଯାଏ । ସୁତରାଂ ଜନ୍ମଲାଭ କରୁଥିବା ସମସ୍ତ ଶିଶୁସଂଖ୍ୟାକୁ ଜନ୍ମହାର କୁହାଯାଏ ନାହିଁ ।

**(୨) ମୃତ୍ୟୁହାର :** ପ୍ରତି ଏକହଜାର ଜନସଂଖ୍ୟାରେ ବର୍ଷକୁ ମୃତ୍ୟୁବରଣ କରୁଥିବା ଲୋକସଂଖ୍ୟାକୁ ମୃତ୍ୟୁହାର କୁହାଯାଏ । ଜନ୍ମହାର ଓ ମୃତ୍ୟୁହାର ମଧ୍ୟରେ ଥିବା ପାର୍ଥକ୍ୟକୁ ଜନସଂଖ୍ୟା ଅଭିବୃଦ୍ଧିହାର କୁହାଯାଏ । ଅଧିକାଂଶ ସମୟରେ ଜନ୍ମହାର, ମୃତ୍ୟୁହାର ତୁଳନାରେ ଅଧିକ ହୋଇଥିବାରୁ ଜନସଂଖ୍ୟାର ଅଭିବୃଦ୍ଧି ଘଟୁଛି ।

୧୯୮୦ ମସିହା ପର୍ଯ୍ୟନ୍ତ ଜନ୍ମହାର ଓ ମୃତ୍ୟୁହାରରେ ଅଧିକ ପାର୍ଥକ୍ୟ ଯୋଗୁଁ ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି ହୋଇଛି । ୧୯୮୧ ମସିହାପରେ ଜନ୍ମହାର ହ୍ରାସ ପାଇବା ଆରମ୍ଭ ହୋଇଛି । ଏହା ଫଳରେ ଜନସଂଖ୍ୟା ବୃଦ୍ଧିହାର ମଧ୍ୟ କମିଛି । ବିଗତ ତିନି ଦଶନ୍ଧିରେ ସାଧାରଣ ସ୍ୱାସ୍ଥ୍ୟ ସେବା ତଥା ଚିକିତ୍ସା ବିଜ୍ଞାନର ଉନ୍ନତି କାରଣରୁ ମହାମାରୀ ନିୟନ୍ତ୍ରଣ ସମ୍ଭବ ହୋଇଛି । ଏହାର ପରିଣାମ ସ୍ୱରୂପ ମୃତ୍ୟୁହାର ହ୍ରାସ ପାଇଛି । ତଥାପି ମଧ୍ୟ କମ୍ ବୟସରେ ବିବାହ, ଅଶିକ୍ଷା ତଥା ଅସଫଳ ଜନ୍ମନିୟନ୍ତ୍ରଣ ପଦ୍ଧତି ଆଦି କାରଣରୁ ଜନ୍ମହାର ବୃଦ୍ଧିପାଉଛି ।

**ସ୍ଥାନାନ୍ତରଣ :** ଜନସଂଖ୍ୟାର ହ୍ରାସବୃଦ୍ଧିକୁ ନିୟନ୍ତ୍ରଣ କରୁଥିବା ତୃତୀୟ କାରଣଟି ହେଉଛି ସ୍ଥାନାନ୍ତରଣ । କୌଣସି ଦେଶ ବା ଅଞ୍ଚଳ ଭିତରେ ବା ଦେଶର ସୀମା ବାହାରକୁ ଲୋକଙ୍କ ଯିବା ଆସିବାକୁ ସ୍ଥାନାନ୍ତରଣ କୁହାଯାଏ । ଦେଶଭିତରେ ହେଉଥିବା ସ୍ଥାନାନ୍ତରଣ ଦ୍ୱାରା ଦେଶର ଜନସଂଖ୍ୟାର ଆକାରରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ଏହାଦ୍ୱାରା ଗୋଟିଏ ଅଞ୍ଚଳରେ ଜନସଂଖ୍ୟାର ଘନତ୍ୱରେ ପରିବର୍ତ୍ତନ ହୋଇଥାଏ ।

ଭାରତରେ ସ୍ଥାନାନ୍ତରଣ ମୁଖ୍ୟତଃ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ହୋଇଥାଏ । କୃଷି ଗ୍ରାମାଞ୍ଚଳର ପ୍ରଧାନ ଜୀବିକା । କୃଷିକ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୀମିତ । ଏଥିଯୋଗୁଁ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ବୃଦ୍ଧି ପାଇଛି । ମାତ୍ର ସହରାଞ୍ଚଳରେ ନିଯୁକ୍ତି ସୁଯୋଗ ବ୍ୟାପକ । ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ତଥା ଉନ୍ନତ ଜୀବନଧାରଣର ମାନ ଉପଲବ୍ଧ । ଏହା ଗ୍ରାମାଞ୍ଚଳର ଲୋକମାନଙ୍କୁ ସହରାଞ୍ଚଳକୁ ଆକୃଷ୍ଟ କରିଛି । ଏହି ପରିବର୍ତ୍ତନ ଜନସଂଖ୍ୟାର ଆକାରକୁ ପ୍ରଭାବିତ କରିବା ସହ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଜନସଂଖ୍ୟାର ଗଠନକୁ ଉଭୟ ବୟସ ଓ ଲିଙ୍ଗ ଭିତ୍ତିରେ ପ୍ରଭାବିତ କରିଥାଏ । ଅନ୍ୟ ପରିଣତି ସ୍ୱରୂପ ସହରାଞ୍ଚଳର ଜନସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ୧୯୫୧ ମସିହାରେ ଦେଶର ମୋଟ ଜନସଂଖ୍ୟାର ଶତକଡ଼ା ୧୭.୨୯ ଭାଗ ଲୋକ ସହରାଞ୍ଚଳରେ ରହୁଥିବାବେଳେ ୨୦୧୧ ମସିହା ଜନଗଣନା ଅନୁସାରେ ଏହା ୨୭.୭୮ ପ୍ରତିଶତ ଥିଲା । ୨୦୧୧ ମସିହା ସୁଦ୍ଧା ପ୍ରାୟ ୧/୩ ଅଂଶ ଲୋକ ସହରାଞ୍ଚଳରେ ବାସ କରୁଥିବା ଅନୁମାନ କରାଯାଉଛି ।

ସହରାଞ୍ଚଳମାନଙ୍କରେ ମଧ୍ୟ ଅଭିବୃଦ୍ଧିରେ ଭିନ୍ନତା ପରିଲକ୍ଷିତ ହୁଏ । କାରଣ ପ୍ରତ୍ୟେକ ସହରାଞ୍ଚଳରେ ସମସ୍ତ

ପ୍ରକାର ସୁବିଧା ସୁଯୋଗ ସମପରିମାଣରେ ଉପଲବ୍ଧ ହୋଇପାରେ ନାହିଁ । ୧୯୯୧ରୁ **୨୦୦୧** ମସିହା ଗୋଟିଏ ଦଶନ୍ଧି ମଧ୍ୟରେ ଦଶଲକ୍ଷ ଜନସଖ୍ୟାରୁ ଅଧିକ ଜନସଂଖ୍ୟା ଥିବା ସହରସଂଖ୍ୟା **୨୩ ରୁ ୩୫** କୁ ବୃଦ୍ଧି ପାଇଛି । ଦେଶର ବଡ଼ ବଡ଼ ନଗରମାନଙ୍କୁ କେନ୍ଦ୍ରକରି ସେମାନଙ୍କ ଚାରିପଟେ ଛୋଟ ଛୋଟ ସହର ଗଢ଼ି ଉଠିଛି । ଏଗୁଡ଼ିକୁ ସହର ଗୋଷ୍ଠୀ (Urban Agglomeration) କୁହାଯାଏ । ସହରାଞ୍ଚଳରେ ଜନସଂଖ୍ୟାର ମାତ୍ରାଧିକ ବୃଦ୍ଧିଯୋଗୁଁ ବିଦ୍ୟୁତ ଯୋଗାଣ, ଜଳଯୋଗାଣ, ଆଭ୍ୟନ୍ତରୀଣ ପରିବହନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ପ୍ରାବିଧିକ ସଂରଚନା ଚାହିଦା ପୂରଣରେ ବାଧା ସୃଷ୍ଟି ହେଉଛି । ଜନସଂଖ୍ୟାର ମାତ୍ରାଧିକ ଘନତ୍ୱ ତଥା ପରିବେଶ ପ୍ରଦୂଷଣ ପରି ସମସ୍ୟା କ୍ରମଶଃ ଗୁରୁତର ହେଉଛି ।

### ଆୟୁ ଗଠନ (Age Composition) :

ଦେଶର ଜନସଂଖ୍ୟାକୁ ବୟସ ଭେଦରେ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଛି । ଏହାକୁ ଆୟୁଗଠନ କୁହାଯାଏ । ଏହା ଜନସଂଖ୍ୟାର ଏକ ବିଶିଷ୍ଟ ଲକ୍ଷଣ । ଜଣେ ବ୍ୟକ୍ତିର ବୟସ ତାଙ୍କର ଆବଶ୍ୟକତା, କାର୍ଯ୍ୟକଳାପ ଓ ଦକ୍ଷତାକୁ ପ୍ରଭାବିତ କରିଥାଏ । ଦେଶରେ ଥିବା ଶିଶୁସଂଖ୍ୟା, କାର୍ଯ୍ୟକ୍ଷମ ଜନସଂଖ୍ୟା, ବାର୍ଦ୍ଧକ୍ୟ ଅବସ୍ଥାରେ ଥିବା ଜନସଂଖ୍ୟା, ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ସୂଚକ ରୂପେ କାର୍ଯ୍ୟ କରେ । ଏହି ଦୃଷ୍ଟିକୋଣରୁ ଜନସଂଖ୍ୟାକୁ ତିନୋଟି ଗୋଷ୍ଠୀରେ ବିଭକ୍ତ କରାଯାଇଛି । ଯଥା : (୧) ବାଳଗୋଷ୍ଠୀ (୨) ଯୁବଗୋଷ୍ଠୀ (୩) ବୃଦ୍ଧଗୋଷ୍ଠୀ / ବରିଷ୍ଠ ନାଗରିକ ।

**ବାଳଗୋଷ୍ଠୀ :** ୧୫ବର୍ଷ ବୟସରୁ କମ୍ ବୟସର ପିଲାମାନେ ବାଳଗୋଷ୍ଠୀର ଅନ୍ତର୍ଭୁକ୍ତ । ଆମଦେଶରେ ୦-୧୪ ବର୍ଷ ପର୍ଯ୍ୟନ୍ତ ନିର୍ଭରଶୀଳ ଜନସଂଖ୍ୟାର ପରିମାଣ ଅଧିକ । ଦେଶରେ ଉପଲବ୍ଧ ସମ୍ବଳର ଏକ ବୃହତ ଭାଗ ଏମାନଙ୍କର ଖାଦ୍ୟ, ବସ୍ତ୍ର, ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେଉଛି ।

**ଭାରତ-ଆୟୁଗଠନ**




ଚିତ୍ର : 32

**ଯୁବଗୋଷ୍ଠୀ :** ଅର୍ଥନୈତିକ ଦୃଷ୍ଟିକୋଣରୁ ଏମାନେ ଉପାର୍ଜନକ୍ଷମ । ବିଭିନ୍ନ ଉତ୍ପାଦନକାରୀ କାର୍ଯ୍ୟ କରୁଥିବା କିମ୍ବା କ୍ଷମତାଥିବା ବ୍ୟକ୍ତି ଏହି ଗୋଷ୍ଠୀର ଅନ୍ତର୍ଭୁକ୍ତ । ଏମାନଙ୍କ ଦ୍ୱାରା ମାନବ ସମ୍ବଳର ଅଭିବୃଦ୍ଧି ଘଟିଥାଏ । ୧୫ ବର୍ଷ ବୟସରୁ ୫୯ ବର୍ଷ ବୟସ ମଧ୍ୟରେ ଥିବା ସ୍ତ୍ରୀ ଓ ପୁରୁଷ ଏହି ଗୋଷ୍ଠୀର ଅନ୍ତର୍ଭୁକ୍ତ ।

**ବୃଦ୍ଧଗୋଷ୍ଠୀ / ବରିଷ୍ଠ ନାଗରିକ :** ୫୯ ବର୍ଷ ବୟସରୁ ଊର୍ଦ୍ଧ୍ୱବୟସର ବ୍ୟକ୍ତିମାନଙ୍କୁ ବରିଷ୍ଠ ନାଗରିକ ବୋଲି ବିବେଚନା କରାଯାଇଥାଏ । ଅର୍ଥନୈତିକ ଦଷ୍ଟିକୋଣରୁ ଏମାନଙ୍କ ମଧ୍ୟରୁ କେତେକ ଉପାର୍ଜନକ୍ଷମ । ସେମାନଙ୍କ ମଧ୍ୟରୁ କେତେକ ସ୍ୱେଚ୍ଛାକୃତ ଭାବରେ କାର୍ଯ୍ୟ କରୁଥାଇ ପାରନ୍ତି କିନ୍ତୁ ବିଧିବଦ୍ଧ ଭାବରେ ସେମାନଙ୍କୁ ନିଯୁକ୍ତି ଦିଆଯାଇନଥାଏ । ୧୫ ବର୍ଷରୁ କମ୍ ଓ ୫୯ ବର୍ଷ ବୟସରୁ ଊର୍ଦ୍ଧ୍ୱ ଜନସଂଖ୍ୟାକୁ ନିର୍ଭରଶୀଳ ଜନସଂଖ୍ୟା କୁହାଯାଏ ।

## ପୁରୁଷ-ନାରୀ ଅନୁପାତ
## (SEX RATIO)

ଜନସଂଖ୍ୟାରେ ପ୍ରତି ଏକ ହଜାର ପୁରୁଷ ପିଛା ନାରୀମାନଙ୍କ ସଂଖ୍ୟାକୁ ପୁରୁଷ-ନାରୀ ଅନୁପାତ କୁହାଯାଏ । ୧୯୦୧ ମସିହାର ଜନଗଣନା ଭିତ୍ତିରେ ପ୍ରତି ଏକ ହଜାର ପୁରୁଷ ପିଛା ନାରୀ ସଂଖ୍ୟା ୯୭୨ ଥିଲା । ଏହି ଅନୁପାତ ୨୦୧୧ରେ ୯୪୪ରେ ପହଞ୍ଚିଛି ।

*(ତୁମେ ଜାଣିଛ କି ? କେରଳ ରାଜ୍ୟରେ ୨୦୦୧ ମସିହା ଜନଗଣନା ଅନୁସାରେ ପୁରୁଷ-ନାରୀ ଅନୁପାତ ୧୦୫୮ ଏବଂ ପଣ୍ଡିଚେରୀରେ ଏହା ୧୦୦୧)*

| ଜନଗଣନା ବର୍ଷ | ପୁରୁଷ ନାରୀ ଅନୁପାତ (ପ୍ରତି ଏକ ହଜାର ପୁରୁଷରେ) |
|---|---|
| ୧୯୫୧ | ୯୪୬ |
| ୧୯୬୧ | ୯୪୧ |
| ୧୯୭୧ | ୯୩୦ |
| ୧୯୮୧ | ୯୩୪ |
| ୧୯୯୧ | ୯୨୯ |
| ୨୦୦୧ | ୯୩୩ |
| ୨୦୧୧ | ୯୪୪ |

(ଏହି ତାରତମ୍ୟର କାରଣ କ'ଣ ହୋଇପାରେ ?)

**ସାକ୍ଷରତା :** ୨୦୦୧ ମସିହା ଜନଗଣନାର ସର୍ତ୍ତ ଅନୁସାରେ ସାତବର୍ଷ ବା ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତି କୌଣସି ଗୋଟିଏ ଭାଷା ଲେଖିପଢ଼ି ବୁଝି ପାରୁଥିବ, ତାଙ୍କୁ ସାକ୍ଷର ବୋଲି ବିବେଚନା କରାଯାଏ । ସାଧାରଣତଃ ଜଣେ ଶିକ୍ଷିତ ନାଗରିକ ତାଙ୍କ ବିଜ୍ଞ ଚିନ୍ତାଧାରା ଦ୍ୱାରା ଉପଯୁକ୍ତ ମାର୍ଗ ଚୟନ କରି ବିଭିନ୍ନ ଗବେଷଣା ଓ ଉନ୍ନୟନ ପ୍ରକଳ୍ପ ନିଜ ହାତକୁ ନେଇଥାନ୍ତି । ନିମ୍ନ ସାକ୍ଷରତା ହାର ଦେଶର ଅର୍ଥନୈତିକ ଅଗ୍ରଗତିରେ ବାଧା ସୃଷ୍ଟିକରେ । ଆମ ଦେଶର ସାକ୍ଷରତା ହାର କ୍ରମଶ ବୃଦ୍ଧି ପାଇବାରେ ଲାଗିଛି । ୧୯୦୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ଶତକଡ଼ା ୫ ରହିଥିଲା । ୨୦୧୧ ମସିହା ଜନଗଣନାଭିତ୍ତିରେ ସାକ୍ଷରତା ହାର ଶତକଡ଼ା ୭୪.୦୯ରେ ପହଞ୍ଚିଛି । ଦେଶର ଶତକଡ଼ା ୮୨.୧୪ ଭାଗ ପୁରୁଷ ସାକ୍ଷର ଏବଂ ଶତକଡ଼ା ୬୫.୪୦ ଭାଗ ନାରୀ ସାକ୍ଷର ଅଟନ୍ତି । ୨୦୦୧ ଜନଗଣନା ଅନୁଯାୟୀ ସାକ୍ଷରତା କ୍ଷେତ୍ରରେ କେରଳ ରାଜ୍ୟ ପ୍ରଥମସ୍ଥାନରେ ରହିଛି । ଏଠାରେ ସାକ୍ଷରତା ହାର ୯୦.୯୨% । ମିଜୋରାମ ଓ ଲାକ୍ଷାଦ୍ୱୀପରେ ସାକ୍ଷରତା ହାର ଯଥାକ୍ରମେ ୮୮.୪୯% ଏବଂ ୮୭.୫୧% । ୨୦୦୧ ମସିହା ଜନଗଣନା ଅନୁସାରେ ବିହାର ରାଜ୍ୟରେ ସାକ୍ଷରତାହାର ସର୍ବନିମ୍ନ । ନିମ୍ନ ସାକ୍ଷରତା ଦ୍ରୁତ ଜନସଂଖ୍ୟା ବୃଦ୍ଧିର ଏକ କାରଣ ରୂପେ କାର୍ଯ୍ୟକରେ । ଏହି କାରଣରୁ ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଜନସଂଖ୍ୟା ଦ୍ରୁତ ବୃଦ୍ଧି ପାଉଛି ।

## ବୃତ୍ତିଗତ ଗଠନ :

ମନୁଷ୍ୟ ଜୀବନଧାରଣ ନିମନ୍ତେ ବିଭିନ୍ନ ବୃତ୍ତି ଅବଲମ୍ବନ କରିଥାଏ । ବୃତ୍ତି ଦୃଷ୍ଟିରୁ ଜନସଂଖ୍ୟାକୁ ବିଭିନ୍ନ ଶ୍ରେଣୀଭୁକ୍ତ କରିବାକୁ ବୃତ୍ତିଗଠନ କୁହାଯାଏ । ସେଗୁଡ଼ିକୁ ପ୍ରାଥମିକ, ମାଧ୍ୟମିକ ଓ ସେବାକ୍ଷେତ୍ର ଏହିପରି ତିନିଗୋଟି ଭାଗରେ ବିଭକ୍ତ କରାଯାଇଥାଏ । କୃଷି, ପଶୁପାଳନ, ମତ୍ସ୍ୟଚାଷ, ଖଣିଜଦ୍ରବ୍ୟ ଉତ୍ତୋଳନ, ଅରଣ୍ୟ ସମ୍ବଳ ସଂଗ୍ରହ ତଥା ସଂରକ୍ଷଣ ଆଜି ବୃତ୍ତିଗୁଡ଼ିକୁ ମୌଳିକ ବୃତ୍ତି ବା ପ୍ରାଥମିକ ବୃତ୍ତି କୁହାଯାଏ । ପ୍ରକୃତିର ସହଚର୍ଯ୍ୟରେ କରାଯାଉଥିବାରୁ

ଏହା ପ୍ରାଥମିକ ବୃତ୍ତି ଶ୍ରେଣୀଭୁକ୍ତ । ଶିଳ୍ପାନୁଷ୍ଠାନମାନଙ୍କରେ ନୂତନ ଦ୍ରବ୍ୟ ପ୍ରସ୍ତୁତ କରିବାରେ ନିଯୁକ୍ତ ଜନସଂଖ୍ୟା ମାଧ୍ୟମିକ ଶ୍ରେଣୀ ଅନ୍ତର୍ଗତ । ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟାଙ୍କ, ବୀମା, ପରିବହନ ଓ ଯୋଗାଯୋଗ ତଥା ବାଣିଜ୍ୟ ଆଦି ବୃତ୍ତିକୁ ସେବାକ୍ଷେତ୍ର କୁହାଯାଏ । ଉନ୍ନତ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରୁଥିବା ଜନସଂଖ୍ୟାରେ ତାରତମ୍ୟ ଆସେ । ଉଦାହରଣ ସ୍ୱରୂପ ଉନ୍ନତ ରାଷ୍ଟ୍ରଗୁଡ଼ିକରେ ଅଧିକାଂଶ ଲୋକ ମାଧ୍ୟମିକ ଓ ସେବାକ୍ଷେତ୍ରରେ ନିଯୁକ୍ତ ହୋଇଥାନ୍ତି । କିନ୍ତୁ ପ୍ରଗତିଶୀଳ ରାଷ୍ଟ୍ରମାନଙ୍କରେ ଅଧିକାଂଶ ଲୋକଙ୍କ ଜୀବିକା ପ୍ରାଥମିକ କ୍ଷେତ୍ରରେ ସୀମିତ ଥାଏ । ଭାରତର ପ୍ରାୟ ଶତକଡ଼ା ୬୪ ଭାଗ ଲୋକ ପ୍ରାଥମିକ କ୍ଷେତ୍ରରେ ନିୟୋଜିତ । ମାଧ୍ୟମିକ ଓ ସେବାକ୍ଷେତ୍ରରେ ନିୟୋଜିତ ଜନସଂଖ୍ୟା ଯଥାକ୍ରମେ ୧୩% ଓ ୨୦% । ବିଗତ ପଚାଶ ବର୍ଷ ମଧ୍ୟରେ ଅଧିକରୁ ଅଧିକ ଲୋକ ପ୍ରାଥମିକ ବୃତ୍ତିରୁ ମାଧ୍ୟମିକ ବୃତ୍ତି ଓ ସେବାକ୍ଷେତ୍ରକୁ ସ୍ଥାନାନ୍ତରିତ ହୋଇଛନ୍ତି । ଏହା ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ହୋଇଛି । ଏ ପ୍ରକାର ପ୍ରଭାବ ତାମିଲନାଡ୍ରୁ, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ ଆଦି ରାଜ୍ୟରେ ଅଧିକ ଦେଖାଯାଇଛି । ଓଡ଼ିଶା, ବିହାର ଓ ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଏବେ ମଧ୍ୟ କୃଷି ପ୍ରଧାନ ଜୀବିକା । ତେଣୁ ଏହି ପରିବର୍ତ୍ତନ ଉକ୍ତ ରାଜ୍ୟମାନଙ୍କରେ ଦୃଷ୍ଟିଗୋଚର ହୋଇପାରିନାହିଁ ।

## ସ୍ୱାସ୍ଥ୍ୟ :

ଉତ୍ତମ ସ୍ୱାସ୍ଥ୍ୟ, ବିକାଶ ପ୍ରକ୍ରିୟାକୁ ଅନେକମାତ୍ରାରେ ପ୍ରଭାବିତ କରିଥାଏ । ସ୍ୱାଧୀନତାର ପରବର୍ତ୍ତୀ ସମୟରେ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁଁ ଆମ ଦେଶର ଜନସାଧାରଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଯଥେଷ୍ଟ ଉନ୍ନତି ହୋଇଛି । ୧୯୫୧ ମସିହାରେ ମୃତ୍ୟୁହାର ପ୍ରତି ଏକ ହଜାର ଜନସଂଖ୍ୟାରେ ୮.୧କୁ ଖସିଆସିଛି । ୨୦୦୯ କଳନା ଅନୁଯାୟୀ ଏହା ୬.୪ । ୧୯୫୧ ମସିହାରେ ହାରାହାରି ପରମାୟୁ ୩୬.୭ ବର୍ଷ ଥିଲା । ମାତ୍ର ୨୦୦୧ ମସିହା ସୁଦ୍ଧା ଏହା ବୃଦ୍ଧି ପାଇ ୬୪.୬ ବର୍ଷରେ ପହଞ୍ଚିଛି । ୨୦୦୯ ମସିହା କଳନା ଅନୁଯାୟୀ ଏହା ୬୯.୯୦କୁ ବୃଦ୍ଧିପାଇଛି । ଦେଶରୁ ପ୍ଲେଗ୍, ବସନ୍ତଭଳି ମହାମାରୀ ବ୍ୟାଧି ସମ୍ପୂର୍ଣ୍ଣ ଲୋପ ପାଇଛି । ଏହି ସଫଳତା ସତ୍ତ୍ୱେ ଭାରତୀୟ ଜନସାଧାରଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଚିନ୍ତାଜନକ ପରିସ୍ଥିତିରେ ରହିଛି । ଉପଯୁକ୍ତ କ୍ୟାଲୋରୀଯୁକ୍ତ ଖାଦ୍ୟାଭାବ ଯୋଗୁଁ ଅନେକ ଲୋକ ଅପପୁଷ୍ଟି ରୋଗ ଭୋଗୁଛନ୍ତି । ଗ୍ରାମାଞ୍ଚଳରେ ବସବାସ କରୁଥିବା ମୋଟ ଜନସଂଖ୍ୟାର ପ୍ରାୟ ଦୁଇତୃତୀୟାଂଶ ଲୋକଙ୍କ ପାଖକୁ ନିରାପଦ ପାନୀୟ ଜଳ, ମୌଳିକ ପରିମଳ ସୁବିଧା ପହଞ୍ଚିପାରିନାହିଁ । ଉପଯୁକ୍ତ ଜନସଂଖ୍ୟା ନୀତି ମାଧ୍ୟମରେ ଏହି ସମସ୍ୟାର ସମାଧାନ ସମ୍ଭବ ହେବ ବୋଲି ଆଶା କରାଯାଉଛି ।

## କୈଶୋର ଜନସଂଖ୍ୟା :

କୈଶୋର ଜନସଂଖ୍ୟା ଭାରତର ଜନସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଦେଶର ମୋଟ ଜନସଂଖ୍ୟାର ଏକ ପଞ୍ଚମାଂଶ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ସାଧାରଣତଃ ୧୦ ରୁ ୧୯ ବର୍ଷ ବୟସର ବାଳକ ବାଳିକାମାନଙ୍କୁ କିଶୋରଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇଛି । ଏମାନେ ଆମ ଦେଶର ଭବିଷ୍ୟତ ସମ୍ବଳ । ଏକ ଶିଶୁ କିମ୍ବା ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ତୁଳନାରେ ଏମାନଙ୍କ ପାଇଁ ଅଧିକ ପୁଷ୍ଟିସାର ଯୁକ୍ତ ଖାଦ୍ୟ ଆବଶ୍ୟକ । ଅପପୁଷ୍ଟି ଯୋଗୁଁ ଏମାନଙ୍କ ଶାରିରୀକ ତଥା ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ । ଭାରତରେ କିଶୋର କିଶୋରୀମାନଙ୍କୁ ମିଳୁଥିବା ଖାଦ୍ୟରେ ପ୍ରାୟ ଅଧିକାଂଶ ଖାଦ୍ୟସାରର ଅଭାବ ଦୃଷ୍ଟିଗୋଚର ହୋଇଥାଏ । ଦେଶର ଅଧିକାଂଶ କିଶୋର କିଶୋରୀ ରକ୍ତହୀନତାର ଶିକାର ହୋଇଥାନ୍ତି । ବିକାଶ ପ୍ରକ୍ରିୟାରେ ଏମାନଙ୍କ ସମସ୍ୟା ଯଥେଷ୍ଟ ପ୍ରତିଫଳିତ ହୋଇପାରିନାହିଁ । ବିଶେଷକରି କିଶୋରୀମାନଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ସଚେତନ କରାଇବା ଆବଶ୍ୟକତା ରହିଛି । ସେମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ଶିକ୍ଷା ଓ ସାକ୍ଷରତାର ଉନ୍ନତିର ଆବଶ୍ୟକତା ରହିଛି ।

## ଜାତୀୟ ଜନସଂଖ୍ୟାନୀତି :

୨୦୦୦ ମସିହା ଜାତୀୟ ଜନସଂଖ୍ୟା ନୀତିରେ କୈଶୋରମାନଙ୍କୁ ଜାତୀୟ ଜନସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରୂପେ ବିବେଚନା କରାଯାଇଛି । ପୁଷ୍ଟିଯୁକ୍ତ ଖାଦ୍ୟ ବ୍ୟବସ୍ଥା ସହ କୈଶୋରାବସ୍ଥାର ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଏମାନଙ୍କ ପ୍ରତି ବିଶେଷ ଦୃଷ୍ଟିର ଆବଶ୍ୟକତା ରହିଛି ।

ଏହି ଜନସଂଖ୍ୟା ନୀତିରେ ୨୦୪୫ ମସିହା ସୁଦ୍ଧା ଜନସଂଖ୍ୟାରେ ସ୍ଥିରତା ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି । କୈଶୋରାବସ୍ଥା ପୂର୍ବରୁ ଗର୍ଭଧାରଣ ଓ ବିଭିନ୍ନ ଯୌନ ବିକାରଗ୍ରସ୍ତ ରୋଗ ସମ୍ପର୍କରେ ସଚେତନତାର ଆବଶ୍ୟକତା ରହିଛି । ବିବାହ ବୟସରେ ବୃଦ୍ଧି, ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଅବାଧ ଓ ବାଧ୍ୟତାମୂଳକ ଶିକ୍ଷା, ପ୍ରାଥମିକ ତଥା ମାଧ୍ୟମିକ ଶ୍ରେଣୀରୁ ପାଠ୍ୟକ୍ରମ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ଇତ୍ୟାଦି ପ୍ରଚେଷ୍ଟା ଦ୍ୱାରା ଜନସଂଖ୍ୟା ବୃଦ୍ଧିରେ ସ୍ଥିରତା ଅଣାଯାଇପାରିବ । ଜନସଂଖ୍ୟା ରାଷ୍ଟ୍ରର ସବୁଠାରୁ ମୂଲ୍ୟବାନ ସମ୍ବଳ । ଏକ ସୁସ୍ଥ ଜନସଂଖ୍ୟା ଏକ ବୃହତ ଶକ୍ତିଶାଳୀ ରାଷ୍ଟ୍ର ସୃଷ୍ଟି କରିବାରେ ସମର୍ଥ ହେବ ।

ଓଡ଼ିଶାର ଜନସଂଖ୍ୟା ବୃଦ୍ଧିହାର ଶତକଡ଼ା ୧୩.୯୭ ଭାଗ ରହିଛି । ଏଠାରେ ପ୍ରଦତ୍ତ ସାରଣୀରେ ୧୯୫୧ ମସିହାଠାରୁ ୨୦୧୧ ମସିହା ପର୍ଯ୍ୟନ୍ତ ଭାରତ ଓ ଓଡ଼ିଶାର ଜନସଂଖ୍ୟାର ଏକ ତୁଳନାତ୍ମକ ଅଧ୍ୟୟନ ସମ୍ଭବ ।

ପ୍ରଦତ୍ତ ସାରଣୀରୁ ସ୍ପଷ୍ଟ ହେଉଛି ଯେ ଭାରତର ଜନସଂଖ୍ୟା ବୃଦ୍ଧିହାର ତୁଳନାରେ ଓଡ଼ିଶାର ଜନସଂଖ୍ୟାର ବୃଦ୍ଧିହାର ୧୯୮୧ ମସିହାପରେ ହ୍ରାସ ପାଇବାରେ ଲାଗିଛି । ଓଡ଼ିଶାର ଭୌଗୋଳିକ କ୍ଷେତ୍ରଫଳ ଭାରତର କ୍ଷେତ୍ରଫଳର ଶତକଡ଼ା ୪.୭୪ଭାଗ । ଆମ ରାଜ୍ୟର ଜନସଂଖ୍ୟାର ଘନତ୍ୱ ୧୯୫୧ ମସିହାରେ ୯୪, ୧୯୬୧ରେ ୧୧୩, ୧୯୭୧ରେ ୧୪୧, ୧୯୮୧ରେ ୧୬୯, ୧୯୯୧ରେ

**ଭାରତ ଓ ଓଡ଼ିଶାର ଜନସଂଖ୍ୟାର ତୁଳନାତ୍ମକ ସାରଣୀ (୧୯୫୧ ମସିହାରୁ ୨୦୧୧ ମସିହା ପର୍ଯ୍ୟନ୍ତ)**

| ବର୍ଷ | ଭାରତର ଜନସଂଖ୍ୟା | ଦଶନ୍ଧିରେ ଶତକଡ଼ା ବୃଦ୍ଧିହାର | ଓଡ଼ିଶାର ଜନସଂଖା | ଦଶନ୍ଧିରେ ଶତକଡ଼ା ବୃଦ୍ଧିହାର |
|---|---|---|---|---|
| ୧୯୫୧ | ୩୬୧୦୮୮୦୯୦ | +୧୨.୫୦ | ୧୪୬୪୫୯୪୬ | +୧୬.୩୫ |
| ୧୯୬୧ | ୪୩୯୨୩୪୭୭ | +୧୯.୬୪ | ୧୭୫୪୮୮୪୬ | +୧୯.୮୨ |
| ୧୯୭୧ | ୫୪୮୧୫୯୬୫୨ | +୨୨.୧୦ | ୨୧୯୪୪୬୧୫ | +୨୫.୦୫ |
| ୧୯୮୧ | ୬୮୩୩୨୯୦୯୭ | +୨୨.୦୨ | ୨୬୩୫୨୭୧୩ | +୨୦.୧୭ |
| ୧୯୯୧ | ୮୪୩୪୮୭୮୮୮ | +୨୧.୪୦ | ୩୧୬୫୯୭୩୬ | +୨୦.୦୬ |
| ୨୦୦୧ | ୧୦୨୨୭୦୧୫୨୭୪ | +୧୯.୩୪ | ୩୬୭୦୬୯୨୦ | +୧୫.୯୪ |
| ୨୦୧୧ | ୧୨୧୦୧୯୩୪୨୭ | +୧୭.୬୫ | ୪,୧୯୪୭୩୬୮ | +୧୩.୯୭ |

## ଓଡ଼ିଶାର ଜନସଂଖ୍ୟା ଓ ବିତରଣ :

୨୦୧୧ ମସିହା ଜନଗଣନା ଅନୁସାରେ ଓଡ଼ିଶାର ଜନସଂଖ୍ୟା ୪ କୋଟି ୧୯ଲକ୍ଷ ହୋଇଛି । ଏହା ସମଗ୍ରଦେଶର ଜନସଂଖ୍ୟାର ଶତକଡ଼ା ୩.୪୭ଭାଗ । ୨୦୦୧ ମସିହାରେ ଏହା ଶତକଡ଼ା ୩.୫୭ ଭାଗଥିଲା । ୨୦୦୧ ରୁ ୨୦୧୧ ମସିହା ଦଶନ୍ଧି ମଧ୍ୟରେ ଭାରତର ଜନସଂଖ୍ୟା ବୃଦ୍ଧିହାର ଶତକଡ଼ା ୧୭.୬୫ ରହିଥିବାବେଳେ

୨୦୩, ୨୦୦୧ ମସିହାରେ ୨୩୬ ଓ ୨୦୧୧ରେ ୨୮୯ରେ ପହଞ୍ଚିଛି । ୨୦୧୧ ମସିହାରେ ଭାରତର ଜନସଂଖ୍ୟାର ଘନତ୍ୱ ୩୮୨ । ଏଣୁ ଓଡ଼ିଶାର ଜନସଂଖ୍ୟାର ଘନତ୍ୱ ସର୍ବଭାରତୀୟ ଜନସଂଖ୍ୟାର ଘନତ୍ୱ ଠାରୁ କମ୍ । ଗତ ଶତାବ୍ଦୀରେ ଭାରତର ଜନସଂଖ୍ୟାର ଅଭିବୃଦ୍ଧି ଚାରିଗୁଣ ହୋଇଥିବା ବେଳେ ଓଡ଼ିଶାର ଅଭିବୃଦ୍ଧି ତିନିଗୁଣ ହୋଇଛି ।

ଓଡ଼ିଶାରେ ଜନସଂଖ୍ୟାର ସୁଷମ ବଣ୍ଟନ ହୋଇନାହିଁ । ୨୦୦୧ ମସିହା ଜନଗଣନ ଅଧ୍ୟୟନରୁ ଯାହା ଜଣାପଡ଼େ ୩୦ଟି ଜିଲ୍ଲା ମଧ୍ୟରୁ ୧୨ଟି ଜିଲ୍ଲାର ଜନସଂଖ୍ୟାର ଘନତ୍ୱ ରାଜ୍ୟର ହାରାହାରି ଜନସଂଖ୍ୟାର ଘନତ୍ୱଠାରୁ ଅଧିକ । ୧୨ଟି ଜିଲ୍ଲା ମଧ୍ୟରୁ ୯ଟି ଜିଲ୍ଲା ଉପକୂଳବର୍ତ୍ତୀ ଜିଲ୍ଲା । ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲାଦ୍ୱୟର ଜନସଂଖ୍ୟାର ଘନତ୍ୱ ୬୦୦ରୁ ଉର୍ଦ୍ଧ୍ୱ ଓ କଟକ ଜିଲ୍ଲାର ଜନସଂଖ୍ୟାର ଘନତ୍ୱ ୫୯୫ । ଅପରପକ୍ଷରେ ମାଳ ଅଞ୍ଚଳରେ ଥିବା ଦେବଗଡ଼, ମାଲକାନଗିରି ଓ କନ୍ଧମାଳ ଜିଲ୍ଲାର ଜନସଂଖ୍ୟାର ଘନତ୍ୱ ୧୦୦ରୁ କମ୍ । ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଉର୍ବର ସମତଳଭୂମି, ଗମନାଗମନର ସୁବିଧା, ଜଳସେଚନର ସୁବିଧା ଓ ଅନ୍ୟାନ୍ୟ ସୁବିଧା ମିଳୁଥିବାରୁ ଜନସଂଖ୍ୟାର ଘନତ୍ୱ ଅଧିକ । ଆମରାଜ୍ୟର ଗଞ୍ଜାମ, କଟକ, ମୟୂରଭଞ୍ଜ, ବାଲେଶ୍ୱର ଓ ଖୋର୍ଦ୍ଧା ଓଡ଼ିଶାର ପ୍ରଥମ ପାଞ୍ଚଟି ଜନବହୁଳ ଜିଲ୍ଲା । ଓଡ଼ିଶାର ଜିଲ୍ଲାଗୁଡ଼ିକ ମଧ୍ୟରେ ଦେବଗଡ଼ ଜିଲ୍ଲାର ଜନସଂଖ୍ୟା ସର୍ବନିମ୍ନ । ଏହା ଉପରକୁ କ୍ରମଶଃ ବୌଦ୍ଧ, ମାଲକାନଗିରି, ଝାରସୁଗୁଡ଼ା ଓ ଗଜପତି ରହିଛି ।




ମାନଚିତ୍ର 5.2

୨୦୧୧ ମସିହା ଜନଗଣନା ଅନୁସାରେ ଓଡ଼ିଶାରେ ପ୍ରତି ଏକହଜାର ପୁରୁଷରେ ୯୭୮ ମହିଳା ଅଛନ୍ତି । ସର୍ବଭାରତୀୟ କ୍ଷେତ୍ରରେ ଏହା ୯୪୪ । ରାଜ୍ୟର ଜିଲ୍ଲାମାନଙ୍କ ମଧ୍ୟରେ ଗଜପତି, ରାୟଗଡ଼ା, କେନ୍ଦ୍ରାପଡ଼ା, କନ୍ଧମାଳ, ନୂଆପଡ଼ା, କଳାହାଣ୍ଡି ଓ ଗଞ୍ଜାମରେ ପୁରୁଷ ନାରୀ ଅନୁପାତ ଅଧିକ । ଖୋର୍ଦ୍ଧା ଜିଲ୍ଲାରେ ପୁରୁଷ-ନାରୀ ଅନୁପାତ ସର୍ବନିମ୍ନ । ଏହା ପଛକୁ କଟକ, ନୟାଗଡ଼ ଓ ଅନୁଗୁଳ ଅଛି ।

## ସାକ୍ଷରତା :

ସର୍ବଭାରତୀୟ ସ୍ତରରେ ସାକ୍ଷରତା ହାର ଶତକଡ଼ା ୭୪.୦୪ ଥିବାବେଳେ ଓଡ଼ିଶାରେ ସାକ୍ଷରତା ହାର ଶତକଡ଼ା ୭୩.୪୫ ରହିଛି । ପ୍ରଥମ ପାଞ୍ଚଟି ସାକ୍ଷର ଜିଲ୍ଲା ହିସାବରେ ଖୋର୍ଦ୍ଧା, ଜଗତସିଂହପୁର, ପୁରୀ, କେନ୍ଦ୍ରାପଡ଼ା ଓ କଟକ ଅନ୍ୟତମ । କମ୍ ସାକ୍ଷର ଜିଲ୍ଲାଗୁଡ଼ିକ ହେଲା ଯଥାକ୍ରମେ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ଗଜପତି । ସର୍ବାଧିକ ସାକ୍ଷର ଜିଲ୍ଲା ଖୋର୍ଦ୍ଧା ହୋଇଥିବାବେଳେ ସର୍ବନିମ୍ନ ସାକ୍ଷର ଜିଲ୍ଲା ହେଲା ମାଲ୍‌କାନ୍‌ଗିରି । ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାର ପୁରୁଷ ସାକ୍ଷରତା ହାର ୮୨.୪୦ ଶତକଡ଼ା ଓ ମହିଳା ସାକ୍ଷରତା ହାର ଶତକଡ଼ା ୬୪.୩୬ ଭାଗ । ୨୦୦୧ ମସିହା ଜନଗଣନା ଅନୁଯାୟୀ ଓଡ଼ିଶାର ୮୫.୦୩ ଭାଗ ଗ୍ରାମାଞ୍ଚଳରେ ବାସ କରୁଥିବାବେଳେ ଶତକଡ଼ା ୧୪.୯୭ ଭାଗ ସହରାଞ୍ଚଳରେ ବାସ କରୁଛନ୍ତି । ୨୦୧୧ ମସିହାରେ ଏହା ୨୦%ରେ ପହଞ୍ଚିଛି କିନ୍ତୁ ସର୍ବଭାରତୀୟ ସ୍ତରରେ ପ୍ରାୟ ୨୭.୭୮ ଅଂଶ ଲୋକ ସହରାଞ୍ଚଳରେ ବାସ କରୁଛନ୍ତି । ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ରାଜ୍ୟର ସମଗ୍ର ସହରୀ ଜନସଂଖ୍ୟାର ଶତକଡ଼ା ୫୦ ଭାଗ ବାସ କରନ୍ତି ।

୨୦୦୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ତଫସିଲଭୁକ୍ତ ଜାତିର ଲୋକ ସମୁଦାୟ ଜନସଂଖ୍ୟାର ଶତକଡ଼ା ୧୬.୫୨ ଭାଗ ଓ ତଫସିଲଭୁକ୍ତ ଉପଜାତି କ୍ଷେତ୍ରରେ ଏହା ୨୨.୩୧ ଭାଗ ଥିଲା । ୨୦୧୧ର ସର୍ବଶେଷ ତଥ୍ୟ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ।

## ପ୍ରଶ୍ନାବଳୀ

୧. **ନିମ୍ନ ପ୍ରଦତ୍ତ ଚାରୋଟି ଉତ୍ତର ମଧ୍ୟରୁ ସଠିକ୍ ଉତ୍ତରଟି ଲେଖ ।**

(କ) ସ୍ଥାନାନ୍ତରଣ ଯୋଗୁଁ ଜନସଂଖ୍ୟା ବିତରଣ ଓ ଗଠନରେ ପରିବର୍ତ୍ତନ ହୋଇଥାଏ-

(i) ଯେଉଁ ଅଞ୍ଚଳରୁ ସ୍ଥାନାନ୍ତରଣ ହୁଏ ।

(ii) ଯେଉଁ ସ୍ଥାନରେ ପହଞ୍ଚନ୍ତି ।

(iii) ଉଭୟ ସ୍ଥାନାନ୍ତରଣ ଅଞ୍ଚଳ ଓ ପହଞ୍ଚିବା ଅଞ୍ଚଳ

(iv) କୌଣସିଟି ନୁହେଁ

(ଖ) ଜନସଂଖ୍ୟାରେ ଅଧିକ ଶିଶୁ ବୃଦ୍ଧିହାରର କାରଣ

(i) ଉଚ୍ଚ ଜନ୍ମହାର

(ii) ଉଚ୍ଚ ମୃତ୍ୟୁହାର

(iii) ଆୟୁକାଳବୃଦ୍ଧି

(iv) ଅଧିକ ବିବାହିତ ଦମ୍ପତି

(ଗ) ୨୦୦୧ ମସିହା ଜନଗଣନା ଅନୁସାରେ କାହାକୁ ସାକ୍ଷର କୁହାଯାଏ ?

(i) ଯେଉଁ ବ୍ୟକ୍ତି ନିଜର ନାମ ଲେଖିପଢ଼ି ଜାଣେ

(ii) ଯେଉଁ ବ୍ୟକ୍ତି କୌଣସି ଏକ ଭାଷାକୁ ଲେଖିପଢ଼ି ଜାଣୁଥିବେ

(iii) ୭ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତି କୌଣସି ଗୋଟିଏ ଭାଷା ଲେଖି ପଢ଼ି ବୁଝିପାରୁଥିବେ

(iv) ଯେଉଁ ବ୍ୟକ୍ତି ଲେଖିପଢ଼ି ଜାଣୁଥିବେ ଓ ଅଙ୍କ କଷି ପାରୁଥିବେ

(ଘ) ଜନସଂଖ୍ୟା ଅଭିବୃଦ୍ଧି ଦିଗ କାହାକୁ ସୂଚୀତ କରେ ?

(i) ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ଜନସଂଖ୍ୟା

(ii) ପ୍ରତିବର୍ଷ ଯେତେ ସଂଖ୍ୟକ ଜନସଂଖ୍ୟା ବୃଦ୍ଧିପାଏ

(iii) ଜନସଂଖ୍ୟାର ଅଭିବୃଦ୍ଧି ହାର

(iv) ପ୍ରତି ଏକହଜାର ପୁରୁଷ ମଧ୍ୟରେ ଥିବା ନାରୀ ସଂଖ୍ୟା ।

**୨. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।**

(କ) ୧୯୮୧ ମସିହାପରେ ଭାରତରେ ଜନସଂଖ୍ୟା ଅଭିବୃଦ୍ଧିହାରରେ କାହିଁକି ହ୍ରାସ ଘଟିଛି ?

(ଖ) ଜନସଂଖ୍ୟାବୃଦ୍ଧିର ମୁଖ୍ୟକାରଣ ଗୁଡ଼ିକ ଉଲ୍ଲେଖ କର ?

(ଗ) ଆୟୁଗଠନ, ଜନ୍ମହାର ଓ ମୃତ୍ୟୁହାରର ସଂଜ୍ଞା ଲେଖ ?

(ଘ) ସ୍ଥାନାନ୍ତରଣ କିପରି ଜନସଂଖ୍ୟାର ପରିବର୍ତ୍ତନକୁ ପ୍ରଭାବିତ କରିଥାଏ ?

(ଙ) ୧୯୨୧ ମସିହାକୁ କାହିଁକି ପ୍ରଧାନ ବିଭାଜନକାରୀ ବର୍ଷ ରୂପେ ନିଆଯାଇଛି ?

**୩. ପାର୍ଥକ୍ୟ ଦର୍ଶାଅ ।**

(କ) ଜନ୍ମହାର ଓ ମୃତ୍ୟୁହାର

(ଖ) କାର୍ଯ୍ୟକ୍ଷମ ଜନସଂଖ୍ୟା ଓ ନିର୍ଭରଶୀଳ ଜନସଂଖ୍ୟା

(ଗ) ଜନସଂଖ୍ୟା ବୃଦ୍ଧି ଓ ଜନସଂଖ୍ୟା ପରିବର୍ତ୍ତନ

(ଘ) ପ୍ରାଥମିକ ବୃତ୍ତି ଓ ମାଧ୍ୟମିକ ବୃତ୍ତି

୪. ଜନସଂଖ୍ୟା କ'ଣ ? ଜନସଂଖ୍ୟା ଅଧ୍ୟୟନର କି ଗୁରୁତ୍ୱ ରହିଛି ?

୫. ବୃତ୍ତିଗତ ଗଠନ ଓ ଅଭିବୃଦ୍ଧି ମଧ୍ୟରେ କି ପ୍ରକାର ସମ୍ପର୍କ ରହିଛି ତାକୁ ପ୍ରତିପାଦନ କର ।

୬. ଭାରତରେ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କାରଣ ଉଲ୍ଲେଖ କର ।

୭. ଜନଗଣନାର ସଂଜ୍ଞା କ'ଣ ? ଏହାର କି ଗୁରୁତ୍ୱ ରହିଛି ?

୮. କେଉଁ କାରଣରୁ ଓଡ଼ିଶାରେ ଜନସଂଖ୍ୟାର ସୁଷମ ବଣ୍ଟନ ହୋଇନାହିଁ ?

**୯. ସଂକ୍ଷିପ୍ତ ଟିପ୍ପଣୀ ଦିଅ ।**

(କ) ନାରୀ-ପୁରୁଷ ଅନୁପାତ

(ଖ) ସହରଗୋଷ୍ଠୀ

(ଗ) ନିର୍ଭରଶୀଳ ଜନସଂଖ୍ୟା

(ଘ) କୈଶୋର ଜନସଂଖ୍ୟା

(ଙ) ସାକ୍ଷରତା ହାର

(ଚ) ଜନସଂଖ୍ୟା ନୀତି

## ଶିକ୍ଷକଙ୍କ ପାଇଁ କାମ :

ଜନଗଣନା ଭିତ୍ତିକ କେତେକ ପ୍ରଶ୍ନଗୁଚ୍ଛ ପ୍ରସ୍ତୁତ କରିବେ । ପ୍ରତ୍ୟେକ ପ୍ରଶ୍ନଗୁଚ୍ଛରେ ସର୍ବନିମ୍ନ ପାଞ୍ଚଟି ପ୍ରଶ୍ନ ରହିଥିବ । ଏହି ପ୍ରଶ୍ନଗୁଡ଼ିକ ଛାତ୍ରଛାତ୍ରୀମାନଙ୍କ ପରିବାର, ସେମାନଙ୍କର ଶ୍ରେଣୀ ଦକ୍ଷତା, ସ୍ୱାସ୍ଥ୍ୟ ଆଦି ସମ୍ପର୍କିତ ହୋଇଥିବ । ପ୍ରତ୍ୟେକ ଛାତ୍ରଛାତ୍ରୀ ଉକ୍ତ ପ୍ରଶ୍ନଗୁଚ୍ଛର ଉତ୍ତର ପୂରଣ କରିବେ । ଉକ୍ତ ସାଂଖ୍ୟିକ ତଥ୍ୟକୁ ନେଇ ବୃତ୍ତଲେଖ ତଥା ଗ୍ରାଫ ଜରିଆରେ ପ୍ରଦର୍ଶନ କରିବାପାଇଁ ପ୍ରଯତ୍ନ କରିବେ ।

## ଛାତ୍ରଛାତ୍ରୀଙ୍କ ପାଇଁ ପ୍ରକଳ୍ପ କାମ

୧. ତୁମେ ତୁମ ସାହିରେ ଥିବା ପାଞ୍ଚଟି ପରିବାରର ବିଭିନ୍ନ ତଥ୍ୟ ଯଥା : ଆର୍ଥିକ ଅବସ୍ଥା, ଶିକ୍ଷାଗତ ଯୋଗ୍ୟତା, ସ୍ୱାସ୍ଥ୍ୟ, ଜୀବନଶୈଳୀ, ପରିବାରର ଜନସଂଖ୍ୟା, ବିଭିନ୍ନ ଆୟୁବର୍ଗରେ ଥିବା ବ୍ୟକ୍ତିସଂଖ୍ୟା, ସେମାନଙ୍କ ପାରିବାରିକ ସ୍ଥିତି ଆଦି ସମ୍ପର୍କରେ ଅଧ୍ୟୟନ କରି ସାରଣୀ ପ୍ରସ୍ତୁତ କର ।

୨. ନିଜ ଶ୍ରେଣୀର ପ୍ରତ୍ୟେକ ଛାତ୍ରଛାତ୍ରୀ ଅନ୍ୟ ପାଞ୍ଚଜଣ ଛାତ୍ରଛାତ୍ରୀଙ୍କ ଠାରୁ ଉପର ବର୍ଣ୍ଣିତ ତଥ୍ୟ ସଂଗ୍ରହ କରି ତାଲିକା ଆକାରରେ ଲିପିବଦ୍ଧ କରିବେ ।

●●●

# ଅର୍ଥନୀତି

## ପ୍ରଥମ ଅଧ୍ୟାୟ

# ପ୍ରଥମ ପାଠ - ଆର୍ଥନୀତିକ ବିକାଶ

ଆର୍ଥନୀତିକ ବିକାଶ କହିଲେ ସାଧାରଣତଃ ଦେଶର ଅର୍ଥନୀତି କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ଅଭିବୃଦ୍ଧିକୁ ବୁଝାଏ । ଅର୍ଥାତ୍, ଅନ୍ୟ ଭାଷାରେ କହିଲେ, ଦେଶର ମୋଟ୍ ଜାତୀୟ ଆୟ ଏବଂ ମୁଣ୍ଡପିଛା ଆୟରେ କ୍ରମାଗତ ବୃଦ୍ଧି ହେବା । କୌଣସି ଦେଶରେ ଉତ୍ପାଦିତ ଦ୍ରବ୍ୟ ଓ ସେବାର ମୁଦ୍ରାଗତ ମୂଲ୍ୟ ଏବଂ ବହିରାଗତ ଆୟ ସମୂହର ସମଷ୍ଟିକୁ ସେହି ଦେଶର ମୋଟ୍ ଜାତୀୟ ଆୟ କୁହାଯାଏ । ଜାତୀୟ ଆୟକୁ ସେହି ଦେଶର ଜନସଂଖ୍ୟା ଦ୍ୱାରା ଭାଗ କଲେ ଉକ୍ତ ଦେଶର ମୁଣ୍ଡପିଛା ଆୟ ଆକଳନ କରିହୁଏ ।

$$\text{ମୁଣ୍ଡପିଛା ଆୟ} = \frac{\text{ମୋଟ ଜାତୀୟ ଆୟ}}{\text{ମୋଟ ଜନସଂଖା}}$$

ଯେଉଁ ଦେଶର ଜାତୀୟ ଆୟରେ କ୍ରମାଗତ ବୃଦ୍ଧି ଘଟୁଥାଏ ଓ ଜନସଂଖ୍ୟା ନିୟନ୍ତ୍ରଣ ଅବସ୍ଥାରେ ଥାଏ, ସେ ଦେଶର ମୁଣ୍ଡପିଛା ଆୟରେ ଅଭିବୃଦ୍ଧି ଘଟେ । ପୃଥିବୀରେ ଏପରି ଅନେକ ଦେଶ ଅଛନ୍ତି ଯେଉଁମାନେକି ଜନସଂଖ୍ୟାକୁ ନିୟନ୍ତ୍ରଣ ନ କରିପାରିବା ଯୋଗୁ ଆର୍ଥନୀତିକ ଅଭିବୃଦ୍ଧି ସତ୍ତ୍ୱେ ସେମାନଙ୍କର ମୁଣ୍ଡପିଛା ଆୟରେ ବୃଦ୍ଧି ହେଉନାହିଁ । ଉଦାହରଣ ସ୍ୱରୂପ ମଧ୍ୟ-ଆଫ୍ରିକୀୟ ଦେଶ ସମୂହ । ଉପଲବ୍ଧ ସମ୍ବଳର ବିନିଯୋଗ କରି ମୋଟ ଜାତୀୟ ଆୟ ଏବଂ ମୁଣ୍ଡପିଛା ଆୟରେ ବୃଦ୍ଧି କରିବା ପାଇଁ ସବୁଦେଶ ଉଦ୍ୟମ କରିଥାନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ କେବଳ ମୁଣ୍ଡପିଛା ଆୟ ବା ଆୟସୂଚକ ଆର୍ଥନୀତିକ ବିକାଶର ମାପକାଠି ନୁହେଁ । କାରଣ ଲୋକମାନଙ୍କର ଜୀବନଧାରଣର ମାନ ଯଦି ଉନ୍ନତ ନହୁଏ, ତାହେଲେ ତାକୁ ବିକାଶ କୁହାଯାଇ ପାରିବ ନାହିଁ । କାରଣ ଆୟବୃଦ୍ଧି ବିକାଶ ପାଇଁ ଅପରିହାର୍ଯ୍ୟ ହୋଇଥିଲେହେଁ, ଯଥେଷ୍ଟ ନୁହେଁ । ଜାତୀୟ ଆୟ ଏବଂ ମୁଣ୍ଡପିଛା ଆୟରେ ବୃଦ୍ଧି ସତ୍ତ୍ୱେ ସମାଜର ନିମ୍ନଆୟକାରୀ ଜନସାଧାରଣମାନଙ୍କର ଜୀବନଧାରଣର ମାନରେ ଉନ୍ନତି ନହେଲେ ଏହାକୁ ବିକାଶ କୁହାଯିବ ନାହିଁ । ଆୟବୃଦ୍ଧି ଏବଂ ଏହାର ସୁଷମ ବଣ୍ଟନ ଦ୍ୱାରା ହିଁ ଜନସାଧାରଣଙ୍କର ଜୀବନଧାରଣର ମାନରେ ଉନ୍ନତି ଏବଂ ଆର୍ଥନୀତିକ ବିକାଶ ସମ୍ଭବପର ହୋଇଥାଏ । ଆର୍ଥନୀତିକ ବିକାଶ ନିମନ୍ତେ ନିମ୍ନଲିଖିତ ସର୍ତ୍ତଗୁଡ଼ିକ ଅପରିହାର୍ଯ୍ୟ ଅଟେ ।

(୧) ମୋଟ ଜାତୀୟ ଆୟ ଏବଂ ମୁଣ୍ଡପିଛା ଆୟରେ କ୍ରମାଗତ ବୃଦ୍ଧି ।

(୨) ଜାତୀୟ ଆୟର ସୁଷମ ବଣ୍ଟନ ।

(୩) ସମସ୍ତଙ୍କୁ ଖାଦ୍ୟ, ବସ୍ତ୍ର, ବାସଗୃହ ଆଦି ପ୍ରାଥମିକ ସୁବିଧା ଏବଂ ବିଶେଷ କରି ଦରିଦ୍ର ଲୋକମାନଙ୍କୁ ବଞ୍ଚିବାର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାର ସାମର୍ଥ୍ୟ ପ୍ରଦାନ ।

(୪) ସମସ୍ତଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟସେବା, ରୋଜଗାର ଆଦି ମୌଳିକ ସୁବିଧା ପ୍ରଦାନ ।

(୫) ସମସ୍ତଙ୍କୁ ସ୍ୱାଧୀନତା, ସମାନ ବ୍ୟବହାର, ନିରାପତ୍ତା ଏବଂ ସମ୍ମାନର ସହିତ ବଞ୍ଚିବାର ଅଧିକାର ପ୍ରଦାନ ଇତ୍ୟାଦି ।

ଏଠାରେ କୁହାଯାଇପାରେ ଯେ ସାଧାରଣତଃ ଲୋକମାନେ ସେମାନଙ୍କର ଜୀବନଧାରଣରମାନ ଉନ୍ନତ କରିବାପାଇଁ ନିୟମିତ କାମ, ଭଲ ଦରମା ବା ଭତ୍ତା କିମ୍ବା ସେମାନେ ଉପୁଯାଉଥିବା କୃଷିଜାତ ବା କୁଟୀରଶିଳ୍ପଜାତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇବାକୁ ଚେଷ୍ଟା କରିଥାନ୍ତି । ଏହାଦ୍ୱାରା ସେମାନଙ୍କର ଆୟରେ ବୃଦ୍ଧି ଘଟିଥାଏ । ଏହାଛଡ଼ା ସେମାନେ ମଧ୍ୟ ସ୍ୱାଧୀନତା, ସମାନ ସୁଯୋଗ ଓ ଅଧିକାର, ନିଜସ୍ୱ ନିରାପତ୍ତା ଏବଂ ସମସ୍ତଙ୍କଠାରୁ ସମ୍ମାନ ଆଶା କରିଥାନ୍ତି ।

ଏହି ପରିପ୍ରେକ୍ଷୀରେ ଆମେ ବର୍ତ୍ତମାନ ପୃଥିବୀର ବିଭିନ୍ନ ଦେଶକୁ ଅର୍ଥବ୍ୟବସ୍ଥା ଅନୁଯାୟୀ ସାଧାରଣତଃ ବିକଶିତ ଓ ବିକାଶୋନ୍ମୁଖୀ ଦେଶ ଭାବରେ ଅଭିହିତ କରିପାରିବା । ଏଠାରେ ଏକ ପ୍ରଶ୍ନ ଉଠେ ଯେ ଆମେ କିଭଳି ଭାବରେ ଦେଶଗୁଡ଼ିକୁ ତୁଳନା କରିପାରିବା ? ଏକ ଉଦାହରଣ ନିଆଯାଉ । ଏକ ଶ୍ରେଣୀରେ ଥିବା ସମସ୍ତ ପିଲାଙ୍କୁ ଆମେ କିପରି ତୁଳନା କରିବା ? କାରଣ ସେମାନଙ୍କ ମଧ୍ୟରେ ଉଚ୍ଚତା, ସ୍ୱାସ୍ଥ୍ୟ, ବୁଦ୍ଧିମତା, ପରୋପକାରିତା ଇତ୍ୟାଦି ଗୁଣଗୁଡ଼ିକ ସମାନ ଭାବରେ ନଥାଏ । ଗୋଟିଏ ସ୍ୱାସ୍ଥ୍ୟବାନ ପିଲା ବୁଦ୍ଧିମାନ ନ ହୋଇପାରେ ବା ଗୋଟିଏ ଭଲ ପଢୁଥିବା ପିଲା ପରୋପକାରୀ ନ ହୋଇପାରେ । ତେଣୁ ଏଠାରେ ଆମେ ତୁଳନା କଲାବେଳେ ଏକ ନିର୍ଦ୍ଦିଷ୍ଟ ମାପକାଠି ଅନୁସାରେ ହିଁ ତୁଳନା କରିଥାଉ । ଯେମିତିକି ଯଦି ଆମେ ସ୍କୁଲର ଏକ ଫୁଟ୍‌ବଲ ଟିମ୍, ଏକ ବକ୍ତୃତା ଦେବା ପାଇଁ ଦଳ କିମ୍ବା ସଂଗୀତ ପ୍ରତିଯୋଗିତା ପାଇଁ ଦଳ ଚୟନ କରିବା, ତାହେଲେ ଆମକୁ ସେହି ନିର୍ଦ୍ଦିଷ୍ଟ କ୍ଷେତ୍ରର ଦକ୍ଷତାକୁ ଆଧାର କରି ଦଳ ଚୟନ କରିବାକୁ ପଡ଼ିବ । ବିକାଶ କ୍ଷେତ୍ରରେ ଦେଶଗୁଡ଼ିକର ତୁଳନା ଠିକ୍ ସେହିପରି ହୋଇଥାଏ । ଏଠାରେ ସେମାନଙ୍କର ଆୟକୁ ହିଁ ଉତ୍କୃଷ୍ଟପନ୍ଥା ଭାବେ ଗ୍ରହଣ କରାଯାଇଥାଏ । ଯେଉଁ ଦେଶଗୁଡ଼ିକର ଆୟର ପରିମାଣ ଅଧିକ ସେଗୁଡ଼ିକ କମ୍ ଆୟ ବିଶିଷ୍ଟ ଦେଶ ଗୁଡ଼ିକ ତୁଳନାରେ ଅଧିକ ବିକଶିତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଧିକ ଆୟର ଅର୍ଥ ଅଧିକ କ୍ରୟ କରିବାର ଶକ୍ତି ।

ଆମେ ବର୍ତ୍ତମାନ ଆୟ କହିଲେ କ'ଣ ବୁଝାଯାଏ ଜାଣିବା । ଗୋଟିଏ ଦେଶର ଆୟ ହେଉଛି ସେ ଦେଶର ସମସ୍ତ ଲୋକଙ୍କର ଆୟର ସମଷ୍ଟି । ଏହା ସେହି ଦେଶର ସମୁଦାୟ ଆୟ (Total Income)କୁ ବୁଝାଏ । କିନ୍ତୁ ଆମେ ତୁଳନା କଲାବେଳେ ସମସ୍ତ ଆୟକୁ ବିଚାରକୁ ନେଇନଥାଉ । କାରଣ ସବୁଦେଶଗୁଡ଼ିକର ଜନସଂଖ୍ୟା ସମାନ ନୁହେଁ । ତେଣୁ ଏଠାରେ ଆମେ ହାରାହାରି ଆୟ (Average Income) ଦ୍ୱାରା ହିଁ ତୁଳନା କରିଥାଉ ।

$$\text{ହାରାହାରି ଆୟ} = \frac{\text{ସମୁଦାୟ ଆୟ}}{\text{ସମୁଦାୟ ଜନସଂଖ୍ୟା}}$$

ଏହି ହାରାହାରି ଆୟକୁ ହିଁ ମୁଣ୍ଡପିଛା ଆୟ (Percapita Income) ବୋଲି କୁହାଯାଏ ।

୨୦୦୬ ମସିହାରେ ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରକାଶିତ ବିଶ୍ୱ ବିକାଶ ଚିଠା ଅନୁଯାୟୀ ପୃଥିବୀର ଦେଶଗୁଡ଼ିକୁ ମୁଣ୍ଡପିଛା ଆୟ ଭିତ୍ତିରେ ତୁଳନା କରାଯାଇ ବର୍ଗୀକରଣ କରାଯାଇଛି । ସେଗୁଡ଼ିକ ହେଲେ ବିକଶିତ ଓ ବିକାଶୋନ୍ମୁଖୀ ଦେଶ ।

## ବିକଶିତ ଦେଶ :

ବିଶ୍ୱ ବିକାଶ ଚିଠା ୨୦୦୬ ଅନୁଯାୟୀ ଯେଉଁ ଦେଶଗୁଡ଼ିକର ବାର୍ଷିକ ମୁଣ୍ଡପିଛା ଆୟ ୪,୩୫,୫୦୦ ଟଙ୍କା ଏବଂ ଅଧିକ ସେମାନଙ୍କୁ ବିକଶିତ ଦେଶ ହିସାବରେ ଗଣନା କରାଯାଏ । ଏହି ଦେଶ ଗୁଡ଼ିକରେ ତିନୋଟି ପ୍ରଧାନ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ :-

୧ । ଏହି ଦେଶଗୁଡ଼ିକ ଶିକ୍ଷୋନ୍ନତ ଓ ବୈଷୟିକ ଜ୍ଞାନ କୌଶଳରେ ପାରଙ୍ଗମ ଅଟନ୍ତି ।

୨ । ଏହି ଦେଶର ଅଧିକାଂଶ ଲୋକ ଅଣପାରମ୍ପରିକ ଆର୍ଥନୀତିକ କ୍ଷେତ୍ରରେ ନିଯୋଜିତ ହୋଇଥାନ୍ତି ।

୩ । ଏହି ଦେଶର ଲୋକମାନଙ୍କର ଜୀବନଯାପନର ପ୍ରଣାଳୀ ଅତି ଉଚ୍ଚମାନର ଅଟେ ।

### ମନେରଖ :

| ବିକଶିତ ଦେଶ | ବିକାଶୋନ୍ମୁଖୀ ଦେଶ |
|---|---|
| ୧ । ଯୁକ୍ତରାଷ୍ଟ୍ର ଆମେରିକା | ୧ । ଭାରତ |
| ୨ । ଜାପାନ୍ | ୨ । ବ୍ରାଜିଲ୍ |
| ୩ । ଜର୍ମାନୀ | ୩ । ପାକିସ୍ତାନ |
| ୪ । ଅଷ୍ଟ୍ରେଲିଆ | ୪ । ଶ୍ରୀଲଙ୍କା |
| ୫ । ଦକ୍ଷିଣ ଆଫ୍ରିକା | ୫ । ବାଂଲାଦେଶ |

## ବିକାଶୋନ୍ମୁଖୀ ଦେଶ

ଯେଉଁ ଦେଶର ଲୋକମାନଙ୍କର ବାର୍ଷିକ ମୁଣ୍ଡପିଛା ଆୟ ୪,୩୫,୫୦୦ ଟଙ୍କାରୁ କମ୍ ସେଗୁଡ଼ିକୁ ବିକାଶୋନ୍ମୁଖୀ ଦେଶ ବୋଲି କୁହାଯାଏ । ଏହି ଦେଶଗୁଡ଼ିକରେ ଚାରୋଟି ପ୍ରଧାନ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ, ଯଥା :-

୧ । ଏହି ଦେଶମାନଙ୍କରେ ଶିଳ୍ପାୟନ ପ୍ରକ୍ରିୟା ଦ୍ରୁତଗତିରେ ଚାଲିଛି ।

୨ । ଏହି ଦେଶଗୁଡ଼ିକର ବୈଷୟିକ ଜ୍ଞାନକୌଶଳ ଉଚ୍ଚକୋଟୀର ନୁହେଁ ।

୩ । ଏହି ଦେଶଗୁଡ଼ିକରେ ଅଧିକାଂଶ ଲୋକ ପାରମ୍ପରିକ (କୃଷି ଏବଂ ଆନୁସଙ୍ଗିକ) କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି ।

୪ । ଏହି ଦେଶରେ ଅଧିକାଂଶ ଲୋକମାନଙ୍କର ଜୀବନଧାରଣର ମାନ ଅପେକ୍ଷାକୃତ ନ୍ୟୂନ ଅଟେ ।

ବିକାଶୋନ୍ମୁଖୀ ଦେଶମାନଙ୍କୁ ପୁନଶ୍ଚ ଦୁଇଭାଗରେ ବିଭକ୍ତ କରାଯାଇଅଛି, ଯଥା:- ମଧ୍ୟମ ଆୟ ବିଶିଷ୍ଟ ଏବଂ ନିମ୍ନ ଆୟ ବିଶିଷ୍ଟ । ଯେଉଁ ଦେଶମାନଙ୍କର ମୁଣ୍ଡପିଛା ବାର୍ଷିକ ଆୟ ୩୩,୫୦୦ ଟଙ୍କାରୁ ୪,୩୫,୫୦୦ ଟଙ୍କା ମଧ୍ୟରେ ସୀମିତ, ସେମାନଙ୍କୁ ମଧ୍ୟମ ଆୟ ବର୍ଗ ଦେଶ ଭାବରେ ନାମିତ କରାଯାଇଅଛି । ବ୍ରାଜିଲ, ଇରାନ୍, ଆର୍ଜେଣ୍ଟିନା, ଶ୍ରୀଲଙ୍କା ଆଦି ଦେଶ ଏହି ଶ୍ରେଣୀର । ସେହିପରି ଯେଉଁ ଦେଶର ମୁଣ୍ଡପିଛା ବାର୍ଷିକ ଆୟ ୩୩,୫୦୦ ଟଙ୍କାରୁ କମ୍ ସେମାନଙ୍କୁ ନିମ୍ନ ଆୟ ବର୍ଗର ଦେଶ ବୋଲି କୁହାଯାଏ । ଭାରତ, ପାକିସ୍ତାନ, ବାଂଲାଦେଶ, କେନିଆ ଇତ୍ୟାଦି ଦେଶ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

## ମାନବ ବିକାଶ ସୂଚକ

### (Human Development Index)

ସଂଯୁକ୍ତ ରାଷ୍ଟ୍ର ବିକାଶ କାର୍ଯ୍ୟକ୍ରମ (UNDP) ୧୯୯୦ ମସିହା ପରଠାରୁ ପୃଥିବୀର ବିଭିନ୍ନ ଦେଶର ମାନବ ବିକାଶ ଚିଠା ପ୍ରସ୍ତୁତ କରିଆସୁଅଛି । ଏହି ସୂଚକକୁ ଆର୍ଥନୀତିକ ବିକାଶର ସର୍ବାଧୁନିକ ପରିମାପକ ଭାବରେ ଗ୍ରହଣ କରାଯାଏ । ଏହି ସୂଚକର ତିନୋଟି ଉପାଦାନ ରହିଛି । ସେଗୁଡ଼ିକ ହେଲା-

(୧) ଜନ୍ମ ସମୟରେ ଆୟୁର ସମ୍ଭାବନା (Life Expectancy)

(୨) ସାକ୍ଷରତା ହାର (Literacy Rate)

(୩) ମୁଣ୍ଡପିଛା ଆୟ (Percapita Income)

ଏହି ସୂଚକ ଅନୁଯାୟୀ ପୃଥିବୀର ବିଭିନ୍ନ ଦେଶଗୁଡ଼ିକୁ ୦, ୦.୫ ଏବଂ ୧ ସୋପାନଭୁକ୍ତ କରାଯାଇଥାଏ । ଯେଉଁ ଦେଶଗୁଡ଼ିକର ସୂଚକର ମୂଲ୍ୟ (୦ - ୦.୪୯୯) ସେମାନଙ୍କର ବିକାଶର ସ୍ତର ନିମ୍ନ । ଯେଉଁମାନଙ୍କର ସୂଚକର ମୂଲ୍ୟ (୦.୫ - ୦.୭୯୯) ମଧ୍ୟରେ ସେମାନଙ୍କର ସ୍ତର ମଧ୍ୟମ ଓ ଯେଉଁମାନଙ୍କର ସୂଚକର ମୂଲ୍ୟ ୦.୮ ବା ତଦୂର୍ଦ୍ଧ୍ୱ ସେମାନଙ୍କର ବିକାଶର ସ୍ତର ଉଚ୍ଚ ଓ ଉନ୍ନତ । ୧୯୯୯ ମସିହାର ତଥ୍ୟ ଅନୁଯାୟୀ ଭାରତର ମାନବ ବିକାଶର ସୂଚକର ମୂଲ୍ୟ ଥିଲା ୦.୫୭୧ ଓ ତାହା ୨୦୦୫ ମସିହା ତଥ୍ୟ ଅନୁଯାୟୀ ବିଶେଷ ପରିବର୍ତ୍ତନ ହୋଇନଥିବାରୁ ଭାରତର ବିକାଶର ସ୍ତର ମଧ୍ୟମ ବୋଲି କୁହାଯାଇପାରେ । ନିମ୍ନଲିଖିତ ସାରଣୀକୁ ଲକ୍ଷ୍ୟ କଲେ ଆମେ ଭାରତ ଓ ତା'ର କିଛି ପଡ଼ୋଶୀ ରାଷ୍ଟ୍ରର ମାନବ ବିକାଶ ସ୍ତରକୁ ତୁଳନା କରିପାରିବା ।

| ଦେଶ | ମୁଣ୍ଡପିଛା ଆୟ (US Dollar) | ଜନ୍ମ ସମୟରେ ଆୟୁର ସମ୍ଭାବନା | ସାକ୍ଷରତା ହାର | ମାନବ ସୂଚକ ମୂଲ୍ୟର ର୍‍ୟାଙ୍କ୍ HDI (Rank) |
|---|---|---|---|---|
| ଶ୍ରୀଲଙ୍କା | ୪୩୯୦ | ୭୪ | ୯୧ | ୯୩ |
| ଭାରତ | ୩୧୩୯ | ୬୪ | ୬୧ | ୧୨୬ |
| ପାକିସ୍ତାନ | ୨୨୨୫ | ୬୩ | ୫୦ | ୧୩୪ |
| ନେପାଳ | ୧୪୯୦ | ୬୨ | ୫୦ | ୧୩୮ |
| ବାଂଲାଦେଶ | ୧୮୭୦ | ୬୩ | ୪୧ | ୧୩୭ |

## ଅର୍ଥବ୍ୟବସ୍ଥା

ଜନସାଧାରଣ ସେମାନଙ୍କର ଜୀବିକା ନିର୍ବାହ ପାଇଁ ଦୈନନ୍ଦିନ କିଛି କିଛି କାର୍ଯ୍ୟ କରିଥାନ୍ତି । ଯଥା :- କୃଷି, କଳକାରଖାନାରେ କାମ, ଅଫିସ୍ ବା ବ୍ୟାଙ୍କ୍ ପ୍ରଭୃତିରେ ବିଭିନ୍ନ ପ୍ରକାରର କାର୍ଯ୍ୟ ସମ୍ପାଦନ କରନ୍ତି । ବଜାରରେ ବିକ୍ରି କରୁଥିବା ଦୋକାନୀ ମଧ୍ୟ ଏହି କାର୍ଯ୍ୟର ଅନ୍ତର୍ଭୁକ୍ତ । ଏହାକୁ ଆର୍ଥନୀତିକ କାର୍ଯ୍ୟ କୁହାଯାଏ । ଏହିପରି ସରକାର ମଧ୍ୟ କିଛି ଲୋକଙ୍କୁ ନିଯୋଜନ କରି, ଦ୍ରବ୍ୟ ଓ ସେବା ଯୋଗାଇଦେଇ କିଛି ଆର୍ଥନୀତିକ କାର୍ଯ୍ୟ କରିଥାନ୍ତି । ଆର୍ଥନୀତିକ କାର୍ଯ୍ୟଗୁଡ଼ିକ କୌଣସି ଏକ ନିର୍ଦ୍ଦିଷ୍ଟ ଢାଞ୍ଚାରେ ନିର୍ବାହିତ ହେଲେ ସେହି ଢାଞ୍ଚାକୁ ଅର୍ଥବ୍ୟବସ୍ଥା କୁହାଯାଏ । ତେଣୁ ଅର୍ଥବ୍ୟବସ୍ଥା ହେଉଛି ଆର୍ଥନୀତିକ କାର୍ଯ୍ୟର ନିର୍ବାହ, ସଂଗଠନ ଓ ପରିଚାଳନା ପାଇଁ ଏକ ସମ୍ମିଳିତ ଢାଞ୍ଚା । ଏହା ଲୋକମାନଙ୍କୁ ବଞ୍ଚିବାର ଉପାଦାନ ଯୋଗାଇଥାଏ । ପୂର୍ଣ୍ଣ ନିଯୋଜନ, ବିକାଶ, ଦରଦାମରେ ସ୍ଥିରତା ଓ ନିୟନ୍ତ୍ରଣ ଓ ଲୋକକଲ୍ୟାଣ ଆଦି ଅର୍ଥବ୍ୟବସ୍ଥାର କେତେକ ମୁଖ୍ୟ ଉଦ୍ଦେଶ୍ୟ ଅଟେ ।

## ଅର୍ଥବ୍ୟବସ୍ଥାରେ ନିର୍ବାହିତ ବିଭିନ୍ନ କାର୍ଯ୍ୟ

ଅର୍ଥବ୍ୟବସ୍ଥାରେ ନିବାହିତ ହେଉଥିବା ଆର୍ଥନୀତିକ କାର୍ଯ୍ୟଗୁଡ଼ିକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇଥାଏ, ଯଥା :-

(୧) ଉତ୍ପାଦନ

(୨) ଉପଭୋଗ

(୩) ସଞ୍ଚୟ ଓ ପୁଞ୍ଜିଗଠନ

**(୧) ଉତ୍ପାଦନ** : ଯେଉଁ ପ୍ରକ୍ରିୟାରେ ଦ୍ରବ୍ୟ ଓ ସେବାରେ ବିନିମୟ ମୂଲ୍ୟଯୁକ୍ତ ଉପଯୋଗିତା ସୃଷ୍ଟି କରାଯାଏ ତାହାକୁ ଉତ୍ପାଦନ କହନ୍ତି । ଲୁହାପଥରରୁ ଲୁହା, ଧାନଚାଷ, ପାଉଁରୁଟି ପ୍ରସ୍ତୁତି ଇତ୍ୟାଦି ଉତ୍ପାଦନର ଅନ୍ତର୍ଭୁକ୍ତ ।

**(୨) ଉପଭୋଗ** : ଜୀବନଧାରଣ କରିବା ପାଇଁ ଦ୍ରବ୍ୟ ଓ ସେବାର ଉପଯୋଗକୁ ଉପଭୋଗ କୁହାଯାଏ । ଭୋକ ହେଲେ ଖାଦ୍ୟ ଖାଇବା ଦ୍ୱାରା ଏହାର ଅଭାବ ପରିପୂରଣ ହୋଇଥାଏ । ସୁତରାଂ ଉତ୍ପାଦନକୁ ପ୍ରତିଯୋଗିତାର ସୃଷ୍ଟି ଏବଂ ଉପଭୋଗକୁ ଉପଯୋଗିତାର ଅନ୍ତ ବୋଲି କୁହାଯାଇପାରେ ।

**(୩) ସଞ୍ଚୟ ଓ ପୁଞ୍ଜିଗଠନ :**

ସଞ୍ଚୟ = ଉତ୍ପାଦନ (ଆୟ) - ଉପଭୋଗ (ବ୍ୟୟ)

ଉତ୍ପାଦନ ଓ ଉପଭୋଗର ତାରତମ୍ୟକୁ ସଞ୍ଚୟ କୁହାଯାଏ । ସଞ୍ଚୟରୁ ହିଁ ପୁଞ୍ଜିଗଠନ ସମ୍ଭବ ହୋଇଥାଏ ଓ ଏହାକୁ ବ୍ୟବହାର କରି ଉତ୍ପାଦନ ବୃଦ୍ଧି କରାଯାଏ ।

## ଅର୍ଥବ୍ୟବସ୍ଥାର ବିଭିନ୍ନ କ୍ଷେତ୍ର :

ଜାତୀୟ ଆୟର ଆକଳନ କରିବାକୁ ହେଲେ ସାଧାରଣତଃ ଅର୍ଥବ୍ୟବସ୍ଥାକୁ ମୋଟାମୋଟି ଚାରୋଟି କ୍ଷେତ୍ରରେ ବିଭକ୍ତ କରାଯାଏ । ଯଥା :-

(୧) ପରିବାର (୨) ପ୍ରତିଷ୍ଠାନ (୩) ସରକାର ଓ (୪) ବୈଦେଶିକ କ୍ଷେତ୍ର ।

**(୧) ପରିବାର :** ଏକ ଘରେ ବାସ କରୁଥିବା ଓ ଏକତ୍ର ରନ୍ଧନ କରି ଭୋଜନ କରୁଥିବା ବ୍ୟକ୍ତିମାନେ ଏକ

ପରିବାରର ସଦସ୍ୟ ଅଟନ୍ତି । ଏମାନଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ରହିଥାଏ ।

**(୨) ପ୍ରତିଷ୍ଠାନ :** ପ୍ରତିଷ୍ଠାନ ହେଉଛି ଅର୍ଥବ୍ୟବସ୍ଥାର ଏକ ମୌଳିକ ଉତ୍ପାଦନକାରୀ ସଂସ୍ଥା । ଉତ୍ପାଦନର ସାଧନମାନଙ୍କୁ ଆୟୋଜିତ ଏବଂ ବ୍ୟବସ୍ଥିତ କରି ଦ୍ରବ୍ୟ ଓ ସେବା ଉତ୍ପାଦନ କରୁଥିବା ସଂସ୍ଥାକୁ ପ୍ରତିଷ୍ଠାନ କୁହାଯାଏ ।

**(୩) ସରକାର :** ଅର୍ଥବ୍ୟବସ୍ଥାର କାର୍ଯ୍ୟଗୁଡ଼ିକୁ ସୂଚାରୁରୂପେ ପରିଚାଳନା ଓ ନିୟନ୍ତ୍ରଣ କରୁଥିବା ସଂସ୍ଥାକୁ ସରକାର କୁହାଯାଏ । ପରିବାର ଓ ପ୍ରତିଷ୍ଠାନ ମଧ୍ୟରେ ସୁସଂହତି, ସମନ୍ୱୟ ଓ ଯୋଗସୂତ୍ର ରକ୍ଷା କରିବା ହେଲା ସରକାରଙ୍କ ମୁଖ୍ୟ ଆର୍ଥନୀତିକ କାର୍ଯ୍ୟ । ସରକାର ଉତ୍ପାଦନ ପାଇ ସୁବିଧା ଓ ସୁଯୋଗ ଏବଂ ଉପଭୋଗ ପାଇଁ ଦ୍ରବ୍ୟ ଓ ସେବା ଇତ୍ୟାଦି ଯୋଗାଇ ଦେଇଥାନ୍ତି ।

**(୪) ବୈଦେଶିକ କ୍ଷେତ୍ର :** ପୃଥିବୀର ବିଭିନ୍ନ ଦେଶମାନେ ସେମାନଙ୍କର ଉତ୍ପାଦିତ ସାମଗ୍ରୀର ଆମଦାନି ଏବଂ ରପ୍ତାନି ବୈଦେଶିକ କ୍ଷେତ୍ର ମାଧ୍ୟମରେ ସମ୍ପାଦନ କରିଥାନ୍ତି । କେତେକ କ୍ଷେତ୍ରରେ ପୁଞ୍ଜି ଏବଂ ବୈଷୟିକ ଜ୍ଞାନକୌଶଳର ମଧ୍ୟ ଆଦାନପ୍ରଦାନ ହୋଇଥାଏ । ଏହାକୁ ପୃଥିବୀର ଅର୍ଥବ୍ୟବସ୍ଥା ବୋଲି କୁହାଯାଏ ।

ପୁନଶ୍ଚ ଆର୍ଥନୀତିକ କାର୍ଯ୍ୟାବଳୀକୁ ଭିତ୍ତିକରି ଅର୍ଥବ୍ୟବସ୍ଥାକୁ ତିନୋଟି କ୍ଷେତ୍ରରେ ବିଭକ୍ତ କରାଯାଇଛି ।

(୧) ପ୍ରାଥମିକ ବା ମୌଳିକ କ୍ଷେତ୍ର

(୨) ମାଧ୍ୟମିକ କ୍ଷେତ୍ର

(୩) ତୃତୀୟକ ବା ସେବାକ୍ଷେତ୍ର

**(୧) ପ୍ରାଥମିକ କ୍ଷେତ୍ର :** ଯେଉଁ କାର୍ଯ୍ୟ ଜଳ ଓ ଭୂମି ଭଳି ପ୍ରାକୃତିକ ସମ୍ପଦକୁ ପ୍ରତ୍ୟକ୍ଷ ଭାବେ ବ୍ୟବହାର କରି ଉତ୍ପାଦନ କରାଯାଏ ତାହାକୁ ମୌଳିକ କ୍ଷେତ୍ର କୁହାଯାଏ । ଏ କ୍ଷେତ୍ରରେ ଦ୍ରବ୍ୟ ଭୂମିରୁ ଉତ୍ପାଦନ କରାଯାଏ କିମ୍ବା ମାଟିତଳୁ ଉତ୍ତୋଳନ କରାଯାଏ । ଏ ପ୍ରକାର ଦ୍ରବ୍ୟକୁ ମୌଳିକ ଦ୍ରବ୍ୟ କୁହାଯାଏ । କୃଷି, ପଶୁପାଳନ, ମତ୍ସ୍ୟଚାଷ, ଖଣିଜ ପଦାର୍ଥ ଉତ୍ତୋଳନ, ଫଳ, ଫୁଲ, କ୍ଷୀର, ଅଣ୍ଡା, ମାଂସ, ଲୁହାପଥର, କୋଇଲା ଇତ୍ୟାଦିର ଉତ୍ପାଦନ ଇତ୍ୟାଦି ମୌଳିକ କ୍ଷେତ୍ରର ଅନ୍ତର୍ଭୁକ୍ତ ।

**(୨) ମାଧ୍ୟମିକ କ୍ଷେତ୍ର :** ମାଧ୍ୟମିକ କ୍ଷେତ୍ରରେ ମୌଳିକ ଦ୍ରବ୍ୟକୁ କଞ୍ଚାମାଲ ରୂପେ ବ୍ୟବହାର କରି ଦ୍ରବ୍ୟ ଉତ୍ପାଦନ କାର୍ଯ୍ୟ କରାଯାଏ । କଳକାରଖାନା, ଶିଳ୍ପ ପ୍ରତିଷ୍ଠାନ ଜରିଆରେ ଏହି କ୍ଷେତ୍ରରେ ଦ୍ରବ୍ୟ ଉତ୍ପାଦନ କରାଯାଏ । ଲୁହାପଥରରୁ ଲୁହା ଏବଂ ଇସ୍ପାତ, ଚୂନପଥରରୁ ସିମେଣ୍ଟ, ଘାସ ଓ ବାଉଁଶରୁ କାଗଜ, କପାରୁ ସୁତା ଏବଂ ଲୁଗା, ଅଟା ଓ ମଇଦାରୁ ପାଉଁରୁଟି ଓ କେକ୍ ଇତ୍ୟାଦି ମାଧ୍ୟମିକ କ୍ଷେତ୍ରରେ କରାଯାଉଥିବା କେତୋଟି କାର୍ଯ୍ୟର ଉଦାହରଣ ଅଟେ ।

**(୩) ତୃତୀୟକ କ୍ଷେତ୍ର :** ଏହାକୁ ସେବା କ୍ଷେତ୍ର ବୋଲି ମଧ୍ୟ କୁହାଯାଏ । ଉଭୟ ମୌଳିକ ଓ ମାଧ୍ୟମିକ କ୍ଷେତ୍ରର କାର୍ଯ୍ୟ ପାଇଁ କେତେଗୁଡ଼ିଏ ସହାୟକ ସେବାର ପ୍ରୟୋଜନ ହୋଇଥାଏ । ଉଦାହରଣ ସ୍ୱରୂପ- ଲୁହାପଥରରୁ ଲୁହା ଓ ଇସ୍ପାତ ତିଆରି କରିବା ପାଇଁ ପ୍ରଥମେ ମାଟିତଳୁ ଲୁହାପଥରକୁ ଉତ୍ତୋଳନ କରିବା ଏବଂ ତା'ପରେ ତାକୁ କାରଖାନାକୁ ପରିବହନ କରିବା ଏବଂ ସର୍ବୋପରି ଶ୍ରମିକ ଓ ଇଞ୍ଜିନିୟରମାନଙ୍କର ସାହାଯ୍ୟ ଦରକାର ହୋଇଥାଏ । ଏ ପ୍ରକାର କାର୍ଯ୍ୟ ସେବାକ୍ଷେତ୍ରର ଅନ୍ତର୍ଭୁକ୍ତ । ବାଣିଜ୍ୟ, ପରିବହନ, ଯୋଗାଯୋଗ, ବ୍ୟାଙ୍କ୍, ପୋଷ୍ଟଅଫିସ୍ ଆଦି ତୃତୀୟକ କ୍ଷେତ୍ରର ଉଦାହରଣ ଅଟେ ।

## ଘରୋଇ, ସରକାରୀ ଓ ମିଳିତକ୍ଷେତ୍ର

ଆର୍ଥନୀତିକ ଦ୍ରବ୍ୟ ଓ ସେବାର ଉତ୍ପାଦନ ସଂସ୍ଥାର ମାଲିକାନା ଭିତ୍ତିରେ ସମଗ୍ର ଅର୍ଥବ୍ୟବସ୍ଥାକୁ ତିନିପ୍ରକାରରେ ବିଭକ୍ତ କରାଯାଇପାରେ ଯଥା- ଘରୋଇକ୍ଷେତ୍ର, ସରକାରୀକ୍ଷେତ୍ର ଓ ମିଳିତକ୍ଷେତ୍ର । ଘରୋଇକ୍ଷେତ୍ରର ମାଲିକ ବ୍ୟକ୍ତିବିଶେଷ ହୋଇଥିଲାବେଳେ ସରକାରୀକ୍ଷେତ୍ରରେ ମାଲିକାନା ସରକାରଙ୍କ ହାତରେ ଥାଏ । ମିଳିତ କ୍ଷେତ୍ରରେ ଉଭୟ ବ୍ୟକ୍ତିବିଶେଷ ଓ ସରକାର ମାଲିକ ଅଟନ୍ତି ।

## ଅର୍ଥବ୍ୟବସ୍ଥାର ପ୍ରକାରଭେଦ :

ଅର୍ଥବ୍ୟବସ୍ଥାକୁ ସୁଚାରୁରୂପେ ଚଳାଇବା ପାଇଁ ବିଭିନ୍ନ ପ୍ରକାରର ଦ୍ରବ୍ୟ ଓ ସେବାର ଆବଶ୍ୟକତା ପଡ଼ିଥାଏ । ବିଭିନ୍ନ ପ୍ରକାରର ସମ୍ବଳର ବିନିଯୋଗ କରି ଯଥା- ଭୂମି, ଶ୍ରମ, ପୁଞ୍ଜି ଓ ସଂଗଠନକୁ ଉପଯୋଗ କରି ଉତ୍ପାଦନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଥାଏ । ଅର୍ଥବ୍ୟବସ୍ଥାର

ନାମକରଣ ମୁଖ୍ୟତଃ ଚାରୋଟି ଭିତ୍ତିରେ କରାଯାଇଅଛି । ଯଥା :-

(୧) ସମ୍ବଳର ମାଲିକାନା

(୨) ସମ୍ବଳର ବ୍ୟବହାରର ନିଷ୍ପତ୍ତିକର୍ତ୍ତା

(୩) ସମ୍ବଳର ବ୍ୟବହାର ଓ ଉତ୍ପାଦନର ଉଦ୍ଦେଶ୍ୟ

(୪) ସମ୍ବଳର ବ୍ୟବହାରର କ୍ରିୟାପଦ୍ଧତି

ଏହି ସବୁ ବିଷୟକୁ ଭିତ୍ତିକରି ଅର୍ଥବ୍ୟବସ୍ଥାକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇଅଛି । ସେଗୁଡ଼ିକ ହେଲା-

(କ) ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା

(ଖ) ସମାଜବାଦୀ ଅର୍ଥବ୍ୟବସ୍ଥା

(ଗ) ମିଶ୍ରିତ ଅର୍ଥବ୍ୟବସ୍ଥା

**(କ) ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା :** ଏହି ଅର୍ଥବ୍ୟବସ୍ଥାକୁ ମୁକ୍ତବଜାର ଅର୍ଥବ୍ୟବସ୍ଥା ବୋଲି କୁହାଯାଏ । ଏହି ବ୍ୟବସ୍ଥାରେ ସମ୍ବଳର ମାଲିକ ଏବଂ ପରିଚାଳକ ବ୍ୟକ୍ତିବିଶେଷ ହୋଇଥାନ୍ତି । ବଜାର ଶକ୍ତି ଅନୁସାରେ ଏବଂ ସର୍ବାଧିକ ଲାଭ ଆଶାରେ ଉତ୍ପାଦନର ନିଷ୍ପତ୍ତି ନିଆଯାଏ । ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ୍, ପଶ୍ଚିମ ୟୁରୋପୀୟ ଦେଶ ସମୂହ ଏହି ଅର୍ଥବ୍ୟବସ୍ଥାର ଉଦାହରଣ ।

**(ଖ) ସମାଜବାଦୀ ଅର୍ଥବ୍ୟବସ୍ଥା :** କାର୍ଲମାର୍କ୍ସଙ୍କୁ ଏହି ଅର୍ଥବ୍ୟବସ୍ଥାର ଜନକ ବୋଲି କୁହାଯାଏ । ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥାର ବିଭିନ୍ନ ଅସୁବିଧା ଗୁଡ଼ିକରୁ ଏହି ବ୍ୟବସ୍ଥାର ସୃଷ୍ଟି । ଏହି ବ୍ୟବସ୍ଥାରେ ସମ୍ବଳ ଓ ଉତ୍ପାଦନର ନିଷ୍ପତ୍ତି ଏବଂ ତତ୍‌ସହିତ ସମସ୍ତ ସାଧନ ରାଷ୍ଟ୍ରର ମାଲିକାନାରେ ରହିଥାଏ । ଏହି ବ୍ୟବସ୍ଥାରେ ଦେଶର ସମସ୍ତ ଆର୍ଥନୀତିକ କାର୍ଯ୍ୟ ଏକ କେନ୍ଦ୍ରୀୟ ଯୋଜନା ପରିଷଦର ନିର୍ଦ୍ଦେଶରେ ପରିଚାଳିତ ହୋଇଥାଏ । କ୍ୟୁବା, ପୂର୍ବତନ ସୋଭିଏତ୍ ଋଷ, ଭିଏତନାମ ଆଦି ଦେଶ ଏହି ଅର୍ଥବ୍ୟବସ୍ଥାର ଉଦାହରଣ ଅଟନ୍ତି ।

**(ଗ) ମିଶ୍ରିତ ଅର୍ଥବ୍ୟବସ୍ଥା :** ୧୯୩୦ ଦଶକରେ ବିଶ୍ୱର ପ୍ରାୟ ସବୁ ଦେଶର ଅର୍ଥବ୍ୟବସ୍ଥାର ସାମଗ୍ରିକ ଉତ୍ପାଦନ ଓ ନିୟୋଜନ ଏକ ଉତ୍କଟ ନିମ୍ନସ୍ତରରେ ପହଞ୍ଚିଥିଲା ଏବଂ ୧୯୪୦ ଦଶନ୍ଧିରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀର ବିଭିନ୍ନ ସ୍ଥାନରେ ଆର୍ଥନୀତିକ ପରିସ୍ଥିତି ଜଟିଳ ଓ ମାନ୍ଦା ଅବସ୍ଥାରେ ପହଞ୍ଚିଥିଲା । ଏହା ମହାମାନ୍ଦାଅବସ୍ଥା (Great Depression) ଭାବରେ ଖ୍ୟାତ । ଏହି ପରିସ୍ଥିତିରେ ଅର୍ଥବ୍ୟବସ୍ଥାରେ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ଦେଶର ସରକାର କେତେକ କ୍ଷେତ୍ରରେ ମୁକ୍ତ ଭାବରେ କାର୍ଯ୍ୟ କରିବାକୁ ଓ ବଜାରକୁ ନିୟନ୍ତ୍ରଣମୁକ୍ତ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ପରିବର୍ତ୍ତନ ଯୋଗୁଁ ଏକ ନୂତନ ପ୍ରକାରର ଅର୍ଥନୀତି ଆତ୍ମପ୍ରକାଶ କରିଥିଲା ଯାହାକୁ ଆମେ ମିଶ୍ରିତ ଅର୍ଥନୀତି ବୋଲି ଆଖ୍ୟା ଦେଇଛୁ । ଏହା ଏକ ଯୌଗିକ ଅର୍ଥବ୍ୟବସ୍ଥା ଅଟେ । ଏଥିରେ ଉଭୟ ଘରୋଇ ଏବଂ ସରକାରୀ ମାଲିକାନା କ୍ଷେତ୍ରର ସହାବସ୍ଥାନ ହୋଇଥାଏ । ଏହା ପୁଞ୍ଜିବାଦୀ ଓ ସମାଜବାଦୀ ଅର୍ଥବ୍ୟବସ୍ଥା ମଧ୍ୟରେ ସଂଯୋଗ ସ୍ଥାପନ କରୁଥିବା ଏକ ସୂତ୍ର ଅଟେ । ଏଥିରେ ସରକାରୀ ମାଲିକାନା କ୍ଷେତ୍ର ଏବଂ ଘରୋଇ ମାଲିକାନା କ୍ଷେତ୍ର ଉଭୟେ ବ୍ୟକ୍ତିବିଶେଷଙ୍କୁ ତାଙ୍କ ନିଜ ପ୍ରଚେଷ୍ଟାରେ ନିଜନିଜର ଉନ୍ନତି, କଲ୍ୟାଣ ସାଧନ କରିବାରେ ସାହାଯ୍ୟ କରିଥାନ୍ତି । ଘରୋଇ ଉଦ୍ୟୋଗଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦିତା ନ ହୋଇ ପରସ୍ପରର ପରିପୂରକ ଭାବେ କାମ କରନ୍ତି । ଭାରତ, ଇଂଲଣ୍ଡ ଇତ୍ୟାଦି ଏହି ଅର୍ଥବ୍ୟବସ୍ଥାର ଉଦାହରଣ ଅଟେ ।

# ଭାରତୀୟ ଅର୍ଥବ୍ୟବସ୍ଥା

ଭାରତ ଏକ କୃଷିପ୍ରଧାନ ଏବଂ ଗ୍ରାମବହୁଳ ଦେଶ । ପୂର୍ବେ ଇଂରେଜମାନଙ୍କର ଶାସନ ପୂର୍ବରୁ ଲୋକମାନଙ୍କର ଜୀବନଧାରଣର ମାନ ଉନ୍ନତ ଥିଲା । ଏହାର ବୈଦେଶିକ ବାଣିଜ୍ୟସ୍ତର ମଧ୍ୟ ଉନ୍ନତ ଥିଲା । କିନ୍ତୁ ବ୍ରିଟିଶ ଶାସନ କାଳରେ ଏହା ଏକ ଉପନିବେଶରେ ପରିଣତ ହେଲା ଏବଂ ଏହାର କଞ୍ଚାମାଲ ଓ ବିଭିନ୍ନ ପ୍ରକାରର ସମ୍ବଳକୁ ବ୍ୟବହାର କରି ଇଂଲଣ୍ଡ ଶିଳ୍ପୋନ୍ନତ ହୋଇଥିଲା । ଇଂରେଜମାନେ ସେହି ଦ୍ରବ୍ୟକୁ ଭାରତରେ ବିକ୍ରୟ କରି ଭାରତର ଅର୍ଥନୀତିକୁ ଶୋଷଣ କରୁଥିଲେ ଏବଂ ସ୍ୱାଧୀନତା ପ୍ରାପ୍ତି ପରେ ଇଂରେଜମାନେ ଆମକୁ ଏକ ରୁଗ୍ଣ, ସ୍ଥାଣୁ ଏବଂ ବିପର୍ଯ୍ୟସ୍ତ ଅର୍ଥବ୍ୟବସ୍ଥା ବିଶିଷ୍ଟ ଭାରତ ପ୍ରଦାନ କରିଥିଲେ । ସେହି ସମୟ ଠାରୁ ସରକାର ଦେଶର ବିକାଶ ପାଇଁ ବିଭିନ୍ନ ସ୍ତରରେ ବିଶେଷ କାର୍ଯ୍ୟକ୍ରମମାନ କରିଆସୁଛନ୍ତି ଏବଂ ଏହାର

ପ୍ରଭାବରେ ଆମର ଅର୍ଥବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଏବଂ କ୍ରମାଗତ ଭାବରେ ଉନ୍ନତି ହୋଇପାରିଛି । ଭାରତୀୟ ଅର୍ଥବ୍ୟବସ୍ଥାକୁ ବୁଝିବା ପାଇଁ ଆମକୁ ମୁଖ୍ୟତଃ ନିମ୍ନଲିଖିତ କେତେଗୁଡ଼ିଏ ବୈଶିଷ୍ଟ୍ୟକୁ ଅନୁଶୀଳନ କରିବାକୁ ପଡ଼େ । ଯଥା :-

## (କ) ଭାରତୀୟ ଅର୍ଥବ୍ୟବସ୍ଥା

ଭାରତୀୟ ଅର୍ଥବ୍ୟବସ୍ଥାକୁ ଏକ ମିଶ୍ରିତ ଅର୍ଥବ୍ୟବସ୍ଥା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ମୁଖ୍ୟତଃ ଭାରତରେ ତିନୋଟି ଅର୍ଥନୈତିକ କ୍ଷେତ୍ର କାର୍ଯ୍ୟ କରୁଅଛି । ଯଥା:- ସରକାରୀକ୍ଷେତ୍ର, ଘରୋଇକ୍ଷେତ୍ର ବା ବ୍ୟକ୍ତିବିଶେଷ ଏବଂ ମିଳିତକ୍ଷେତ୍ର ବା ଯୌଥକ୍ଷେତ୍ର । ଭାରତୀୟ ଇସ୍ପାତ୍ ନିଗମ, ଭାରତୀୟ ରେଳବାଇ, ଭାରତୀୟ ସଂଚାର ନିଗମ ଲିମିଟେଡ଼, ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା, ଭାରତୀୟ ସେନା ଇତ୍ୟାଦି ସରକାରୀ କ୍ଷେତ୍ରର ଅଂଶବିଶେଷ ଅଟେ । ସେହିପରି କୁଟୀରଶିଳ୍ପ, କ୍ଷୁଦ୍ର ବ୍ୟବସାୟୀ, କୃଷି ଏବଂ ପଶୁପାଳନ, ଟାଟା ମୋଟରସ୍, (ଇଣ୍ଡଷ୍ଟ୍ରିଜ୍), ମାରୁତି ଉଦ୍ୟୋଗ, ପ୍ରୋକ୍ଟର ଏଣ୍ଡ ଗାମ୍ବଲ ଇଣ୍ଡିଆ, ଉଇପ୍ରୋ ପରି ବଡ଼ ବଡ଼ କମ୍ପାନୀ ଘରୋଇ ବା ବ୍ୟକ୍ତି କ୍ଷେତ୍ରର ଉଦାହରଣ ଅଟନ୍ତି । ସେହିପରି ଯୌଥକ୍ଷେତ୍ରରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରାଯାଇଥାଏ । ଯଥା- ସଡ଼କ ପରିବହନ, ମାଲ୍ ପରିବହନ, ଅତ୍ୟାବଶ୍ୟକ ଦ୍ରବ୍ୟ ବଣ୍ଟନ, ବିଦ୍ୟୁତ୍ ଉତ୍ପାଦନ ଏବଂ ବଣ୍ଟନ ଇତ୍ୟାଦି ।

## (ଖ) ସରକାରୀ କ୍ଷେତ୍ର

ଭାରତୀୟ ଅର୍ଥବ୍ୟବସ୍ଥାରେ ସରକାରୀ କ୍ଷେତ୍ର ଏକ ମୁଖ୍ୟ ବ୍ୟବସ୍ଥା ଅଟେ । ସରକାରୀ ସ୍ତରରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଏବଂ ନିରାପତ୍ତା ଇତ୍ୟାଦି ଯୋଗାଇ ଦିଆଯାଇଥାଏ । ପୁଣି ଦେଶର ବିକାଶ ପାଇଁ କୃଷି ଏବଂ ଶିଳ୍ପର ସମୃଦ୍ଧି ଏକାନ୍ତ ଆବଶ୍ୟକ । ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଋଣ ଯୋଗାଇବା ହେଲା ଏହାର ମୁଖ୍ୟ କାର୍ଯ୍ୟ । ଯଦିଓ ୧୯୯୧ ମସିହା ପରଠାରୁ ଉଦାରୀକରଣ ନୀତିକୁ ପ୍ରୋତ୍ସାହନ ଦିଆଯାଉଅଛି ଏବଂ ଏଥିପାଇଁ ସରକାରୀ କ୍ଷେତ୍ରର ଗୁରୁତ୍ୱକୁ କ୍ରମଶଃ ହ୍ରାସ କରାଯାଉଅଛି ତଥାପି ଏହା ଭାରତୀୟ ଅର୍ଥବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ ।

## (ଗ) ଯୋଜନା

ସ୍ୱାଧୀନତା ପରଠାରୁ ଭାରତରେ ଆର୍ଥନୀତିକ ବିକାଶ କାର୍ଯ୍ୟକ୍ରମମାନ ଯୋଜନା ମାଧ୍ୟମରେ କରାଯାଉଅଛି । ଭାରତୀୟ ଯୋଜନା କମିଶନ ଭାରତ ସରକାରଙ୍କ ଦ୍ୱାରା ୧୫ ମାର୍ଚ୍ଚ ୧୯୫୦ ମସିହାଠାରୁ ଗଠନ କରାଯାଇ ଦେଶର ବିକାଶ ପାଇଁ କାର୍ଯ୍ୟ କରିଆସୁଅଛି । ୨୦୦୭ ମସିହା ଠାରୁ ଦେଶରେ ଏକାଦଶ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଉଅଛି ।

## (ଘ) ଦ୍ରୁତ ଜନସଂଖ୍ୟା ବୃଦ୍ଧି

ଜନସଂଖ୍ୟା କ୍ଷେତ୍ରରେ ଭାରତ ପୃଥିବୀରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । (ଚୀନ୍ ପ୍ରଥମ) । ୨୦୦୧ ମସିହା ଜନଗଣନା ଅନୁସାରେ ଏହାର ଜନସଂଖ୍ୟା ୧୦୨ରୁ ୧୦୩ କୋଟି ମଧ୍ୟରେ ଥିଲା । ବୃଦ୍ଧିର ହାର କ୍ରମାଗତ ଭାବରେ ବୃଦ୍ଧି ପାଇଆସୁଥିବାବେଳେ ଚଳିତ ଜନଗଣନା କାର୍ଯ୍ୟକ୍ରମରେ ତାହା କିଛିମାତ୍ରାରେ କମିବାର ଆଶା କରାଯାଏ । ତେବେ ଏହି ବୃଦ୍ଧିର ହାର ପାଖାପାଖି ୧୯୯୧ରୁ ୨୦୦୧ ମଧ୍ୟରେ ୨୨% ବୋଲି ଗଣନା କରାଯାଇଅଛି । ନିରକ୍ଷରତା ଜନସଂଖ୍ୟା ବୃଦ୍ଧିର ଏକ ପ୍ରମୁଖ କାରଣ ବୋଲି ଆଜି ବିବେଚନା କରାଯାଉଛି ।

## (ଙ) ସ୍ୱଳ୍ପ ମୁଣ୍ଡପିଛା ଆୟ

ଦେଶର ମୋଟ୍ ଜାତୀୟ ଆୟକୁ ଏହାର ଜନସଂଖ୍ୟା ଦ୍ୱାରା ଭାଗକଲେ ସେହି ଦେଶର ମୁଣ୍ଡପିଛା ଆୟ ଜଣାପଡ଼େ । ୨୦୦୨ ମସିହାରେ ପ୍ରକାଶିତ ବିଶ୍ୱ ବିକାଶ ଚିଠା (World Development Report) ଅନୁଯାୟୀ ଭାରତର ମୁଣ୍ଡପିଛା ଆୟ ୪୬୦ (ଆମେରିକୀୟ ଡଲାର୍) ଥିଲା ଯାହାକି ଅତି ନିମ୍ନ । ଏହା ଭାରତର ଦୁର୍ବଳ ଆର୍ଥିକ ସ୍ଥିତିର ପରିଚୟ ଦିଏ । ତେବେ ବିଗତ ଦିନମାନଙ୍କରେ ଭାରତର ଶିଳ୍ପ ସଂସ୍ଥାନର କ୍ରମାଗତ ବୃଦ୍ଧି ବିଶେଷତଃ ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟାର ବୃଦ୍ଧି ଭାରତର ଅର୍ଥନୀତିକୁ ବିଶେଷ ଭାବରେ ପ୍ରଭାବିତ କରି ମୁଣ୍ଡପିଛା ଆୟରେ ବୃଦ୍ଧି ଘଟାଇଛି ।

## (ଚ) କୃଷିର ପ୍ରାଧାନ୍ୟ

ଭାରତ ମୁଖ୍ୟତଃ ଏକ କୃଷିପ୍ରଧାନ ଦେଶ ଅଟେ । ତେଣୁ ଏହାର ଅର୍ଥବ୍ୟବସ୍ଥା ତଦନୁଯାୟୀ କୃଷି ଉପରେ ପୁରାପୁରି ନିର୍ଭରଶୀଳ । ମୌସୁମୀ ପ୍ରବାହରେ ଅନିୟମିତତା ଯୋଗୁଁ ଏହାର ଅର୍ଥନୀତି ପ୍ରଭାବିତ ହୋଇଥାଏ । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଏବଂ ମନ୍ଥର ଶିଳ୍ପାୟନ ଯୋଗୁଁ ଭାରତର ଲୋକମାନେ କୃଷି ଉପରେ ନିର୍ଭରଶୀଳ । ୨୦୦୩-୦୪ ବର୍ଷରେ ଭାରତର ମୋଟ୍ ଜାତୀୟ ଆୟର ପ୍ରାୟ ଏକ ଚତୁର୍ଥାଂଶ (୨୪.୪%) କୃଷିଭିତ୍ତିକ କାର୍ଯ୍ୟକ୍ରମରୁ ଆସିଥିବାର ଜଣାଯାଏ । ସେହିପରି ଭାରତର ମୋଟ୍ ଶ୍ରମିକ ସଂଖ୍ୟାର (୫୬%) (ହାରାହାରି) କୃଷି କାର୍ଯ୍ୟରେ ନିୟୋଜିତ ହୋଇଥିବାର ଜଣାଯାଏ । ଦେଶର ମୋଟ୍ ରପ୍ତାନି ମୂଲ୍ୟର (୧୩.୨%) କୃଷିଜାତ ଦ୍ରବ୍ୟରୁ ଆସିଥାଏ ।

## (ଛ) ଆୟ ଓ ସମ୍ପଦ ବଣ୍ଟନରେ ଅସମାନତା

ଭାରତରେ ଆୟ ଓ ସମ୍ପଦର ଅସମାନତା ସାଧାରଣତଃ ବ୍ୟକ୍ତି ଏବଂ ଆଞ୍ଚଳିକ ସ୍ତରରେ ଦେଖାଯାଏ । ବଡ଼ବଡ଼ ଉଦ୍ୟୋଗ ଯଥା, ବହୁରାଷ୍ଟ୍ରୀୟ ଉଦ୍ୟୋଗ ଗୁଡ଼ିକରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କ ଆୟ ଅଧିକ ହୋଇଥିଲାବେଳେ ବହୁ ଲୋକ ଦାରିଦ୍ର୍ୟର ସୀମାରେଖାତଳେ ଅଛନ୍ତି । ଏପରିକି ଦୁଇବେଳା ଖାଇବାକୁ ବି ସେମାନେ ପାଇନଥାନ୍ତି । ୧୯୯୯-୨୦୦୦ ବର୍ଷର ଆକଳନ ଅନୁଯାୟୀ ଭାରତରେ ହାରାହାରି ୨୬.୧% ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ଥିଲେ । ଓଡ଼ିଶାରେ ଏହି ସଂଖ୍ୟା ଆହୁରି ଅଧିକ ଅଟେ । ୨୦୦୦-୦୧ ବର୍ଷରେ ପଞ୍ଜାବର ମୁଣ୍ଡପିଛା ଆୟ ୨୫୬୫୨ ଟଙ୍କା ଥିଲାବେଳେ ଓଡ଼ିଶାର ମୁଣ୍ଡପିଛା ଆୟ ୧୬୧୪୯ (୨୦୧୦) ଥିଲା । ଏହି ତାରତମ୍ୟ ଆଞ୍ଚଳିକ ଆର୍ଥନୈତିକ ବୈଷମ୍ୟର ସୂଚନା ଦିଏ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ମଧ୍ୟରେ ଦୁଇଟଙ୍କିଆ ଚାଉଳ ଅନ୍ୟତମ । ଏହା ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ।

## (ଜ) ବେକାରୀ

ଭାରତୀୟ ଅର୍ଥବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ହେଲା ବେକାରୀ ସମସ୍ୟା । ବେକାରୀମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଛି । (୧) ଋତୁକାଳୀନ ବେକାରୀ (୨) ପ୍ରଚ୍ଛନ୍ନ ବେକାରୀ । ଭାରତ ଏକ ଜନବହୁଳ ଦେଶ ଏବଂ ଏଠାରେ ଜନସଂଖ୍ୟା ବୃଦ୍ଧିର ହାର ଅଧିକ ହେତୁ ବେକାରୀ ଏକ ମୁଖ୍ୟ ସମସ୍ୟା ରୂପେ ଦେଖାଦେଇଅଛି । ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ କର୍ମନିଯୁକ୍ତି ନ ମିଳିବା, ଶିକ୍ଷାର ପ୍ରସାର ଯୋଗୁଁ ଶିକ୍ଷିତ ବେକାରମାନଙ୍କ ସଂଖ୍ୟା ବୃଦ୍ଧି ହେବା ଇତ୍ୟାଦି ବେକାରୀ ସମସ୍ୟାକୁ ଉତ୍କଟ କରିଛି । ଭାରତ ଏକ କୃଷିପ୍ରଧାନ ଦେଶ ଏବଂ ଅଧିକାଂଶ ଲୋକ କୃଷି ଏବଂ ତତ୍‌ସଂଲଗ୍ନ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି । ଯେହେତୁ କୃଷି ଏକ ଋତୁକାଳୀନ ବ୍ୟାପାର, କୃଷିକାର୍ଯ୍ୟ ପରେ ବର୍ଷର ଅନେକ ଦିନ ଲୋକମାନେ କିଛି କାମ କରିବାକୁ ପାଆନ୍ତି ନାହିଁ (କାରଣ ସବୁ ଜମିଗୁଡ଼ିକରେ ଜଳସେଚନ ସୁବିଧା ନାହିଁ) । ସେହିମାନଙ୍କୁ ଋତୁକାଳୀନ ବେକାରୀ ବୋଲି କୁହାଯାଏ । ଉପଯୁକ୍ତ କର୍ମସଂସ୍ଥାନର ଅଭାବ ସାଙ୍ଗକୁ ଦ୍ରୁତ ଜନସଂଖ୍ୟା ବୃଦ୍ଧି ହେତୁ କୃଷିକ୍ଷେତ୍ରରେ ଆବଶ୍ୟକତା ଠାରୁ ଢେର ଅଧିକା ଲୋକ କାମ କରନ୍ତି । ଖାଲି କୃଷି ନୁହେଁ କଳକାରଖାନା, ଘରୋଇ ସଂସ୍ଥା, ସରକାରୀ ସଂସ୍ଥା, ରିକ୍‌ସା ଚାଳକ, ଦିନ ମଜୁରିଆ ଇତ୍ୟାଦି କ୍ଷେତ୍ରରେ ସବୁବେଳେ ବଳକା ଶ୍ରମିକ ଅଛନ୍ତି । ସେମାନଙ୍କୁ ପ୍ରଚ୍ଛନ୍ନ ବେକାରୀ ବୋଲି କୁହାଯାଏ । ବେକାରୀ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସ୍ତରରେ ପଦକ୍ଷେପମାନ ନିଆଯାଉଥିଲେ ହେଁ ଏହା ଯଥେଷ୍ଟ ନୁହେଁ ଏବଂ ଏହା କ୍ରମଶଃ ଉତ୍କଟ ହେବାରେ ଲାଗିଛି ।

## (ଝ) ପ୍ରାକୃତିକ ସମ୍ପଦର ଅପୂର୍ଣ୍ଣ ଉପଯୋଗ :

ପ୍ରାକୃତିକ ସମ୍ପଦରେ ଆମ ଦେଶ ପରିପୂର୍ଣ୍ଣ ଏବଂ ଦେଶର ବିକାଶ ନିମନ୍ତେ ଏଗୁଡ଼ିକର ସଦୁପଯୋଗ ନିତାନ୍ତ ଆବଶ୍ୟକ । କିନ୍ତୁ ଏସବୁ ସମ୍ପଦର ପୂର୍ଣ୍ଣ ମାତ୍ରାରେ ଉପଯୋଗ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ଯଥା- ଲୁହାପଥର, ମାଙ୍ଗାନିଜ୍, ବକ୍‌ସାଇଟ୍, କ୍ରୋମାଇଟ୍, କୋଇଲା ଇତ୍ୟାଦି ଖଣିଜ ପଦାର୍ଥ ପର୍ଯ୍ୟାପ୍ତ ପରିମାଣରେ ଥିଲେ ମଧ୍ୟ ପୂର୍ଣ୍ଣମାତ୍ରାରେ ଉପଯୋଗ ହେଉନାହିଁ । ଏହାର ଅନ୍ୟ ଏକ କାରଣ ହେଲା ଅନୁନ୍ନତ ଶିଳ୍ପ ଓ ବୈଷୟିକ ଜ୍ଞାନ କୌଶଳ । ଅବାଧ ଗଛକଟା ଦ୍ୱାରା ଜଙ୍ଗଲ୍ ସମ୍ପଦ କ୍ଷୟ ହେବାରେ ଲାଗିଛି । ଜଳର ସଦୁପଯୋଗ ଏବଂ ସଂରକ୍ଷଣ ନ କରିବା

ଦ୍ୱାରା ଜଳସଂପଦ ମଧ୍ୟ କ୍ଷୟ ହେବାରେ ଲାଗିଛି । ଯାହାକି ଭବିଷ୍ୟତରେ ଏକ ବିରାଟ ବିପଦକୁ ଆବାହନ କରୁଛି ।

## (ଟ) ନ୍ୟୂନତମ ଆଧାରିକ ସଂରଚନା

ବିଦ୍ୟୁତିକରଣ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା, ଚିକିତ୍ସାଳୟ, ଜଳସେଚନ, ପାନୀୟଜଳ ଯୋଗାଣ ଇତ୍ୟାଦିର ବ୍ୟବସ୍ଥାକୁ ଆଧାରିକ ସଂରଚନା ବୋଲି କୁହାଯାଏ । ଦେଶର ଅଭିବୃଦ୍ଧି ଓ ବିକାଶ ପାଇଁ ଏଗୁଡ଼ିକର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଯେଉଁ ଦେଶର ଆଧାରିକ ସଂରଚନା ଯେତେ ଉନ୍ନତ, ସେ ଦେଶର ଅର୍ଥନୀତି ସେତେ ସମୃଦ୍ଧି । ଏଠାରେ ଏକ ଉଦାହରଣ ନିଆଯାଇପାରେ- ଯଥା, ଯୁକ୍ତରାଷ୍ଟ୍ର ଆମେରିକାର ଆଧାରିକ ସଂରଚନା ତା'ର ଜନସଂଖ୍ୟା ତୁଳନାରେ ଏତେ ବେଶି ଯେ ତା'ର ପ୍ରଭାବ ଲୋକମାନଙ୍କର ଜୀବନଯାପନ ପ୍ରଣାଳୀରୁ ଜଣାପଡ଼େ । କିନ୍ତୁ ଏସବୁ ସୁବିଧା ଯୋଗାଇବା କ୍ଷେତ୍ରରେ ଆମ ଦେଶ ସନ୍ତୋଷଜନକ ଅଗ୍ରଗତି କରିପାରିନାହିଁ । ଆମ ଦେଶର ମୋଟ୍ ଜନସଂଖ୍ୟାର ଏକ ତୃତୀୟାଂଶ ଏବେ ବି ନିରକ୍ଷର (୨୦୦୧ରେ ୩୪.୬%) ଏବଂ ପାଖାପାଖି ଅଧାଅଧି ଗ୍ରାମକୁ ସଡ଼କପଥର ସୁବିଧା ଓ ବିଜୁଳି ଆଲୋକ ଯୋଗାଣ ସୁବିଧା କରାଯାଇନାହିଁ । ଏପରିକି ବର୍ତ୍ତମାନ ପରିସ୍ଥିତିରେ ଅନେକ ଗ୍ରାମରେ ମଧ୍ୟ ଶୁଦ୍ଧ ପାନୀୟ ଜଳ ଯୋଗାଣ ଉପଲବ୍ଧ ହୋଇପାରୁନାହିଁ ।

ତେଣୁ ଉପରୋକ୍ତ ସମସ୍ତ କାରଣ ଗୁଡ଼ିକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଭାରତ ଏକ ସ୍ୱଳ୍ପ ଆୟ ବିଶିଷ୍ଟ ବିକାଶୋନ୍ମୁଖୀ ଦେଶ ।

# ପ୍ରଶ୍ନାବଳୀ

## ଆର୍ଥନୀତିକ ବିକାଶ ଓ ଭାରତୀୟ ଅର୍ଥବ୍ୟବସ୍ଥା

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

(କ) ଆର୍ଥନୀତିକ ବିକାଶ କାହାକୁ କୁହାଯାଏ ?

(ଖ) ଆର୍ଥନୀତିକ ବିକାଶ ପାଇଁ କେଉଁ ଚାରୋଟି ସର୍ତ୍ତ ପୂରଣ ହେବା ଦରକାର ?

(ଗ) ମାନବ ବିକାଶ ସୂଚକ କ'ଣ ଓ ଏହା କେଉଁ କେଉଁ ଉପାଦାନମାନଙ୍କୁ ନେଇ ନିରୂପଣ କରାଯାଏ ?

(ଘ) ଅର୍ଥବ୍ୟବସ୍ଥାର ନାମକରଣ କିପରି ହୋଇଥାଏ ?

(ଙ) ଅର୍ଥବ୍ୟବସ୍ଥାର ବିଭିନ୍ନ କ୍ଷେତ୍ର ବିଷୟରେ ଲେଖ ।

(ଚ) ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା ବିଷୟରେ ସମ୍ୟକ ଧାରଣା ଦିଅ ।

(ଛ) ସମାଜବାଦୀ ଅର୍ଥବ୍ୟବସ୍ଥା କ'ଣ ? ଏହା ବିଷୟରେ ଲେଖ ।

(ଜ) ମିଶ୍ରିତ ଅର୍ଥବ୍ୟବସ୍ଥା କାହାକୁ କୁହାଯାଏ ଓ ଏହାର ବୈଶିଷ୍ଟ୍ୟଗୁଡ଼ିକୁ ବର୍ଣ୍ଣନା କର ।

(ଝ) ବିକାଶୋନ୍ମୁଖୀ ଦେଶ କହିଲେ କ'ଣ ବୁଝ ? ଏହିପରି କିଛି ଦେଶମାନଙ୍କର ଉଦାହରଣ ଦିଅ ।

(ଝ) ବିକଶିତ ଦେଶର ସଂଜ୍ଞା ଦିଅ ।

(ଟ) ଭାରତୀୟ ଅର୍ଥବ୍ୟବସ୍ଥା ବିଷୟରେ ସଂକ୍ଷେପରେ ଆଲୋଚନା କର ।

(ଠ) ଓଡ଼ିଶାର ଆର୍ଥନୀତିକ ରୂପରେଖ ସଂକ୍ଷେପରେ ପ୍ରଦାନ କର ।

**୨. ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।**

(କ) ଜାତୀୟ ଆୟ

(ଖ) ମୁଣ୍ଡପିଛା ଆୟ

(ଗ) ଉତ୍ପାଦନ

(ଘ) ମୌଳିକ କ୍ଷେତ୍ର

(ଙ) ତୃତୀୟକ କ୍ଷେତ୍ର

(ଚ) ମାଧ୍ୟମିକ କ୍ଷେତ୍ର

(ଛ) ମାନବ ବିକାଶ ସୂଚକ

(ଜ) ବେକାରୀ

(ଝ) ଦାରିଦ୍ର୍ୟ

(ଞ) ଅଣପାରମ୍ପରିକ ଆର୍ଥନୀତିକ କ୍ଷେତ୍ର

(ଟ) ସଂଚୟ ଓ ପୁଞ୍ଜିଗଠନ

(ଠ) ଉପଭୋଗ

**୩. ପାର୍ଥକ୍ୟ ଦର୍ଶାଅ ।**

(କ) ବିକଶିତ ରାଷ୍ଟ୍ର ଓ ବିକାଶୋନ୍ମୁଖୀ ରାଷ୍ଟ୍ର

(ଖ) ମାଧ୍ୟମିକ କ୍ଷେତ୍ର ଓ ସେବାକ୍ଷେତ୍ର

(ଗ) ଜାତୀୟ ଆୟ ଓ ମୁଣ୍ଡପିଛା ଆୟ

(ଘ) ସମାଜବାଦୀ ଅର୍ଥବ୍ୟବସ୍ଥା ଓ ମିଶ୍ରିତ ଅର୍ଥବ୍ୟବସ୍ଥା

(ଙ) ଉତ୍ପାଦନ ଓ ସଂଚୟ

**୪. ଶୂନ୍ୟସ୍ଥାନ ପୂରଣ କର ।**

(କ) ମୋଟ ଜାତୀୟ ଆୟକୁ ସମୁଦାୟ ଜନସଂଖ୍ୟାରେ ଭାଗ କଲେ ________ ଆୟର ଆକଳନ କରିହୁଏ ।
(ମୁଣ୍ଡପିଛା ଆୟ, ମୁଣ୍ଡପିଛା ବ୍ୟୟ, ରାଷ୍ଟ୍ରୀୟ ଆୟ)

(ଖ) ଭାରତୀୟ ଅର୍ଥବ୍ୟବସ୍ଥାକୁ ________ ଅର୍ଥବ୍ୟବସ୍ଥା ବୋଲି କୁହାଯାଏ ।
(ପୁଞ୍ଜିବାଦୀ, ସମାଜବାଦୀ, ମିଶ୍ରିତ)

**୫. ତୁମ ପାଇଁ କାମ ।**

(କ) ତୁମ ଅଞ୍ଚଳରେ ମିଳୁଥିବା ପ୍ରାକୃତିକ ସମ୍ପଦର ସୁବିନିଯୋଗ ହେଉଛି କି ? ଏହାର ଏକ ଟିପ୍ପଣୀ ଲେଖ ।

(ଖ) ଓଡ଼ିଶାର ଅର୍ଥନୈତିକ ବିକାଶର ପ୍ରତିବନ୍ଧକଗୁଡ଼ିକ କ'ଣ ଓ ଏସବୁ କିପରି ଦୂରୀଭୂତ ହେବ ତା ସମ୍ପର୍କରେ ଏକ ଯୋଜନା ପ୍ରସ୍ତୁତ କର ।

●●●

# ଦ୍ୱିତୀୟ ପାଠ

# ମୁଦ୍ରା ଏବଂ ଋଣ

## Money & Credit

ଆମ୍ଭମାନଙ୍କର ଦୈନନ୍ଦିନ ଜୀବନରେ ମୁଦ୍ରାର ବ୍ୟବହାର ବ୍ୟାପକ ଅଟେ । ଏହା ଆମ ସମସ୍ତଙ୍କର ଏକ ଅତି ପରିଚିତ ଦ୍ରବ୍ୟ । ଜିନିଷ କିଣାବିକାରେ ଏହା ପ୍ରମୁଖ ମାଧ୍ୟମ ଅଟେ । ଆହୁରି ମଧ୍ୟ ଆମେ ମୁଦ୍ରାକୁ ବ୍ୟବହାର କରି କିଛି ସେବା ବି ପାଇପାରୁଛେ । ଯଥା:- ଘରେ ଯଦି ମିସ୍ତ୍ରୀ ମୁଲିଆ ଆଦିଙ୍କ କାମର ଦରକାର ହୁଏ, ତାହା ଆମେ ମୁଦ୍ରା ବିନିମୟରେ ତାଙ୍କୁ କାମରେ ଲଗାଇପାରୁଛେ । କେତେକ କ୍ଷେତ୍ରରେ ଆମେ ମୁଦ୍ରାକୁ ପ୍ରତ୍ୟକ୍ଷ ଭାବରେ ବିନିମୟ ନକରି ମୁଦ୍ରା ପ୍ରଦାନ କରିବାର ଏକ ପ୍ରତିଜ୍ଞାପତ୍ର ମାଧ୍ୟମରେ କାର୍ଯ୍ୟ କରିଥାଉ ।

ଏହି ମୁଦ୍ରା ଯାହା କାଗଜ ନୋଟ୍ ବା ଧାତୁ ନିର୍ମିତ ମୁଦ୍ରା ହିସାବରେ ଆମର ଅତି ପରିଚିତ ତାହାର ଇତିହାସ ଅତି ପ୍ରାଚୀନ । ହଜାର ହଜାର ବର୍ଷ ଧରି ଏହାର ବିବର୍ତ୍ତନ ଘଟି ଓ ବିଭିନ୍ନ ପର୍ଯ୍ୟାୟରେ ଗତିକରି ଏହା ବର୍ତ୍ତମାନର ଆକାର ଧାରଣ କରିଅଛି । ମାନବ ସମାଜର ବିବର୍ତ୍ତନ ସହିତ ମୁଦ୍ରାର ବିବର୍ତ୍ତନ ସମାନ୍ତରାଳ ଭାବରେ ଗତିକରି ଚାଲିଛି । ମୁଦ୍ରାର ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଯେ ଆଦିମ ମନୁଷ୍ୟ ଯେତେବେଳେ ବଣଜଙ୍ଗଲରେ ଘୁରି ବୁଲୁଥିଲା ଏବଂ ଜଙ୍ଗଲଜାତ ଦ୍ରବ୍ୟ ଓ ପଶୁପକ୍ଷୀଙ୍କ ମାଂସ ଭକ୍ଷଣ କରି ଗୁମ୍ଫାରେ ବାସ କରୁଥିଲା, ସେତେବେଳେ ମୁଦ୍ରାର ପ୍ରୟୋଜନ ନଥିଲା । କିନ୍ତୁ କାଳକ୍ରମେ ଜନସଂଖ୍ୟା ବୃଦ୍ଧି ହେତୁ ଏବଂ ସଭ୍ୟତାର ଅଗ୍ରଗତି ଫଳରେ ମନୁଷ୍ୟର ସ୍ୱାବଲମ୍ବିତା ଲୋପପାଇଲା ଓ ପରସ୍ପର ପ୍ରତି ନିର୍ଭରଶୀଳତାର ବୃଦ୍ଧି ଘଟିଲା । ଏହି ସମୟରେ ଦ୍ରବ୍ୟ ସହିତ ଦ୍ରବ୍ୟର ପ୍ରତ୍ୟକ୍ଷ ବିନିମୟ ପଦ୍ଧତି ଆରମ୍ଭ ହେଲା ଯାହାକୁ କି ପଣ୍ୟ ବିନିମୟ ପଦ୍ଧତି ବୋଲି କୁହାଯାଏ (Bartar System) । ଏହି ବ୍ୟବସ୍ଥା ଦ୍ୱାରା ଧରାଯାଉ ଜଣେ ବ୍ୟକ୍ତି ଧାନ ଚାଷ କରି ତା'ର ପରିବାର ଚଳାଇବାକୁ ଚାହୁଁଛି ଏବଂ ସେ ଯଦି ତେଲ କିଣିବାକୁ ଚାହିଁବ ତେବେ ତାକୁ ତା'ର ଉତ୍ପାଦିତ ଶସ୍ୟ ଧାନରୁ କିଛି ଦେଇ ପ୍ରତିବଦଳରେ ତେଲ ଉତ୍ପାଦନ କରୁଥିବା ବ୍ୟକ୍ତିଠାରୁ ତେଲ ଆଣିବାକୁ ପଡ଼ିବ । ଏହି ବ୍ୟବସ୍ଥାର ଏକ ଗୁରୁତର ତ୍ରୁଟି ରହିଛି । ଯାହାକୁ ଆମେ ଅଭାବର ଦ୍ୱୈତସଂଯୋଗର ଅନୁପସ୍ଥିତି (Lack of Double Coincidence of wants) ବୋଲି କହିଥାଉ । ଅର୍ଥାତ୍ ଜଣେ ବ୍ୟକ୍ତି ଯାହା ବିକ୍ରୀ କରିବାକୁ ଚାହୁଁଛି, ଅନ୍ୟ ବ୍ୟକ୍ତିଟି ତାହା କିଣିବା ପାଇଁ ଚାହୁଁଥିବା ଦରକାର । ଉପରୋକ୍ତ କ୍ଷେତ୍ରରେ ଯଦି ଦ୍ୱିତୀୟ ବ୍ୟକ୍ତିଟି ଧାନ କିଣିବା ପାଇଁ ଚାହୁଁନଥିବ ତା'ହେଲେ ସେ ତା'ର ଉତ୍ପାଦିତ ତେଲକୁ ବିକ୍ରି ନ କରିପାରେ । ଆହୁରି ଏକ ତ୍ରୁଟି ମଧ୍ୟ ଏହି ବ୍ୟବସ୍ଥାରେ ପରିଲକ୍ଷିତ ହୋଇଥିଲା ଯାହାକୁ ଆମେ ଏକ ସାଧାରଣ ମୂଲ୍ୟ ପରିମାପକର ଅନୁପସ୍ଥିତି (Lack of common measure of value) ବୋଲି କହିଥାଉ । ଦ୍ରବ୍ୟ ଦ୍ରବ୍ୟ ମଧ୍ୟରେ ବିନିମୟବେଳେ ବିନିମୟର ହାର ସ୍ଥିର କରିବା ଏକ ଜଟିଳ ସମସ୍ୟା ଥିଲା । କାରଣ ସବୁ ଦ୍ରବ୍ୟର ବିନିମୟ ହାରର ଏକକ ସମାନ ନୁହେଁ । କେହି କହିପାରିବେ ନାହିଁ ଯେ ଏକ ବସ୍ତା ଧାନ ଦେଲେ କେତେ ଡବା ତେଲ ମିଳିବ । ପୁଣି ଡବା ଓ ବସ୍ତାର ଆକାର ସେହି ଅଞ୍ଚଳସାରା ସମାନ ରହିବା ଦରକାର ଯାହାକି ଏକ ଅସମ୍ଭବ ବ୍ୟାପାର ।

ଦ୍ରବ୍ୟ ବିନିମୟ ବ୍ୟବସ୍ଥାର ଅନ୍ୟ ଏକ ଅସୁବିଧା ହେଲା ଦ୍ରବ୍ୟ ଗୁଡ଼ିକର ବିଭାଜନ (Difficulty of Subdivision) । ଉଦାହରଣ ସ୍ୱରୂପ ଗୋରୁଗାଈ, ଛେଳି, ମେଣ୍ଢା, ବାସଗୃହ ଇତ୍ୟାଦି ହେଲେ ଅବିଭାଜ୍ୟ ବସ୍ତୁ ଏବଂ ଏହାର ବିନିମୟ ପାଇଁ ମଣିଷ ବହୁ ଅସୁବିଧାର ସମ୍ମୁଖୀନ ହେଲା ଯାହାକି ମୁଦ୍ରା ସୃଷ୍ଟି କରିବା ପାଇଁ ମନୁଷ୍ୟକୁ ପ୍ରବର୍ତ୍ତାଇଲା । ଏହି ବ୍ୟବସ୍ଥାରେ ସଞ୍ଚୟ କରିବାକୁ ହେଲେ ସେହି ଦ୍ରବ୍ୟ ହିଁ ସଞ୍ଚୟ କରିବାକୁ ପଡ଼ିଥାଏ ଯାହାକି ଦୀର୍ଘମିଆଦୀ ନୁହେଁ । ଯଥା- ଚାଉଳ, ଗହମ, ଅଣ୍ଡା, କ୍ଷୀର

ଇତ୍ୟାଦି ଦ୍ରବ୍ୟ ବେଶି ଦିନ ଗଚ୍ଛିତ କରି ରଖାଯାଇପାରିବ ନାହିଁ । ଯାହାକୁ ଗଚ୍ଛିତ କରି ରଖିବା କଷ୍ଟସାଧ ବ୍ୟବସ୍ଥା ।

ଏହାପରେ ଦେଖାଗଲା ଯେ ଏହି ବ୍ୟବସ୍ଥାର ଅଭାବରେ ଦ୍ୱିପାକ୍ଷିକ ମିଳନର ଆବଶ୍ୟକତା ଥିବା ହେତୁ ମଣିଷକୁ ନିଜ ଦ୍ରବ୍ୟ ବଦଳ କରିବା ପାଇଁ ଉପଯୁକ୍ତ ବ୍ୟକ୍ତିକୁ ଖୋଜିବାକୁ ପଡ଼ିଥାଏ ଯାହା ସମୟ ଓ ଶକ୍ତିର ଅପଚୟ କରାଏ (Loss of time & energy) । ତା'ପରେ ସମସ୍ତ ବିନିମୟ ହୋଇଥିବା ଦ୍ରବ୍ୟର ହିସାବ ଦ୍ରବ୍ୟ ଆକାରରେ ରଖିବା ଏକ ଅସମ୍ଭବ ବ୍ୟାପାର ଏବଂ ଏହାଦ୍ୱାରା ବ୍ୟକ୍ତିର ଲାଭ କ୍ଷତି, ଆୟବ୍ୟୟ, ସଞ୍ଚୟ ବିନିଯୋଗର ହିସାବ ଦ୍ରବ୍ୟ ଆକାରରେ ରଖିଲେ ପ୍ରକୃତ ହିସାବ ଜଣାପଡ଼ିବ ନାହିଁ (Difficulty to maintain accounts) ।

ଉପରୋକ୍ତ ଅସୁବିଧା ଗୁଡ଼ିକର ସମ୍ମୁଖୀନ ହେବାରୁ ମନୁଷ୍ୟ ମୁଦ୍ରାର ଉଦ୍ଭାବନ କରିବାକୁ ବାଧ୍ୟ ହେଲା ।

## ମୁଦ୍ରା :

ମୁଦ୍ରା ଆଧୁନିକ ଅର୍ଥବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ତେଣୁ ଆଧୁନିକ ଅର୍ଥନୀତିକୁ ମୁଦ୍ରା ଅର୍ଥନୀତି ବୋଲି କୁହାଯାଇଅଛି । ଅର୍ଥଶାସ୍ତ୍ରୀମାନେ ମୁଦ୍ରାର ବିଭିନ୍ନ ପ୍ରକାରର ସଂଜ୍ଞା ପ୍ରଦାନ କରିଛନ୍ତି । ପ୍ରଫେସର ଫ୍ରାନ୍‌ସିସ୍ ୱାକର୍‌ଙ୍କ ମତରେ ମୁଦ୍ରାର ସଂଜ୍ଞା ହେଲା "ମୁଦ୍ରା ଯାହା କରେ ତାହା ହିଁ ମୁଦ୍ରା" (Money is what money does) । ମୁଦ୍ରାର କାର୍ଯ୍ୟାବଳୀ ହିଁ ମୁଦ୍ରାର ପରିଚୟ । କୌଣସି ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟକୁ ମୁଦ୍ରାର ଆଖ୍ୟା ଦିଆଯାଇପାରିବ ନାହିଁ । କାରଣ ଯେ କୌଣସି ଦ୍ରବ୍ୟ ମୁଦ୍ରାର କାର୍ଯ୍ୟ କଲେ ତାକୁ ମୁଦ୍ରା ବୋଲି କହିବାକୁ ହେବ ।

ଆମେ ଏଠାରେ ଜାଣିଲୁ ଯେ, ଯେକୌଣସି ଦ୍ରବ୍ୟ ଯଦି ନେଣଦେଣର ମାଧ୍ୟମ ରୂପେ କାର୍ଯ୍ୟ କରେ ତା'ହେଲେ ତାକୁ ମୁଦ୍ରାର ଆଖ୍ୟା ଦିଆଯିବ । କିନ୍ତୁ ତୁମେ ଜାଣିଛ କି ? ପୁରାତନ କାଳରେ ମୁଦ୍ରାର ଆକାର ଭିନ୍ନ ଭିନ୍ନ ଥିଲା । ଉଦାହରଣ ସ୍ୱରୂପ, ପୂର୍ବକାଳରେ ଭାରତୀୟମାନେ ଖାଦ୍ୟଶସ୍ୟ ଓ ଗୋରୁଗାଈମାନଙ୍କୁ ମୁଦ୍ରା ହିସାବରେ ବ୍ୟବହାର କରୁଥିଲେ । ତା'ପରେ ଧାତୁ ନିର୍ମିତ ମୁଦ୍ରାର ଯୁଗ ଆରମ୍ଭ ହେଲା । ସେତେବେଳେ ସୁନା, ରୁପା ଓ ତମ୍ବା ଆଦି ଧାତୁ ନିର୍ମିତ ମୁଦ୍ରା ପ୍ରଚଳନ କରାଯାଇଥିଲା । ତା'ପରେ ଆଧୁନିକ ଯୁଗରେ ମୁଦ୍ରାର ରୂପ ବଦଳିଗଲା ଏବଂ ମୁଖ୍ୟତଃ ଏହା କାଗଜରୁ ପ୍ରସ୍ତୁତ କରାଗଲା । ଏହା ସହିତ ସୁନା ଓ ରୂପା ନିର୍ମିତ ମୁଦ୍ରା ଲୋପପାଇଲା । ଅଧୁନା ଆମେ କେବଳ ନିକେଲ ବା ବ୍ରୋଞ୍ଜ ଧାତୁ ନିର୍ମିତ ମୁଦ୍ରା ଦେଖିବାକୁ ପାଉଛୁ ।

ତା'ହେଲେ ଏଠାରେ ଏକ ପ୍ରଶ୍ନ ଉଠେ ଯେ, ଏକ କାଗଜ ନିର୍ମିତ ନୋଟ୍ ବା ଟଙ୍କା ଓ ଧାତୁ ନିର୍ମିତ ମୁଦ୍ରାକୁ ନେଣଦେଣର ମାଧ୍ୟମ ରୂପେ କାହିଁକି ସ୍ୱୀକାର କରାଯିବ ? ତା'ର କାରଣ ହେଲା ଏହି ଟଙ୍କା ବା ମୁଦ୍ରାକୁ ଦେଶର ସରକାର ସ୍ୱୀକୃତି ଦେଇଥାନ୍ତି । ଆମ ଦେଶରେ ସରକାରଙ୍କ ତରଫରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ମୁଦ୍ରାକୁ ପ୍ରଚଳନ କରିଥାନ୍ତି । ଆଇନତଃ ଅନ୍ୟ କୌଣସି ସଂସ୍ଥାର ମୁଦ୍ରା ପ୍ରଚଳନ କରିବାର କ୍ଷମତା ନାହିଁ ଏବଂ ଏହି ମୁଦ୍ରାକୁ କେହି ବ୍ୟକ୍ତିବିଶେଷ ନେଣଦେଣର ମାଧ୍ୟମ ବୋଲି ଅସ୍ୱୀକାର କରିପାରିବେ ନାହିଁ ।




ଚିତ୍ର : 33

## ବ୍ୟାଙ୍କ ଜମା :

ମୁଦ୍ରାକୁ ଅନ୍ୟ ଉପାୟରେ ରଖିବାର ଏକ ବାଟ ହେଉଛି ବ୍ୟାଙ୍କରେ ଏହାକୁ ଜମାକରିବା । ଲୋକମାନେ ସବୁବେଳେ ତାଙ୍କର ଗଚ୍ଛିତ ମୁଦ୍ରାକୁ ବ୍ୟବହାର କରନ୍ତି ନାହିଁ । ବରଂ ସେଥିରୁ କିଛି ବ୍ୟବହାର କରନ୍ତି ଓ ବାକିତକ ମୁଦ୍ରାକୁ ବ୍ୟାଙ୍କରେ ଜମାକରି ରଖିଥାନ୍ତି । ଉଦାହରଣ ସ୍ୱରୂପ ଜଣେ କର୍ମଚାରୀ ମାସ ଶେଷରେ ଦରମା ପାଇଲା ପରେ ତାଙ୍କର ଯାବତୀୟ ଖର୍ଚ୍ଚ ତୁଲାଇସାରି ବାକିତକ ବଳକା ଅର୍ଥକୁ କୌଣସି ବ୍ୟାଙ୍କରେ ଜମାଖାତା ଖୋଲି ସଞ୍ଚୟ କରନ୍ତି ଏବଂ ବ୍ୟାଙ୍କ ମଧ୍ୟ ଉକ୍ତ ଟଙ୍କାକୁ ଜମା ଆକାରରେ ଗ୍ରହଣ କରି ତା' ଉପରେ କିଛି ସୁଧ ପ୍ରଦାନ କରିଥାନ୍ତି । ଏଭଳି ଭାବରେ ଲୋକମାନଙ୍କର ଟଙ୍କା ନିରାପଦରେ ରହେ ଓ ସେଥିରୁ କିଛି ଆୟ ବି ହୋଇଥାଏ । ଦରକାର ବେଳେ ଏହି ଜମାଟଙ୍କାରୁ ଲୋକମାନେ ଟଙ୍କା ଉଠାଇ ନିଜର କାର୍ଯ୍ୟରେ ଲଗାଇଥାନ୍ତି । ଯେହେତୁ ଏହି ଜମାଟଙ୍କାକୁ

ଚାହିଦା ମୁତାବକ ଉଠାଇହେବ, ସେଥିପାଇଁ ଏହାକୁ **'ଚାହିଦା ଜମା'** (Demand Deposit) ବୋଲି କୁହାଯାଏ । ଏହି ଚାହିଦା ଜମା ଆଉ ଏକ ସୁବିଧା ପ୍ରଦାନ କରିଥାଏ । ତୁମେମାନେ ଚେକ୍ ଦ୍ୱାରା ଟଙ୍କା ଦେବା ବିଷୟରେ ଶୁଣିଥିବ । ଏହାଦ୍ୱାରା ଟଙ୍କା ବା ମୁଦ୍ରା ଦିଆନଯାଇ ଚେକ୍ ଦ୍ୱାରା ପ୍ରାପ୍ୟ ପ୍ରଦାନ କରାଯାଏ । ଚେକ୍ ଦ୍ୱାରା ପ୍ରଦାନ କରିବାକୁ ହେଲେ ଯେଉଁ ବ୍ୟକ୍ତି ଚେକ୍ ଦେବେ ତାଙ୍କର ସେହି ବ୍ୟାଙ୍କରେ ନିଶ୍ଚିତ ଭାବରେ ଏକ ଲେଖା ବା ଜମାଖାତା ଥିବ ଓ ସେହି ଖାତାରେ ଟଙ୍କା ଗଚ୍ଛିତ ଥିବ ।

### ଗୋଟିଏ ଚେକ୍‌ର ନମୁନା




ଚିତ୍ର : 34

ଆମେ ବର୍ତ୍ତମାନ ବ୍ୟାଙ୍କଗୁଡ଼ିକର କାର୍ଯ୍ୟ ଉପରେ ଅଧିକ ଆଲୋଚନା କରିବା । ତୁମେ ଜାଣିଛ କି ବ୍ୟାଙ୍କ୍ ଲୋକମାନଙ୍କ ଠାରୁ ଜମା ଆକାରରେ ଗ୍ରହଣ କରିଥିବା ଟଙ୍କାକୁ କିପରି ଭାବରେ ବିନିଯୋଗ କରେ ? ପ୍ରକୃତରେ ଏହି ଜମା ଟଙ୍କାର ଏକ ଛୋଟ ପ୍ରତିଶତ ବ୍ୟାଙ୍କ ନିଜ ପାଖରେ ଗଚ୍ଛିତ ରଖି ଦୈନନ୍ଦିନ ନେଣଦେଣ କାରବାର କରିଥାଏ । ଭାରତରେ ରିଜର୍ଭ ବ୍ୟାଙ୍କର ନିୟମାନୁଯାୟୀ ଜମାଟଙ୍କାର ୧୫ ପ୍ରତିଶତ ବ୍ୟାଙ୍କ ନିଜ ପାଖରେ ରଖିପାରିବ । ବାକି ଟଙ୍କାର ଏକ ମୁଖ୍ୟ ଭାଗକୁ ବ୍ୟାଙ୍କ ଋଣ ଆକାରରେ ପ୍ରଦାନ କରିଥାଏ । ଆର୍ଥନୀତିକ କ୍ଷେତ୍ରରେ ଋଣର ବ୍ୟାପକ ଚାହିଦା ରହିଛି । ଏହିପରି ବ୍ୟାଙ୍କ ଯେଉଁମାନଙ୍କ ପାଖରେ ବେଶି ଟଙ୍କା ଅଛି (ବ୍ୟାଙ୍କ ଜମାକାରୀ) ଓ ଯେଉଁମାନଙ୍କର ଋଣ ଦରକାର ସେମାନଙ୍କ ମଧ୍ୟରେ ମଧ୍ୟସ୍ଥି ରୂପେ କାର୍ଯ୍ୟ କରିଥାଏ । ଏହି ଋଣ ପ୍ରଦାନ କରିବା ଫଳରେ ଋଣ ଗ୍ରହୀତାଙ୍କ ଠାରୁ କିଛି ସୁଧ ମଧ୍ୟ ବ୍ୟାଙ୍କ ଆଦାୟ କରେ । ଏହା ବ୍ୟାଙ୍କ୍‌ର ଏକ ମୁଖ୍ୟ ଆୟର ପନ୍ଥା ଅଟେ ।




ଚିତ୍ର : 35

## ଉଦାହରଣ (୧)

ହରି ନାମକ ଏକ ବ୍ୟକ୍ତି ଜୋତା ତିଆରି କରି ଜୀବିକା ନିର୍ବାହ କରନ୍ତି । ପ୍ରତିଦିନ ସେ ୪୦-୫୦ ହଳ ଜୋତା ତିଆରି କରି ବଜାରକୁ ବିକ୍ରୟ ପାଇଁ ପଠାଇଥାନ୍ତି । ତାଙ୍କ ପାଖରେ ପାଞ୍ଚଜଣ କାରିଗର କାମ କରନ୍ତି । ଦୁର୍ଗାପୂଜା ସମୟରେ ହରି ଏକ ବଡ଼ କମ୍ପାନୀ ଠାରୁ ପାଖାପାଖି ୩,୦୦୦ ହଳ ଜୋତା ତିଆରି କରିବା ପାଇଁ ଅର୍ଡ଼ର ପାଇଲେ । କିନ୍ତୁ ଠିକ୍ ସମୟରେ ଜୋତା ତିଆରି ହୋଇ ଅର୍ଡ଼ର ପୂରଣ କରିବା ପାଇଁ ତାଙ୍କୁ ଆହୁରି ଅଧିକା କାରିଗର, କଞ୍ଚାମାଲ ପାଇଁ ପୁଞ୍ଜି ଦରକାର ଯାହାକି ତାଙ୍କ ପାଖରେ ବର୍ତ୍ତମାନ ନାହିଁ । ତେଣୁ ଏ କ୍ଷେତ୍ରରେ ହରି କୌଣସି ଏକ ବ୍ୟାଙ୍କରୁ ଋଣ କରି ପୂଜା ସମୟରେ ଜୋତା ବିକ୍ରୟ କରି ନିଜର ଲାଭ କରିବା ସଙ୍ଗେ ସଙ୍ଗେ ବ୍ୟାଙ୍କର ଋଣ ବି ପରିଶୋଧ କରିପାରିବେ ।

ଗ୍ରାମୀଣ କ୍ଷେତ୍ରରେ ମୁଖ୍ୟତଃ ଚାଷ କାର୍ଯ୍ୟ କରିବା ପାଇଁ ଋଣର ଆବଶ୍ୟକତା ହୋଇଥାଏ ଯାହାକି ଭଲ କିସମର ବିହନ କ୍ରୟ, ଉନ୍ନତମାନର ସାର, କୀଟନାଶକ ଔଷଧ, ଜଳସେଚନ ବିଦ୍ୟୁତ୍ ଖର୍ଚ୍ଚ ଓ ଯନ୍ତ୍ରପାତିର ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହୁଏ । ଚାଷୀମାନେ ସାଧାରଣତଃ ଚାଷକାମ ଆରମ୍ଭ ହେବା ପୂର୍ବରୁ ଋଣ ନେଇ ଉପରୋକ୍ତ ଜିନିଷମାନ କିଣାବିକାରେ ଖର୍ଚ୍ଚ କରନ୍ତି ଏବଂ ଫସଲ ଅମଳ ହେଲାପରେ ତାକୁ ବିକ୍ରୟ କରି ଉକ୍ତ ଋଣକୁ ପରିଶୋଧ କରନ୍ତି । ଏ କ୍ଷେତ୍ରରେ ଋଣ ପରିଶୋଧ କରିବାର କ୍ଷମତା ଭଲ ଫସଲର ଅମଳ ଉପରେ ନିର୍ଭରଶୀଳ ।

## ଉଦାହରଣ (୨)

ଅର୍ଜୁନ ଜଣେ ଛୋଟ ଚାଷୀ ଯାହା ପାଖରେ ମାତ୍ର ୩ ଏକର ଜମି ଅଛି ଓ ସେ ସେଥିରେ ବାଦାମ ଚାଷ କରି ଚଳନ୍ତି । ସେ ଚାଷ କରିବା ପାଇଁ ଗ୍ରାମର ଜଣେ ମହାଜନଠାରୁ କିଛି ଟଙ୍କା କରଜ (ଋଣ) କଲେ ଏବଂ ତାଙ୍କର ଆଶା ଥିଲା କି ଅମଳ ପରେ ଉକ୍ତ ବାଦାମକୁ ବିକ୍ରୟ କରି ଋଣ ପରିଶୋଧ କରିଦେବେ । କିନ୍ତୁ ଦୁର୍ଭାଗ୍ୟବଶତଃ କୌଣସି କାରଣରୁ ସେହିବର୍ଷ ଫସଲରେ ଅଧିକ ପୋକ ଲାଗିଗଲେ ଏବଂ ଫସଲ ହାନି ହେଲା । ଅର୍ଜୁନଙ୍କ ଚେଷ୍ଟା ବିଫଳ ହେଲା ଓ ସେ ଋଣ ପରିଶୋଧ କରିବା ପାଇଁ ଶେଷରେ ନିଜ ଜମିର ଏକ ଅଂଶକୁ ବିକ୍ରୟ କରିବାକୁ ବାଧ ହେଲେ ।

ଏ କ୍ଷେତ୍ରରେ ଫସଲହାନି ଯୋଗୁଁ ଋଣ ପରିଶୋଧ ସମ୍ଭବ ହୋଇପାରିଲା ନାହିଁ । ବରଂ ଋଣ କରି ଅର୍ଜୁନ କେବଳ ଦୁଃଖ ଓ କଷ୍ଟ ହିଁ ପାଇଲେ ।

## ଋଣର ନିୟମାବଳୀ

ଋଣ କଲାବେଳେ ଋଣଦାତା ଓ ଋଣଗ୍ରହୀତାଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ପ୍ରସ୍ତୁତ କରଯାଇଥାଏ ଯେଉଁଥିରେକି ସୁଧର ହାର, ଉଲ୍ଲେଖ ଥାଏ । ଋଣଗ୍ରହୀତା ସୁଧ ସାଙ୍ଗେ ସାଙ୍ଗେ ମୂଳଧନକୁ ବି ପରିଶୋଧ କରିବାକୁ ସମ୍ମତି ଦେଇଥାନ୍ତି । ବେଳେ ବେଳେ ଋଣଦାତା ଋଣ ଦେଲା ପୂର୍ବରୁ ଋଣଗ୍ରହୀତାଙ୍କ ଠାରୁ କିଛି ପ୍ରତିଭୂତି (Security) ଦାବି କରିଥାନ୍ତି । ଏହି ପ୍ରତିଭୂତି ଏକ ଜିନିଷ ଯାହାକି ଋଣଗ୍ରହୀତାଙ୍କ ନିଜ ସମ୍ପତ୍ତି ଅଟେ । ଯଥା- ଜମି, ଘରବାଡ଼ି, ଯାନବାହାନ, ଗୋରୁଗାଈ, ବ୍ୟାଙ୍କ ଜମା, ସୁନା ଅଳଙ୍କାର ଇତ୍ୟାଦି । ଏହାକୁ ବନ୍ଧକ ରଖି ଋଣଦାତା ଋଣ ଦିଅନ୍ତି ଏବଂ ମୂଳଧନ ଓ ସୁଧ ପରିଶୋଧ କଲାପରେ ଋଣଗ୍ରହୀତାଙ୍କୁ ତାଙ୍କ ପ୍ରତିଭୂତି ଫେରାଇଥାନ୍ତି । ଯଦି କୌଣସି କ୍ଷେତ୍ରରେ ଋଣଗ୍ରହୀତା ଋଣ ପରିଶୋଧ କରିବାକୁ ଅକ୍ଷମ ହୁଅନ୍ତି ତେବେ ଋଣଦାତା ଯେଉଁ ପ୍ରତିଭୂତିକୁ ବନ୍ଧକ ରଖିଥାନ୍ତି ତାକୁ ବିକ୍ରୟ କରି ନିଜର ପ୍ରାପ୍ୟ ପାଇ ପାରିବେ ।

## ଗୃହଋଣ

ଘର ତୋଳିବା ପାଇଁ ଋଣ କରିବାକୁ ଗୃହଋଣ କୁହାଯାଏ । ମେଘା ନାମକ ଏକ ମହିଳା ଘର ତିଆରି କରିବାପାଇଁ ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଋଣ କରିଛନ୍ତି । ସେହି ଋଣ ଉପରେ ବାର୍ଷିକ ସୁଧର ହାର ଶତକଡ଼ା ୧୨.୫ ଅଟେ । ଏହି ଋଣକୁ ଦଶବର୍ଷ ଅବଧି ମଧ୍ୟରେ ମାସିକ କିସ୍ତିରେ ପରିଶୋଧ କରିବାକୁ ସେ ବ୍ୟାଙ୍କ୍ ସହିତ ଚୁକ୍ତି କରିଛନ୍ତି । ମେଘା ଋଣ କଲାବେଳେ ତାଙ୍କର ଚାକିରୀ ପ୍ରମାଣପତ୍ର, ଦରମା ପାଉଥିବା ପ୍ରମାଣ କାଗଜ ଇତ୍ୟାଦି ବ୍ୟାଙ୍କକୁ ପ୍ରଦାନ କରି ଋଣ ପାଇବାପାଇଁ ଆବେଦନ କରିଥିଲେ । ଏଥିସହିତ ବ୍ୟାଙ୍କ ତାଙ୍କଠାରୁ ପ୍ରତିଭୂତି ହିସାବରେ ଘରର କାଗଜପତ୍ର ମଧ୍ୟ ଦାବି କରିଥିଲେ ଏବଂ ଋଣ ପରିଶୋଧ ହେଲାପରେ ମେଘା ସେଗୁଡ଼ିକୁ ବ୍ୟାଙ୍କଠାରୁ ଫେରିପାଇବେ ।

ସୁଧର ହାର, ପ୍ରତିଭୂତି କାଗଜପତ୍ର ବା ଜିନିଷ ଓ ଋଣ ପ୍ରଦାନର କିସମକୁ ଋଣର ନିୟମାବଳୀ ବୋଲି

ବିବେଚନା କରାଯାଏ । ଏହା ପ୍ରତ୍ୟେକ ଋଣଦାତା ଓ ଋଣଗ୍ରହୀତାଙ୍କ ଆବଶ୍ୟକତା ଅନୁଯାୟୀ ଭିନ୍ନଭିନ୍ନ ହୋଇଥାଏ ।

## ସମବାୟ ସଂସ୍ଥାରୁ ଋଣ

ବ୍ୟାଙ୍କ ଛଡ଼ା ଋଣର ଆଉ ଗୋଟିଏ ବଡ଼ ଉତ୍ସ ହେଲା ସମବାୟ ସଂସ୍ଥା । ଗାଁ ଗହଳିରେ ଲୋକମାନେ ଶସ୍ତା ଋଣ ପାଇଁ ଏହି ସଂସ୍ଥା ଉପରେ ନିର୍ଭର କରିଥାନ୍ତି । ବିଭିନ୍ନ ପ୍ରକାର ସମବାୟ ସଂସ୍ଥା ଅଛି, ଯଥା : କୃଷକ ସମବାୟ ସଂସ୍ଥା, ବୁଣାକାର ସମବାୟ ସଂସ୍ଥା, କାରଖାନା ସମବାୟ ସଂସ୍ଥା ଇତ୍ୟାଦି । ସୋନପୁର ନାମକ ଏକ ଗ୍ରାମରେ କୃଷକ ସମବାୟ ସଂସ୍ଥା ଗଠନ କରାଯାଇଅଛି ଏବଂ ସେଥିରେ ପାଖାପାଖି ୨୩୦୦ ଚାଷୀ ସଭ୍ୟ ଅଛନ୍ତି । ଏହା ସଭ୍ୟମାନଙ୍କଠାରୁ ଟଙ୍କା ଜମା ହିସାବରେ ଗ୍ରହଣ କରେ ଏବଂ ଏହି ଟଙ୍କାକୁ ପ୍ରତିଭୂତି ହିସାବରେ ଦେଇ ବଡ଼ବ୍ୟାଙ୍କରୁ ଏକାଥରେ ବହୁତ ଟଙ୍କା ଋଣ କରିଆଣେ । ଏହି ଋଣ ଟଙ୍କାକୁ ସଂସ୍ଥାର ସଭ୍ୟମାନେ ଋଣ ହିସାବରେ ଗ୍ରହଣ କରି ନିଜର ଚାଷ କାର୍ଯ୍ୟ ତୁଲାଇଥାନ୍ତି ଏବଂ ଅମଳପରେ ଫସଲ ବିକ୍ରିକରି ଋଣ ପରିଶୋଧ କରନ୍ତି । ଥରେ ବ୍ୟାଙ୍କର ସମସ୍ତ ଋଣ ସୁଝାଗଲାପରେ ପୁଣି ଆଉଥରେ ସଂସ୍ଥା ଋଣ ପାଇବା ପାଇଁ ସକ୍ଷମ ହୋଇଥାଏ ।

କୃଷକ ସମବାୟ ସଂସ୍ଥା ଚାଷ ନିମନ୍ତେ ବ୍ୟବହୃତ ଯନ୍ତ୍ରପାତି, ମାଛଚାଷ ପାଇଁ ଜାଆଁଳ, ଘରତିଆରି କରିବାପାଇଁ ଏବଂ ଆହୁରି ଅନେକ ପ୍ରକାର ଯାବତୀୟ ଖର୍ଚ୍ଚ ତୁଲାଇବା ପାଇଁ ସଭ୍ୟମାନଙ୍କୁ ଋଣ ପ୍ରଦାନ କରିଥାଏ ।

ଆମେ ବର୍ତ୍ତମାନ ଜାଣିଲୁ ଯେ, ଲୋକମାନେ ତାଙ୍କର ଆବଶ୍ୟକତା ତୁଲାଇବା ପାଇଁ ବିଭିନ୍ନ ପ୍ରକାର ସଂସ୍ଥାରୁ ଋଣ କରିଥାନ୍ତି । ଏହି ଋଣ ଦେବା ସଂସ୍ଥା ଗୁଡ଼ିକୁ ଆମେ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରିପାରିବା-

(୧) ଆନୁଷ୍ଠାନିକ

(୨) ଅଣଆନୁଷ୍ଠାନିକ

ବ୍ୟାଙ୍କ ଓ ସମବାୟ ସଂସ୍ଥାଗୁଡ଼ିକ ଆନୁଷ୍ଠାନିକ ସଂସ୍ଥାର ଅନ୍ତର୍ଭୁକ୍ତ ହୋଇଥିଲା ବେଳେ ମହାଜନ, କାବୁଲିବାଲା, ବ୍ୟବସାୟୀ, ନିଯୁକ୍ତିଦାତା (Employer), ବନ୍ଧୁବାନ୍ଧବ, ସାଙ୍ଗସାଥି ଇତ୍ୟାଦି ଅଣଆନୁଷ୍ଠାନିକ ସଂସ୍ଥାର ଅନ୍ତର୍ଭୁକ୍ତ ଅଟନ୍ତି ।



ଚିତ୍ର : 36 ଗ୍ରାମୀଣ କ୍ଷେତ୍ରରେ ଋଣର ଉତ୍ସ

ଆନୁଷ୍ଠାନିକ ଋଣ ପ୍ରଦାନ ସଂସ୍ଥାଗୁଡ଼ିକର କାର୍ଯ୍ୟାବଳୀ ଭାରତୀୟ ରିଜର୍ଭବ୍ୟାଙ୍କଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥାଏ ଓ ତଦନୁଯାୟୀ ସେମାନେ ଭାରତୀୟ ରିଜର୍ଭବ୍ୟାଙ୍କର ପ୍ରଦତ୍ତ ନିୟମାବଳୀ ଅନୁସାରେ କାର୍ଯ୍ୟ କରିଥାନ୍ତି । ଯଥା- ସେମାନଙ୍କ ପାଖରେ ସର୍ବନିମ୍ନ ରାଶି କେତେ ରହିବ, ଓ ଜମାପୁଞ୍ଜିର କେତେ ଶତକଡ଼ା ଋଣ ଆକାରରେ ପ୍ରଦାନ କରାଯିବ ଇତ୍ୟାଦି । ଆହୁରି ମଧ୍ୟ ସେମାନେ କାହାକୁ ଋଣ ପ୍ରଦାନ କରିବେ- ଯେମିତିକି କେବଳ ଲାଭଖୋର ମନୋବୃତ୍ତିନେଇ ବ୍ୟବସାୟୀ ଓ ଧନୀକ ଶ୍ରେଣୀର ଲୋକମାନଙ୍କୁ ଖାଲି ଋଣ ଦେଲେ ଚଳିବ ନାହିଁ । ଗରିବ ଚାଷୀ, କ୍ଷୁଦ୍ରଶିଳ୍ପ ସଂସ୍ଥା, ଛୋଟ ଛୋଟ ବ୍ୟବସାୟୀ ଓ ସର୍ବୋପରି ଯାହାର ନିତାନ୍ତ ପ୍ରୟୋଜନ ସେହିଭଳି ଲେକମାନଙ୍କୁ ଋଣ ପ୍ରଦାନ ପ୍ରଭୃତି କାର୍ଯ୍ୟ ଭାରତୀୟ ରିଜର୍ଭ ବ୍ୟାଙ୍କ ତଦାରଖ କରନ୍ତି ।

ଅଣଆନୁଷ୍ଠାନିକ ଋଣ ପ୍ରଦାନସଂସ୍ଥାଗୁଡ଼ିକର କାର୍ଯ୍ୟାବଳୀ ତଦାରଖ କରିବାପାଇଁ କୌଣସି ବ୍ୟବସ୍ଥା ନାହିଁ । ସେମାନେ ଶତକଡ଼ା କେତେ ହାରରେ ସୁଧ ଦାବି କରିବେ ତାହା ଉପରେ କାହାର ଅଙ୍କୁଶ ନାହିଁ । ଅଣଆନୁଷ୍ଠାନିକ ଋଣ ପ୍ରଦାନ ସଂସ୍ଥା ଗୁଡ଼ିକ ବେଶୀ ହାରରେ ସୁଧ ଦାବି କରନ୍ତି ଓ ସେମାନଙ୍କର କାର୍ଯ୍ୟାବଳୀର କୌଣସି ନିୟମ ନାହିଁ ।

ଯେହେତୁ ଅଣଆନୁଷ୍ଠାନିକ ସଂସ୍ଥାଗୁଡ଼ିକ ସବୁବେଳେ ଉଚ୍ଚ ହାର ସୁଧ ଦାବି କରନ୍ତି, ଯେଉଁମାନେ ଏହି ସଂସ୍ଥାରୁ ଋଣ କରିବେ ସାଧାରଣତଃ ସେମାନେ ନିଶ୍ଚିତ ଭାବରେ ଶୋଷଣର ସମ୍ମୁଖୀନ ହେବେ ଓ ମୂଳସୁଧ ଦେଇସାରିଲା ପରେ ସେମାନଙ୍କ ଆୟ ପୁରାପୁରି ଖର୍ଚ୍ଚ ହୋଇସାରିଥିବ ।

କେତେକ କ୍ଷେତ୍ରରେ ସେମାନେ ଟଙ୍କା ସୁଝି ନପାରି ଋଣର ଜାଲରେ ଛନ୍ଦି ହୋଇ ବେଳେ ବେଳେ ଆତ୍ମହତ୍ୟା ବି କରନ୍ତି । ତୁମେମାନେ ନିଶ୍ଚିତ ଭାବରେ ଖବରକାଗଜରେ ଏହି ସମ୍ବାଦ ପଢ଼ିଥିବ ।

ଏହିସବୁ କାରଣରୁ ଆନୁଷ୍ଠାନିକ ଋଣ ପ୍ରଦାନ ସଂସ୍ଥାଗୁଡ଼ିକର ଗୁରୁ ଦାୟିତ୍ୱ ରହିଛି । ସେମାନେ ପ୍ରୟୋଜନଭିତ୍ତିକ ଋଣ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିବା ଉଚିତ । ଶସ୍ତା ହାରରେ ସୁଧ ଓ ସହଜରେ ମିଳିପାରୁଥିବା ଋଣପ୍ରଦାନ କରାଗଲେ ଦେଶ ନିଶ୍ଚିତ ଭାବରେ ଅର୍ଥନୀତିକ କ୍ଷେତ୍ରରେ ଅଗ୍ରଗତି କରିପାରିବ ଓ ବିକଶିତ ହୋଇପାରିବ ।

## ସ୍ୱୟଂ ସହାୟକ ଗୋଷ୍ଠୀ

ଆଜିକାଲି ଗରିବ ଶ୍ରେଣୀର ଲୋକମାନଙ୍କୁ ସହଜ ଓ ସୁବିଧାରେ ଋଣ ମିଳିବାପାଇଁ କେତେଗୁଡ଼ିଏ ଗୋଷ୍ଠୀ କାର୍ଯ୍ୟରତ । ଗ୍ରାମୀଣ କ୍ଷେତ୍ରରେ ଗରିବଶ୍ରେଣୀର ଓ ମୁଖ୍ୟତଃ ମହିଳାମାନେ ଏକ ଗୋଷ୍ଠୀ ଗଠନ କରିଥାନ୍ତି ଯାହାକୁ "ସ୍ୱୟଂ ସହାୟକ ଗୋଷ୍ଠୀ" ବା (Self Help Group) (SHG) ବୋଲି କୁହାଯାଏ । ଏହି ଗୋଷ୍ଠୀର ସଭ୍ୟମାନେ ସେମାନଙ୍କର ଆୟର କିଛିଅଂଶକୁ ସଞ୍ଚୟ କରି ଏହି ଅଂଶକୁ ଏକାଠି କରି ବେଶ କିଛି ଟଙ୍କା ଜମା କରନ୍ତି । ସେହି ଟଙ୍କାରୁ ସଭ୍ୟମାନେ ନିଜର ଚାହିଦା ମୁତାବକ ଛୋଟଛୋଟ ଋଣନେଇ ନିଜର ପ୍ରୟୋଜନ ମୁତାବକ କୃଷି, ଛୋଟ ବ୍ୟବସାୟ, କୁଟୀର ଶିଳ୍ପ ଇତ୍ୟାଦି କାର୍ଯ୍ୟରେ ଲଗାଇଥାନ୍ତି । ସେମାନେ ସୁଧ ଆକାରକୁ ଯାହା ଦିଅନ୍ତି ତାହା ଅଣଆନୁଷ୍ଠାନିକ ସଂସ୍ଥାମାନଙ୍କର ସୁଧହାର ଅପେକ୍ଷା ଯଥେଷ୍ଟ କମ୍ ଅଟେ । ସାଧାରଣତଃ ଏକ ସ୍ୱୟଂ ସହାୟକ ଗୋଷ୍ଠୀରେ ଅତିକମ୍‌ରେ ୧୫-୨୦ ସଭ୍ୟ ରହିଥାନ୍ତି ଓ ସମସ୍ତେ ଏକ ଗ୍ରାମର ବାସିନ୍ଦା ହୋଇଥାନ୍ତି । ବର୍ଷେ, ଦୁଇବର୍ଷପରେ ନିୟମିତ ସଞ୍ଚୟ ଦ୍ୱାରା ସେମାନଙ୍କ ପାଖରେ ବେଶ୍ କିଛି ଟଙ୍କା ଜମା ହୋଇଯାଏ ଏବଂ ସେମାନେ କୌଣସି ବଡ଼ବ୍ୟାଙ୍କରୁ ଋଣ ପାଇବାପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି । ଋଣ ସେହି ଗୋଷ୍ଠୀ ନାମରେ ପ୍ରଦାନ କରାଯାଏ ଓ ଏହା ସଭ୍ୟମାନଙ୍କୁ ସ୍ୱୟଂ ରୋଜଗାରକ୍ଷମ ହେବାରେ ସାହାଯ୍ୟ କରେ ।

ଉଦାହରଣ ସ୍ୱରୂପ ଏହି ଟଙ୍କାରୁ ଋଣ ନେଇ ସଭ୍ୟମାନେ ନୂତନ ବ୍ୟବସାୟ, ବନ୍ଧା ପଡ଼ିଥିବା ଗୃହ ବା ଜମି ଇତ୍ୟାଦି ମୁକୁଳାନ୍ତି । କୃଷି କାର୍ଯ୍ୟ ନିମନ୍ତେ ବିଭିନ୍ନ ପ୍ରକାର ସରଞ୍ଜାମ, ସିଲାଇ ମେସିନ୍, ହସ୍ତତନ୍ତ ଇତ୍ୟାଦି ବି କିଣିବା ପାଇଁ ସେମାନେ ଋଣ ନିଅନ୍ତି । ଏହି ଋଣର ସୁଧହାର, ପ୍ରୟୋଜନ ଇତ୍ୟାଦି ଗୋଷ୍ଠୀର ସଭ୍ୟମାନଙ୍କର ନିଜସ୍ୱ ନିଷ୍ପତ୍ତି ଅଟେ । ଏକ ଗ୍ରାମର ବାସିନ୍ଦା ଓ ପରସ୍ପର ମଧ୍ୟରେ ସମ୍ପର୍କ ହେତୁ ଋଣ ଆଦାୟରେ ପ୍ରାୟ ଅନିୟମିତତା ଦେଖାଦେଇନଥାଏ । ଏହି ସବୁ କାରଣ ଯୋଗୁଁ ବଡ଼ବ୍ୟାଙ୍କ୍ ଗ୍ରାମୀଣ ମହିଳାମାନଙ୍କୁ ବିନା ପ୍ରତିଶ୍ରୁତିରେ ବି ଋଣ ପ୍ରଦାନ କରିଥାଏ । ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଆଜିକାଲି ପ୍ରକୃତରେ ଗ୍ରାମର ମହିଳାମାନଙ୍କୁ ଆର୍ଥନୀତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସଙ୍ଗେ ସଙ୍ଗେ ସାମାଜିକ କ୍ଷେତ୍ରରେ ମଧ୍ୟ ସଶକ୍ତିକରଣ କରାଉଛି ।

*ତୁମେ ଜାଣିଛକି ?*

*ଗ୍ରାମୀଣ ଗରୀବ ଶ୍ରେଣୀର ଲୋକମାନଙ୍କୁ ସହଜ ଓ ଶସ୍ତାରେ ଋଣ ପ୍ରଦାନ କ୍ଷେତ୍ରରେ ବାଂଲାଦେଶର 'ଗାମୀଣ ବ୍ୟାଙ୍କ'ର କାର୍ଯ୍ୟ ଉଲ୍ଲେଖଯୋଗ୍ୟ । ୧୯୭୦ରେ ସ୍ଥାପିତ ଏହି ସଂସ୍ଥା ବର୍ତ୍ତମାନ ଏକ ବିଶାଳକାୟ ସଂସ୍ଥାରେ ପରିଣତ ହୋଇଛି ଯାହାରକି ସଭ୍ୟସଂଖ୍ୟା ପାଖାପାଖି ୬ ଲକ୍ଷ ଓ ଏହା ୪୦,୦୦୦ ଗ୍ରାମକୁ ନେଇ ଗଠିତ । ଏହାର ସମସ୍ତ ସଭ୍ୟ ମହିଳା ଅଟନ୍ତି । ସେମାନେ ପ୍ରମାଣିତ କରିଛନ୍ତି ଯେ, ସେମାନେ ସମସ୍ତେ କେବଳ ନିର୍ଭରଯୋଗ୍ୟ ଋଣ ଗ୍ରହୀତା ନୁହନ୍ତି ବରଂ ନିଜେ ନିଜେ ସମସ୍ତେ ବିଭିନ୍ନ ପ୍ରକାରର ଆର୍ଥନୀତିକ କାର୍ଯ୍ୟକରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ବାଙ୍ଗଲାଦେଶର ବିଖ୍ୟାତ ନୋବେଲ ବିଜେତା ପ୍ରଫେସର ମହମ୍ମଦ ୟୁନୁସ୍‌ଙ୍କ ଭାଷାରେ-*

*"ଯଦି ଗ୍ରାମୀଣ ଗରିବଲୋକମାନଙ୍କୁ ସେମାନଙ୍କର ସୁବିଧା ଅନୁଯାୟୀ ଋଣ ପ୍ରଦାନ କରାଯାଏ ତେବେ ଲକ୍ଷଲକ୍ଷ ସଂଖ୍ୟାରେ ଗରିବ ଲୋକ ଉପକୃତ ହୋଇପାରିବେ ଏବଂ ବୋଧହୁଏ ଏହା ହେବ ବିକାଶର ଏକ ବୃହତ ନୂତନ ଦିଗନ୍ତ ।"*

***ପ୍ରଫେସର ମହମ୍ମଦ ୟୁନୁସ୍*** *ବାଂଲାଦେଶର ୨୦୦୬ ଶାନ୍ତି ନୋବେଲ ପୁରସ୍କାର ବିଜେତା ଓ ଗ୍ରାମୀଣ ବ୍ୟାଙ୍କ୍‌ର ପ୍ରତିଷ୍ଠାତା ।*

# ପ୍ରଶ୍ନାବଳୀ

## ମୁଦ୍ରା ଓ ଋଣ

**୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।**

(କ) ମୁଦ୍ରା ଉଦ୍ଭାବନର ବିଭିନ୍ନ କାରଣଗୁଡ଼ିକ ଆଲୋଚନା କର ।

(ଖ) ଚେକ୍ ମାନେ କ'ଣ ? ଏହାଦ୍ୱାରା କିପରି ଟଙ୍କା ନେଣଦେଣ କରାଯାଏ ?

(ଗ) ଋଣର ନିୟମାବଳୀ ବିଷୟରେ ଆଲୋଚନା କର ।

(ଘ) ସମବାୟ ସଂସ୍ଥାର ଋଣ ପ୍ରଦାନ କରିବାର କାର୍ଯ୍ୟ ଉପରେ ଏକ ବିବରଣୀ ପ୍ରଦାନ କର ।

(ଙ) ଋଣ ପ୍ରଦାନକାରୀ ସଂସ୍ଥାମାନଙ୍କର ପ୍ରକାରଭେଦ ଓ କାର୍ଯ୍ୟାବଳୀ ଉପରେ ବିସ୍ତୃତ ଆଲୋଚନା କର ।

(ଚ) ସ୍ୱୟଂ ସହାୟକ ଗୋଷ୍ଠୀ କ'ଣ ଏବଂ ଏହାର କାର୍ଯ୍ୟକାରିତା ଉପରେ ସମ୍ୟକ୍ ଧାରଣା ପ୍ରଦାନ କର ।

(ଛ) ଗ୍ରାମୀଣ ବ୍ୟାଙ୍କ୍ କ'ଣ ? ଏହା କିଭଳି ଭାବରେ ଏବଂ କେଉଁଠାରେ କାର୍ଯ୍ୟରତ ?

**୨. ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।**

(କ) ମୁଦ୍ରା କାହାକୁ କୁହାଯାଏ ?

(ଖ) ପଣ୍ୟ ବିନିମୟ କହିଲେ କ'ଣ ବୁଝ ?

(ଗ) ଚଳନ୍ତି ଜମା କାହାକୁ କୁହାଯାଏ ?

(ଘ) ବିକାଶ ପାଇଁ ଋଣର ଭୂମିକା

(ଙ) ଅଭାବର ଦ୍ୱୈତସଂଯୋଗର ଅନୁପସ୍ଥିତି

(ଚ) ଆନୁଷ୍ଠାନିକ ଋଣ ସଂସ୍ଥା

(ଛ) ଅଣଆନୁଷ୍ଠାନିକ ଋଣ ସଂସ୍ଥା

(ଜ) ସ୍ୱୟଂସହାୟକ ଗୋଷ୍ଠୀ

**୩. ଶୂନ୍ୟସ୍ଥାନ ପୂରଣ କର ।**

(କ) ଭାରତରେ ______________ ସଂସ୍ଥା ସରକାରଙ୍କ ତରଫରୁ ମୁଦ୍ରା ପ୍ରଚଳନ କରିଥାନ୍ତି ।

(ଖ) ଗ୍ରାମୀଣ କ୍ଷେତ୍ରରେ ଗରିବ ମହିଳାମାନେ ______________ ଗୋଷ୍ଠୀ ଗଠନ କରି ଟଙ୍କାପଇସା ସଞ୍ଚୟ ଓ ଋଣ କରନ୍ତି ।

(ଗ) ବାଂଲାଦେଶରେ ସ୍ଥାପିତ ଗ୍ରାମୀଣ ବ୍ୟାଙ୍କର ସଭ୍ୟ ସଂଖ୍ୟା ପାଖାପାଖି ______________ ।

**୪. ତୁମ ପାଇଁ କାମ ।**

(କ) ତୁମର ନିକଟରେ ଥିବା ଏକ ବ୍ୟାଙ୍କ୍ ଯାଇ ଏହାର କାର୍ଯ୍ୟପ୍ରଣାଳୀର ଏକ ବିବରଣୀ ଲେଖ ।

(ଖ) ବିଭିନ୍ନ ପ୍ରକାରର ମୁଦ୍ରା ସଂଗ୍ରହ କର ।

●●●

# ଦ୍ୱିତୀୟ ଅଧ୍ୟାୟ

# ଧାରଣୀୟ ବିକାଶ

ପୃଥିବୀପୃଷ୍ଠରେ ଜୀବନଯାପନ କରିବାପାଇଁ ଆମ୍ଭେମାନେ ବିଭିନ୍ନ ପ୍ରକାର ପଦକ୍ଷେପ ନେଇଥାଉ । ଯଥା କୃଷି ପାଇଁ ଭୂମି, ଜଙ୍ଗଲଜାତ ଦ୍ରବ୍ୟ ପାଇଁ ଜଙ୍ଗଲ, ପାଣିପାଇଁ ପୃଷ୍ଠସ୍ତର ଏବଂ ଭୂତଳଜଳ, କଳକାରଖାନା ପାଇଁ ବିଭିନ୍ନ ପ୍ରକାରର କଞ୍ଚାମାଲ ଏବଂ ଜାଳେଣୀ ଇତ୍ୟାଦି ଉପରେ ମନୁଷ୍ୟ ସର୍ବଦା ନିର୍ଭରଶୀଳ । ମନୁଷ୍ୟ ସ୍ୱଭାବତଃ ସ୍ୱାର୍ଥପର ଏବଂ ଅଳ୍ପରେ ସନ୍ତୁଷ୍ଟ ନୁହେଁ । ତେଣୁ ତାହାର ଅନେକ କାର୍ଯ୍ୟକଳାପ ଅର୍ଥବ୍ୟବସ୍ଥାର, ସମାଜର ତଥା ସର୍ବୋପରି ପୃଥିବୀର ଦୀର୍ଘକାଳୀନ ବିକାଶରେ ଅନ୍ତରାୟ ସୃଷ୍ଟି କରିଥାଏ । ଆମ୍ଭେ ଜାଣୁ ଯେ, ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ବ୍ୟକ୍ତିମାନେ କାଳକ୍ରମେ ଜଙ୍ଗଲକୁ କାଟି ପଦା କରିଦିଅନ୍ତି । ସେହିପରି କଳକାରଖାନା ସ୍ଥାପନ ହେବାପରେ ସେହି ସ୍ଥାନଟ ଧିରେ ଧିରେ ପ୍ରଦୂଷିତ ହେବାରେ ଲାଗିଥାଏ । ଯେପରିକି କଳକାରଖାନାର ଧୂଆଁ ବାୟୁମଣ୍ଡଳକୁ ଏବଂ ମଇଳାପାଣି ନଦୀକୁ ପ୍ରଦୂଷିତ କରେ । ଏହିପରି ଅନେକ କାର୍ଯ୍ୟ କରିବାଦ୍ୱାର ସେଥିରୁ ବର୍ଜ୍ୟବସ୍ତୁ ନିଷ୍କାସିତ ହୋଇଥାଏ । ଫଳତଃ ବାୟୁମଣ୍ଡଳର ଉଷ୍ଣତା ବୃଦ୍ଧି, ବୃଷ୍ଟିପାତରେ ଅନିୟମିତତା, ବାୟୁ ଏବଂ ଜଳଦୂଷିତ ଇତ୍ୟାଦି ଆଜିକାଲି ଏକ ମୁଖ୍ୟ ସମସ୍ୟାରୂପେ ଦେଖାଦେଇଛି । ସେହିପରି ମନୁଷ୍ୟମାନେ ବ୍ୟବହାର କରୁଥିବା ବିଭିନ୍ନ ସାମଗ୍ରୀରୁ ବାହାରୁଥିବା ବର୍ଯ୍ୟବସ୍ତୁ ପରିବେଶକୁ ଖରାପ କରିଥାଏ । ଉଦାହରଣ ସ୍ୱରୂପ ଆମେ ବଜାରରୁ ଥଣ୍ଡାପାନୀୟ କିଣି ବା ଆଳୁଚିପ୍‌ସ କିଣି ଖାଇଲାପରେ ତାର ପ୍ଲାଷ୍ଟିକ ଜରି/ପଲିଥିନ୍‌କୁ ବର୍ଜ୍ୟବସ୍ତୁ ଫୋପାଡ଼ିବା ସ୍ଥାନରେ ନପକାଇ, ରାସ୍ତାରେ ବା ନାଳରେ ପକାଇଥାଉ ଏବଂ ଏହା ନର୍ଦ୍ଦମା ପାଣି ନିଷ୍କାସନରେ ବାଧାଦିଏ ଏବଂ ପ୍ରଦୂଷଣର ମାତ୍ରାକୁ ବୃଦ୍ଧି କରାଏ । ଏହି ସବୁ ବିଷୟରେ ଆଲୋଚନା କରିବାପାଇଁ ଆମକୁ ଧାରଣୀୟ ବିକାଶ (Sustainable Development) ସମ୍ବନ୍ଧରେ କିଛି ଜ୍ଞାନ ଆହରଣ କରିବାକୁ ପଡ଼ିବ ।

## ଧାରଣୀୟ ବିକାଶର ସଂଜ୍ଞା

ଧାରଣୀୟ ବିକାଶ ବା (Sustainable Development) ଶବ୍ଦଟି ପ୍ରଥମେ ୧୯୮୭ ମସିହାରେ "ଆମ୍ଭମାନଙ୍କର ସାର୍ବଜନୀନ ଭବିଷ୍ୟତ" ନାମକ ଏକ ଚିଠାରେ ବ୍ୟବହୃତ ହୋଇଥିଲା । ଗ୍ରୋ ହାରଲେମ୍ ବ୍ରଣ୍ଡଲାଣ୍ଡ ଯିଏକି ସେ ସମୟରେ ନରୱେ ଦେଶର ପ୍ରଧାନମନ୍ତ୍ରୀ ଥିଲେ ତାଙ୍କର ଅଧ୍ୟକ୍ଷତାରେ ଏକ କମିଶନ୍ "ପୃଥିବୀର ପରିବେଶର ବିକାଶ" ନାମରେ ଗଠନ କରାଯାଇଥିଲା । ବ୍ରଣ୍ଡଲାଣ୍ଡଙ୍କ ଭାଷାରେ "ଯେଉଁ ବିକାଶ ଆଗାମୀ ବଂଶଧରମାନଙ୍କର ଆବଶ୍ୟକତାକୁ ପୂରଣ କରିବାର ସାମର୍ଥ୍ୟକୁ ସାଲିସ୍ ନକରି ବର୍ତ୍ତମାନ ପୀଢ଼ିର ଆବଶ୍ୟକତାକୁ ପୂରଣ କରିଥାଏ ତାହାକୁ ଧାରଣୀୟ ବିକାଶ କୁହାଯାଏ ।" ଏହି ସଂଜ୍ଞାରେ ଆବଶ୍ୟକତା ଶବ୍ଦଟି ମୁଖ୍ୟତଃ ଉତ୍ପାଦନ ପାଇଁ ପ୍ରାକୃତିକ ସମ୍ବଳ ବିଷୟକୁ ବୁଝାଉଛି । ପୃଥିବୀପୃଷ୍ଠରେ ଥିବା ସମସ୍ତ ଜୀବଜଗତ, ଉଦ୍ଭିଦ, ପ୍ରାକୃତିକ ସମ୍ପଦର ବ୍ୟବହାର ଏବଂ ଆଗାମୀ ବଂଶଧରମାନଙ୍କ ପ୍ରତି ଆମର ଦୃଷ୍ଟିଭଙ୍ଗୀ ଧାରଣୀୟ ବିକାଶର ମୁଖ୍ୟ ନିର୍ଣ୍ଣାୟକ ଅଟେ । ସର୍ବୋପରି ଏହି ବିକାଶ ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ, ସମସ୍ତଙ୍କର ଜୀବନଧାରଣରମାନ ଉନ୍ନତ କରିବା ସଙ୍ଗେ ସଙ୍ଗେ ଏକ ପ୍ରଦୂଷଣମୁକ୍ତ ପୃଥିବୀର ଗଠନ ହୋଇପାରିବ ।

ଏଠାରେ ସାଧାରଣତଃ ଆମ ମନରେ ଦୁଇଟି ପ୍ରଶ୍ନ ଉଠିପାରେ ଯଥା :

(୧) ବିକାଶ ବିନା ଏକ ପରିବେଶର କଳ୍ପନା କରିବା ଅର୍ଥହୀନ କାରଣ ବିକାଶ ବିନା ପୃଥିବୀ ପୃଷ୍ଠରେ ଜୀବନଯାପନ ଅସମ୍ଭବ ।

(୨) ଉପଯୁକ୍ତ ପରିବେଶ ସୁରକ୍ଷା ନଥାଇ ବିକାଶର ଅର୍ଥ ଉତ୍କଟ ପରିବେଶର ଅବକ୍ଷୟ ଜନିତ ସମସ୍ୟାର ସୃଷ୍ଟି ।

ତେଣୁ ଏଠାରେ ବ୍ରଣ୍ଡଲାଣ୍ଡଙ୍କ ଧାରଣୀୟ ବିକାଶ ସାଂପ୍ରତିକ ସମାଜ ଓ ପୃଥିବୀପାଇଁ ଏକ ଉପଯୁକ୍ତ ପ୍ରକ୍ରିୟା ଅଟେ ।

## ଧାରଣୀୟ ବିକାଶର ଉପାଦାନ ଏବଂ ଉଦ୍ଦେଶ୍ୟ/ ଲକ୍ଷ୍ୟ :

ଧାରଣୀୟ ବିକାଶର ମୁଖ୍ୟ ଉଦ୍ଦେଶ୍ୟ ହେଲା ପରସ୍ପରର ନିର୍ଭରଶୀଳ ହୋଇ ଅର୍ଥବ୍ୟବସ୍ଥାର ବିକାଶ, ସାମାଜିକ ବ୍ୟବସ୍ଥାର ସଂହତି ଏବଂ ପରିବେଶ ବ୍ୟବସ୍ଥାର ସଂରକ୍ଷଣ ଦ୍ୱାରା ସର୍ବୋଚ୍ଚ ଲକ୍ଷ୍ୟ ହାସଲ କରିବା ।

### (୧) ଆର୍ଥନୀତିକ ବିକାଶ :

ଆର୍ଥନୀତିକ ବିକାଶ ଧାରଣୀୟ ବିକାଶର ଏକ ମୁଖ୍ୟ ପ୍ରସଙ୍ଗ । ମୁଣ୍ଡପିଛା ବାସ୍ତବ ଆୟର ବୃଦ୍ଧି, ସମସ୍ତଙ୍କର ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଏବଂ ମୁକ୍ତ ବାୟୁ, ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ତଥା ସର୍ବୋପରି ସମସ୍ତଙ୍କୁ ଉନ୍ନତମାନର ଜୀବନଯାପନ କରିବାର ସୁଯୋଗ ପ୍ରଦାନକୁ ଆର୍ଥନୀତିକ ବିକାଶ କୁହାଯାଏ । ଏହି ଲକ୍ଷ୍ୟ ପୂରଣ କରିବା ପାଇଁ ବିଭିନ୍ନ ପ୍ରକାରର ଯୋଜନାବଦ୍ଧ କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା ହାତକୁ ନିଆଯାଇଥାଏ ।

### (୨) ସାମାଜିକ ସଂହତି :

ନ୍ୟାୟ ଏବଂ ସମାନତା ନୀତି ଉପରେ ଧାରଣୀୟ ବିକାଶର ସାମାଜିକ ଦୃଷ୍ଟିକୋଣ ଆଧାରିତ । ସାମାଜିକ ଶୃଙ୍ଖଳା ଏବଂ ସଂହତି ରକ୍ଷାକରିବା ହେଲା ଏହି ବିକାଶର ଅନ୍ୟତମ ଲକ୍ଷ୍ୟ । ସମସ୍ତଙ୍କର ପ୍ରତି ସହାନୁଭୂତି ଦ୍ୱାରା ସାମାଜିକ ସଂହତି ରକ୍ଷା କରାଯାଇପାରେ । ଏହି ବିକାଶ କାର୍ଯ୍ୟକ୍ରମ ଲୋକାଭିମୁଖୀ ହେବା ଆବଶ୍ୟକ ।

### (୩) ପରିବେଶ ସୁରକ୍ଷା :

ପରିବେଶର ସୁରକ୍ଷା ହେଉଛି ଧାରଣୀୟ ବିକାଶର ଏକ ମୁଖ୍ୟ ଅଙ୍ଗ । ଏହା ମୁଖ୍ୟତଃ ଚାରିପ୍ରକାର କାର୍ଯ୍ୟ କରିଥାଏ । ଯଥା :

(କ) ଉତ୍ପାଦନ ପାଇଁ ବିଭିନ୍ନ କଞ୍ଚାମାଲ ଯୋଗାଣ । ଉଦାହରଣ ସ୍ୱରୂପ ଆଲୁମିନିୟମ ପାଇଁ ବକ୍‌ସାଇଟ୍ ଖଣିଜ ପଥର ।

(ଖ) ପରିବେଶ ଉତ୍ପାଦନ ଓ ଉପଭୋଗ ଦ୍ୱାରା ଯାବତୀୟ ବର୍ଜ୍ୟବସ୍ତୁର ଶୋଷକ ପାତ୍ର ଭାବେ କାର୍ଯ୍ୟକରେ । ଉଦାହରଣ ସ୍ୱରୂପ କଳକାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ ଓ ମଇଳାପାଣିକୁ ବାୟୁମଣ୍ଡଳ ଓ ନଦୀ ଏବଂ ସମୁଦ୍ର ଶୋଷଣ କରି ଦେଇଥାଏ ।

(ଗ) ଆମର ଜୀବନଧାରଣ ପାଇଁ ପରିବେଶ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସାହାଯ୍ୟ କରିଥାଏ । ଉଦାହରଣ ସ୍ୱରୂପ ଜନଜାତିମାନେ ଜଙ୍ଗଲ ଉପରେ ପୁରାପରି ନିର୍ଭରଶୀଳ ଓ ସେମାନେ ଜଙ୍ଗଲଜାତ ଦ୍ରବ୍ୟଦ୍ୱାରା ଜୀବିକା ନିର୍ବାହ କରନ୍ତି ।

(ଘ) ପ୍ରାକୃତିକ ଏବଂ ପାରିପାର୍ଶ୍ୱିକ ସ୍ଥିରତା ବଜାୟ ରଖିବା ପରିବେଶର ଅନ୍ୟ ଏକ ମୁଖ୍ୟ କାର୍ଯ୍ୟ ଅଟେ । ପ୍ରାଣୀମଣ୍ଡଳ ଓ ଜୀବଜଗତ ଏହି ପରିବେଶ ଯୋଗୁ ହିଁ ତିଷ୍ଠି ରହିଛି ।

ଏହି ପରିପ୍ରେକ୍ଷୀରେ ପରିବେଶର ସୁରକ୍ଷା ଏକ ଜରୁରୀ କାର୍ଯ୍ୟ ବୋଲି ମନେହୁଏ ଏବଂ ଏହି ସନ୍ତୁଳନ ଯଦି ନଷ୍ଟହୁଏ ତେବେ ବିଭିନ୍ନ ପ୍ରକାରର ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଉଦାହରଣ ସ୍ୱରୂପ ୧୯୯୯ ମସିହାରେ ଘଟିଥିବା ମହାବାତ୍ୟା ଓଡ଼ିଶା ଉପକୂଳରେ ପ୍ରଭୂତ କ୍ଷତି ଘଟାଇଥିଲା । ସୁତରାଂ, ବିକାଶ କାର୍ଯ୍ୟକ୍ରମ ପ୍ରକୃତିର ଧାରଣ ଶକ୍ତି ସୀମା ମଧ୍ୟରେ ସୀମିତ ରହିବା ଉଚିତ । ବର୍ତ୍ତମାନ ଓ ଆଗାମୀ ବଂଶଧରମାନଙ୍କ ମଧ୍ୟରେ ପ୍ରାକୃତିକ ସମ୍ବଳ ଉପଯୋଗର ଗୁରୁତ୍ୱ ଉପଲବ୍ଧ ହୋଇପାରିଲେ ଧାରଣୀୟ ବିକାଶ ସମ୍ଭବ ହୁଏ । ଏହି ପୁଞ୍ଜିର ସଠିକ୍ ବ୍ୟବହାର, ରକ୍ଷଣାବେକ୍ଷଣ ଓ ଭବିଷ୍ୟତ ବଂଶଧରଙ୍କ ପ୍ରତି ଚିନ୍ତା ଓ ଗୁରୁତ୍ୱ ପ୍ରଦର୍ଶନ ଏହି ବିକାଶର ମୂଳଭିତ୍ତି ଅଟେ ।

## ଧାରଣୀୟ ବିକାଶର ନିୟମାବଳୀ :

ଧାରଣୀୟ ବିକାଶରେ ପରିବେଶର ସୁରକ୍ଷା ଏକ ମୁଖ୍ୟ ପ୍ରସଙ୍ଗ ବୋଲି ଆମ୍ଭେ ପୂର୍ବରୁ ଆଲୋଚନା

କରିସାରିଛେ । ତେବେ ଏହାର ବିକାଶ ପାଇଁ କେତେଗୁଡ଼ିଏ ନିୟମ କାର୍ଯ୍ୟକାରୀ କରାଯାଇଛି । ସେଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା-

## (କ) ଜନସଂଖ୍ୟା ନିୟନ୍ତ୍ରଣ :

ଜନସଂଖ୍ୟା, ପରିବେଶ ଓ ବିକାଶ, ଏଗୁଡ଼ିକ ପରସ୍ପର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଜନସଂଖ୍ୟା ବୃଦ୍ଧି ହେଲେ ଦାରିଦ୍ର୍ୟ ବୃଦ୍ଧିପାଏ ଏବଂ ପରିବେଶ ଅସନ୍ତୁଳିତ ହୋଇଥାଏ । ଏହି ଅବକ୍ଷୟ ଯୋଗୁଁ ବିକାଶର ଧାରା ବାଧାପ୍ରାପ୍ତ ହୋଇଥାଏ । ଆହୁରି ମଧ୍ୟ ଜନସଂଖ୍ୟାରେ ବୃଦ୍ଧି ଘଟିଲେ ବେକାରୀ ସମସ୍ୟା ଦେଖାଦିଏ ଓ ସେମାନଙ୍କୁ ଥଇଥାନ କରିବା ପାଇଁ କଳକାରଖାନା ଇତ୍ୟାଦି ସ୍ଥାପନ କରାଯାଏ । ଏହାଦ୍ୱାରା ସହରୀକରଣ ଏବଂ ପ୍ରଦୂଷଣ ବୃଦ୍ଧିପାଏ । ଭୂମି ଉପରେ ମାନବୀୟ ଚାପ ଅତ୍ୟଧିକ ହୋଇଥାଏ ଓ ଏହାଦ୍ୱାରା ପରିବେଶର ସନ୍ତୁଳନ ନଷ୍ଟ ହୁଏ । ତେଣୁ ଧାରଣୀୟ ବିକାଶ ପାଇଁ ଜନସଂଖ୍ୟାର ନିୟନ୍ତ୍ରଣ ଜରୁରୀ ଅଟେ ।

## (ଖ) ନବୀକରଣୀୟ ସମ୍ବଳର ପରିମିତ ବ୍ୟବହାର :

ନବୀକରଣୀୟ ସମ୍ବଳର ବ୍ୟବହାର ହାର ଏହାର ପୁନଃଉତ୍ପାଦନ ହାରଠାରୁ ଅଧିକ ନହେଲେ ଏହି ସମ୍ବଳର ପରିମାଣ କାଳକ୍ରମେ କମ୍ ହେବନାହିଁ ଏବଂ ବିକାଶର ଧାରା ଅବ୍ୟାହତ ରହିବ ।

## (ଗ) ବର୍ଜ୍ୟବସ୍ତୁର ପରିଚାଳନା :

ପ୍ରକୃତିର ବର୍ଜ୍ୟବସ୍ତୁକୁ ଶୋଷଣ ବା ତୁଲ୍ୟକରଣ କରିବାର କ୍ଷମତା ପରିମିତ । ତେଣୁ ବିଭିନ୍ନ ପ୍ରକାରର ବିକାଶ ପ୍ରକ୍ରିୟା ଦ୍ୱାରା ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ସବୁ ସଠିକ ଓ ସୁଚାରୁରୂପେ ପରିଚାଳନା କରିବା ନିତାନ୍ତ ଜରୁରୀ । ପରିବେଶର ପ୍ରଦୂଷଣ ଏହାର ଶୋଷକ ଶକ୍ତିଠାରୁ କମ୍ ନହେଲେ ପୃଥିବୀ ପୃଷ୍ଠରେ ଜୀବନଧାରଣ କରିବା ଅସମ୍ଭବ ହୋଇପଡ଼ିବ ଏବଂ ବିକାଶର ଧାରା ବ୍ୟାହତ ହେବ ।

## (ଘ) ଭରଣା ଓ ପ୍ରତିବଦଳ :

ପ୍ରାକୃତିକ ସମ୍ପଦ ସୀମିତ ହୋଇଥିବାରୁ ଏହାର ବ୍ୟବହାର ସଠିକ ରୂପେ କରାଯିବା ଆବଶ୍ୟକ । ଅନବରତ ଭାବେ ଏହାକୁ ବ୍ୟବହାର କରିବା ଦ୍ୱାରା ଏହାର ମାତ୍ରା କ୍ରମଶଃ କମିଯିବା ସ୍ୱାଭାବିକ । ତେଣୁ ଉନ୍ନତ ପ୍ରଯୁକ୍ତି ଜ୍ଞାନକୌଶଳ ବ୍ୟବହାର କଲେ ଆମେ ବିଭିନ୍ନ ପ୍ରକାର ମାନବ ସୃଷ୍ଟ ପୁଞ୍ଜି ଗଠନ କରି ଏହି ସମ୍ବଳର ଭରଣା ଏବଂ ପ୍ରତିବଦଳ କରିପାରିବା । ତାହେଲେ ଯାଇ ବିକାଶର ଧାରା ଅବ୍ୟାହତ ରହିବ ।

## (ଙ) ସମ୍ବଳର ସର୍ବୋତ୍ତମ ବ୍ୟବହାର :

ସମ୍ବଳର ମାତ୍ରା ସୀମିତ ଅଟେ । ତେଣୁ ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ କୌଶଳ ବ୍ୟବହାର କରି କମ୍ ସମ୍ବଳରୁ ଉତ୍କୃଷ୍ଟ ମାନଯୁକ୍ତ ଦ୍ରବ୍ୟ ଉତ୍ପାଦନ ଦ୍ୱାରା ଆମ ଜୀବନଧାରଣର ମାନ ଉନ୍ନତ ଏବଂ ବିକାଶର ଧାରା ଅବ୍ୟାହତ ରଖାଯାଇପାରିବ ।

ସାମ୍ପ୍ରତିକ ସମାଜ ପାଇଁ ଧାରଣୀୟ ବିକାଶ ଏକ ଜରୁରୀ ପ୍ରକ୍ରିୟା ଏବଂ ଆବଶ୍ୟକତା ଅଟେ । ନିମ୍ନଲିଖିତ ସୂଚକଗୁଡ଼ିକ ଏହାର ବାସ୍ତବତା ଓ ସମ୍ଭାବନାକୁ ସୂଚାଉଅଛି ।

୧. ବାସ୍ତବ ଜାତୀୟ ଆୟର ବୃଦ୍ଧିହାର
୨. ଦେଶର ଜନସଂଖ୍ୟା ଓ ତା'ର ବୃଦ୍ଧିହାର
୩. ମାନବ ସମ୍ବଳ ବିକାଶର ସ୍ତର
୪. ଶୁଦ୍ଧ ପାନୀୟ ଜଳ ଓ ବିଶୁଦ୍ଧ ମୁକ୍ତବାୟୁର ଉପଲବ୍ଧି
୫. ବିଦ୍ୟୁତ୍ ଉତ୍ପାଦନ ଓ ବ୍ୟବହାରର ମାତ୍ରା
୬. ପାଣିର ଉତ୍ସ ଓ ବ୍ୟବହାରର ପରିମାଣ
୭. ଜଙ୍ଗଲ ଭୂମିର ପରିମାଣ
୮. ଚାଷ ଜମିର ପରିମାଣ
୯. ଯାନବାହନର ସଂଖ୍ୟା, ପ୍ରକାର ଓ ପ୍ରଦୂଷଣ କରିବାର କ୍ଷମତା
୧୦. ଗଚ୍ଛିତ ପ୍ରାକୃତିକ ସମ୍ପଦର ପରିମାଣ ଓ ଉତ୍ତୋଳନ ହାର
୧୧. ସହରୀକରଣର ମାତ୍ରା
୧୨. କଳକାରଖାନାର ସଂଖ୍ୟା ଓ ପ୍ରଦୂଷଣର ତୀବ୍ରତା
୧୩. ଶେଷରେ ଜନସାଧାରଣ ଓ ସରକାରଙ୍କ ପରିବେଶ ପ୍ରତି ସଚେତନତା ।

# ପ୍ରଶ୍ନାବଳୀ

## ଧାରଣୀୟ ବିକାଶ

୧. **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

(କ) ଧାରଣୀୟ ବିକାଶ କହିଲେ କ'ଣ ବୁଝ ?

(ଖ) ବ୍ରଣ୍ଡଲାଣ୍ଡ କିଏ ? ଓ ତାଙ୍କ ପ୍ରଦତ୍ତ ଧାରଣୀୟ ବିକାଶର ସଂଜ୍ଞା ପ୍ରଦାନ କର ।

(ଗ) ଧାରଣୀୟ ବିକାଶର ଉପାଦାନ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସମ୍ୟକ ବିବରଣୀ ପ୍ରଦାନ କର ।

(ଘ) 'ଧାରଣୀୟ ବିକାଶରେ ପରିବେଶର ସୁରକ୍ଷା ଅବଶ୍ୟମ୍ଭାବୀ' ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କର ।

୨. **ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।**

(କ) ଜନସଂଖ୍ୟା ନିୟନ୍ତ୍ରଣ

(ଖ) ପରିବେଶର ସୁରକ୍ଷା

(ଗ) ପରିବେଶ ସନ୍ତୁଳନ

୩. **ଶୂନ୍ୟସ୍ଥାନ ପୂରଣ କର ।**

(କ) ________ ହେଉଛି ଧାରଣୀୟ ବିକାଶର ଏକ ମୁଖ୍ୟ ଅଙ୍ଗ ।

(ପରିବେଶର ସୁରକ୍ଷା, କଳକାରଖାନା ସ୍ଥାପନ, ବୃଷ୍ଟିପାତର ଅନିୟମିତତା)

(ଖ) ________ ଏକ ନବୀକରଣୀୟ ସମ୍ବଳ ଅଟେ ।

(ଲୁହାପଥର, କୋଇଲା, ଜଳ)

୪. **ତୁମ ପାଇଁ କାମ ।**

ସମ୍ପଦ ବିନିଯୋଗ ଓ ଧାରଣୀୟ ବିକାଶ ସମ୍ବନ୍ଧରେ ସ୍ଲୋଗାନମାନ ଲେଖ ।